
# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ (୨୦ ପୃଷ୍ଠା) Sambalpur, Tuesday, April 16/ 2019 ★★

୧୫ଶ ଭାଗ ୧୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ଜିଲ୍ଲାର ସ୍ୱତନ୍ତ୍ର ବିକାଶ ପାଇଁ ପ୍ରତିବଦ୍ଧତା



# ଜୁହାର

**ବରଗଡ, ଝାରସୁଗୁଡା, ବଲାଙ୍ଗୀର,**
**ସୁବର୍ଣ୍ଣପୁର** ଏବଂ **ବୌଦ୍ଧ**
ଜିଲ୍ଲା ପାଇଁ ୫୦% ମହିଳା ସଦସ୍ୟଙ୍କୁ ନେଇ

## 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'।

---

ବିକାଶର ପ୍ରକୃତ **ଡବଲ ଇଂଜିନ୍**

ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରତିବଦ୍ଧତା

- 'ମିଶନ ଶକ୍ତି' ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ
- ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା

## ନବୀନ ଓଡ଼ିଶା
## ସଶକ୍ତ ଓଡ଼ିଶା

**ବିଜୁ ଜନତା ଦଳ**
ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

ବିଜେପି

# ବିକାଶ ବିରୋଧୀ ବିଜେଡି ସରକାର

କୋଟି କୋଟି ଟଙ୍କାର ଯୋଜନା ଆଣିଲା ମୋଦି ସରକାର କିନ୍ତୁ ବାଧକ ସାଜିଲା ରାଜ୍ୟ ସରକାର



ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର

ଆଦିବାସୀଙ୍କ କଲ୍ୟାଣ ପାଇଁ ଆସିଥିବା ମୋଦିଙ୍କ ଯୋଜନା ଜିଲ୍ଲା ଖଣିଜ ପାଣ୍ଠିର ୬,୪୩୮ କୋଟି ଟଙ୍କାରୁ ମାତ୍ର ୧୫% ଖର୍ଚ୍ଚ କରି ଆଦିବାସୀଙ୍କୁ ଧୋକା ଦେଉଛି ଅପାରଗ ବିଜେଡି ସରକାର।

ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା

Issued by BJP, 4R-3/2, Kharavel Nagar, Unit-3, Bhubaneswar

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ


# ବ୍ୟବସାୟୀଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ

ନିମାପଡ଼ା, ୧୫।୪(ଡି.ଏନ୍.ଏ.)

ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ପୁରୀ ଜିଲା ନିମାପଡ଼ା ବିଧାନସଭା ଆସନ ଆସନ୍ତା ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ। ଏନେଇ ନିର୍ବାଚନରେ ବେଆଇନ ଅର୍ଥ କାରବାର ରୋକିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି। ଯାଞ୍ଚ ପାଇଁ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ତେବେ ସୋମବାର ଯାଞ୍ଚ ବେଳେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ନିକଟରୁ ବ୍ୟବସାୟୀ ସୁବାସ ସାହୁଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ ହୋଇଥିଲା। ଯାଞ୍ଚ ପରେ ଉକ୍ତ ଟଙ୍କାକୁ ବ୍ୟବସାୟୀଙ୍କୁ

## ଯାଞ୍ଚ ପରେ ଫେରାଇଲେ ଟଙ୍କା

ଫେରାଇ ଦିଆଯାଇଥିବା ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଅଞ୍ଚଳର ବ୍ୟବସାୟୀ ସୁବାସ ଏହି ଟଙ୍କାକୁ ନିମାପଡ଼ାସ୍ଥିତ ୟୁକୋ ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ଦିଘାଲୋ ନିକଟରେ ଫ୍ଲାଇଂ ସ୍କ୍ୱାଡ୍ର ଏକ ଟିମ୍ ସୁବାସଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବା ସହ ଏହି ଟଙ୍କାକୁ ଜବତ କରିଥିଲା। ମାତ୍ର ଫ୍ଲାଇଂ ସ୍କ୍ୱାଡ୍ର ଏକ ଟିମ୍ ଓ ଆଇଆଇସି ପାଢ଼ୀ ଉକ୍ତ ଟଙ୍କା ସମ୍ପର୍କରେ ଯାଞ୍ଚ କରିଥିଲେ। ସୁବାସଙ୍କ ବ୍ୟାଙ୍କ ଆଇଟିଜିଏସ, ଏନ୍ଇଏଫଟି ଆଦି କାଗଜପତ୍ର ଦେଖିବା ପରେ ଟଙ୍କା ସହ ତାଙ୍କୁ ଛାଡିଦେଇଥିଲେ। ଏହାପରେ ସେ ଏହି ଟଙ୍କାକୁ ବ୍ୟାଙ୍କରେ ଡିପୋଜିଟ କରିଥିଲେ ବୋଲି ପାଢ଼ୀ କହିଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରାଧାନାଥ ପାତ୍ର**

ପ୍ଲଟ ନଂ.୧୬, ମଧୁସୂଦନ ନଗର,
ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୨୦।୧୨।୧୯୨୫
ତିରୋଧାନ: ୨୭।୦୩।୨୦୧୮

ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୁଣ୍ୟତିଥିରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ଓ ରହିବ ମଧ୍ୟ। ଏ ପବିତ୍ର ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର- ବିନୟ ଓ ବିଜୟ, ପୁତ୍ରବଧୂ- ସବିତା ଓ ସ୍ୱାଗତିକା, ଦ୍ୱାଇଁ- ପ୍ରକାଶ ଓ ଶୁଭେନ୍ଦୁ, ଝିଅ- ଜୟନ୍ତୀ ଓ ଭାରତୀ, ନାତି, ନାତୁଣୀ- ଦିନେଶ, ବିଜୟିନୀ, ଇଥେନ୍, ପିଙ୍କି, ବନ୍ଧୁ ଓ ପରିବାରବର୍ଗ। ଧ-୫୩୬୪୨

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଣ୍ ଶରତ ମଞ୍ଜରୀ ରଥ**

ଚାହୁଁଚାହୁଁ ପନ୍ଦର ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ

D-66216


{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# 'ଚାଷୀ, କୋଶଲୀ ଭାଷା ପ୍ରତି କେନ୍ଦ୍ର ଅଣଦେଖା କରିଛି'

ଅତାବିରା/ଭେଡ଼େନ,୧୫।୪(ଡି.ଏନ.ଏ.)



ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳୀୟ ପ୍ରାର୍ଥୀ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବରଗଡ଼ ଜିଲା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ବରଗଡ଼ ଜିଲାର ଅତାବିରା ନିର୍ବାଚନମଣ୍ଡଳୀରୁ ପ୍ରଚାର ଆରମ୍ଭ କରିଥିଲେ । ଭେଡ଼େନ ବ୍ଲକର ବାନିପାଲି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରକୁ ଟାର୍ଗେଟ୍ କରିଥିଲେ। ଚାଷୀ ଓ କୋଶଲୀ ଭାଷା ପ୍ରସଙ୍ଗ ଉଠାଇ ସେଥିପ୍ରତି କେନ୍ଦ୍ର ଅଣଦେଖା କରି ଚାଲିଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, କାଳିଆ ଯୋଜନାରେ ଏପର୍ଯ୍ୟନ୍ତ ରାଜ୍ୟର ୪୦ଲକ୍ଷ ଚାଷୀ ଉପକୃତ ହୋଇ ସାରିଲେଣି। ମାତ୍ର କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଛି। ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରି ପାରିବେନି। ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନରେ ହିଁ ୨ଟି କିସ୍ତିର ୧୦ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ଜମା ହେବ। ସେହିପରି ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗୁଣା କରିବାକୁ କହିଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇ ପାରିଲାନାହିଁ। ଏପରିକି ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ସେ ଦାବି କରିଥିଲେ। ବିଧାନସଭା ଗୃହ କମିଟି ମଧ୍ୟ ଏ ନେଇ କେନ୍ଦ୍ରକୁ ଫେରାଦ ହୋଇଥିଲା। ମାତ୍ର ୨ବର୍ଷ ବିତିଗଲା ପଛେ ଧାନର ସହାୟକ ମୂଲ୍ୟ ଦୁଇଗୁଣା ହେଲାନାହିଁ। ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀ ଥିଲେ ମଧ୍ୟ ସେଥିପାଇଁ ମୁହଁ ଖୋଲି ନ ଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ହସ୍ତତନ୍ତ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇଥିଲେ। ବୁଣାକାରମାନେ ହଇରାଣ ହେଲେ। ବେପାର କମିଲା। ରାଜ୍ୟ ସରକାର ଜିଏସ୍‌ଟି ହ୍ରାସ ପାଇଁ ଦାବି କଲେ। ଶେଷରେ ବୁଣାକାରଙ୍କ ଉପରୁ ଜିଏସ୍‌ଟି ହ୍ରାସ କରାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ପାଇଁ ସେ କେନ୍ଦ୍ର ନିକଟରେ ଦାବି କରିଥିଲେ। ମାତ୍ର ତାହା ମଧ୍ୟ କେନ୍ଦ୍ର ସରକାର କଲା ନାହିଁ। କେବଳ ନିର୍ବାଚନ ସମୟରେ ଭାଜପା ନେତା ଓ ମନ୍ତ୍ରୀମାନେ ଏଠାକୁ ଆସି ବଡ଼ ବଡ଼ କଥା କହୁଛନ୍ତି ଏବଂ ରାଜ୍ୟବାସୀଙ୍କ ସୁଖଦୁଃଖରେ ଭାଗୀଦାର ହେଉ ନାହାନ୍ତି। ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାଢ଼େ ୪କୋଟି ଓଡ଼ିଆଙ୍କ ସେବା କରି ଚାଲିଥିବେ ବୋଲି ପ୍ରକାଶ କରି ବିଜେଡିର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

ଉକ୍ତ ସଭାରେ ଲୋକ ସଭା ପ୍ରାର୍ଥୀ ଆଚାର୍ଯ୍ୟ ଦଳର ମହାନଦୀ ଲଢ଼େଇ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦେଶ ସ୍ୱାଧୀନତା ପରେ କାଳିଆ ଯୋଜନା ଚାଷୀଙ୍କ ପାଇଁ ଏକ ବଡ଼ ଯୋଜନା। ଯେତେ ଚକ୍ରାନ୍ତ କଲେ ମଧ୍ୟ କେହି ଏହାକୁ ରୋକିପାରିବେ ନାହିଁ କିମ୍ବା ଅତାବିରା ଓ ଭେଡ଼େନ ବ୍ଲକ ସମେତ ସାରା ଜିଲା, ରାଜ୍ୟର ବିକାଶଧାରାକୁ ବନ୍ଦ କରିପାରିବେ ନାହିଁ ବୋଲି ସେ କହିଥିଲେ। ସେହିପରି ଦଳର ବିଧାନସଭା ପ୍ରାର୍ଥିନୀ ଛୁରିଆ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ନବୀନଙ୍କ ଯୋଜନା ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିପାରିଛି ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଯାଇ ସେଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ।

■ବନ୍ଧବାହାଲରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# କେନ୍ଦ୍ରରେ ଭାଜପା ସରକାର ଗଢ଼ିବ: ଧର୍ମେନ୍ଦ୍ର

ଲଖନପୁର,୧୫।୪(ଡି.ଏନ୍.ଏ.)



ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ସୋମବାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ହେଭିୱେଟ୍ ନେତା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଭାଜପା ସରକାର ଆସିଲେ ଭୁବନେଶ୍ୱର ସହିତ ଦିଲ୍ଲୀ ଯୋଡ଼ିହେବ। ଦଳର ଲୋକ ସଭା ଓ ବିଧାନସଭା ସଦସ୍ୟ ସିଧାସଳଖ କେନ୍ଦ୍ର ସରକାର ସହିତ ଯୋଡ଼ିହେବେ। ବିଜେଡି ସରକାରରେ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଭାଜପା ସରକାର ଆସିଲେ ବଳାତ୍କାରୀମାନଙ୍କୁ ଫାଶୀଦଣ୍ଡ ଦିଆଯିବ। ଉଚ୍ଚଶିକ୍ଷିତା ଝିଅମାନଙ୍କୁ ସ୍କୁଟି, ଉଚ୍ଚଶିକ୍ଷା ପାଇଁ ୫୦ହଜାର ଟଙ୍କା ଆର୍ଥିକ ସହାୟତା, ଚାଷୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣଛାଡ଼ କରାଯିବ। ମୋଦି ସରକାର ଝାରସୁଗୁଡ଼ା ଜିଲାର ବିକାଶ ପାଇଁ ଡିଏମ୍ଏଫ୍‌ରୁ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରୁ ରାଜ୍ୟ ସରକାର ପିସି ଖାଇଲେ ବୋଲି ଏହି ଅବସରରେ ପ୍ରଧାନ ଅଭିଯୋଗ କରିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଓଡ଼ିଶା ଅର୍ଥନୀତିର ପେଣ୍ଟସ୍ଥଳୀ ହୋଇଥିବାବେଳେ ଏହି ଅଞ୍ଚଳବାସୀ ସର୍ବଦା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏ ଅଞ୍ଚଳର ବିକାଶ ପାଇଁ ଡବଲ ଇଞ୍ଜିନ୍ ଆବଶ୍ୟତା ରହିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଦେବାକୁ ପ୍ରଧାନ ଆହ୍ୱାନ ଦେଇଥିଲେ। ସେହିଭଳି ଓରିଏଣ୍ଟ କାଗଜକଳ, ବିଟିଏମ୍ ସୂତାକଳ ଭଳି ଏଠାରେ ଥିବା ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଏଥିପାଇଁ ବରଗଡ଼ ଲୋକ ସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପ୍ରଧାନ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ଏଠାରେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ୫୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା, ସାମଲ ନାୟକ, ପ୍ରମୋଦ ସେନାପତି, କିଶୋର ମିଶ୍ର, ମଙ୍ଗଳ ସାହୁ, ଅମରେନ୍ଦ୍ର ରାୟ, ମଞ୍ଜୁବାଳା ଗୁରୁ, ରୀନା ପଟେଲ, ସୁନୀଲ ପଣ୍ଡା, ବିଶ୍ୱଜିତ ଭୋଇ, ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ କରାଳୀ, ନୀଳାଞ୍ଚଳ ସା, ଆଲୋକ ସାହୁ, ସମୀର ମିଶ୍ର, ସଞ୍ଜୟ ସିଂହ, ପାରସ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।


## ପୂର୍ବ ତଟ ରେଳପଥ
### ନିର୍ମାଣ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019015, ତା: 11.04.2019

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ନୂତନ B.G. ରେଳ ଲିଙ୍କ ପ୍ରକଳ୍ପର କି.ମି. 237.200 ରୁ କି.ମି. 238.400 ମଧ୍ୟରେ ଥିବା ତେଲ୍ ନଦୀ ଉପରେ ବ୍ରିଜ୍ ସଂ. 677 (17 x 45.70 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର) ଏବଂ SH-41 ଉପରେ ବଡ଼ ବ୍ରିଜ୍ ସଂ. 675 (1x30.50 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2326.09ଲକ୍ଷ, EMD : ₹ 13,13,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 24(ଚବିଶି)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 03.05.2019ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-08/CC/19-20



CLASSIFIED DISPLAY



ORANE INTERNATIONAL SCHOOL OF BEAUTY & WELLNESS
ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲର ଶିକ୍ଷାରମ୍ଭ
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି • ମେକ୍‌ଅପ୍
କମ୍ପାନୀ ଦ୍ୱାରା ୪୦% ପର୍ଯ୍ୟନ୍ତ ରିହାତି
(For limited seats only)
UK ର ସବୁଠାରୁ ବଡ ବିୟୁଟି ସଂସ୍ଥା CIBTAC ତଥା CIDESCO, ଜ୍ୟୁରିକ୍ ସୁଇଜରଲାଣ୍ଡରୁ ମାନ୍ୟତାପ୍ରାପ୍ତ
Awarded WORLD's GREATEST BRANDS & LEADERS in Skill Training
*Conditions apply
Call: 73288-24255 / 73288-24260
Santosh Plaza, 3rd Floor, Plot No.5, Janapath, Satya Nagar, Bhubaneswar



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786



ବିଜେପୁର ନିର୍ବାଚନମଣ୍ଡଳୀର ସ୍ୱାଭିମାନୀ ମତଦାତାମାନଙ୍କୁ ବିନମ୍ର ନିବେଦନ ଭାଜପା ବିଧାୟକ ପ୍ରାର୍ଥୀ ଏଇ ମାଟିର ପୁଅ
ଶ୍ରୀଯୁକ୍ତ ସନତ କୁମାର ଗଡତୀୟାଙ୍କୁ
ପଦ୍ମଫୁଲ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରାନ୍ତୁ ଏବଂ ସ୍ୱାଭିମାନ ରକ୍ଷା କରନ୍ତୁ।
ସୌଜନ୍ୟ-ଶ୍ରୀ ଗୌରହରି ସେଠ


# ଫେସ୍‌ବୁକ୍‌ରେ ନିର୍ବାଚନୀ ପ୍ରଚାର

ଛତ୍ରପୁର,୧୫।୪(ଡି.ଏନ.ଏ.)

## ନିଲମ୍ବନ ହେଲେ ସହକାରୀ ଶିକ୍ଷକ

ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଲମ୍ବନ କରିଛନ୍ତି। ସେ ହେଲେ ହିଞ୍ଜିଳି ବ୍ଲକ ଆଲପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସପତି ଦାଶ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି।

ପ୍ରକାଶ ଯେ, ସୋସିଆଲ୍ ମିଡିଆରେ ସହକାରୀ ଶିକ୍ଷକ ଦାଶ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରୁଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କୁଲାଙ୍ଗେ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇଥିଲେ। ତୁରନ୍ତ ଏହାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଅନୁସନ୍ଧାନ କରାଯିବାରୁ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ଜିଲାପାଳ କୁଲାଙ୍ଗେ ସୋମବାର ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ପ୍ରତ୍ୟହ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ହୋଇଛି। ଯେ କୌଣସି ବି କର୍ମଚାରୀ ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥାକୁ ଅବମାନନା କଲେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସତର୍କ କରି ଦିଆଯାଇଛି।


## ଓଡ଼ିଶାର ହାଉସ୍ କମିଟିକୁ କେନ୍ଦ୍ର ସରକାର MSP ସମ୍ବନ୍ଧୀୟ ଚର୍ଚ୍ଚା ପାଇଁ ସମୟ ନଦେଇ ଓଡିଶା ଏବଂ ଚାଷୀମାନଙ୍କୁ ଅପମାନ କରିଛନ୍ତି





ଶଙ୍ଖ ଚିହ୍ନରେ ଭୋଟ୍ ଦେବା । ଦୁଇ ଥର । ଥରେ ଏମ୍.ପି ପାଇଁ ଥରେ ଏମ୍.ଏଲ୍.ଏ ପାଇଁ

to be continued ....

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ | Sambalpur, Tuesday, April 16/ 2019




## ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା

ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି।

୦୨

୧୫

## ସର୍ବୋଚ୍ଚ ସ୍ତର ଛୁଇଁଛି ରପ୍ତାନି : ପ୍ରଭୁ

ଦେଶର ରପ୍ତାନି ଗତ ଆର୍ଥିକ ବର୍ଷରେ ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି।





# ଆଇସିସି ବିଶ୍ୱକପ୍: ବିରାଟ କୋହଲି ଅଧିନାୟକ

**ମୁମ୍ବାଇ, ୧୫।୪(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏହା ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବ। କ୍ରିକେଟର ମହାକୁମ୍ଭ ଭାବେ ପରିଚିତ ଏହି ମେଗା ଇଭେଣ୍ଟ ପାଇଁ ସୋମବାର ୧୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲି ପ୍ରଥମଥର ପାଇଁ ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଥିବାବେଳେ ରୋହିତ ଶର୍ମାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତ କରାଯାଇଛି। ବିଶ୍ୱକପରେ ଆୟୋଜକ ଇଂଲଣ୍ଡ ସମେତ ଦକ୍ଷିଣ ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ଅଂଶଗ୍ରହଣ କରିବେ। ଜୁନ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳରେ ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଳଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ସାମିଲ ହୋଇଛନ୍ତି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

# ସ୍ୱାଭାବିକ ହେବ ମୌସୁମୀ ବର୍ଷା

**ନୂଆଦିଲ୍ଲୀ,୧୫।୪(ପି.ଟି.)**

କୃଷକମାନଙ୍କ ଲାଗି ଖୁସି ଖବର। ଚଳିତ ବର୍ଷ ମୌସୁମୀ ବର୍ଷା ପାଖାପାଖି ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୋମବାର ପୂର୍ବାନୁମାନ କରିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶର ସବୁ ଭାଗରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ) ବୃଷ୍ଟିପାତ ହାର ୯୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ଏହାଠାରୁ ୫ ପ୍ରତିଶତ କମ୍ କିମ୍ବା ବେଶି ହୋଇପାରେ ବୋଲି କୁହାଯାଇଛି। ୧୯୫୧ରୁ ୨୦୦୦ ପର୍ଯ୍ୟନ୍ତ ୫୦ ବର୍ଷର ଏଲ୍‌ପିଏକୁ ଅନୁଧ୍ୟାନ କଲେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ୮୯ ସେଣ୍ଟିମିଟର ରହୁଛି। ମୌସୁମୀ ବର୍ଷା ଏଲ୍‌ପିଏର ୯୬ରୁ ୧୦୪ ପ୍ରତିଶତ ମଧ୍ୟରେ ରହିଲେ ଏହାକୁ ସ୍ୱାଭାବିକ ଧରାଯାଇଥାଏ। ସେହିପରି ୯୦ରୁ ୯୬ ପ୍ରତିଶତ ବୃଷ୍ଟିପାତକୁ ସ୍ୱାଭାବିକ୍‌ରୁ କମ୍ ବୋଲି କୁହାଯାଇଥାଏ। ସ୍ୱାଭାବିକ ବର୍ଷା ସାଙ୍ଗକୁ ସବୁ ଅଞ୍ଚଳରେ ବୃଷ୍ଟିର ଉତ୍ତମ ବଣ୍ଟନ ସମ୍ଭାବନା ଥିବାରୁ କୃଷି ସେକ୍ଟର ପାଇଁ ଭଲ ଖବର ବୋଲି ମୌସୁମୀ ବର୍ଷା ସମ୍ପର୍କିତ ପୂର୍ବାନୁମାନ ଜାରି କରିବା ଅବସରରେ ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ ଏବଂ ଆଇଏମ୍‌ଡି ମହାନିର୍ଦ୍ଦେଶକ କେ.ଜେ. ରମେଶ କହିଛନ୍ତି। ପୂର୍ବ ଦୁଇ ବର୍ଷରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ଥିଲା। ଗତବର୍ଷ ୯୭ ପ୍ରତିଶତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ହେଁ ଏହା ପାଖାପାଖି ୯୧ ପ୍ରତିଶତ ହୋଇଥିଲା। ଚଳିତ ବର୍ଷ ମରୁଡି ସମ୍ଭାବନା ମାତ୍ର ୧୭ ପ୍ରତିଶତ ରହିଥିବାବେଳେ ପାଖାପାଖି ସ୍ୱାଭାବିକ୍ ବୃଷ୍ଟିପାତ ସମ୍ଭାବନା ୩୯ ପ୍ରତିଶତ ରହୁଛି। ୨୦୧୪-୧୫ ଏବଂ ୨୦୧୫-୧୬ରେ ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବର୍ଷା ହେବାରୁ କେତେକ ଅଞ୍ଚଳରେ ମରୁଡି ଦେଖାଦେଇଥିଲା। ୨୦୧୬-୧୭ରେ ସ୍ୱାଭାବିକ ବର୍ଷା ହେବାରୁ ଖାଦ୍ୟଶସ୍ୟ ଉତ୍ପାଦନ ୨୭୫.୧୧ ନିୟୁତ ଟନ୍‌ରେ ପହଞ୍ଚିଥିଲା। ୨୦୧୭-୧୮ ଏବଂ ୨୦୧୮-୧୯ରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲେ ମଧ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ଯଥାକ୍ରମେ ୨୮୪.୮୩ ନିୟୁତ ଟନ୍ ଏବଂ ୨୮୧.୩୭ ନିୟୁତ ଟନ୍ ରହିଥିଲା। ଏଲ୍ ନିନୋ ପ୍ରଭାବରୁ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ ବୋଲି ଗତ ୩ ତାରିଖରେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ୱେଦର ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ଏଥିରେ ବୃଷ୍ଟିପାତ ହାର ଏଲ୍‌ପିଏର ୯୩% ରହିବ ବୋଲି କୁହାଯାଇଥିଲା। ତେବେ ଏଲ୍ ନିନୋ ସ୍ଥିତି ଦୁର୍ବଳ ରହିବା ସମ୍ଭାବନା ଥିବାରୁ ମୌସୁମୀ ବର୍ଷାକୁ ପ୍ରଭାବିତ କରିବ ନାହିଁ ବୋଲି ଉଭୟ ରମେଶ ଓ ରାଜୀବନ କହିଛନ୍ତି।

### ଆଜିର ସମ୍ପାଦକୀୟ

**ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା**

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE
STARTING FROM
1ST APRIL 2019
Hurry Up... Limited Seats
(Jharsuguda Highway)
Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 15.04.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

## ■ ଭାଜପା ନେତା ମଙ୍ଗୁଲି ଜେନା ହତ୍ୟା ଘଟଣା

# ଖୋର୍ଦ୍ଧାରେ ଉତ୍ତେଜନା, ୬ ଘଣ୍ଟିଆ ବନ୍ଦ

**ଖୋର୍ଦ୍ଧା ଅଫିସ,୧୫।୪**

### ପ୍ରାକ୍ ନିର୍ବାଚନୀ ହିଂସା

- ହତ୍ୟାକାରୀଙ୍କ ଗିରଫ ଦାବିରେ ଥାନା ଘେରାଉ
- ଜାତୀୟ ରାଜପଥ ସମେତ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ
- ଆଇଜିଙ୍କ ସମୀକ୍ଷା, ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ଘଟଣାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
- ବିଜେଡି, ନବୀନଙ୍କୁ ସମାଲୋଚନା କଲେ ନିରଞ୍ଜନ ଓ ଧର୍ମେନ୍ଦ୍ର

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଆସନ୍ତା ୨୩ ତାରିଖରେ ହେବ ନିର୍ବାଚନ। ଏହାପୂର୍ବରୁ ଦେଖିବାକୁ ମିଳିଛି ପ୍ରାକ୍ ନିର୍ବାଚନୀ ହିଂସା। ଗଡ଼ିଛି ଜଣେ ଭାଜପା ନେତାଙ୍କ ମୁଣ୍ଡ। ସେ ହେଉଛନ୍ତି ଏହି ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନା। ତାଙ୍କୁ ରବିବାର ରାତିରେ ଗୁଳିକରି ହତ୍ୟା କରାଯାଇଛି। ଖୋର୍ଦ୍ଧା ଆଦର୍ଶଥାନା ଅନ୍ତର୍ଗତ ନବୀନାବାଗରେ ଘଟିଥିବା ଏହି ଘଟଣାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀ ଓ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବିରେ ଜିଲାର ଏକାଧିକ ସ୍ଥାନରେ ରାସ୍ତାରୋକୋ ସହ ଥାନା ଘେରାଉ କରାଯାଇଥିଲା। ସେହିଭଳି ଘଟଣାର ପ୍ରତିବାଦରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସୋମବାର ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଆଇପିସି ଦଫା ୩୦୨, ୩୪ ସହ ୨୫ ଓ ୨୭ ଆର୍ମସ ଆକ୍ଟ ଅନୁଯାୟୀ ମାମଲା (ନଂ. ୧୧୯/୧୯) ରୁଜୁ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତଦାରଖରେ ଥାନାଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପି ଅମୂଲ୍ୟ ଦାସ ଓ ଏସ୍‌ଡିପିଓ ସୁଶୀଲ ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ୪ଟି ଟିମ୍ ଗଠନ କରାଯାଇଥିବାବେଳେ ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତରେ ସହଯୋଗ କରୁଥିବା ଆଇଜି ପ୍ରିୟଦର୍ଶୀ କହିଛନ୍ତି। ମିଳିଥିବା ସୂଚନାନୁସାରେ, ହତ୍ୟାକାଣ୍ଡ ପରଠାରୁ ରବିବାର ରାତି ୨ଟାରୁ ଖୋର୍ଦ୍ଧା ଆଦର୍ଶ ଥାନା ଘେରାଉ କରାଯିବା ସହ ଏହା ସମ୍ମୁଖରେ ଭାଜପା କର୍ମୀମାନେ ରାସ୍ତାରୋକୋ ଓ ଧାରଣା ଦେଇଥିଲେ। ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣା ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି ସକାଳ ୮ଟାରୁ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ☞ପୃଷ୍ଠା-୨

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଖଦି ସାମଗ୍ରୀ ବିକ୍ରି ୨୮% ବଢି ୩୨୧୫ କୋଟି ଟଙ୍କା ଛୁଇଁଛି।


**- ଖଦି ଏବଂ ଗ୍ରାମଦ୍ୟୋଗ କମିଶନ**

### ଆଜିର ମନ୍ତବ୍ୟ

“ ରାଫାଲ ପ୍ରସଙ୍ଗରେ ସୁପ୍ରିମକୋର୍ଟ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ମିଛ ଧରାପକାଇ ଦେଇଛନ୍ତି।

**-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ**





ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅଙ୍କିତ୍ ପରିବାରବର୍ଗ



ପିହୁ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା

**ନୂଆଦିଲ୍ଲୀ**

୩ ବର୍ଷ ତଳେ ବିବାହ କରିଥିବା ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି। କାରଣ କରନ୍ ମହିଳା-ପୁରୁଷ ମଧ୍ୟରେ ପାତରଅନ୍ତରକୁ ବିଶ୍ୱାସ କରନ୍ତି ନାହିଁ। ୨୦୧୫ରେ ସେ କରନ୍‌ଙ୍କ ସହିତ ପ୍ରଥମେ ଡେଟିଂ ଆରମ୍ଭ କରିଥିଲେ। ୨୦୧୬ ଏପ୍ରିଲ ୩୦ରେ ଦୁହିଁଙ୍କର ବିବାହ ହୋଇଥିଲା। ଉକ୍ତ ବାହାଘର ନେଇ ଖୁବ୍ ଖୁସି ପ୍ରକାଶ କରନ୍ତି ବିପାଶା। ସେ କହନ୍ତି, ଜୀବନସାଥୀ ସବୁଠୁ ଭଲ ହେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଉଭୟ ଦୁଃଖସୁଖରେ ସମଭାଗୀ ହେଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରୁ କେହି ଜଣେ ଘରକୁ ଫେରିବା ବେଳକୁ ଅନ୍ୟଜଣେ ତା' ବାଟକୁ ଚାହିଁ ବସିଥିଲେ ଏହା ଖୁବ୍ ଆନନ୍ଦ ଦେଇଥାଏ ବୋଲି ବିପାଶା ପ୍ରକାଶ କରିଛନ୍ତି।

୪୦ବର୍ଷ ବୟସ୍କା ବିପାଶା ତାଙ୍କ ସ୍ୱାମୀଙ୍କୁ ପ୍ରଶଂସା ନ କରି ରହିପାରନ୍ତି ନାହିଁ। କାରଣ ପ୍ରତ୍ୟେକ କାର୍ଯ୍ୟରେ କରନ୍ ତାଙ୍କୁ ସହାୟତା କରନ୍ତି ବୋଲି ବିପାଶା କହିଛନ୍ତି। ସେ ୨୦୧୫ରେ ହରର୍ ଫିଲ୍ମ 'ଆଲନ୍' ଶୁଟିଂସେଟ୍‌ରେ କରନ୍‌ଙ୍କୁ ପ୍ରଥମକରି ଭେଟିଥିଲେ। ଉଭୟ ଆଗାମୀ ଫିଲ୍ମ 'ଆଦତ'ରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଏକାଦଶ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥପ୍ରାପ୍ତି, ବନ୍ଧୁ ସମ୍ପର୍କ, ସଭାସମିତି ଓ ଫଳପ୍ରଦ ଆଲୋଚନା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବ। କିନ୍ତୁ ରବି ଅଶ୍ୱିନୀ ନକ୍ଷତ୍ରରେ ରହିଥିବାରୁ ଉଚ୍ଚବର୍ଗର ବ୍ୟକ୍ତି, ଗୁରୁଜନଙ୍କୁ କେନ୍ଦ୍ରକରି ପାରିବାରିକ କଳହର ଆଶଙ୍କା ଦେଖାଦେବ। କର୍ମଦିଗଟି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ହେବେ।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ଶୁକ୍ରଙ୍କ ନକ୍ଷତ୍ର ପୂର୍ବାଫାଲଗୁନୀରେ ରହି ଆପଣଙ୍କୁ କାର୍ଯ୍ୟସିଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି, ମିତ୍ରବନ୍ଧୁଙ୍କ ସହାୟତା ପ୍ରଦାନ କରିପାରେ। ଆର୍ଥିକ ଉନ୍ନତି ସହ ବିଳାସ ଉପକରଣ,ନୂତନ କର୍ମାରମ୍ଭ ଓ ଧାର୍ମିକ ବାତାବରଣ ମଧ୍ୟ ସୃଷ୍ଟି କରିବ। ସଭାସମିତିରେ, ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ**
ରାଶ୍ୟାଧିପତି କର୍ମସ୍ଥାନରେ ଶୁକ୍ର ଯୁକ୍ତ ହୋଇ ପରିବାର ସ୍ଥାନକୁ ଅବଲୋକନ କରୁଥିବାରୁ ପାରିବାରିକ ସୁଖ ସମୃଦ୍ଧି ଓ ବନ୍ଧୁଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ମଉକା ପାଇବେ। ଆଜିର ଦୂରଯାତ୍ରା ସମୟରେ ଜାଣିଶୁଣି କେତେକ ଅପରିଚିତ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ଯାନବାହନ ଚାଳନା, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ**
ଚନ୍ଦ୍ର ସୁଖଭାବରେ ରହିଥିବାରୁ ଆଜି ଦିନଟି ଆପଣଙ୍କ ମନ ବହୁତ ଖୁସି ରହିବ। ଏପରି କି ବନ୍ଧୁ ଗହଣରେ ହସଖୁସିରେ ସମୟ କଟିବ। କୌଶଳ ପ୍ରୟୋଗ ପୂର୍ବକ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ କେତେକ ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ସିଂହ**
ରାଶିରେ ବ୍ୟୟାଧିପତି ରହି ଆଜି ଆପଣଙ୍କୁ ବ୍ୟୟ ବହୁଳତା ମାଧ୍ୟମରେ ମନସ୍ତାପ ସୃଷ୍ଟି କରିପାରନ୍ତି। ଭାଗ୍ୟସ୍ଥାନରେ ରାଶ୍ୟାଧିପ ଆପଣଙ୍କ ସମସ୍ତ କାର୍ଯ୍ୟକୁ ସମ୍ମାନର ସହ ସମ୍ପନ୍ନ କରାଇବେ। ଏକାଦଶସ୍ଥ ରାହୁ ମନ୍ତ୍ରଣା ସ୍ଥାନକୁ ପ୍ରଭାବିତ କରୁଥିବାରୁ ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ସଫଳତା ପାଇବେ।

**କନ୍ୟା**
ଧନକର୍ମାଧିପ ରାଶ୍ୟାଧିପ ସହ ରହିଥିବାରୁ ଆଜି ଯେଉଁ କାମରେ ହାତଦେବେ ସେଥିରେ ଆପଣ ନିଶ୍ଚିତ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ୍, ଇଟାଭାଟି, ସମ୍ପର୍କୀୟ କ୍ଷେତ୍ର ମଧ୍ୟ ବିବାଦୀୟ ରହିବ। ଅଭାବ ରହିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ତୁଳା**
ଆଜିର ଚନ୍ଦ୍ର ଆପଣଙ୍କ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରି ମାନସିକ ଓ ଶାରୀରିକ ସୁସ୍ଥତା ରଖିବେ। ସପ୍ତମାଧିପ ମଙ୍ଗଳ ଦୁଃସ୍ଥାନରେ ରହି ଆପଣଙ୍କ ଅର୍ଥ ଓ ପାରିବାରିକ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ବନ୍ଧୁମାନଙ୍କୁ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା**
କର୍ମସ୍ଥାନରେ ଭାଗ୍ୟାଧିପତି ଆପଣଙ୍କ ପ୍ରତ୍ୟେକ କର୍ମକୁ ବାଧାମୁକ୍ତ କରାଇବା ସହ ଆଶା ପୂରଣରେ ସହାୟକ ହେବେ। ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସାମାଜିକ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ପ୍ରୀତ କରାଇ ପ୍ରଶଂସିତ ହୋଇପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆକସ୍ମିକ ଭାବରେ ପାଇ ଖୁସି ହେବେ।

**ଧନୁ**
ଅନୁକୂଳ ସ୍ଥିତିରେ ଭାଗ୍ୟାଧିପ ଆପଣଙ୍କ ଉଦ୍ୟମକୁ ସାକାର କରିବା ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ସ୍ଥିତି ଭଲ ରହିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପାପଯୁକ୍ତ ବୃହସ୍ପତିଙ୍କ ଯୋଗୁ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ହୋଟେଲ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର**
ଆଜି ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କ ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଅବଶ୍ୟ ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି।

**କୁମ୍ଭ**
ଷଷ୍ଠାଧିପତି ସପ୍ତମ କେନ୍ଦ୍ରରେ ରହି ପରିବାର, ବନ୍ଧୁ, କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। କେତେକ କ୍ଷେତ୍ରରେ ମନ କଥାକୁ ମନରେ ରଖି କାମରେ ଅଗ୍ରସର ହେବାକୁ ବାଧ୍ୟ ହେବେ। ନିଜ ଲୋକ କେହି ଶତ୍ରୁତା କରିପାରନ୍ତି। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ**
ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ବିବାଦୀୟ ମନ୍ତବ୍ୟ,ସନ୍ତାନ ହେତୁକ ପୀଡା ପ୍ରଦାନ କରିପାରେ । ତଥାପି ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପ୍ରତ୍ୟେକ ଦିଗରୁ ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠାଲାଭ କରିବେ । ପାରିବାରିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ଊଣା ହେବ ନାହିଁ। ବିବାଦୀୟ ଘଟଣାରେ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ ।

ଆଜି ଚୈତ୍ର ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଶ୍ରୀରାମ ବନବାସ ଓ କନ୍ଦର୍ପାଧିବାସ, ଚୈତ୍ର ମଙ୍ଗଳବାର ଓଷା,ଚତୁର୍ଥ ଓ ଶେଷ ପାଳି, ଏପ୍ରିଲ ୧୬ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମକରରାଶିର ଘାତବାର, ଦିବା ଘ୮ ।୩୩ମି. ଗତେ ଘ୧୦ ।୦୭ମି. ମଧ୍ୟେ, ଘ୧୧ ।୪୧ମି. ଗତେ ଘ୧ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୭ମି. ଗତେ ଘ୧୧ ।୪୧ମି. ମଧ୍ୟେ ଘ୨ ।୫୪ମି. ଗତେ ଘ୪ ।୧୮ମି. ମଧ୍ୟେ ମାହେନ୍ଦ୍ରବେଳା।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ଦିଗପହଣ୍ଡି,୧୫।୪ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ସହରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ଗୋଆ ମୁକ୍ତି ଆନ୍ଦୋଳନର ନେତା ଭାବେ ସେ କାରାବରଣ କରିଥିଲେ। ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜର ସୈନିକ ଭାବେ ସେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦିଗପହଣ୍ଡି ସାନ ବ୍ରାହ୍ମଣ ସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ବହୁ ସଂଖ୍ୟକ ପ୍ରାକ୍ତନ ଛାତ୍ର ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର



ଏନ୍‌କାଉଣ୍ଟର ବେଳେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ବିଶ୍ୱଜିତ ଚୌହାନଙ୍କୁ ବରିଷ୍ଠ ଅଧିକାରୀମାନେ ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ୧୩୩ ସିଆର୍‌ପିଏଫ୍ ବାଟାଲିୟନ୍ ମୁଖ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

- ୩ ମାଓବାଦୀ ନିହତ
- ସିଆର୍‌ପିଏଫ୍ ଯବାନ ଶହୀଦ

**ରାଞ୍ଚି,୧୫।୪(ପି.ଟି.)**

ଝାଡ଼ଖଣ୍ଡର ଗିରିଡିହ ଜିଲାରେ ସୋମବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସିଆର୍‌ପିଏଫ୍‌ର ଜଣେ ଯବାନ ଶହୀଦ ହୋଇଛନ୍ତି। ସିଆର୍‌ପିଏଫ୍‌ର ସପ୍ତମ ବାଟାଲିୟନ ପକ୍ଷରୁ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନ ଚାଲିଥିବାବେଳେ ସୋମବାର ସକାଳ ୬ଟାରେ ବେଲଭା ଘାଟ ଜଙ୍ଗଲ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ତିନି ମାଓବାଦୀଙ୍କ ମୃତଦେହ, ଗୋଟିଏ ଏକେ-୪୭ ରାଇଫଲ, ତିନୋଟି ମାଗାଜିନ, ୪ ପାଇପ୍ ବୋମା ଉଦ୍ଧାର ହୋଇଛି। ଶହୀଦ ହୋଇଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବିଶ୍ୱଜିତ ଚୌହାନଙ୍କ ଘର ଆସାମର ଉଡାଲଗୁରିରେ ବୋଲି ଜଣାପଡିଛି। ଝାଡ଼ଖଣ୍ଡରେ ଶେଷ ୪ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

**■ମାଲକାନଗିରି ଶିଶୁମୃତ୍ୟୁ ମାମଲା**

# ଖର୍ଚ୍ଚର ହିସାବ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୧୫।୪**

ମାଲକାନଗିରି ଜିଲାରେ ୨୦୦୭-୦୮ରୁ ୨୦୧୧-୧୨ ମଧ୍ୟରେ ପୁଷ୍ଟିହୀନତା ଓ ଅନ୍ୟାନ୍ୟ ରୋଗରେ ୭ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଛି। ଏହି ଶିଶୁମୃତ୍ୟୁର କାରଣ ଖୋଜିବା ପାଇଁ ସରକାର ବିଶେଷଜ୍ଞ ଦଳ ନିଯୁକ୍ତି କରିବା ସହିତ ପୁଷ୍ଟିହୀନତା ଓ ରୋଗ ସଂକ୍ରମଣକୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଥିବା କହିଛନ୍ତି। ଏହାକୁ ନେଇ ଆଡଭୋକେଟ ପ୍ରବୀର ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ହାଇକୋର୍ଟ ସରକାରଙ୍କୁ ଅପପୁଷ୍ଟି ସହିତ ରୋଗ ସଂକ୍ରମଣକୁ ରୋକିବା କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତାହାର ହିସାବ ମାଗିଛନ୍ତି। ଆସନ୍ତା ମେ' ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ମାଲକାନଗିରି ଜିଲାରେ ୨୦୦୭ରୁ ୨୦୧୨ ମସିହା ମଧ୍ୟରେ ୭୪୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଥିଲା। ମୃତ୍ୟୁବରଣ କରିଥିବା ଶିଶୁମାନଙ୍କ ବୟସ ଜନ୍ମରୁ ୬ ବର୍ଷ ମଧ୍ୟରେ ଥିଲା। ଅଧିକାଂଶ ଶିଶୁ ଅପପୁଷ୍ଟି ଓ ପ୍ରତିରୋଧ ନିବାରକ ରୋଗ (ପ୍ରିଭେଣ୍ଟେବୁଲ ଡିଜିଜ୍)ର ଶିକାର ହୋଇଥିଲେ। ତଥ୍ୟ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୯୬୮, କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୧୧, ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧୬୬ ଓ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୬୮ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଆବେଦନକାରୀ ଆଡଭୋକେଟ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

# ପ୍ରଚଣ୍ଡ ଗ୍ରୀଷ୍ମ: ୪୦ ଡିଗ୍ରୀ ଉପରେ ୧୨ ସହର

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟରେ ତାତି ଅସହ୍ୟ ହେଲାଣି । ସବୁଠି ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ତତଲା ହାଓ୍ୱା ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରି ପକାଇଛି। କେବଳ ପଶ୍ଚିମ କିମ୍ବା ଆଭ୍ୟନ୍ତରୀଣ ଓଡ଼ିଶା ନୁହେଁ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମରେ ତ୍ରାହି ତ୍ରାହି ଡାକୁଛି। ଗତ ଦୁଇଦିନରେ ପାରଦ ୩ରୁ ୪ ଡିଗ୍ରୀ ସେଲସିୟସ ବଢିଗଲାଣି। ରାଜ୍ୟର ୧୨ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଖୋର୍ଦ୍ଧାରେ ଉତ୍ତେଜନା...

ସମ୍ମୁଖରେ ଆନ୍ଦୋଳନକାରୀମାନେ ଟାୟାର ଜାଳିବା ସହ ରାସ୍ତା ଉପରେ ବାଇକ ରଖି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ରୋଡ୍‌ସ୍ଥିତ ଚଣ୍ଡିଚୁଆଠାରେ ରାଜପଥକୁ ମଧ୍ୟ ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ଫଳରେ ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ସମେତ ସହରର ବିଭିନ୍ନ ରାସ୍ତାରେ ଯାନବାହନ ସହ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ନ ପାରି ହଟହଟା ହୋଇଥିଲେ। ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ବିଜେଡି ବିରୋଧରେ ନାନା ନାରା ଦେଇ ବନ୍ଦ ଡାକରା ଦେଇଥିଲେ। ଫଳରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କୋଲକାତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ନିରାକାରପୁର ଥାନା ବଡ଼ପୋଖରିଆ ଅଞ୍ଚଳରେ ଅନୁରୂପ ଭାବେ ସକାଳୁ ରାସ୍ତାରୋକୋ ଚାଲୁ ରହିଥିଲା। ୪ଦିନ ଭିତରେ ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଦାସ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟା ୧୫ରେ ରାସ୍ତା ଅବରୋଧ ହଟିଥିଲା।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୃତକଙ୍କ ଭାଇ ବିଷ୍ଣୁ ଚରଣ ଜେନା ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ମଙ୍ଗୁଳିଙ୍କ ସହ ବିଷ୍ଣୁ ରବିବାର ରାତିରେ ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନବୀନାବାଗ ଗାନ୍ଧୀପଡିଆସ୍ଥିତ ବାସଭବନରେ ପହଞ୍ଚି କଥାବାର୍ତ୍ତା ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିବାକୁ ସେମାନେ ଦଳର ଜଣେ କର୍ମୀ ପ୍ରଫୁଲ୍ଲ ଖଣ୍ଡେଇତରାୟଙ୍କ ସହ ବୋଲେରୋରେ ବସିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଆସି ନିକଟରେ ଅଟକିଥିଲା। ସେଥିରେ କେତେଜଣ ଲୋକ ବସିଥିବାବେଳେ ଗାଡିରୁ ସଚିନ୍ ବଳିୟାରସିଂ ଓ ସରପଞ୍ଚ ସାଗର ବଳିୟାରସିଂ ବାହାରିଥିଲେ। ଏହି ସମୟରେ ଜଣେ ଯୁବକ ଏକ ବାଇକ୍‌ରେ ଆସି ସଚିନ୍ ଓ ଅନ୍ୟମାନଙ୍କ ସହ କଥା ହୋଇଥିଲେ। ସେଠାରୁ ଉକ୍ତ ଯୁବକ ଜଣକ ଆସି ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ଉପରକୁ ଗୁଳି କରିଥିଲେ। ମାତ୍ର ସେ ଖସିଯିବା ପରେ ତାଙ୍କ ବୋଲେରୋ ଉପରକୁ ୩ରୁ ୪ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ସେଥିରୁ ୨ଟି ଗୁଳି ମଙ୍ଗୁଳିଙ୍କ ବାମ ପିଞ୍ଜରା ଓ ବାହୁରେ ବାଜିଥିଲା। ଅନ୍ୟ ଏକ ଗୁଳି ବିଷ୍ଣୁ ବସିଥିବା ଗାଡି ସିଟ୍‌ରେ ବାଜିଥିଲା। ପରେ ଗୁଳି ଚଳାଇଥିବା ଯୁବକ ଅନ୍ୟ ବୋଲେରୋରେ ଥିବା ଲୋକଙ୍କୁ ଇସାରା ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ସେହି ବୋଲେରୋଟି ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛି। ପୂର୍ବରାଗ ଓ ରାଜନୈତିକ ଶତ୍ରୁତାକୁ ନେଇ ମଙ୍ଗୁଳିଙ୍କୁ ହତ୍ୟା କରାଯାଇଥିବା ବିଷ୍ଣୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

ଘଟଣା ସଂକ୍ରାନ୍ତରେ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବିବୃତି ଦେଇଛନ୍ତି। ହତ୍ୟାକାରୀ ଗାମୁଛା ଘୋଡାଇ ଆସିଥିବା ସେ କହୁଥିବାବେଳେ ଅନ୍ୟ ଏକ ବିବୃତିରେ ହେଲ୍‌ମେଟ ପିନ୍ଧି ଗାଡିରେ ଆସିଥିବା କହିଛନ୍ତି। ସେ କହିଛନ୍ତି, 'ରବିବାର ରାତି ପ୍ରାୟ ୧୧ଟା ୨୦ରେ ଗାନ୍ଧୀପଡିଆସ୍ଥିତ ମୋ ଘରର ଉପର ମହଲାରେ ଆମେ ବସିଥିଲୁ। ପରେ ତଳକୁ ଆସି ମଙ୍ଗୁଳିଙ୍କ ସହ ମୁଁ କଥା ହେଉଥିଲି। ଏହି ସମୟରେ ସେଠାରେ ପ୍ରାୟ ୧୦ରୁ ୧୫ଜଣ ଲୋକ ଥିଲେ। ମଙ୍ଗୁଳିଙ୍କ ସହ ଟାଙ୍ଗୀ ଅଞ୍ଚଳର ମୋର ଜଣେ ସହଯୋଗୀ ଯାଇଥାନ୍ତେ। ଏହି ସମୟରେ ମୁହଁରେ ଗାମୁଛା ପକାଇ ଦୁଇ ଜଣ ବାଇକରେ ଆସିଲେ। ସେମାନଙ୍କ ମଧ୍ୟରୁ ଜଣେ ଗୁଳି ଚଳାଇଥିଲେ। ଗୁଳିଟା ମୋ ପାର୍ଶ୍ୱଦେଇ ପଳାଇଲା।



ମଙ୍ଗୁଳି ଜେନାଙ୍କ ହତ୍ୟା ପ୍ରତିବାଦରେ ଖୋର୍ଦ୍ଧା ଥାନା ସମ୍ମୁଖରେ ଧାରଣାରେ ବସିଥିବା ଭାଜପା କର୍ମୀ।

ମୁଁ ବୋଉଲୋ କହି ପଳାଇ ଆସିଲି। ସେହି ସମୟରେ ଗାଡି ଭିତରେ ମଙ୍ଗୁଳି ଜେନାଙ୍କୁ ୨ ରାଉଣ୍ଡ ଗୁଳି ହୋଇଥିଲା। ସେ ଗାଡି ଭିତରେ ଟଳି ପଡିଥିଲେ।'

ହତ୍ୟାକାଣ୍ଡକୁ ନେଇ ସୋମବାର ଦିନତମାମ ଉତ୍ତେଜନା ଲାଗି ରହିଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିବା ସହ ଭୁବନେଶ୍ୱରରେ ଡିଜିପିଙ୍କ କ୍ୟାମ୍ପ ଅଫିସ୍‌ରେ ଖବରଦାତା ସମ୍ମିଳନୀ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୋଗରେ ନିର୍ଦ୍ଦିଷ୍ଟ ଲୋକଙ୍କ ନାଁ ରହିଛି। ପୋଲିସର ପ୍ରଥମ ଲକ୍ଷ୍ୟ ହତ୍ୟାକାରୀ ଓ ଆତତାୟୀଙ୍କୁ ଗିରଫ କରିବା। ଏଥପାଇଁ ଖୋର୍ଦ୍ଧା ଆଦର୍ଶ ଥାନାର ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଆଇଆଇସିଙ୍କୁ ସହାୟତା ପାଇଁ ୪ ଟିମ ଗଠନ ହୋଇଛି। କଟକ କ୍ରାଇମବ୍ରାଞ୍ଚର ସାଇବର ସେଲ ଟିମ୍ ଓ ସାଇଣ୍ଟିଫିକ୍ ଟିମ ତଦନ୍ତରେ ସହଯୋଗ କରୁଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଘଟଣାରେ ରାଜନୈତିକ ସମ୍ପୃକ୍ତି ଥିବା ଅଭିଯୋଗ ରହିଥିବାରୁ ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରେ ଲାଗିଥିବା ୨ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ତେବେ ଗୋଟିଏ ଫୁଟେଜ୍ କ୍ଲିଅର ନାହିଁ। ତୁରନ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହେବ ବୋଲି ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଖୋର୍ଦ୍ଧାରେ ହୋଇଥିବା ହିଂସାକୁ ସେ ଦୃଢ଼ ନିନ୍ଦା କରି ଟୁଇଟ୍ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ବିଜେଡିର ହତାଶାର ପରିଭାଷା। ଶାସକ ଦଳ ପରାଜୟ ଭୟରେ ଏଭଳି କରୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପାର୍ଟି ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୋକ ପ୍ରକାଶ କରି କହିଛନ୍ତି ଯେ, ଦଳୀୟ କାର୍ଯ୍ୟକ୍ରମ ନେଇ ଆଲୋଚନା ବେଳେ ହୋଇଛି ଗୁଳିକାଣ୍ଡ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। କିଛି ଲୋକ ହାରିବା ଭୟରେ ହିଂସାର ବାଟ ଆପଣାଇଛନ୍ତି। ଗଣତନ୍ତ୍ରରେ ବାଲଟ୍‌ର ଲଢେଇ ବୁଲେଟ୍‌ର ନୁହେଁ। ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବା ପୋଲିସର କାମ, ନିର୍ବାଚନ କମିଶନଙ୍କ ନୁହେଁ। ଶାସକ ଦଳ ଭାଜପା କର୍ମୀଙ୍କୁ ହତ୍ୟା କରି ବିଜୟୀ ହେବାକୁ ଚେଷ୍ଟା କରୁଛି। ଲୋକେ ୧୧ରେ ଏହାର ଜବାବ ଦେଇଛନ୍ତି, ଆଗାମୀ ୧୮, ୨୩ ଓ ୨୯ ତାରିଖରେ ମଧ୍ୟ ଦେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବିଜେଡିର ସମ୍ପୃକ୍ତି ଅଭିଯୋଗ ଆଣିଲା ଭାଜପା

ରାଜନୈତିକ ବିବାଦ ଓ ଶତ୍ରୁତାରୁ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଏ ନେଇ ମଧ୍ୟ ମୃତକଙ୍କ ଭାଇ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡରେ ବିଜେଡିର ହାତ ରହିଥିବା ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଳୁ ଖଣ୍ଡେଇତରାୟ ଅଭିଯୋଗ ଆଣିଛନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହାକୁ ଖଣ୍ଡନ କରିଛନ୍ତି। ମିତ୍ରଙ୍କ କହିବାନୁସାରେ, ବିଜେଡି ଭଲ ସ୍ଥିତିରେ ଅଛି। ଭୋଟରଙ୍କୁ ବିଭ୍ରାନ୍ତ ଓ ବିଜେଡିକୁ ବଦନାମ କରିବାକୁ ଯୋଜନାବଦ୍ଧ ଭାବେ ଭାଜପା ଷଡ଼ଯନ୍ତ୍ର କରିଛି। ତେବେ ଏହା ଏକ ନିନ୍ଦନୀୟ ଘଟଣା। ସବୁ ପ୍ରକାରର ତଦନ୍ତକୁ ବିଜେଡି ସ୍ୱାଗତ କରୁଛି। ଏଥିରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମିତ୍ର ଦାବି କରିଛନ୍ତି।


# classifieds



**SALE**

Ashok Leyland 36 seater AC bus model-II, Bolero pickup 2016 for sale. Contact: 8908213777. D- 64957



**SALE**

Commercial plot Prime location. Laxmisagar and Hanspal square. Contact: 7992916484. D-12156

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66332

CV Raman College ପାଖରେ yellowzone plot 2000 sqft. ବିକ୍ରିହେବ। Contact: 9778928492. D-65638

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

Now Matrimonial ads. only on Wednesday & Sunday Book 1 Get 1 FREE

Plot sale Patia sqft.-1,090/-, Sundarpada-300/-, Pitapalli- 620/-. 7377735755. D-12111

**AFFIDAVIT**

By virtue of an affidavit No.47AA721728, Dt.15.04.2019. I, Sri Bibekananda Dalai states that my name as per HSCE Certificate Vivekananda Dalai change to as per my Aadhar Card and all documents Bibekananda Dalai. D-12157

**ଜନ୍ମଦିନ ଶୁଭେଚ୍ଛା**



**ଅଙ୍କିତ୍ ସାମନ୍ତରାୟ**
**ସମ୍ବଲପୁର**

ଆଜି ତୋର ତ୍ରୟୋଦଶ ଜନ୍ମଦିବସରେ "ମା' ତାରିଣୀ" ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।

ଶୁଭେଚ୍ଛା ସହ
ମା, ଅଜା, ଆଈ, ପାପା, ମାମା, ଗୁନା, ଟୁଣ୍ଟୁ, ଲାଡୁ, ବାବୁନି, ଟିଙ୍ଗଲ। ଧ-୧୨୧୬୦




# 'ନିର୍ଭୟ'ର ସଫଳ ପରୀକ୍ଷଣ

## ■ ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେବାକୁ ସମର୍ଥ

**ବାଲେଶ୍ୱର ଅଫିସ, ୧୫।୪**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଟେଷ୍ଟ ରେଞ୍ଜରୁ ସୋମବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦୂରଗାମୀ ସବ୍‌-ସୋନିକ କ୍ରୁଜ କ୍ଷେପଣାସ୍ତ୍ର 'ନିର୍ଭୟ'ର ସଫଳ ପରୀକ୍ଷଣ କରାଯାଇଛି। ବହୁ ବୈଜ୍ଞାନିକ ଓ ପ୍ରତିରକ୍ଷା ବିଶେଷଜ୍ଞଙ୍କ ଉପସ୍ଥିତିରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ(ଆଇଟିଆର୍)ସ୍ଥିତ ୩ନଂ. ଉତ୍କ୍ଷେପଣ କେନ୍ଦ୍ରରେ ଏହାକୁ ଉତ୍କ୍ଷେପଣ କରାଯାଇଥିଲା। ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେଇ ଏକ ସମୟରେ ଏହା ଏକାଧିକ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂସ୍ଥାନ (ଡିଆରଡିଏ) ଏବଂ ବାଙ୍ଗାଲୋରସ୍ଥିତ ଏରୋନେଟିକ ଡେଭଲପ୍‌ମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ(ଏଡିଇ) ପକ୍ଷରୁ ଉକ୍ତ କ୍ଷେପଣାସ୍ତ୍ରକୁ ଆଧୁନିକ ଜ୍ଞାନ



'ନିର୍ଭୟ'ର ସଫଳ ପରୀକ୍ଷଣ କରାଯାଉଛି।

କୌଶଳରେ ବିକଶିତ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ ସେନବାହିନୀରେ ସାମିଲ କରାଯିବ ବୋଲି ସୂଚନା ମିଳିଛି।

ସବ୍‌-ସୋନିକ କ୍ରୁଜ କ୍ଷେପଣାସ୍ତ୍ର 'ନିର୍ଭୟ'ର ଓଜନ ପ୍ରାୟ ୧୫୦୦କି.ଗ୍ରା.। ଲକ୍ଷ୍ୟଭେଦ ଦୂରତା ୧ହଜାରରୁ ୧୫ଶହ କି.ମି.। ଲମ୍ବ ୬ମିଟର। ୦.୫୨ମି. ବ୍ୟାସ ପରିମିତି ଏହି କ୍ଷେପଣାସ୍ତ୍ର ଶବ୍ଦର ଗତିଠାରୁ ୬ଗୁଣ ଅଧିକ ବେଗରେ ଗତି କରି ଲକ୍ଷ୍ୟଭେଦ କରିପାରିବ। ସ୍ୱଳ୍ପ ଉଚ୍ଚତାରେ ଥାଇ ମଧ୍ୟ ଏହା ଅକ୍କ୍ଲେଶରେ ଲକ୍ଷ୍ୟ ଭେଦ କରିପାରିବ ବୋଲି ଡିଆରଡିଏ ପକ୍ଷରୁ କୁହାଯାଇଛି। ୨୦୧୩ ମାର୍ଚ୍ଚ ୧୨ତାରିଖରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। ୨୦୧୪ ଅକ୍ଟୋବର ୧୭ ତାରିଖ, ୨୦୧୫ ଅକ୍ଟୋବର ୧୬ ତାରିଖରେ ଯଥାକ୍ରମେ ୨ୟ ଓ ୩ୟ ପରୀକ୍ଷା କରାଯାଇଥିଲା। ୨୦୧୬ ଡିସେମ୍ବର ୨୧ରେ ଏହାର ଚତୁର୍ଥ ପରୀକ୍ଷଣ ହୋଇଥିଲା। ସୋମବାର ଅନୁଷ୍ଠିତ ନିର୍ଭୟର ୫ମ ପରୀକ୍ଷଣ ବେଳେ ଏଡିଇ ଏବଂ ଡିଆର୍‌ଡିଓ ପକ୍ଷରୁ ଉପସ୍ଥିତ ବୈଜ୍ଞାନିକମାନେ ଏହାର ଗତିବିଧି ନିରୀକ୍ଷଣ କରିଥିଲେ। ଏହାର ସଫଳ ପରୀକ୍ଷଣ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ସଫଳ ମାଇଲଖୁଣ୍ଟ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି।

# ନବୀନଙ୍କ ସମ୍ପତ୍ତି ୬୩ କୋଟି, ସଂଗୀତାଙ୍କ ୩୭ କୋଟି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଆସନ୍ତା ୧୮ ତାରିଖରେ ରାଜ୍ୟରେ ୫ଟି ଲୋକ ସଭା ଆସନ ଏବଂ ୩୫ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ୨୪୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୩୫ ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୬୮ ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଅପରାଧ। ସେହିପରି ୫ଟି ଲୋକ ସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୩୫ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଆପରାଧିକ ମାମଲା। ଉକ୍ତ ପ୍ରାର୍ଥୀଙ୍କ ସତ୍ୟପାଠକୁ ଅନୁଶୀଳନ କରି ଓଡ଼ିଶା ଇଲେକ୍ସନ ୱାଚ ନାମକ ସଂସ୍ଥା ପକ୍ଷରୁ ଏଭଳି ତଥ୍ୟ ଦିଆଯାଇଛି।

ସୋମବାର ସଂସ୍ଥା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ୬୮ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି । ପ୍ରମୁଖ ରାଜନୈତିକ ଦଳ ଭାଜପାରେ ସର୍ବାଧିକ ୨୧ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୭ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୧୦ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା, ବିଜେଡିର ୧୩ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ନାମରେ ଏବଂ ବହୁଜନ ସମାଜ ପାର୍ଟି(ବିଏସପି)ର ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ନାମରେ ରହିଛି ସାଂଘାତିକ ଆପରାଧିକ ମାମଲା। ସେହିପରି ୫ଟି ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଥିବାବେଳେ ୫ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି।

ଏପରି କି ଅନେକ ନେତା ଧନ ସମ୍ପତ୍ତି ଆହରଣ କରିବାରେ ମଧ୍ୟ ପଛରେ ନାହାନ୍ତି। ବିଧାନସଭା ଆସନ ପାଇଁ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୦ ଜଣଙ୍କ

**ଇଲେକ୍ସନ ୱାଚ୍ ରିପୋର୍ଟ**

- ■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ
- ■ ୩୫ ବିଧାନସଭାର ୮୪ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା
- ■ ୬୮ ଜଣଙ୍କ ନାମରେ ସଙ୍ଗିନ୍ ଅପରାଧ
- ■ ୫ ଲୋକ ସଭାର ୫ ପ୍ରାର୍ଥୀଙ୍କ ନାମରେ ଗୁରୁତର ମାମଲା

ସମ୍ପତ୍ତି ଏକାଧିକ କୋଟି ଟଙ୍କା ହୋଇଥିବା ବେଳେ ଅନ୍ୟ ମାନଙ୍କର ସମ୍ପତ୍ତିର ହାରାହାରି ମୂଲ୍ୟ ୧.୯୩ କୋଟି ଟଙ୍କା ରହିଛି। ସତ୍ୟପାଠ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ୫ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବାବେଳେ ୨୪ ଜଣ ୨ରୁ ୫ କୋଟି, ୬୧ ଜଣ ୫୦ ଲକ୍ଷରୁ ୨ କୋଟି, ୬୧ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଏବଂ ୮୨ ଜଣ ୧୦ ଲକ୍ଷରୁ କମ୍ ଟଙ୍କାର ମାଲିକ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ସବୁଠାରୁ ଧନୀ ହୋଇଥିବାବେଳେ ଏମପି ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରର ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ସବୁଠୁ ଧନୀ ପ୍ରାର୍ଥୀ। ନବୀନଙ୍କର ମୋଟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ୬୩ କୋଟି ଟଙ୍କା ହୋଇଥିବାବେଳେ ସଂଗୀତାଙ୍କର ସମ୍ପତ୍ତି ମୂଲ୍ୟ ୩୭ କୋଟି। ସେହିପରି ବିଧାନସଭା ପ୍ରାର୍ଥୀ ଭାବେ ଭାଜପା ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ ଝାରସୁଗୁଡ଼ା ବିଧାନସଭା ସିଟ୍‌ରୁ ବିଜେଡି ଟିକେଟରେ ଲଢୁଥିବା ନବ କିଶୋର ଦାସଙ୍କ ସମ୍ପତ୍ତିର ମୂଲ୍ୟ ୩୩ କୋଟି ବୋଲି ସତ୍ୟପାଠରୁ ଜଣାପଡ଼ିଛି। ରାଜନୈତିକ ଦଳଗୁଡିକୁ ହିସାବକୁ ନେଲେ ବିଜେଡିରେ ସର୍ବାଧିକ ୬୦ ପ୍ରତିଶତ ପ୍ରାର୍ଥୀ କୋଟି ପତି ହୋଇଥିବା ବେଳେ ଭାଜପା ୫୭ ପ୍ରତିଶତ ଏବଂ କଂଗ୍ରେସର ୪୧ ପ୍ରତିଶତ ପ୍ରାର୍ଥୀ କୋଟି ପତି।

ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇ ନ ଥିବା ବେଳେ ୪ ଜଣ ଖାଲି ନା ଦସ୍ତଖତ ଶିଖିଛନ୍ତି। ୧୧୧ ଜଣ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢିଥିବା ବେଳେ ୧୨୧ ଜଣ ଗ୍ରାଜୁଏଟ ଓ ତାଠାରୁ ଅଧିକ ପାଠ ପଢିଛନ୍ତି। ସେହିପରି ପ୍ରାର୍ଥୀମାନଙ୍କର ବୟସକୁ ଯଦି ଦେଖା ଯାଏ ତେବେ ଜଣେ ପ୍ରାର୍ଥୀ ତାଙ୍କର କେତେ ବୟସ ଦର୍ଶାଇ ନ ଥିବା ବେଳେ ୩୬ ଜଣଙ୍କର ବୟସ ୬୧ରୁ ୮୦, ୧୪୭ ଜଣଙ୍କର ୪୧ରୁ ୬୦ ଏବଂ ୫୭ ଜଣଙ୍କର ୨୫ରୁ ୪୦ ବର୍ଷ ଦର୍ଶାଇଛନ୍ତି। ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ସେହିପରି ଲୋକସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୧୧ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ। ବଲାଙ୍ଗୀର ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ରାଜ୍ ପରିବାରର ଦୁଇ ପ୍ରାର୍ଥୀ ସଂଗୀତା କୁମାରୀ ସିଂଦେଓଙ୍କ ସମ୍ପତ୍ତି ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଳିକେଶ ନାରାୟଣ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୨୦ କୋଟି ଏବଂ ବରଗଡ଼ ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କର ସମ୍ପତ୍ତିର ମୂଲ୍ୟ ୯କୋଟି ଟଙ୍କା ରହିଛି।

# ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ କାରଖାନା

**ଭୁବନେଶ୍ୱର,୧୫।୪ (ବ୍ୟୁରୋ)**

- ■ ଓୟୁଏଟିରେ କାର୍ଯ୍ୟରତ ସୁପରଭାଇଜର ଗିରଫ
- ■ ୩ ଅର୍ଦ୍ଧ ନିର୍ମିତ ବନ୍ଧୁକ, ଗୁଳି ଓ ଅନ୍ୟ ସରଞ୍ଜାମ ଜବତ
- ■ ୟୁଟ୍ୟୁବ୍‌ରୁ ବନ୍ଧୁକ ତିଆରି କୌଶଳ ଶିଖିଥିଲେ
- ■ ବିସ୍ଫୋରଣ ଖବର ପାଇ ଚଢ଼ାଉ କରିଥିଲା ପୋଲିସ

ରାଜଧାନୀରେ ବନ୍ଧୁକ କାରଖାନା। ପୁଣି କମିଶନରେଟ ପୋଲିସ ଇଲାକାର ଏକ ସରକାରୀ କ୍ୱାର୍ଟରରେ ଚାଲିଥିଲା ବନ୍ଧୁକ ତିଆରି। ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଓୟୁଏଟି କଲୋନୀ ପ୍ଲଟ୍ ନଂ.ୱାନ୍‌ଆର୍ ୧/୬ରେ ପୋଲିସ ଚଢ଼ାଉ କରି ବନ୍ଧୁକ କାରଖାନାକୁ ଠାବ କରିଛି। ସେଠାରୁ ୩ଟି ଅର୍ଦ୍ଧ ନିର୍ମିତ ବନ୍ଧୁକ, ୩୫ ଗୁଳି, କିଛି ପୁରୁଣା ଅଫୁଟା ଗୁଳି, ଗୁଳି ତିଆରି ପାଇପ, ବାରୁଦ, ଖଣ୍ଡା ସହ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଛି। ଏଥିସହ ବନ୍ଧୁକ ତିଆରି କରୁଥିବା ଅଭିଯୋଗରେ ଓୟୁଏଟିରେ କାର୍ଯ୍ୟରତ ସୁପରଭାଇଜର ନୃସିଂହ ନାୟକଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନୃସିଂହଙ୍କ ଘର ଖଣ୍ଡଗିରି ସରକନ୍ତରା ଅଞ୍ଚଳରେ ହୋଇଥିବା ବେଳେ ସେ ପାଇଥିବା ଓୟୁଏଟି ସରକାରୀ କ୍ୱାର୍ଟରରେ ରହି ଏହି କାରଖାନା ଚଳାଇଥିଲେ। ତେବେ ନୃସିଂହଙ୍କ ଘରୁ ପୋଲିସ ଏକ ଡାଏରୀ ଜବତ କରିଛି। ସେଥିରେ ଏକାଧିକ ଅପରାଧୀ ଗ୍ୟାଙ୍ଗ୍ ସଦସ୍ୟଙ୍କ ସହ ବନ୍ଧୁକ ଗ୍ରାହକଙ୍କ ନାମ ରହିଛି। ସେ କଞ୍ଚାମାଲ କେଉଁଠୁ ଆଣୁଥିଲା ଓ ପୂର୍ବରୁ କେଉଁମାନଙ୍କୁ ବନ୍ଧୁକ ବିକ୍ରି କରିଛି ତାହା ଉକ୍ତ ଡାଏରୀ ପର୍ଦ୍ଦାଫାସ କରିବ। ଏନେଇ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ କହିଛି।

**ସହଯୋଗ କରୁଥିଲେ ପରିବାର ଲୋକ**

ତଦନ୍ତରୁ ମିଳିଥିବା ସୂଚନାନୁସାରେ, ନୃସିଂହଙ୍କ ବାପା ଗାଁ ଗଣ୍ଡଗୋଳ ପାଇଁ ବୋମା ତିଆରି କରନ୍ତି। ସେ ପୂର୍ବରୁ ଅସାମାଜିକ ଯୁବକ ଓ ଅପରାଧୀମାନଙ୍କୁ ବୋମା ବିକ୍ରି କରୁଥିଲେ। ଏଥିରେ ତାଙ୍କ ପରିବାର ସଦସ୍ୟ ସହଯୋଗ କରନ୍ତି। ୨୦୦୪ରେ ନୃସିଂହଙ୍କର ଜଣେ ଭାଇ ବୋମା ଭିଡୁଥିବାବେଳେ ବିସ୍ଫୋରଣ ଯୋଗୁ ପ୍ରାଣ ହରାଇଥିଲେ। ନୃସିଂହ ବାପାଙ୍କଠାରୁ ବୋମା ଭିଡ଼ିବା ଶିକ୍ଷା କରିବା ପରେ ନିଜେ ଏହାକୁ ପେସା କରିଦେଇଥିଲେ। ଏହାସହ ସରକନ୍ତରା ଅଞ୍ଚଳରେ ବୋମା ମାଡ଼ କରିଥିବା ନେଇ ମଧ୍ୟ ତାଙ୍କ ନାମରେ ଅଭିଯୋଗ ରହିଛି। ସେହିଭଳି ଖଣ୍ଡଗିରି ଥାନାରେ ୪ଟି ସଙ୍ଗିନ ମାମଲା ରହିଛି।

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣରୁ ପ୍ରେରଣା**

ସେ ସରକାରୀ ଚାକିରି କରିଥିଲେ ମଧ୍ୟ ଅଧିକ ଟଙ୍କା ରୋଜଗାର ଆଶାରେ ବନ୍ଧୁକ ତିଆରି ଆରମ୍ଭ କରିଥିଲେ। ସେ ପ୍ରଥମେ ଏକ ଦେଶୀ କଟ୍ଟା ବନ୍ଧୁକ କିଣି ଥିଲେ। ଏହାକୁ ସେ ବାରମ୍ବାର ଖୋଲି ଦେଖିବା ପରେ ବ୍ୟବହୃତ ଯନ୍ତ୍ରାଂଶ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲେ। ହେଲେ ବନ୍ଧୁକ ତିଆରିର ସମ୍ପୂର୍ଣ୍ଣ ଜ୍ଞାନ ପାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ତାଙ୍କୁ ପ୍ରେରଣା ଦେଇଥିଲା। ଏହାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ୟୁଟ୍ୟୁବ୍‌ରୁ ପାର୍ସଲ ବୋମା ପ୍ରସ୍ତୁତି ଶିଖିଥିବା ଜାଣିବା ପରେ ସେ ବନ୍ଧୁକ ଓ ଗୁଳି ତିଆରି ପାଇଁ ୟୁଟୁଭ୍ ସାହାରା ନେଇଥିଲେ। ଗୁଳି ପାଇଁ ଖୋର୍ଦ୍ଧା ନିକଟ ତାପଙ୍ଗ ମୁଣ୍ଡିଆ, ବେଗୁନିଆ ଓ କଳାପଥର ଅଞ୍ଚଳରୁ ବିଭିନ୍ନ ପ୍ରକାର ବାରୁଦ ସଂଗ୍ରହ କରିଥିଲେ। ବନ୍ଧୁକ ନିର୍ମାଣ ବେଳେ ଯେଉଁଠି ଭୁଲି ଯାଉଥିଲେ ୟୁଟ୍ୟୁବ୍ ଦେଖୁଥିଲେ।



ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।






ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ–ଅଧିକ ଖୋଜି ପାରିବ–ଅଧିକ ଶ୍ରମ କରିପାରିବ– ସେ ହିଁ ଅଧିକ ଶକ୍ତି ଲାଭ କରିବ।
–ଶ୍ରୀଅରବିନ୍ଦ



# ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

ସାଧାରଣ ନିର୍ବାଚନ ୨୦୧୯ର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଏପ୍ରିଲ ୧୮ରେ ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ଦେଶରେ ଦିନକୁ ଦିନ ପ୍ରଚାର ଅଭିଯାନ ଜୋରଦାର ହେବାରେ ଲାଗିଛି। ନିଜ ସପକ୍ଷରେ ଭୋଟ ହାତେଇବା ସକାଶେ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ବିଭିନ୍ନ ପ୍ରକାର ଦୋଷାରୋପ ଓ ଅକଥନୀୟ ଭାଷା ପ୍ରୟୋଗ କରୁଛନ୍ତି। ନିକଟରେ ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜନତା ପାର୍ଟି (ଭାଜପା)ର ଜୟ ପ୍ରଦାଙ୍କ ଉପରେ ଯେଉଁଭଳି ନୀଚ ଧରଣର ଟିପ୍ପଣୀ ଦେଇଛନ୍ତି, ତାହା ସାଧାରଣରେ ଆଦୌ ଗ୍ରହଣୀୟ ହୋଇନାହିଁ। ଏ ନେଇ ଆଜମ୍‌ଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏପରି କି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଆଜମ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ କମିଶନ (ଇସି)ଙ୍କୁ ଚିଠି ଲେଖିଛନ୍ତି। ଲୋକ ସଭା ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଯଦି ଅଭଦ୍ର ଶବ୍ଦ ବ୍ୟବହାର କରିବେ, ତେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ବଡ଼ଧରଣର ବିପଦରେ ପଡ଼ିଛି ବୋଲି କୁହାଯାଇପାରେ। ସେମିତି କୁହାଯାଉଛି, ଯାହାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି ଯେ, ହିମାଚଳ ପ୍ରଦେଶର ରାଜ୍ୟ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀ ଏକ ସାଧାରଣ ସଭାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ଏହାର ଅନ୍ତର୍ଜାତୀୟ ଉଦାହରଣ ଦେଖିଲେ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ତାଙ୍କର ନିର୍ବାଚନୀ ବିରୋଧୀମାନଙ୍କୁ ଅତି ଅଶାଳୀନ ଭାଷାରେ ଶୋଧୁଥିବାର ଦେଖାଯାଇଥିଲା। ଏବେ ପ୍ରଚାର ସମୟରେ ଭାରତରେ ଯେଉଁ ପ୍ରକାରର ଭାଷା ବ୍ୟବହାର କରାଯାଉଛି, ତାହା ପୂର୍ବରୁ ଶୁଣିବାକୁ ମିଳୁ ନ ଥିଲା। ତେଣୁ ନିର୍ବାଚନ କମିଶନ ଏଭଳି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟକ୍ତି, ଯେକୌଣସି ଦଳର ହୋଇଥାଆନ୍ତୁ ନା କାହିଁକି, ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବା ସକାଶେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଲାଣି।

ଅନ୍ୟ ଏକ ଘଟଣାରେ ନିର୍ବାଚନ କମିଶନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତ୍ରୀ ମାୟାବତୀଙ୍କ ବିରୋଧରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଉଭୟଙ୍କୁ ଦଣ୍ଡିତ କରିଛନ୍ତି। ଯୋଗୀଙ୍କୁ ଆଗାମୀ ୩ ଦିନ ଓ ମାୟାବତୀଙ୍କୁ ୨ ଦିନ ପ୍ରଚାରର ପ୍ରତ୍ୟେକ ମଞ୍ଚରୁ ଦୂରେଇ ଦେଇଛନ୍ତି। ଅର୍ଥାତ୍ ଉଭୟେ ଏହି ସମୟ ମଧ୍ୟରେ କୌଣସି ରାଜନୈତିକ ସଭା, ଶୋଭାଯାତ୍ରା କରିପାରିବେ ନାହିଁ। ସେହିପରି ଗଣମାଧ୍ୟମରେ ସାକ୍ଷାତ୍‌କାର ଉପରେ ନିଷେଧାଜ୍ଞା ଲଗାଯାଇଛି। ଏପରି କି ସୋସିଆଲ ମିଡିଆରେ ପ୍ରଚାର ଉପରେ ମଧ୍ୟ ଇସି ରୋକେ ଲଗାଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଦେଓବନ୍ଦଠାରେ ମାୟାବତୀ ମୁସଲମାନମାନଙ୍କୁ ନିବେଦନ କରିଥିଲେ ଯେ, ସେମାନେ ଭୋଟକୁ ଭାଗ ନ କରି ତାଙ୍କ ମେଣ୍ଟକୁ ସମର୍ଥନ ଦିଅନ୍ତୁ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବନାମ ବଜରଙ୍ଗବଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବଲୀ ଅଛନ୍ତି। ଦେଖିବାକୁ ଗଲେ ଧର୍ମ ଓ ଜାତି ନାମରେ ରାଜନୈତିକ ନେତାମାନେ ଯେଉଁଭଳି ଭୋଟ ନେବାକୁ ପ୍ରୟାସ କରୁଛନ୍ତି, ତଦ୍ଦ୍ୱାରା ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସେହି ଅପ୍ରୀତିକର ପରିସ୍ଥିତି ଯଦି ସାମାଜିକ ବିଭେଦକୁ ବୃଦ୍ଧି କରିବାରେ ପ୍ରୟୋଗ କରାଯାଉଛି, ତେବେ ତାହା ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି। ଏମିତି ଦେଖିଲେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଓ ପରବର୍ତ୍ତୀ ସମୟରେ ସେଠାରେ ରାମ ମନ୍ଦିର ନିର୍ମାଣ ନେଇ ଉଠିଥିବା ବିବାଦ ଦୀର୍ଘବର୍ଷ ଧରି ଚାଲିଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଏକତ୍ର କରିବା ପରିବର୍ତ୍ତେ ନେତାମାନେ ଧର୍ମ ଓ ଜାତି ନାମରେ ଲୋକଙ୍କୁ ଉତ୍ତ୍ୟକ୍ତ କରାଇଲେ ଦେଶ ଭାଗ ଭାଗ କଲା ଭଳି ଉଦ୍ୟମ କରୁଥିବାର ମନେହେଉଛି।

ଦେଖାଯାଉଛି, ବିଗତ କିଛି ବର୍ଷ ହେବ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଲୋକ ପ୍ରତିନିଧିମାନେ ପ୍ରସଙ୍ଗଭିତ୍ତିକ ଯୁକ୍ତିରୁ ଦୂରେଇ ଯାଇ ହୋହଲ୍ଲା କରିବାରେ ବ୍ୟସ୍ତ ରହୁଛନ୍ତି। କରଦାତାଙ୍କ ଅର୍ଥରେ ପରିଚାଳିତ ହେଉଥିବା ପାର୍ଲାମେଣ୍ଟ ଓ ବିଧାନସଭାର ମୂଲ୍ୟବାନ୍ ସମୟକୁ ସେମାନେ ନଷ୍ଟ କରୁଛନ୍ତି। ଗଣତନ୍ତ୍ରର ମୁଖ୍ୟସ୍ଥଳକୁ ଯାଉଥିବା ନେତାମାନେ ଯଦି ବିପଥଗାମୀ ହେବେ, ତେବେ ଦେଶର ଗଣତନ୍ତ୍ର ଭୁଶୁଡ଼ିପଡ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଗୁଣ୍ଡାରାଜ୍ ପ୍ରତିଷ୍ଠିତ ହେବାର ଲକ୍ଷଣ ମୁଣ୍ଡ ଟେକୁଛି। ବାସ୍ତବରେ ସାଧାରଣ ଜୀବନରେ ରାଜନେତାମାନେ ରହୁଥିବାରୁ ସେମାନେ ପ୍ରତ୍ୟେକ ସ୍ତରରେ ମାର୍ଜିତ ବ୍ୟବହାର ପ୍ରଦର୍ଶନ କରିବା କଥା। ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ, ସାଧାରଣ ନାଗରିକଙ୍କ ଚରିତ୍ର ଯେଉଁଭଳି କ୍ରମଶଃ ଉଗ୍ରରୂପ ଧାରଣ କରୁଛି, ନେତାମାନେ ମଧ୍ୟ ତାହାର ଆଇନା ସାଜୁଛନ୍ତି। ଗଣତାନ୍ତ୍ରିକ ଦେଶରେ ବିଶ୍ୱାସ କରାଯାଉଛି ଯେ, ରାଜନୈତିକ ବ୍ୟକ୍ତିମାନେ ସବୁ ସମସ୍ୟାର ସମାଧାନ ଆଣିପାରିବେ। ଆମେରିକାର ରାଜନେତା ବେନ୍ କାର୍‌ସନ୍‌ଙ୍କ କହିବା ଅନୁଯାୟୀ, ଆମେ ସମସ୍ତେ ଆଶା କରି ବସିଥାଉ ଯେ ରାଜନୈତିକ ବ୍ୟକ୍ତିମାନେ ଆମ ସମସ୍ୟାର ସମାଧାନ କରିବେ। କିନ୍ତୁ ଅଧିକାଂଶ ସମସ୍ୟାର ସୃଷ୍ଟି ସେହି ରାଜନେତାବୃନ୍ଦ ବୋଲି କାର୍‌ସନ୍‌ଙ୍କ ମନ୍ତବ୍ୟ ଆଜି ଭାରତ ପାଇଁ ପ୍ରଯୁଜ୍ୟ।

## ଚିରନ୍ତନୀ

''ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
''କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ–ନୀଡ଼େ।

(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 2 | 6 | | | 3 | B |
| | | | | C | A | | | | | 7 | 5 | | | |
| 0 | | | | 7 | | | 6 | 9 | B | | 8 | E | C | |
| 2 | | E | 1 | | 6 | | | | | 4 | | | 0 | |
| 9 | | | | | | A | 2 | | | | 1 | D | | 7 |
| 3 | | | | | 0 | | | | | | | 8 | | 6 |
| B | | | 7 | | | 2 | | C | 6 | | | 4 | E | |
| | E | 9 | | 8 | 1 | | | 0 | | 3 | | | | |
| 1 | 7 | 8 | | | | | | | | | | 3 | 2 | |
| 4 | | D | 2 | | | | 9 | | E | | | | 7 | |
| | | 0 | | | | | | | | 9 | A | | | E |
| C | | | 0 | | | | 1 | | 7 | | | | | |
| | | 5 | 6 | 2 | | C | D | | 1 | | | 7 | | |
| 7 | 2 | | | | 5 | | | | | | E | | 8 | 4 |
| D | | B | 8 | | | | | 6 | | 5 | 4 | | 9 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 8 | A | 0 | 9 | 6 | 3 | 7 | 5 | B | 1 | C | 4 | 2 |
| 4 | 1 | 3 | 6 | B | E | 5 | D | C | 7 | 2 | A | 8 | 0 | 9 |
| C | B | 6 | 2 | 1 | 5 | E | A | 0 | 4 | 9 | 8 | 3 | 7 | D |
| 0 | 5 | 2 | 7 | 3 | 4 | 9 | B | 8 | C | D | E | 6 | A | 1 |
| 9 | 7 | A | D | C | 8 | 2 | 1 | 4 | 0 | 6 | 3 | B | 5 | E |
| A | 9 | 4 | 5 | 6 | 0 | D | 8 | 2 | 3 | C | 7 | E | 1 | B |
| 3 | C | 0 | B | 2 | D | 7 | 9 | 1 | E | A | 5 | 4 | 8 | 6 |
| 7 | 6 | 5 | 4 | 8 | A | C | E | 3 | B | 1 | 2 | 9 | D | 0 |
| B | 8 | D | C | E | 1 | A | 0 | 5 | 9 | 4 | 6 | 7 | 2 | 3 |
| 2 | E | 1 | 3 | 9 | 7 | 4 | 6 | B | D | 8 | 0 | 5 | C | A |
| 5 | 3 | C | 9 | A | 6 | 1 | 7 | E | 8 | 0 | D | 2 | B | 4 |
| D | 2 | E | 0 | 4 | C | 8 | 5 | 9 | 1 | 3 | B | A | 6 | 7 |
| 1 | 4 | B | 8 | D | 2 | 3 | C | 6 | A | 7 | 9 | 0 | E | 5 |
| 8 | 0 | 7 | 1 | 5 | 3 | B | 2 | A | 6 | E | 4 | D | 9 | C |
| 6 | A | 9 | E | 7 | B | 0 | 4 | D | 2 | 5 | C | 1 | 3 | 8 |

ଗତକାଲିର ଉତ୍ତର

# ବଡ଼ ଲୋକଙ୍କୁ ଉତ୍ତର ନାହିଁ



ବୈକୁଣ୍ଠନାଥ ମିଶ୍ର

ଘଞ୍ଚ ଜଙ୍ଗଲ ମଧ୍ୟରେ ସୁଉଚ୍ଚ ପାହାଡ଼। ପାହାଡ଼ରୁ କଳକଳ ନାଦ କରି ବହିଆସୁଛି ଚିର ଚଞ୍ଚଳ ଝରଣା। ବନ୍ୟଜନ୍ତୁଙ୍କ ତୃଷା ନିବାରଣର ଏକ ଉତ୍କୃଷ୍ଟ ଉତ୍ସ। ଏକଦା ମୃଗ ଶାବକଟିଏ ପାହାଡ଼ର ପାଦଦେଶରେ ଥିବା ଝରଣାରୁ ପରମତୃପ୍ତିରେ ଜଳ ପାନ କରୁଥିବା ସମୟରେ ପାହାଡ଼ର ଶିଖର ଦେଶରୁ ମହାବଳ ବାଘର ଦୃଷ୍ଟି ତା' ଉପରେ ପଡିଲା ଓ ଆଖି ପିଛୁଳାକେ ଆସି ମୃଗଶାବକ ସମ୍ମୁଖରେ ଉଭାହେଲା। ବାଘ ତାକୁ ଖାଇବାକୁ ଉଦ୍ୟତ ହେବାରୁ ସେ ଭୟର ସହ କହିଲା, ମୋତେ ଖାଇବା ପୂର୍ବରୁ ଦୟାକରି ମୋ କଥା ଟିକେ ଶୁଣ– ତୁମ ଉଦର ତୁଳନାରେ ମୋ ଶରୀର ଏତେ କ୍ଷୁଦ୍ର ଯେ ମୋ ମାଂସରେ ତୁମ କ୍ଷୁଧା ମେଣ୍ଟିବ ନାହିଁ। ଦ୍ୱିତୀୟତଃ ମୋର କେଉଁ ଅପରାଧ ଯୋଗୁ ତୁମେ ମୋତେ ମାରିବାକୁ ଚାହୁଁଛ? ବାଘ କହିଲା, ତୁ ଏ ଝରଣା ଜଳ ଗୋଳିଆ କଲୁ, ଯେଉଁଥିପାଇଁ ନିର୍ମଳ ଜଳପାନରୁ ମୁଁ ବଞ୍ଚିତ ହେଲି। ମୃଗ ଶାବକ କହିଲା, ତୁମେ କ'ଣ ବୁଦ୍ଧିଭ୍ରଷ୍ଟ ହୋଇଛ? ପାହାଡର ନିମ୍ନଦେଶରେ ମୁଁ ଜଳପାନ କରୁଥିଲି, ତୁମେ ଶୀର୍ଷ ଭାଗରେ ଥିଲ। ମୁଁ ଯଦି ପାଣି ଗୋଳି କରିଥାଏ ତାହା ସ୍ରୋତର ପ୍ରତିକୂଳରେ ଯାଇ ତୁମ ପାଖରେ ପହଞ୍ଚିଲା କିପରି? ବାଘ ଘାବରେଇଯାଇ କହିଲା ତୁ ନ କରିଥିଲେ ତୋ ମା' କରିଥିବ; ତେଣୁ ମୁଁ ତୋତେ ଖାଇବି। ବିଚରା ମୃଗଶାବକ ଶାନ୍ତ ଭାବରେ ଉତ୍ତର ଦେଲା, ତୁମେ ଯେତେବେଳେ ମୋତେ ଖାଇବା ପାଇଁ ସିଦ୍ଧାନ୍ତ ନେଇସାରିଛ, ମୋ କଥାରେ ତ ତୁମେ ବିରତ ହେବନାହିଁ। ତେବେ ଏତେ ବାହାନା କାହିଁକି? ମୋତେ ଖାଇପାର। ବଡ଼ଲୋକଙ୍କୁ କ'ଣ ଉତ୍ତର ଅଛି?

ଆମ ଦେଶରେ ସମ୍ପ୍ରତି ଏପରି ନ୍ୟାୟ ସର୍ବତ୍ର ପରିଦୃଷ୍ଟ। କମ୍ପାନୀଗୁଡ଼ିକ ଉପରେ କୋଟି କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଅନାଦାୟ ପଡିଥିବା ବେଳେ ମହାବଳମାନେ ପ୍ରତିଦିନ କ୍ଷୁଦ୍ର ଉପଭୋକ୍ତାଙ୍କୁ ମାରି ଚାଲିଛନ୍ତି। ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ ନ କରି ବ୍ୟାପକ ବିଦ୍ୟୁତୀକରଣ ଓ ଶୁଳ୍କ ଆଦାୟର କଠୋରତା ସାଧାରଣ ଉପଭୋକ୍ତାଙ୍କୁ ନୈରାଶ୍ୟ ମଧ୍ୟକୁ ଠେଲି ଦେଇଛି। ବର୍ତ୍ତମାନ ସୁଦ୍ଧା ଭାରତର ୧୫୪୩୧ଟି ଗ୍ରାମ ବିଦ୍ୟୁତୀକରଣରୁ ବଞ୍ଚିତ। ସେଗୁଡିକ ମଧ୍ୟରୁ ଓଡ଼ିଶାର ୩୨୮୨ଟି ଗ୍ରାମ ଅନ୍ତର୍ଭୁକ୍ତ। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନ କରି ଉପଭୋକ୍ତା ସଂଖ୍ୟା ବୃଦ୍ଧିପାଇଲେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସଙ୍କଟ ଉପୁଜିବା ସୁନିଶ୍ଚିତ। ଅଘୋଷିତ ବିଦ୍ୟୁତ୍‌କାଟ ସହ କ୍ଷୀଣ ଶକ୍ତି ସରବରାହ କ୍ଷୁଦ୍ର ଉପଭୋକ୍ତା ଓ ଚାଷୀକୁଳକୁ ଉଚ୍ଛନ୍ନ କରୁଥିବା ସତ୍ତ୍ୱେ ବିଦ୍ୟୁତ୍ ଦେୟ ପୈଠର ଜୁଲମ୍ ତାକୁ ପୀଡା ଦେଉଛି। ବିଦ୍ୟୁତ୍ ସେବାରୁ ବଞ୍ଚିତ ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଣ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି। ତେଣୁ ଉତ୍ପାଦନ ବୃଦ୍ଧି ଓ ନିରନ୍ତର ସେବାର ଆବଶ୍ୟକତା ରହିଛି। ଏ ଦେଶର ଜନସାଧାରଣଙ୍କ ଅର୍ଥ ତୋଷରପାତ ସ୍ୱରୂପ ହଜାର ହଜାର କୋଟି ଠକିନେଇ ବିଜୟ ମାଲ୍ୟା, ନୀରବ ମୋଦିମାନେ ବିଦେଶକୁ ପଳାୟନ କରୁଛନ୍ତି। ବଡ଼ବଡ଼ ରାଜନେତା ଓ ବ୍ୟାଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଶୀତଳ ମଧୁଚନ୍ଦ୍ରିକାରେ ଏହା ସମ୍ଭବ ହୋଇଥିବା ବେଳେ ଏହାର ଉତ୍କଟ ପରିଣତି ସମଗ୍ର ଦେଶବାସୀଙ୍କୁ ଭୋଗିବାକୁ ହେଉଛି। ବ୍ୟାଙ୍କଗୁଡ଼ିକର ସାଧାରଣ କର୍ମଚାରୀ ଏ ବିଷଜ୍ୱାଳାରୁ ମୁକ୍ତ ନୁହନ୍ତି। ପ୍ରତି ୫ ବର୍ଷରେ ବ୍ୟାଙ୍କ କର୍ମଚାରୀଙ୍କର ବେତନ ସମୀକରଣ ହୁଏ। ୨୦୧୨ରେ ମୂଳ ବେତନର ୧୫% ବର୍ଦ୍ଧିତ ହୋଇଥିବା ବେଳେ ୨୦୧୭ରେ ମାତ୍ର ଦୁଇ ପ୍ରତିଶତ ବୃଦ୍ଧି ଘୋଷଣା ବ୍ୟାଙ୍କ କର୍ମଚାରୀଙ୍କୁ ହତୋତ୍ସାହ କରିଛି। ପୁଣି ବ୍ୟାଙ୍କଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଏହାର କୁଫଳର ଶିକାର ହେଉଛି ବିଚରା ଗ୍ରାହକ। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ଏଥିପାଇଁ ଦାୟୀ।

ଏହା ଦିବାଲୋକ ପରି ସ୍ପଷ୍ଟ ଯେ, ଏ ଦେଶରେ ସଂଘଟିତ ହେଉଥିବା ସମସ୍ତ ଦୁର୍ନୀତି ମୂଳରେ ରାଜନେତା ଓ ଉଚ୍ଚ ପଦାଧିକାରୀଙ୍କର ପରୋକ୍ଷ ସମ୍ପୃକ୍ତି ନିହିତ। କୌଣସି ଘଟଣାରେ ଜନମତ ପ୍ରବଳ ହେଲେ ତାକୁ ପ୍ରଶମିତ କରିବା ପାଇଁ କିଛି ନିମ୍ନ ପାହ୍ୟାର କର୍ମଚାରୀଙ୍କୁ ଲୋକଦେଖାଣିଆଭାବେ ସାମୟିକ ନିଲମ୍ବନ କରିଦେଲେ କାର୍ଯ୍ୟ ଶେଷ। ନିର୍ମାଣରେ ମାନରକ୍ଷା କରାଯାଇ ନ ଥିବାରୁ ଅଧିକାଂଶ ନଦୀ ପୋଲ, ଫ୍ଲାଏଓଭର ଲୋକାର୍ପଣ ପୂର୍ବରୁ ଅଚଳ ହୋଇ ପଡୁଥିବା ଖବରକାଗଜ ପୃଷ୍ଠାରୁ ଜ୍ଞାତ ହେଉଛି। ଏ କ୍ଷେତ୍ରରେ କୌଣସି ବରିଷ୍ଠ ଅଧିକାରୀଙ୍କୁ ପ୍ରଶ୍ନ ମଧ୍ୟ କରାଯାଉ ନାହିଁ। ବରଂ ପ୍ରବଳ ଜନମତକୁ ପ୍ରଶମିତ କରିବା ପାଇଁ କିଛି କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଉଛି। ଏହା ଅତ୍ୟନ୍ତ ବାସ୍ତବ ଓ ଅନସ୍ୱୀକାର୍ଯ୍ୟ ଯେ ସେହି ଅଧସ୍ତନମାନଙ୍କର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦିବା କିଛି ସମ୍ପୃକ୍ତି ଥାଏ, ତାହା କେବଳ ଉପରିସ୍ଥ ହାକିମଙ୍କର ଅଲିଖିତ ଆଦେଶର ପ୍ରତିଫଳନ ମାତ୍ର। ପ୍ରଥମେ ଯେତେବେଳେ ଛତିଶଗଡ଼ ମହାନଦୀ ଉପରେ ବ୍ୟାରେଜ ନିର୍ମାଣ କଥା ଜଣାପଡିଲା, ଓଡ଼ିଶାର ତଦାନୀନ୍ତନ ଜଳସମ୍ପଦ ସଚିବ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଆମ ମହାନଦୀର ଏକବୁନ୍ଦା ଜଳ ଛତିଶଗଡ଼ ନେବାର ପ୍ରଶ୍ନ ଉଠୁନାହିଁ। ତେଣୁ ଓଡ଼ିଶାବାସୀ ଭୟଭୀତ ହେବାର କାରଣ ନାହିଁ। କିନ୍ତୁ ବାସ୍ତବ ସ୍ଥିତି ଆଜି ଆମେ ପ୍ରତ୍ୟକ୍ଷ କରୁଛୁ।

ଶିକ୍ଷାବର୍ଷର ଚାରିମାସ ଅତିକ୍ରାନ୍ତ ହେଲା ପରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଇ ନ ଦିଆଯିବା ଏକ ସାଧାରଣ ଘଟଣା। ଅଥଚ ପାଠପଢା ନ ହେବା ପାଇଁ ଶିକ୍ଷକଙ୍କୁ ଦାୟୀ କରାଯାଏ। ବିଦ୍ୟାଳୟ ଗୃହନିର୍ମାଣ ନିମ୍ନମାନର ହେବା ଶିକ୍ଷା କମିଟି, ଠିକାଦାର ଓ ବ୍ଲକ କନିଷ୍ଠଯନ୍ତ୍ରୀଙ୍କ ଅସାଧୁମେଣ୍ଟର ଫଳ ହେଲେ ମଧ୍ୟ ଛାତ ଭୁଶୁଡି କିଛି ଦୁର୍ଘଟଣା ଘଟିଲେ ବିଚରା ପ୍ରଧାନଶିକ୍ଷକଟି ବଳିପଡ଼େ। ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ହେବା ମୂଳରେ କିଛି ଅସାଧୁ ଅଭିଭାବକ ଓ ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦାୟିତ୍ୱରେ ଥିବା କିଛି ପୋଲିସ ଅଧିକାରୀ ଓ ପରୀକ୍ଷାକେନ୍ଦ୍ରର କିଛି ଲାଞ୍ଚଖୋର ଶିକ୍ଷକଙ୍କ ମିଳିତ ମହାମେଣ୍ଟ ଦାୟୀ ହେଲେ ମଧ୍ୟ ବିଚରା କୋମଳମତି ପିଲାମାନଙ୍କର ପରୀକ୍ଷା ଫଳ ବାତିଲ କରାଯାଉଛି, ଯେଉଁମାନଙ୍କ ମଧ୍ୟରେ କିଛି ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଚିଟ୍‌ଫଣ୍ଡ ଠକେଇ ଆମ ରାଜ୍ୟର ଏକ କଳଙ୍କ। ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ରାଜନେତା ଓ ବରିଷ୍ଠ ଅଧିକାରୀଙ୍କ ଅନୁଗ୍ରହରେ ସାଧାରଣ ଜନତାର କଷ୍ଟଲବ୍ଧ ଧନକୁ ଆତ୍ମସାତ୍ କରି ମୁକ୍ତ ବିଚରଣ କରୁଥିବା ବେଳେ କମ୍ପାନୀମାଲିକ କିମ୍ବା ତାଙ୍କୁ ପ୍ରୋତ୍ସାହନ ଦେଇଥିବା ନେତା, ମନ୍ତ୍ରୀ କିମ୍ବା ସରକାରୀ ବାବୁମାନେ କେହି ବି ସାମାନ୍ୟ ଅନୁକମ୍ପା ପ୍ରଦର୍ଶନ କରୁନାହାନ୍ତି। ଫଳତଃ ନିବେଶକଟି ଅସୀମ ମାନସିକ ଯନ୍ତ୍ରଣାରେ ଦଗ୍ଧ ହେଉଛି।

ମଦ ଉତ୍ପାଦନ, ଆମଦାନି ଓ ବିକ୍ରିକୁ ନିଷିଦ୍ଧ ନ କରି ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଦୁର୍ଘଟଣା ଓ ସାମାଜିକ ନିରାପତ୍ତା ବିପନ୍ନ ହେଉଛି ବୋଲି ଚିତ୍କାର କରିବା ନିହାତି ହାସ୍ୟାସ୍ପଦ। ସେହିପରି ପ୍ଲାଷ୍ଟିକ ଉତ୍ପାଦନକୁ ନିଷେଧ ନ କରି ତା'ର ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଲେ କିଛି ଲାଭ ନାହିଁ। କମ୍ପାନୀ ବନ୍ଦ ହେଲେ ଉତ୍ପାଦ ବଜାରରେ ଉପଲବ୍ଧ ହେବନାହିଁ କି ଲୋକେ ତା' ପ୍ରତି ଆକୃଷ୍ଟ ହେବେ ନାହିଁ। ଗୁଟ୍‌ଖା ଉତ୍ପାଦନ ନିଷିଦ୍ଧ ନ କରି ଏହାର ଖୋଳ ଉପରେ ବୈଧାନିକ ସତର୍କତା ଆଳରେ ଯେତେ ଭୟଙ୍କର ଚିତ୍ର ଆଙ୍କିଲେ ମଧ୍ୟ ଏହା ବ୍ୟବହାରକାରୀଙ୍କୁ ଆଦୌ ପ୍ରଭାବିତ କରୁନାହିଁ। ପରୋକ୍ଷରେ ସରକାରୀ ପ୍ରୋତ୍ସାହନପ୍ରାପ୍ତ କମ୍ପାନୀଗୁଡ଼ିକ ସମାଜକୁ ବିଷଜ୍ୱାଳାରେ ଭରପୂର କରିସାରିଲେଣି। କମ୍ପାନୀଗୁଡ଼ିକର ଧନ ଲାଳସା ଓ ସେଥିପାଇଁ ସରକାରୀ ବାବୁମାନଙ୍କର ପ୍ରୋତ୍ସାହନ ସାଧାରଣଙ୍କ ବିନାଶ ମାର୍ଗକୁ ସୁଗମ କରୁଛି। ଗରିବୀ ଶୋଷଣ ମାଧ୍ୟମରେ ଅର୍ଥ କ୍ଷମତାର ଶୀର୍ଷରେ ଉପନୀତ ହେବା ପାଇଁ ଚାଲିଥିବା ଅପ୍ରକାଶ୍ୟ ପ୍ରତିଯୋଗିତା ଏ ଦେଶର ସାଧାରଣ ଜନତାଙ୍କୁ ହତଚକିତ କରିଛି। ଓଡ଼ିଶାରେ ଅବସ୍ଥାପିତ ଜଣେ ତାମିଲ ଅଧିକାରୀଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ସାଢେ ସାତହଜାର କୋଟି ଏବଂ ସେ ତାମିଲନାଡୁର ଶ୍ରେଷ୍ଠ ନବମ ଧନୀବ୍ୟକ୍ତି ବୋଲି ନିକଟରେ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏହା ସତ୍ୟ ହୋଇଥିଲେ ସାଂଘାତିକ। କାରଣ ଏ ବିପୁଳ ସମ୍ପତ୍ତିର ସିଂହଭାଗ ଓଡ଼ିଶାର, ଯାହାକୁ ସେ ଅତି ଚତୁରତାର ସହ ଲୁଟିଛନ୍ତି। ଏ ଦେଶର ମନ୍ତ୍ରୀ, ବିଧାୟକ ଓ ପାର୍ଲାମେଣ୍ଟ ସଦସ୍ୟଙ୍କ ସମ୍ପତ୍ତି ଆହରଣର ପୌନଃପୁନିକତା ସମସ୍ତ ଗାଣିତିକ ସୂତ୍ରର ଊର୍ଦ୍ଧ୍ୱରେ। ଦୁର୍ନୀତି ନିବାରଣ ସଂସ୍ଥା କ୍ଷୁଦ୍ର ଅଧିକାରୀମାନଙ୍କୁ କୌଶଳରେ ଜାଲ ବିଛାଇ କାବୁ କରୁଥିବା ବେଳେ କୌଣସି ସଂସ୍ଥା ଉଚ୍ଚ ପଦାଧିକାରୀ ଓ ସେମାନଙ୍କ ଶାସନ ମୁଖ୍ୟଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଗରିବ ଜୀବନଧାରଣ ପାଇଁ ସଂଗ୍ରାମ କରୁଥିବା ବେଳେ ଏମାନଙ୍କ ଧନରାଶି ସୀମାତୀତ ଭାବେ ବୃଦ୍ଧି ପାଇଚାଲିଛି।

ସବୁ ଧର୍ମଶାସ୍ତ୍ରରେ ଧନ ଉପାର୍ଜନ ପାଇଁ ସୀମାଧାର୍ଯ୍ୟ କରାଯାଇଛି। ଯେପରି ବେଦ କହେ– ଧନ ଉପାର୍ଜନ ସମୟରେ ପରଦୁଃଖ ପ୍ରତି ଉଦାସୀନ ହେବା ଉଚିତ ନୁହେଁ। ସ୍ୱଭାବ କବି ଗଙ୍ଗାଧର ମେହେର କହନ୍ତି– ''ଧନ ନୀରବେ ଆସିବୁରେ ଗରବ ନ ଦେବୁ ମନେ, ବିରତ ନ କରି ଅବିରତ ଥିବୁ ବିବେକ ଅନୁମୋଦନେ। ପଡିଲେ ତୋ ପାଦ ଦେବି ଧନ୍ୟବାଦ ତୋଷିବି ମୁଁ ସମାଜରେ, କିନ୍ତୁ ଏ ଜଗତେ ଅନ୍ୟକୁ ବା ମୋତେ ନ ପେଲିବୁ ପ୍ରମାଦରେ।''

ନିଜ ପାଇଁ ଓ ଅନ୍ୟ ଲାଗି ବିପଦ ସୃଷ୍ଟି କରି ଧନ ଅର୍ଜନ କରିବାକୁ କବି ବାରଣ କରିଛନ୍ତି। ସବଳ ବିରୋଧରେ କେହି ତୁଣ୍ଡ ଖୋଲନ୍ତି ନାହିଁ। ମହାବଳମାନେ ପ୍ରତ୍ୟହ ନିରୀହ ମୃଗଶାବକମାନଙ୍କୁ ଶିକାର କରିବାରେ ଲାଗିଛନ୍ତି। ହେଲେ ବଡ଼ ଲୋକଙ୍କୁ ଉତ୍ତର ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ଭୋଟର ମାଫିଆ



ଦ୍ୱିତୀ ଚନ୍ଦ୍ର ସାହୁ

ନାଁ ତା'ର ନୃପତି। ନିର୍ବାଚନ ଘୋଷଣା ହେଲେ ତା'ର ମନ ଖାଲି ଛନଛନ। ସେ କେବେ ନେତା ହୋଇନି। ନେତା ହେବାକୁ ତା'ର ଇଚ୍ଛା ବି ନାହିଁ। କୌଣସି ନିର୍ବାଚନରେ ବି ଲଢିନି। ତଥାପି ନିର୍ବାଚନରେ ବେଶି ରୁଚି। ନିର୍ବାଚନ ମଇଦାନରେ ଯେତେ ଅଧିକା ଦଳର ପ୍ରାର୍ଥୀ ଠିଆ ହେବେ ସେ ସେତେ ଉତ୍‌ଫୁଲ୍ଲ। ନିର୍ଦ୍ଦିଷ୍ଟ ଦଳ କିମ୍ବା ନେତାଙ୍କ ବଶମ୍ବଦ ହୋଇ ରହିନି କେବେ! ତେଣୁ ହାରଜିତରେ ବି ତା'ର କିଛି ଫରକ ପଡେନି। କୌରବ ଜିତିଲେ ଯାହା ପାଣ୍ଡବ ଜିତିଲେ ବି ସେୟା।

ନୃପତିର ମତ ହେଲା ପ୍ରତିବର୍ଷ ନିର୍ବାଚନ ହେବା ଦରକାର। ପାଞ୍ଚ ବର୍ଷ ଧରି ଗୋଟେ ସରକାର କ'ଣ! ପ୍ରତିବର୍ଷ ନିର୍ବାଚନ ହେଲେ ହିଁ ତା' ଭଳି ଜୀବମାନେ ବଞ୍ଚିବେ। ନୃପତିର କିଛି ବେଉସା ନାହିଁ। ନେତା ନ ହୋଇକି ବି ସେ ସବୁବେଳେ ଖଦଡ ପାଇଜାମା ପିନ୍ଧେ। ମୁଣ୍ଡରେ ନେହେରୁ ଟୋପି। ଆଉ କାମ ହେଲା ଲୋକ ଯୋଗାଡ କରିବା। ନିର୍ବାଚନ ଆସିଲେ ସେ ବିଭିନ୍ନ ଦଳ ଲାଗି ଲୋକ ଯୋଗାଡ କରେ। ନିର୍ବାଚନୀ ସଭାକୁ, ନାମାଙ୍କନ ଦାଖଲ ପାଇଁ, କେବେକେବେ ସଭାସମିତି, ରାଲି ଆଦି ଲାଗି ନୃପତି ସହଜରେ ଲୋକ ଯୋଗାଡ କରେ। ଏଇ କାରଣରୁ ସବୁ ଦଳ ପାଇଁ ସେ ଦରକାରୀ। କିନ୍ତୁ ପକ୍କା ବେପାରୀ। ମୁଣ୍ଡ ପିଛା ଠନଠନ କରି ପଇସା ନେବ। ପ୍ରଚାର ଗାଡିରେ ଯିବା, ପୋଷ୍ଟର ମାରିବା, ବାନା ବାନ୍ଧିବା, ପଦଯାତ୍ରା, ବିକ୍ଷୋଭ, ଶାନ୍ତି ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଏମିତି ଅଲଗା ଅଲଗା କାମ ପାଇଁ ସେ ସହଜରେ ସେଇ ଅନୁଯାୟୀ ଲୋକ ଯୋଗାଡ କରିଦେଇପାରେ। ଏସବୁରୁ ସେ ବର୍ଷ ତମାମ ବଞ୍ଚିବା ଲାଗି ଅର୍ଥ ଯୋଗାଡ କରେ। ତା' ବାଦେ ତା'ର ଚିହ୍ନା ଥିବା ଅଞ୍ଚଳରେ ଅଦୃଶ୍ୟରେ ହେଉଥିବା ଭୋଟ କିଣାବିକା ଲାଗି ବି ଭୋଟରଙ୍କ ମୁଣ୍ଡ ପିଛା ବିଭିନ୍ନ ଦଳରୁ ଟଙ୍କା ଆଣି ତା'ର ଅଧା ଅର୍ଥ ଲୋକଙ୍କ ଭିତରେ ବାଣ୍ଟେ। ଏମିତିରେ କାହାରି ଅଭାବ ଅସୁବିଧା ବେଳେ ଗାଁ ଲୋକଙ୍କ ନିକଟରେ ଠିଆ ହୁଏ ଠିକ୍ ନେତା ଭଳି। କେବଳ ବିଶ୍ୱସନୀୟତା ନ ହରାଇବା ଲାଗି। ଏମିତି କି ନିର୍ବାଚନ ଋତୁ ପରେ ବି ଛୋଟମୋଟିଆ ଚାକିରିଆଙ୍କ ବଦଳି ଲାଗି ରାଜଧାନୀ ଯାଇ ଯେନତେନ କାମ କରେ। କେବେ କେବେ ସଫଳ ହୁଏ। ପୁଣି କେବେ କେବେ ଅସଫଳ ହେଲେ ଗାଳିମାଡ଼ ଖାଏ। ତଥାପି ତା'ର ବୃତ୍ତି ପ୍ରତି ଆନୁଗତ୍ୟ ସବୁବେଳେ ରହିଆସିଛି।

କେବଳ ନୃପତି ନୁହଁ, ଏବେ ସବୁ ଗାଁ ଗହଳିରେ ଏମିତି ଭୋଟର ମାଫିଆ ହାଉଯାଉ। ସେମାନେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ତଳସ୍ତରରେ କାମ କରନ୍ତି। ନେତା ସିନା ଫୁଲମାଳ ପିନ୍ଧି ଗାଁକୁ ଗାଁ, ସାହିକୁ ସାହି ବୁଲି ଭୋଟ ଭିକ୍ଷା କରିଚାଲନ୍ତି। କିନ୍ତୁ ଅସଲ ଖେଳ ଏଇ ଜାତୀୟ ଜୀବମାନେ କରନ୍ତି। କାହାକୁ କ'ଣ ଦେଇ ତୁଷ୍ଟ କରିବେ ସେଥିନେଇ ମୁଣ୍ଡ ଖଟାନ୍ତି। ସବୁ ଉଦ୍ୟମ ସତ୍ତ୍ୱେ ଲୋକଙ୍କ ମୋହ ନ ତୁଟିଲେ ନିଜ ସପକ୍ଷରେ ମତ ବୁଲାଇବା ଲାଗି ରାତି ଅଧିଆ କାମରେ ଲାଗିଯାନ୍ତି। ପୋଲିସ ପ୍ରଶାସନର କଡା ନଜର ସତ୍ତ୍ୱେ ସମସ୍ତଙ୍କୁ ଚକ୍‌ମା ଦେଇ ଟଙ୍କାଠାରୁ ଆରମ୍ଭ କରି ଲୁଗା, ଜିନିଷ, ଖେଳ ସାମଗ୍ରୀ ଭଳି ବହୁ ପ୍ରକାର ପ୍ରଲୋଭନରେ ବଶୀଭୂତ କରିବାକୁ ଚେଷ୍ଟା କରନ୍ତି। ଏମିତିକି ଭାବାବେଗକୁ ନେଇ ଠାକୁରଙ୍କ ନିକଟରେ ବି ଶପଥ କରାଇ ଭୋଟ ଦେବାକୁ ବିବଶ କରାଇପାରନ୍ତି। ଏଇକ୍ରମରେ ସେମାନେ ନିଜେ ମାଲାମାଲ ହୋଇଯାନ୍ତି। ନିଜର ଖର୍ଚ୍ଚପାଣି ଉଠାଇ ଦିଅନ୍ତି।

ଖଣି ମାଫିଆ, ଜାଗା ମାଫିଆ, ଦେହ ମାଫିଆ, ସାଂସ୍କୃତିକ ମାଫିଆଙ୍କ ଭଳି ଭୋଟର ମାଫିଆମାନେ ନିର୍ବାଚନ ଋତୁରେ ପୂରା ସକ୍ରିୟ। ଏମାନଙ୍କୁ ଛାଡି ନେତାମାନେ ରାଜନୀତି କରି ପାରିବେନି। ଏମାନଙ୍କ ତୁଷ୍ଟୀକରଣ ନେତାଙ୍କ ପ୍ରଥମ କାମ। ନେତା ଓ ଭୋଟର ମଧ୍ୟରେ ଏମାନେ ସେତୁ ଭଳି କାମ କରନ୍ତି। ଜିତିଲା ପରେ ନିର୍ବାଚନ ମଣ୍ଡଳୀକୁ କେବେ ଯିବାକୁ ହେଲେ ଏମାନେ ମୁଖ୍ୟତଃ କାର୍ପେଟଦାର ସାଜିଥାନ୍ତି। ଲୋକଙ୍କୁ ଯୋଗାଡ କରି ଏକାଠି କରିବା। ନେତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା। ର୍ୟାଲି କରାଇ ବୁଲେଇବା କାମ ପାଇଁ ତ ପୁଣି ନେତାଙ୍କୁ ଲୋକ ଦରକାର। ଅନ୍ତତଃ ଏଇ ସବୁ କାମ ଲାଗି ନେତାମାନେ ଏଇ ଭୋଟର ମାଫିଆମାନଙ୍କ ସୁବିଧା ଅସୁବିଧା ବୁଝି ପାଖରେ ରଖିଥାନ୍ତି। ଅବଶ୍ୟ ଅର୍ଥ ଅଧିକ ମିଳିଲେ ବହୁରୂପୀ ଭଳି ରଙ୍ଗ ବଦଳେଇ ପାରନ୍ତି ଏମାନେ ସହଜରେ। ନୃପତି ଅବଶ୍ୟ ସଚ୍ଚୋଟ ଭୋଟର ମାଫିଆ। କାରଣ ସେ ଯାହାର ଖାଏ ତା'ର ଗାଏ। ସେଇ ଅନୁରୂପ କାମ କରେ। କିନ୍ତୁ ଏବେ ଆପଣଙ୍କ ଚାରିପାଖରେ ନୃପତି ଭଳି ଗୁଡାଏ ଭୋଟର ମାଫିଆ ସକ୍ରିୟ ହୋଇସାରିଥିବେ। ସୁତରାଂ ସାବଧାନ! ପ୍ରଭାବିତ ନ ହୋଇ ନିଜ ବିବେକାନୁମୋଦିତ ଭୋଟ ଦିଅନ୍ତୁ। ଭଲ ଲୋକଙ୍କୁ ବାଛନ୍ତୁ। ଗଣତନ୍ତ୍ରକୁ ସୁଦୃଢ କରନ୍ତୁ।

ଇନ୍ଦିରା ନଗର, ରାୟଗଡ଼ା, ମୋ–୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ଗୁଜରାଟରେ ଏପ୍ରିଲ ୨୨ରେ ଏକ ବିବାହ ଉତ୍ସବ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ନିମନ୍ତ୍ରଣପତ୍ର ମଧ୍ୟ ବଣ୍ଟା ସରିଛି। ତେବେ ଏହା ସାଧାରଣ ବିବାହ ନୁହେଁ। ଏଥିରେ ଗୋଟିଏ ବେଦିରେ ୨ କନ୍ୟାଙ୍କୁ ବିବାହ କରିବେ ଜଣେ ବର ଏବଂ ବରଯାତ୍ରୀ ହେବେ ତାଙ୍କର ଜନ୍ମିତ ୩ ସନ୍ତାନ। ସେ ହେଉଛନ୍ତି ପାଲଘର ବାସିନ୍ଦା ସଞ୍ଜୟ ଧାଗଡ଼ା। ସେ ରିକ୍ସା ଚଳାନ୍ତି। ୧୦ ବର୍ଷ ତଳେ ବେବିଙ୍କ ସହିତ ତାଙ୍କର ଦେଖାହୋଇଥିଲା। ଚିହ୍ନା ପରିଚୟରୁ ପ୍ରେମସମ୍ପର୍କ। ପରେ ସେମାନେ ପଇସାପତ୍ର ଅଭାବରୁ ବିବାହ ନ କରି ଦୁହେଁ ଏକତ୍ର ରହିଲେ। ଉକ୍ତ ଦମ୍ପତିଙ୍କର ବର୍ତ୍ତମାନ ୩ ସନ୍ତାନ। ଏହାପରେ ୨୦୧୧ରେ ସଞ୍ଜୟ ଏକ କମ୍ପାନୀରେ ଚାକିରି କରୁଥିବାବେଳେ ସାଥୀ ରୀନାଙ୍କ ସହିତ ତାଙ୍କର କିଛିଦିନ ତଳେ ଦେଖା ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଲା। ଏବେ ସଞ୍ଜୟ, ବେବି ଏବଂ ରିନା ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣପତ୍ର ଦିଆସରିଛି। ଏହି ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୯୪

- ଦୀର୍ଘ ୮ବର୍ଷ ଧରି ଚାଲି ଆସିଥିବା ଉରୁଗୁଏ ପର୍ଯ୍ୟାୟ ବାଣିଜ୍ୟ କଥାବାର୍ତ୍ତାର ପରିସମାପ୍ତି ଘଟାଇବାକୁ ଯାଇ ବିଶ୍ୱ ବାଣିଜ୍ୟ ସଂକ୍ରାନ୍ତ ବହୁଚର୍ଚ୍ଚିତ 'ଗାଟ୍' ରାଜିନାମା ସ୍ୱାକ୍ଷରିତ ହୋଇଛି।
- ଉଚ୍ଚ ପର୍ଯ୍ୟାୟର ବାଣିଜ୍ୟ ଏବଂ ପ୍ରଯୁକ୍ତି ସହଯୋଗ ପ୍ରତିଷ୍ଠା ପାଇଁ ଭାରତ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ରୁଆଣ୍ଡାର ସରକାରୀ ସୈନ୍ୟ ଓ ବିଦ୍ରୋହୀ ରୁଆଣ୍ଡା ପାଟ୍ରିଓଟିକ ଫ୍ରଣ୍ଟର ସୈନ୍ୟମାନଙ୍କ ମଧ୍ୟରେ ରାଜଧାନୀ କିଗାଲିଠାରେ ଭୟାବହ ସଂଘର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତେ ଭୋଟ ଦିଅନ୍ତୁ

ମହାଶୟ,

ଏବେ ସାଧାରଣ ନିର୍ବାଚନ ଚାଲିଛି। ତେବେ ଦୁଃଖର ବିଷୟ। ଯୁବବର୍ଗଙ୍କ ମଧ୍ୟରୁ ଅନେକେ ଭୋଟ ଦେବାକୁ ଅନିଚ୍ଛୁକ। ଏକ ରିପୋର୍ଟ ଅନୁଯାୟୀ, ଗତ ସାଧାରଣ ନିର୍ବାଚନରେ ଭାରତରେ ୬୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଓଡ଼ିଶାରେ ଏହା ୭୩ ପ୍ରତଶତ ଥିଲା। ମତଦାନ କରି ନ ଥିବା ଜନସାଧାରଣଙ୍କ ମଧ୍ୟରୁ ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ଆଶାକରେ, ଚଳିତ ସାଧାରଣ ନିର୍ବାଚନର ଅବଶିଷ୍ଟ ପର୍ଯ୍ୟାୟଗୁଡ଼ିକରେ ଯୁବବର୍ଗ ତଥା ସମସ୍ତ ଭୋଟର ବିପୁଳ ପରିମାଣରେ ମତଦାନ କରିବେ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି

ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ଷ୍ଟାର ପ୍ରଚାରକମାନେ ନିଜ ଦଳ ବା ସରକାରଙ୍କ ସଫଳତା ଓ ପ୍ରତିପକ୍ଷଙ୍କ ବିଫଳତା ବଖାଣିବାରେ ଲାଗିଛନ୍ତି। କିନ୍ତୁ ନିଜ ଦଳ ବା ସରକାର ପାଞ୍ଚବର୍ଷ ପୂର୍ବେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ ପାଳନ କରିଛନ୍ତି, ସେ ସମ୍ପର୍କରେ କିଛି କହୁନାହାନ୍ତି। ପୂର୍ବ ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଶାସକ ଦଳ ନିଜର ନିର୍ବାଚନୀ ପ୍ରତିଶ୍ରୁତିରୁ କେତେ ପ୍ରତିଶତ ପାଳନ କରିଛନ୍ତି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭୋଟରଙ୍କ ନିକଟରେ ଉପସ୍ଥାପନ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ରାଜନେତା ଓ ଚିଟ୍‌ଫଣ୍ଡ

ଏବେ ରାଜ୍ୟରେ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ଚାଲିଛି। ନେତାମାନେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଅନେକ ତୁଷ୍ଟୀକରଣ ଯୋଜନା ଘୋଷଣା କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜ୍ୟରେ ଏକ ଅଦିନିଆ ଝଡ ପରି ଚିଟ୍‌ଫଣ୍ଡ ଠକାମିକୁ ନେଇ ଆନ୍ଦୋଳନ ଦାନା ବାନ୍ଧିଥିଲା। ଏ ଠକ ସଂସ୍ଥାଗୁଡ଼ିକ ସହ କିଛି ନେତା ହାତ ମିଳାଇ ଏବଂ ତାଙ୍କ ସହ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ହୋଇ ସଂସ୍ଥାର ଗ୍ରହଣୀୟତା ବଢାଇଥିଲେ। ଚିଟ୍‌ଫଣ୍ଡ ଓ ରାଜନୈତିକ ଦଳର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏକ ଏବଂ ଅଭିନ୍ନ ପରି ମନେହୁଏ। ତେଣୁ ଜନସାଧାରଣ ଏପରି ଠକ ସଂସ୍ଥାଗୁଡ଼ିକଠାରୁ ଦୂରରେ ଥିବା ସଚ୍ଚୋଟ ନେତାଙ୍କୁ ଭୋଟ ଦିଅନ୍ତୁ।

ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଘୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ଡବଲ୍ ଇଞ୍ଜିନ ରାଜ୍ୟରେ ଆଣିବ ବିକାଶ

## ସଂକ୍ଷେପରେ

### ବୋଲେରୋ-ବାଇକ୍ ମୁହାଁମୁହିଁ, ୨ ମୃତ

ଉତ୍ତ୍ୟକ୍ତ ଲୋକେ ପୋଡ଼ିଦେଲେ ଗାଡ଼ି

**ମାଲକାନଗିରି,୧୫।୪(ଡି.ଏନ.ଏ):** ମାଲକାନଗିରି ଜିଲା ପୋଟେରୁ କଲେଜ ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ବୋଲେରୋ-ବାଇକକୁ ମୁହାଁମୁହିଁ ଧକ୍କା ହେବା ଯୋଗୁ ଘଟଣା ସ୍ଥଳରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ବୋଲେରୋ ଡ୍ରାଇଭର ଆହତ ହୋଇଛନ୍ତି। ଉଭୟ ବାଇକ ଆରୋହୀଙ୍କ ମୃତ୍ୟୁ ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଦୁଇ ମୃତକ ହେଲେ ଗୁମୁକା ପଞ୍ଚାୟତର ଏମଭି-୬୫ ଗ୍ରାମର ଯୋଗେଶ ଗାଇନଙ୍କ ପୁଅ ଶ୍ୟାମଲ ଗାଇନ ଓ ଏମପିଭି-୧୩ ଗ୍ରାମର ମଣିନ୍ଦ୍ର ଦାସଙ୍କ ପୁଅ ମେଘନାଦ ଦାସ ବୋଲି ଜଣାପଡିଛି । ପୋଟେରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା ଜାରି ରଖିଛି। ଖବର ଲେଖା ହେବାଯାଏ ସେଠାରେ ପରିସ୍ଥିତି ଅଣାୟତ ରହିଛି ।

### ୩ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ପାରତାପୁର ଘାଟି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର, ହେଲ୍‌ପର ମୃତ

**ରାୟଗଡା ଅଫିସ୍, ୧୫।୪:** ରାୟଗଡ଼ା ଓ ଶେଷଖାଲ ଥାନା ଅଞ୍ଚଳରେ ସୋମବାର ପୃଥକ ସ୍ଥାନରେ ୩ଟି ଟ୍ରକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ପଡୋଶୀ ରାଜସ୍ଥାନ ରାଜ୍ୟ ବିଲବାଡା ଜିଲା ମନୋହରଗଡ ଗ୍ରାମର ଭବର ସିଂ ମୀନା(୫୦) ଓ ସୁରେଶ ମୀନା(୩୦) । ଆହତ ଜଣକ ହେଲେ ହରିଶ ଲାଲ। ପ୍ରକାଶ ଯେ, ବିଶାଖାପାଟଣା ବନ୍ଦରରୁ କୋଇଲା ବୋଝେଇକରି ୭ଟି ଟ୍ରକ୍ ରାୟଗଡ଼ାକୁ ଆସୁଥିଲା। ସୋମବାର ଭୋରରୁ ୩ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଥମେ ରାୟଗଡା ସହରର ଝଞ୍ଜାବତୀ ନଦୀ ଉପରେ ଥିବା ପୋଲରେ ଗୋଟିଏ ଟ୍ରକ୍ (ଓଡି-୨୩ସି-୮୮୪୧) ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ପୋଲ ନିକଟରେ ଥିବା ସୁରକ୍ଷା ପାଚେରିରେ ବାଡେଇ ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ହରିଶ ଲାଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେହିପରି ଶେଷଖାଲ ଥାନା ପାରତାପୁର ଘାଟିରେ ସୋମବାର ଭୋର ପ୍ରାୟ ୫ଟାରେ ଏକ କୋଇଲା ବୋଝେଇ ଟ୍ରକ୍ (ଆର୍‌ଜେ-୦୬ଜିଏ-୭୬୮୧) ଭାରସାମ୍ୟ ହରାଇ ଓଲଟି ପଡି ଏକ ଗଛରେ ପିଟି ହୋଇ ଯାଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଭବର ସିଂ ମୀନା ଓ ହେଲ୍‌ପର ସୁରେଶ ମୀନା ପ୍ରାଣ ହରାଇଛନ୍ତି। ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ସୂଚନା ଦେଇଛି। ସେହିଭଳି ଅତଡା ଗାଁ ନିକଟରେ ଆଉ ଏକ ଟ୍ରକ୍(ଏପି-୦୭-ଟିଏମ୍-୮୧୮୯) ନିୟନ୍ତ୍ରଣ ହରାଇ ଏକ ଚାଷ ଜମିରେ ଓଲଟି ପଡିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏନେଇ ରାୟଗଡା ଥାନା ଓ ଶେଷଖାଲ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ତପନ କୁମାର ରଥ କହିଛନ୍ତି।

---

**ରାଉରକେଲା ଅଫିସ/ଫୁଲବାଣୀ ଅଫିସ/ଅନୁଗୋଳ ଅଫିସ, ୧୫।୪**



ରାଉରକେଲା ସମାବେଶରେ ଉପସ୍ଥିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଅନ୍ୟ ନେତୃମଣ୍ଡଳୀ।

**ନିର୍ବାଚନୀ ସଭାରେ ଯୋଗୀ ଆଦିତ୍ୟନାଥ**
- ରାଉରକେଲା, ଅନୁଗୋଳ, ଫୁଲବାଣୀରେ ସାଧାରଣ ସଭାରେ ଯୋଗ ଦେଲେ
- ଭାଜପା ଆସିଲେ ବିକାଶର ନୂଆ ଓଡିଶା ନିର୍ମାଣ ସଫଳ ହେବ
- ଚିଟଫଣ୍ଡରେ ସମ୍ପୃକ୍ତ ନେତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ରାଜ୍ୟ ସରକାର

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ତାରିଖରେ ହେବ। ଏହି ପର୍ଯ୍ୟାୟରେ ହେଉଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ଏହିକ୍ରମରେ ଭାଜପା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିବାକୁ ସୋମବାର ଓଡ଼ିଶା ଗସ୍ତରେ ଆସିଥିଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ପ୍ରଥମେ ରାଉରକେଲା ପରେ ଅନୁଗୋଳ ଓ ଶେଷରେ ଫୁଲବାଣୀ ଠାରେ ଆୟୋଜିତ ଦଳର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଯୋଗୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଆସିଲେ ବିକାଶର ଶୀର୍ଷରେ ପହଞ୍ଚିବ ବୋଲି କହିଥିଲେ।

ଯୋଗୀ ପ୍ରଥମେ ରାଉରକେଲା ଏୟାର ଷ୍ଟ୍ରିପ ନିକଟ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବାସ୍ତବ ବିକାଶ ପାଇଁ ଏଠିକାର ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରୁନାହାନ୍ତି। ସମ୍ପଦର ସଦୁପଯୋଗ କଲେ ଜନତାଙ୍କ ସାମୂହିକ ମଙ୍ଗଳ ହେବ। ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଅର୍ଥକୁ ମଧ୍ୟ ଖର୍ଚ୍ଚ କରିପାରୁନାହାନ୍ତି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେଲେ ପ୍ରତ୍ୟେକ ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଯୋଗୀ କହିଥିଲେ। ଏହି ଅବସରରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଓ ନବୀନ ନିଜ ଆସନରୁ ଜିତିବେ ନା ନାହିଁ ସେ ନେଇ ଆଶଙ୍କାରେ ପଡ଼ିଛନ୍ତି। ସେଥିପାଇଁ ରାହୁଲ ତାଙ୍କ ପାରମ୍ପରିକ ଆସନ ଅମେଠି ସହ ୱାୟନାଡ୍‌ରେ ମଧ୍ୟ ନିର୍ବାଚନ ଲଢୁଛନ୍ତି। ନବୀନ ମଧ୍ୟ ତାଙ୍କ ଆସନ ହିଞ୍ଜିଳି ସହ ବିଜେପୁରରୁ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ଉପରୁ ଲୋକେ ଆସ୍ଥା ହରାଇଛନ୍ତି। ଏପରି ଅବସ୍ଥାରେ ନରେନ୍ଦ୍ର ମୋଦିଙ୍କୁ ଆଉ ଥରେ କ୍ଷମତାକୁ ଆଣିବାକୁ ଯୋଗୀ ନିବେଦନ କରିଥିଲେ। ଏକ ସମୃଦ୍ଧ ଭାରତ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ସେ ଆହ୍ୱାନ ଦେଇଥିଲେ।

ପରେ ଅନୁଗୋଳସ୍ଥିତ ବିଜୁ ମଇଦାନରେ ଆୟୋଜିତ ସମାବେଶରେ ଯୋଗୀ ପହଞ୍ଚି ଜୟ ଜଗନ୍ନାଥରୁ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଆରେ ଜନତାଙ୍କୁ ନମସ୍କାର କରିବା ସହ ସଭାସ୍ଥଳରେ ଥିବା ମା' ଓ ବରିଷ୍ଠଙ୍କୁ ପ୍ରଣାମ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମା' ହିଙ୍ଗୁଳାଙ୍କ କ୍ଷେତ୍ରରେ ବହୁତ ମୂଲ୍ୟବାନ ସମ୍ପତ୍ତି ରହିଛି। ଖାଲି ଏଠାରେ ନୁହେଁ, ସମଗ୍ର ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ଯୁବଶକ୍ତିରେ ପରିପୂର୍ଣ୍ଣ। କିନ୍ତୁ ରାଜ୍ୟରେ ଯୋଗ୍ୟ ସରକାର ନ ଥିବା କାରଣରୁ ଓଡ଼ିଶାର ବିକାଶ ହୋଇପାରୁନାହିଁ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧା ଟାର୍ଗେଟ କରି ଗରିବଙ୍କ ଝାଳବୁହା ଧନ ଚିଟ୍‌ଫଣ୍ଡ କମ୍ପାନୀକୁ ଟେକି ଦେଇଥିବା ଅଭିଯୋଗ କରିଥିଲେ। ଏପରି କି ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ନେତା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରି ନବୀନ ପ୍ରୋତ୍ସାହିତ କରୁଛନ୍ତି ବୋଲି ଯୋଗୀ କହିଥିଲେ। ଏହାପରେ ଯୋଗୀ କେନ୍ଦ୍ର ସରକାରଙ୍କ ସଫଳତା ବଖାଣିଥିଲେ। ଅନୁଗୋଳ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୭ କୋଟି ଗରିବ ମହିଳାଙ୍କୁ ବିନା ଦେୟରେ ଉଜ୍ଜଳା ଯୋଜନାରେ ସାମିଲ କରିଥିବାରୁ ମହିଳାମାନଙ୍କ ଓଠରେ ହସ ଖେଳିଛି ବୋଲି କହିଥିଲେ। ଭାଜପା କେନ୍ଦ୍ରରେ ସରକାର ଗଢ଼ିବା ପରେ କୌଣସି ଦୁର୍ନୀତି ହୋଇନାହିଁ ବରଂ ଦେଶର ବିକାଶରେ କାର୍ଯ୍ୟ କରିଛି। ଓଡ଼ିଶାରେ ରେଲୱେ, ପେଟ୍ରୋଲ, ହାଇୱେ, ବିମାନବନ୍ଦର ଭଳି ଅନେକ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଆତଙ୍କବାଦୀ, ମାଓବାଦୀଙ୍କୁ ମୋଦି ସରକାର କଡ଼ା ଜବାବ ଦେଇଛନ୍ତି। ଭାଜପା ଦେଶକୁ ସୁରକ୍ଷା ଦେବା ସହ ସମୃଦ୍ଧି ଓ ବିକାଶ କରୁଛି। ଗରିବ, ଚାଷୀ, ଯୁବକ ଓ ମହିଳାଙ୍କ ପାଇଁ ବଡ଼ ବଡ଼ କାର୍ଯ୍ୟ କରୁଛି। ତେଣୁ ଓଡ଼ିଶାରେ ଭାଜପା ସରକାର ହେବା ଆବଶ୍ୟକ ବୋଲି ଯୋଗୀ କହିଥିଲେ।

ଶେଷରେ ଫୁଲବାଣୀ କରୋନେଶନ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଯୋଗୀ କହିଥିଲେ, ଓଡିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏଠାର ଯୁବକ ପ୍ରତିଭାବାନ । ସେମାନେ ନିଜ ପ୍ରତିଭା ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀର ବିକାଶରେ ଲଗାଉଛନ୍ତି। ହେଲେ ନିଜ ଅଞ୍ଚଳରେ ପ୍ରତିଭାର ସମ୍ମାନ ନାହିଁ। ଓଡ଼ିଶାରେ ଭାଜପା ସରକାର ଥିଲେ କନ୍ଧମାଳର ଯୁବକ ରାଜ୍ୟ ବାହାରକୁ ଖଟିବାକୁ ଯାଇ ନ ଥାନ୍ତେ। ଦିନେ ମହାନ ଓଡିଶା ସ୍ୱପ୍ନ ଦେଖିଥିବା ବିଜୁ ବାବୁଙ୍କୁ ଏହା ବେଶି କଷ୍ଟ ଦେଉଥିବ। ତାଙ୍କ ସ୍ୱପ୍ନକୁ ଧୂଳିସାତ କରିଛି ବିଜେଡି ସରକାର । ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା କେନ୍ଦ୍ରରେ ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ଗତ ୫ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶର ଦେଢ଼ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ, ୪ କୋଟି ପରିବାରକୁ ନିଶୁଳ୍କ ବିଦ୍ୟୁତ୍ ସେବା, ୭ କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ସାଢ଼େ ୧୨ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ୬ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା, ୩୭ କୋଟି ଗରିବଙ୍କ ପାଇଁ ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବା, ୧୫କୋଟି ଯୁବକଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଆର୍ଥିକ ସ୍ୱାବଲମ୍ବୀ ପାଇଁ ପଦକ୍ଷେପ, ୫୦ କୋଟି ଗରିବଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ଭଳି ଅନେକ ଜନହିତକର ଯୋଜନା କରିଛନ୍ତି। ଏହା କିଛି ଜାତିକୁ ଦେଖି କରାଯାଇନାହିଁ। ଦେଶର ପ୍ରତ୍ୟେକଙ୍କ ହିତଙ୍କ ପାଇଁ ହୋଇଛି। ତୁଷ୍ଟିକରଣ ନୀତିରେ ଭାଜପା ବିଶ୍ୱାସ କରେନାହିଁ ବୋଲି ଯୋଗୀ କହିଥିଲେ। ଏଥିସହ ଓଡିଶାରେ ଏବେ ସମସ୍ତେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଯୋଗୀ କହିଥିଲେ । ୩ଟି ଯାକ ସଭାରେ ଯୋଗୀ ଦଳୀୟ ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କହିଥିଲେ।

---

# ପୂର୍ବତନ ମନ୍ତ୍ରୀ, ବିଧାୟକ, ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ

**ପ୍ରଫୁଲ୍ଲ ଘଡ଼େଇ ବିଜେଡି ଉପସଭାପତି ନିଯୁକ୍ତ**

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ବାକି ୩ଟି ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବାରୁ ଅସନ୍ତୁଷ୍ଟ ନେତାମାନଙ୍କୁ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ଥଇଥାନ କରି ସନ୍ତୁଷ୍ଟ କରିବା ପାଇଁ ବିଜେଡି ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଟିକେଟ ଆଶାୟୀ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସାଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଘଡ଼େଇଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ନିକଟରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। ଏଥିସହିତ ଘଡ଼େଇଙ୍କୁ ଖୋର୍ଦ୍ଧା, ରଣପୁର ଏବଂ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ, ନିରଞ୍ଜନ ପୂଜାରୀ, ଅର୍କକେଶରୀ ସିଂଦେଓଙ୍କୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ରଙ୍କୁ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ମନୋଜ ନାୟକଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ବିଜେଡି ସାଧାରଣ ସମ୍ପାଦକ, ପ୍ରକାଶ ଦାଶଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଯୁଗଳ ନାୟକଙ୍କୁ କଟକ ସଂସଦୀୟ କ୍ଷେତ୍ରର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ଦିଲ୍ଲୀପ ଦୁରିଆଙ୍କୁ ସମ୍ବଲପୁର ଓ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରେଢ଼ାଖୋଲ ଓ ରାଜନଗର ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ମୋବିନ, ଝାରସୁଗୁଡ଼ା ଓ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶୈଳେଶ ଦାନି, ବଣାଇ ଓ ବଡ଼ସାହି ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ସହିଦ, ତଳସରା ଓ ଆଳି ସହ ପର୍ଯ୍ୟବେକ୍ଷକ ଭାବେ ପଲ୍ଲବ ଲିମା, ସୁନ୍ଦରଗଡ଼ ଓ ଛେଣ୍ଡିପଦା ସହ ପର୍ଯ୍ୟବେକ୍ଷକ ଭାବେ ଭୀମସେନ ମୁଦୁଲିଙ୍କୁ ନିଯୁକ୍ତି ଦିଆଯାଇଛି। ବୀରମହାରାଜପୁର ଓ ବାଙ୍ଗିରୀପୋଷି ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଲୋଇସିଂହା ଓ ଉଦଳା ସହ ପର୍ଯ୍ୟବେକ୍ଷକ ଭାବେ ଅନୁସୂୟା ମାଝି, ଆନନ୍ଦପୁର ଓ ବାରିପଦା ସହ ପର୍ଯ୍ୟବେକ୍ଷକ ଭାବେ ସନ୍ତୋଷ ବେଜ, କେନ୍ଦ୍ରାପଡ଼ା ସହ ପର୍ଯ୍ୟବେକ୍ଷକ ଭାବେ ଅଂଶୁମାନ ରଶ୍ମି ସାଗର ଏବଂ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଶୁଭ୍ରାଂଶୁ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ମହେନ୍ଦ୍ର ମିଶ୍ର, ପ୍ରସନ୍ନଜିତ ସିଂହ, କମଳାକାନ୍ତ ମହାପାତ୍ରଙ୍କୁ ବିଜେଡି ସାଂଗଠନିକ ସମ୍ପାଦକ ଏବଂ ସରୋଜିନୀ ଦାସଙ୍କୁ ମହିଳା ବିଜେଡି ସାଙ୍ଗଠନିକ ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଥିବାବେଳେ ବିଜେଡି ସଂଖ୍ୟାଲଘୁ ସେଲ ଉପସଭାପତି ଭାବେ ମୀର୍‌ଖାଦିମ ବକ୍ସ ଓ ବିଜେଡି ଯୁବ ସଂଖ୍ୟା ଲଘୁ ସେଲ କଟକ ଜିଲା ଉପସଭାପତି ଭାବେ ଜାକିର ଖାଁଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ରତିକାନ୍ତ ସାହାଣୀ ଓ ସରୋଜକାନ୍ତ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି, ସୂର୍ଯ୍ୟ ମହାନ୍ତିଙ୍କୁ ସମ୍ପାଦକ, ଅକ୍ଷୟ କୁମାର ମେକାପଙ୍କୁ କାର୍ଯ୍ୟକାରୀ ସଭାପତି, ଚିତ୍ତରଞ୍ଜନ ବେହେରାଙ୍କୁ କେନ୍ଦ୍ରାପଡ଼ା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି, ଗୌତମ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସମ୍ପାଦକ, ଦୁର୍ଗା ପ୍ରସାଦ ପତିଙ୍କୁ କେନ୍ଦ୍ରାପଡ଼ା ଜିଲା ବିଜେଡି ଉପସଭାପତି, ଶୁଭ୍ରାଂଶୁ ଭୂଷଣ କରଙ୍କୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଏବଂ ଦେବାଶିଷ ପଣ୍ଡାଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

ଅନୁରୂପ ଭାବେ କେନ୍ଦ୍ରାପଡ଼ା ଜିଲା ମହିଳା ବିଜେଡି ସାଂଗଠନିକ ସମ୍ପାଦକ ଭାବେ ସବିତା ସାହୁ ଓ ମନୋରମା ଭୂୟାଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ରତିକାନ୍ତ ସାମନ୍ତରାୟଙ୍କୁ ଜିଲା ଯୁବ ବିଜେଡି ସାଂଗଠନିକ ସମ୍ପାଦକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଏସସି ସେଲ ସମ୍ପାଦକ ଭାବେ ସୁଦାମ ମଲ୍ଲିକ ଏବଂ ସଞ୍ଜୟ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଯୁବ ସଂଖ୍ୟାଲଘୁ ସେଲ ସଭାପତି ଭାବେ ମହମ୍ମଦ ଅମୀରଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଛି ବୋଲି ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

---

# ସତ୍ୟପାଠ ଦାଖଲ କଲେ ଆବେଦନକାରୀ

**କଟକ ଅଫିସ, ୧୫।୪**

- କାନ୍ଧରେ ବସ୍ତାନି ବୋଝ
- ଗାଇଡ୍‌ଲାଇନ ମାନୁନି ସ୍କୁଲ

ସ୍କୁଲକୁ ଯାଉଥିବା କୋମଳମତି ପିଲାଙ୍କ କାନ୍ଧରୁ ବସ୍ତାନିର ବୋଝ ହାଲୁକା କରିବା ପାଇଁ ସରକାର ଯେଉଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି ତାହାକୁ ସ୍କୁଲଗୁଡ଼ିକ ମାନୁନାହାନ୍ତି। ପୂର୍ବବତଃ ବହି ବିକ୍ରି ଚାଲିଛି। ତେଣୁ ଏଥିପ୍ରତି ସ୍କୁଲଗୁଡ଼ିକ ସଚେତନ ନ ହେବା ଆଇନର ଉଲ୍ଲଂଘନ ବୋଲି ଆବେଦନକାରୀ ଆଡଭୋକେଟ କହ୍ନେୟାଲାଲ ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ପିଲାମାନଙ୍କର ବୟସ ଓ ଶରୀରର ଓଜନ ଅନୁଯାୟୀ ସେମାନଙ୍କ କାନ୍ଧରେ ଯାଉଥିବା ବସ୍ତାନିର ଓଜନ ଅଧିକ ହେଉଥିବା ନେଇ ଆବେଦନକାରୀ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଶର୍ମା ଦର୍ଶାଇଥିଲେ ଯେ, ବୟସ ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉନାହିଁ। ଫଳରେ ଓଜନିଆ ବ୍ୟାଗ କାନ୍ଧରେ ନେବା ଦ୍ୱାରା ପିଲାମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏପରି କି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ ଅକ୍ଟୋବର ମାସରେ ଏ ନେଇ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲେ ମଧ ଏହାକୁ ରାଜ୍ୟରେ ଅନୁପାଳନ କରାଯାଉ ନ ଥିବା ଶର୍ମା ଦର୍ଶାଇଥିଲେ। ଫଳରେ ହାଇକୋର୍ଟ ସରକାରଙ୍କଠାରୁ ଏ ସମ୍ପର୍କରେ ରିପୋର୍ଟ ମାଗିଥିଲେ। ପିଲାଙ୍କ କାନ୍ଧରୁ ବସ୍ତାନି ବୋଝ ହାଲୁକା କରିବା ପାଇଁ ଫେବୃୟାରୀ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଗାଇଡ୍‌ଲାଇନ ଉପରେ ଆଲୋଚନା ମଧ ହୋଇଥିଲା। ଏହି ଗାଇଡ୍‌ଲାଇନକୁ ଆଧାର କରି ରାଜ୍ୟ ସରକାର ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିବା ନେଇ ହାଇକୋର୍ଟଙ୍କୁ ସତ୍ୟପାଠ ମାଧମରେ ଗତ ମାର୍ଚ୍ଚ ୧୧ ତାରିଖରେ ଅବଗତ କରାଇଥିଲେ। ସରକାରଙ୍କ ଜବାବ ଦାଖଲ ପରେ ଆବେଦନକାରୀ ଆଡଭୋକେଟ ଶର୍ମା ପ୍ରତିଜବାବ ଦାଖଲ ନିମନ୍ତେ ହାଇକୋର୍ଟଙ୍କୁ ସମୟ ମାଗିଥିଲେ। ତଦନୁଯାୟୀ ସୋମବାର ଆବେଦନକାରୀ ଶର୍ମା ସତ୍ୟପାଠ ଆକାରରେ ନିଜ ପ୍ରତି ଜବାବ ଦାଖଲ କରିଛନ୍ତି। ଆବେଦନକାରୀ ଶର୍ମା ନିଜେ ଏହି ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ମେ' ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

---

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଜୟପୁର,୧୫।୪(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା ଜୟପୁର ଉପ-କାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣା ଜିଲା ସିଲେରୁ ଥାନା ଅନ୍ତର୍ଗତ ଦୋରକଣ୍ଡା ଗ୍ରାମର କିମିଡୁ ରାମା (୨୦)। ଗତ ମାର୍ଚ୍ଚ ୧୫ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବୈପାରୀଗୁଡ଼ା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହି ଦିନଠାରୁ ସେ ଜୟପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ । ଏନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ କୌଣସ ସୂଚନା ଦେଇ ନାହାନ୍ତି । ଜେଲ କର୍ତ୍ତୃପକ୍ଷ କହିବା ଅନୁଯାୟୀ, ରବିବାର ସନ୍ଧ୍ୟାରେ ରାମାଙ୍କ ବାନ୍ତିହେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ଭୋରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି ।

---

## ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ମାମଲା

# ସମୟ ଲୋଡ଼ିଲେ ସରକାର

**କଟକ ଅଫିସ, ୧୫।୪**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟଙ୍କୁ ସରକାର ସମୟ ମାଗିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଅର୍ଥାତ୍ ଜୁନ୍ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଓଏଚ୍‌ଆରସି ଅଧ୍ୟକ୍ଷ ପଦବୀ ଦୀର୍ଘ ୬ ବର୍ଷ ହେବ ଫାଙ୍କା ପଡ଼ିଛି। ଏହାକୁ ନେଇ ଆଡଭୋକେଟ୍ ପ୍ରବୀର ଦାସ ଏବଂ ଶିବ ଶଙ୍କର ମହାନ୍ତି ଦୁଇଟି ପୃଥକ୍ ମାମଲା ରୁଜୁ କରିଥିଲେ। ଏହାର ଏକତ୍ର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ସରକାରଙ୍କ ପକ୍ଷରୁ ସୋମବାର ଏ ନେଇ ଏକ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ଦର୍ଶାଯାଇଛି ଯେ, ଗତ ଡିସେମ୍ବର ୨୨ ତାରିଖରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଜଷ୍ଟିସ ଦାସଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ସ୍ୱୀକୃତି ଦେବା ନିମନ୍ତେ କମିଶନ ସଚିବ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଇନ ବିଭାଗ ନିକଟରେ ଏହା ବିଚାରାଧୀନ ଅଛି। ଅନ୍ୟପକ୍ଷରେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ହାଇକୋର୍ଟ ଉତ୍ତର ମାଗିଥିଲେ। ତେବେ ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ ଏହାର ଉତ୍ତର ରଖିବାକୁ ସରକାରଙ୍କ ପକ୍ଷରୁ ସମୟ ଲୋଡାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି କରାଯାଉଛି। ଆବେଦନକାରୀ ଆଡଭୋକେଟ ପ୍ରବୀର ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

---


# DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.). Name and address of candidate: Pradip Purohit, At/Po./PS- Paikmal, Dist- Bargarh. Name of the political party: Bharatiya Janata Party, Name of the Election- Legislative Assembly. Name of Constituency: 1- Padampur A/c
I Pradip Purohit a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of con viction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1 | S.D.J.M Padampur | GR Case No- 156/2019 for Final form | U/S-341/294/353/506/34 IPC | Not Applicable | Not Applicable |
| 2 | S.D.J.M Padampur | CT Case No- 172/163 of 2013-14 Court of ADJ Padampur for hearing | U/s 451/506/34 IPC & 3 (i) (x) SC & ST (PA) Act | Not Applicable | Not Applicable |
| 3 | S.D.J.M Padampur | GR Case No 72 of 2011 Court of SDJM Padampur for appearance | U/s 143/283/341/431/149 | Not Applicable | Not Applicable |
| 4 | ADJ Padampur | Ct Case No- 307/189 of 2012-13 Court of ADJ Padampur for Hearing | U/s 147/294,323/506/149 IPC, 3 (i) (x) SC & ST (PA) Act. | Not Applicable | Not Applicable |
| 5 | ADJ Padampur | CT Case No- 58/18 Court of ADJ Padampur for appearance | U/s 147/323/294/307/506/149 IPC | Not Applicable | Not Applicable |
| 6 | SDJM Padampur | CT (GR) Case No. 9/2011 Court of SDJM Padampur for appearance | U/s 147/341/353/332/294/506/149 IPC & 7 CRL Act. | Not Applicable | Not Applicable |
| 7 | SDJM Padampur | CT (GR) Case No. 10/2011 of Court of SDJM Padampur for appearance | U/s 147/341/452/353/332/294/506/307/149 IPC 3 (i) (x) SC & ST (PA) Act. | Not Applicable | Not Applicable |
| 8 | ADJ Padampur | CT Case No. 135/16 Court of ADJ Padampur for appearance | U/s 143/294/342/506/149 IPC & 3 (i) (x) SC & ST (PA) Act. | Not Applicable | Not Applicable |
| 9 | SDJM Padampur | GR Case No. 228/2008 Court of SDJM Padampur for Hearing | U/s 143/342/294, 353/506/149 IPC, | Not Applicable | Not Applicable |

**Sd./- Pradip Purohit**

# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ’ ବେଳେ ଅଣ୍ଡାମାଡ଼

**ବଲାଙ୍ଗୀର ଅଫିସ/ଲୋଇସିଂହା, ୧୫।୪ (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବଲାଙ୍ଗୀର ଜିଲାରେ ମାରାଥନ୍ ରୋଡ୍ ଶୋ’ କରିଥିଲେ। ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେ ଜିଲାର ଆଗଲପୁର ବ୍ଲକ ଅନ୍ତର୍ଗତ ସାଲେଭଟାରେ ରାତି ପ୍ରାୟ ୮ଟା ବେଳେ ରୋଡ୍ ଶୋ’ କରୁଥିବାବେଳେ କେତେଜଣ ଲୋକ କଳାପତାକ ପ୍ରଦର୍ଶନ କରିବା ସହ ଅଣ୍ଡାମାଡ କରିଥିବା ଜଣାପଡିଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଗାଡିରେ ଅଣ୍ଡା ବାଜି ନ ଥିବାବେଳେ କାରକେଡ୍‌ରେ ଥିବା ଅନ୍ୟ ଗାଡିକୁ ଅଣ୍ଡାମାଡ ହୋଇଥିବା କୁହାଯାଇଛି । ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ ଓ ଅଣ୍ଡାମାଡ ଘଟଣା ପରେ ସାଲେଭଟାରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି । ସେଠାରେ ଥିବା କେତେଜଣ ଲୋକ ବିଜେଡି ସମର୍ଥକ ଓ ଜନସାଧାରଣଙ୍କ ଉପରକୁ ଟେକାମାଡ କରିବା ପରେ ପୋଲିସ ଲାଠିଚାର୍ଜ କରିଛି । ଏହି ଘଟଣା ପରେ ପୋଲିସ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର, ତାଙ୍କ ପୁଅ ଆକାଶ ମିଶ୍ରଙ୍କ ସମେତ ୧୩ ଜଣଙ୍କୁ ଅଟକ ରଖିଛି ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି ସାଲେଭଟାଠାରେ ସୋମବାର ପୂର୍ବାହ୍ନରୁ ଜାତୀୟ ରାଜପଥ ଉପରେ କଳାପତାକା ଲଗାଯାଇଥିଲା । ଲୋଇସିଂହା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଚୟନ ନ କରି ବଲାଙ୍ଗୀର ନିର୍ବାଚନମଣ୍ଡଳୀରୁ ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧ କରାଯିବ ବୋଲି ସାଲେଭଟାରେ ସକାଳୁ ଚର୍ଚ୍ଚା ହେଉଥିଲା । ଏହା ସହିତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ଏହାକୁ ଆଖିଆଗରେ ରଖି ପୋଲିସ ସାଲେଭଟାରେ ୯ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରିଥିଲେ । ତେବେ ସହସ୍ରାଧିକ ବିଜେଡି କର୍ମୀ ଓ ସମର୍ଥକ ତଥା ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ଭିଡ ଜମାଇଥିଲେ । ରାତି ପ୍ରାୟ ୮ଟାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବସ୍ ସାଲେଭଟା ପହଞ୍ଚିବା ପରେ କଳାପତାକା ବନ୍ଧା ହୋଇଥିବା ସ୍ଥାନରେ କେତେଜଣ ବ୍ୟକ୍ତି ସ୍ୱତନ୍ତ୍ର ବସ୍‌କୁ ଲକ୍ଷ୍ୟ କରି ଅଣ୍ଡାମାଡ କରିଥିଲେ। ହେଲେ ଅଣ୍ଡା ବସ୍‌ରେ ନ ବାଜି କାରକେଡରେ ଥିବା ଅନ୍ୟ ଗାଡିରେ ବାଜିଥିଲା । ଅନ୍ୟ କେତେଜଣ ବ୍ୟକ୍ତି କଳାପତାକା ପ୍ରଦର୍ଶନ କରିଥିଲେ । ଏହି ଘଟଣାପରେ ସ୍ୱତନ୍ତ୍ର ବସଟି ସେଠାରେ ନ ଅଟକି ଡୁଙ୍ଗୁରିପାଲି ଅଭିମୁଖେ ଯାଇଥିଲା । ଅଣ୍ଡାମାଡ ଘଟଣା ପରେ ଟେକାପଥର ମାଡ ହୋଇଥିବା ଲୋକେ କହିଥିଲେ । ଏହାପରେ ପୋଲିସ ଲାଠିଚାର୍ଜ କରିଥିଲା । ପରେ ପୋଲିସ ଟିମ୍ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ଘରକୁ ଯାଇ ତାଙ୍କୁ ଓ ତାଙ୍କ ପୁଅ ଆକାଶଙ୍କ ସହ ଅନ୍ୟ ୧୦ ଜଣ ଯୁବକଙ୍କ ଅଟକ ରଖି ସାଲେଭଟା ଫାଣ୍ଡିକୁ ଆଣି ପଚରାଉଚରା କରିଛି । ଏନେଇ ଏମ୍‌ପି ବାଳଗୋପାଳ ମିଶ୍ରଙ୍କୁ ପଚାରିବାରୁ ଲୋଇସିଂହା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ କରି ନ ଥିବାରୁ ଗଣତାନ୍ତ୍ରିକ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କୁ ଆମେ କଳାପତାକା ପ୍ରଦର୍ଶନ କରିଥିଲୁ। ତେବେ ପୋଲିସ ମୋ ଘରକୁ ପଶି ଭଙ୍ଗାରୁଜା କରିବା ସହ ଜଣେ ପୋଲିସ ଅଫିସର ମୋ ଉପରକୁ ହାତ ଉଠାଇଥିଲେ ବୋଲି କହିଛନ୍ତି । ଏବେ ମିଶ୍ର, ତାଙ୍କ ପୁଅ ଓ ଅନ୍ୟ ୧୦ ଜଣଙ୍କୁ ଲୋଇସିଂହା ଥାନାକୁ ପୋଲିସ ନେଉଛି ବୋଲି ସେ କହିଥିଲେ । ଏହି ଘଟଣାକୁ ନେଇ ସାଲେଭଟାରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି । ଏ ସମ୍ପର୍କରେ ଏସ୍‌ପି କେ.ଶିବା.ସୁବ୍ରମଣିଙ୍କୁ ପଚାରିବାରୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାରକେଡ ଉପରକୁ ଅଣ୍ଡାମାଡ ପାଇଁ ଟାର୍ଗେଟ କରାଯାଇଥିଲା। ତେବେ ଏହା ବିଫଳ ହେବାରୁ ଉତ୍ତେଜିତ ହୋଇ କେତେକ ପୋଲିସ ଓ ରାସ୍ତାରେ ଯାଉଥିବା ଘରୋଇ ଗାଡି ଉପରକୁ ଟେକାମାଡ କରିଥିଲେ। ଏଥିରେ ଗୋଟିଏ ପୋଲିସ ଓ ୪ ବେସରକାରୀ ଗାଡି କ୍ଷତିଗ୍ରସ୍ତ ହୋଇଛି।




ରାସ୍ତାରେ ଲଗାଯାଇଥିବା କଳାପତାକା ଓ ଫିଙ୍ଗାଯାଇଥିବା ଅଣ୍ଡା ।

**କଳାପତାକା ପ୍ରଦର୍ଶନ**
- ସାଲେଭଟାରେ ଉତ୍ତେଜନା, ଟେକାମାଡ, ପୋଲିସର ଲାଠିଚାର୍ଜ
- ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ସହ ୧୦ଅଟକ

# ଶାଳୁଆପଲ୍ଲୀ ନର୍ସରିରେ ନିଆଁ

**ଭଞ୍ଜନଗର,୧୫।୪(ଡି.ଏନ.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ଗତ କିଛିଦିନ ହେବ ବାରମ୍ବାର ନିଆଁ ଲାଗୁଛି । ନିଆଁ ରୋକିବାକୁ କେନ୍ଦ୍ରୀୟ ବନାଞ୍ଚଳ କର୍ମଚାରୀ ସେଭଳି ଆଗ୍ରହ ଦେଖାଉନାହାନ୍ତି। କର୍ମଚାରୀମାନେ ଅଧିକାଂଶ ସମୟ କର୍ମସ୍ଥଳରେ ଅନୁପସ୍ଥିତ ରହୁଛନ୍ତି । ଫଳରେ କାଠ ଚୋରି ସହ ଜଙ୍ଗଲ ପୋଡ଼ି ବୃଦ୍ଧିପାଉଛି । କିଛିଦିନ ପୂର୍ବେ କଣ୍ଟେଇପଲ୍ଲୀ ଜଙ୍ଗଲ ପୋଡ଼ିଛି। ଛୋଟ ଗଛ ଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ବଡ଼ ଗଛ ମଧ୍ୟ କେତେକ ସ୍ଥାନରେ ପୋଡ଼ିଯାଉଛି । ବନ ସୁରକ୍ଷା ସମିତି ଓ ବନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରାଯାଇପାରୁନାହିଁ। ରବିବାର କେନ୍ଦ୍ରୀୟ ବନାଞ୍ଚଳ ଅଧିନରେ ଥିବା ଶାଳୁଆପଲ୍ଲୀ ନର୍ସରିରେ ନିଆଁ ଲାଗିଯାଇଥିଲା । ନର୍ସରୀରେ ୨୪ ଘଣ୍ଟା କର୍ମଚାରୀ ରହିବା ବ୍ୟବସ୍ଥା ଥିଲେ ମଧ୍ୟ ନିଆଁ ଲାଗିବା ସମୟରେ କେହି ସେଠାରେ ନ ଥିଲେ। କିଛି ସମୟ ପରେ ଜଣେ ତଳିଆ କର୍ମଚାରୀ ସେଠାରେ ପହଞ୍ଚି ନିଆଁ ଲାଗିଥିବା ଦେଖିବା ପରେ ଅନ୍ୟ କର୍ମଚାରୀଙ୍କୁ ଡ଼ାକି ନିଆଁକୁ ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡ ଯୋଗୁ କିଛି ଚାରା ମଧ୍ୟ ନଷ୍ଟ ହୋଇଛି। କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ବନ ବିଭାଗ କର୍ମଚାରୀ ସନ୍ଦେହ କରୁଛନ୍ତି । ଏନେଇ ଏସିଏଫ୍ ସୁଦର୍ଶନ ବାଦୀ କହିଛନ୍ତି, ନିଆଁ ଲାଗିବା ମାତ୍ରେ ତୁରନ୍ତ ଆୟତ୍ତ କରାଯାଇଛି। କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି । ନିଆଁ ଦମନ ପାଇଁ ସ୍ୱତନ୍ତ୍ର ଟିମ୍ ଅଛି । ଏଥିସହ ଗ୍ରାମବାସୀଙ୍କୁ ପ୍ରଚାରପତ୍ର, ସଭା ମାଧ୍ୟମରେ ସଚେତନ କରାଯାଉଛି। କଣ୍ଟେଇପଲ୍ଲୀ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ସଭାପତି ଶରତ କୁମାର ସ୍ୱାଇଁ କହିଛନ୍ତି, ରେଞ୍ଜ କର୍ମଚାରୀ ଆମ୍ଭମାନଙ୍କ ସହ ଆଦୌ ଆଲୋଚନା କରୁନାହାନ୍ତି । ଡ଼ିଏଫଓଙ୍କୁ ଏନେଇ ଅବଗତ କରାଯାଇଛି । ଭିଏସ୍‌ଏସ୍ ଓ ବନ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟରକ୍ଷା ହେଲେ ଜଙ୍ଗଲ ସୁରକ୍ଷା ବଢ଼ିବ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ସ୍ୱାଇଁ ଦାବି କରିଛନ୍ତି ।


ଶାଳୁଆପଲ୍ଲୀ ନର୍ସରିରେ ନିଆଁ ଲାଗିଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗନ୍ତାକୁ ଦିଅନ୍ତି ନାହିଁ,
ନିତି ମଲୁକୁ ଚାହାନ୍ତି ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ତା’ପ୍ରତି ସଭିଙ୍କ ମନରେ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ । ଏପରି ମାଗିଖିଆ ବ୍ୟକ୍ତିଙ୍କୁ ଦେବା ଲାଗି କେହି ବି ଇଚ୍ଛାପ୍ରକାଶ କରି ନ ଥାନ୍ତି। ସେହିପରି ରୋଗ ବଇରାଗରେ ପଡ଼ିଲେ ସାଇପଡ଼ିଶା, ବନ୍ଧୁବାନ୍ଧବ ଥରେ ଅଧେ ଦେଖା କରିବାକୁ ଆସିଥାନ୍ତି। କିନ୍ତୁ ବହୁତ ଦିନ ଧରି ବେମାରରେ ପଡ଼ିଲେ ଆଉ କେହି ଦେଖାଶୁଣା କରିବାକୁ ସେତେଟା ଆଗ୍ରହ ଦେଖାଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନଈ ଦିଏ ଥଳ,
ବନ୍ଧୁ ଦିଏ ବଳ ।**

ନଈ ଥିଲେ ଚାଷବାସ ପାଇଁ ପାଣିର ଅଭାବ ରହି ନ ଥାଏ । ଜୀବନ ଜୀବିକା ପାଇଁ ନଈ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ସେହିପରି ବନ୍ଧୁ ହିଁ ସୁବିଧା ଅସୁବିଧାରେ ସହାୟତାର ହାତ ବଢ଼ାଇ ଦେଇଥାଏ । ବିପଦ ଆପଦ ବେଳେ ପାଖରେ ରହି ସାହାଭରସା ଯୋଗାଇ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସେଲ୍‌ଫି କର୍ଣ୍ଣର


ନରେଶ


ମାର୍କଣ୍ଡ


ନରେନ


ମୁନେଶ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ


ପରମେଶ୍ୱର ସାହୁ ।

ସୋନପୁର,୧୫।୪(ନି.ପ୍ର.)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିର ଧରିତ୍ରୀ ପ୍ରତିନିଧି ପୀତାମ୍ବର ସାହୁଙ୍କ ବାପା ପରମେଶ୍ୱର ସାହୁଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି । ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା । ସେ ମୂତ୍ରାଶୟ ଜନିତ ରୋଗରେ ଦୀର୍ଘଦୀନ ଧରି ଆକ୍ରାନ୍ତ ଥିଲେ । ରାତି ୧୧ଟାରେ ଅମରପାଲିସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଛି । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ବେଳକୁ ପୁଅ, ଝିଅ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ । ଗାଁ ଶ୍ମଶାନରେ ସୋମବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁଅ ପୀତାମ୍ବର ମୁଖାଗ୍ନି ଦେଇଛନ୍ତି ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694


GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS BUSINESS

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ. ୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

See Color Display Classified on every Tuesday & Friday



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ତେନ୍ତୁଲିଟିକ୍ରାରେ ଭାଜପା କର୍ମୀ ସମ୍ମିଳନୀ

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରାଠାରେ ରବିବାର ସନ୍ଧ୍ୟାରେ ଭାଜପାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର ସାହୁ, ଗୋପିନାଥ କର୍ମି, ପ୍ରସନ୍ନ ପ୍ରଧାନ, ସମାରୁ ଜାଲଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଅଏଁଲାପାଲି ଗ୍ରାମପଞ୍ଚାୟତ ବରଗାଁର ରାଜେନ୍ଦ୍ର ଭୋସାଗର, ଜଗା କନ୍ଦେର, ମନୋରଞ୍ଜନ କୁମାର, ଆକାଶ ବରିହା, ତୀର୍ଥ ଭୁସାଗରଙ୍କ ସମେତ ବହୁ ଯୁବକ ଭାଜପାରେ ଯୋଗ ଦେଇଥିଲେ।

### ବୁର୍ଦ୍ଧାରେ ଆମ୍ବେଡକର ଜୟନ୍ତୀ

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ବକଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁର୍ଦ୍ଧା ଠାରେ ରବିବାର ସନ୍ଧ୍ୟାରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି । ଟନ ନାଗଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ପଦ୍ମଲୋଚନ ଭୋସାଗର ମୁଖ୍ୟ ଅତିଥି, ହନୁମନ୍ତ ଜାମୁଡ଼ାଲିଆ ମୁଖ୍ୟବକ୍ତା, ନକୁଳ ମହାନନ୍ଦ, ଜିଲା ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅସହାୟ ମହିଳା ମାନଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା। ନରେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅକ୍ଷୟ ଜାମୁଡ଼ାଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ ।

### ଜମୁଛି ଦଳୀୟ ପ୍ରଚାର

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭୋଟ୍‌କୁ ଆଉ ଦୁଇ ଦିନ ବାକିଥିବା ବେଳେ ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜୋରଦାର ହେଲାଣି । ସୋମବାର ମୁଖ୍ୟମନ୍ତ୍ରୀ ଭେଡ଼େନ ବ୍ଲକ ବାନିପାଲିକୁ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିବା ବେଳେ କଂଗ୍ରେସ ପକ୍ଷରୁ ଏକ ବାଇକ ରାଲି ଭେଡ଼େନ ବ୍ଲକ ପରିକ୍ରମା କରିଥିଲା। ଭେଡ଼େନ ବ୍ଲକର ପୂର୍ବତନ ଅଧକ୍ଷା ସୁଜାତା ପ୍ରଧାନ ତାଙ୍କ ସମର୍ଥକ ମାନଙ୍କ ସହ କାଠଡ଼େରା ଭାଜପା ସଭାରେ ଭାଗଦେଇ ଦଳରେ ଯୋଗ ଦେଇଛନ୍ତି ।

### ଭୋଟ ପାଇଁ ରାଲି

ଅମ୍ବାଭୋନା, ୧୫।୪ (ଡି.ଏନ.ଏ)
ଭଟଲି ବିଧାନସଭା କ୍ଷେତ୍ର ଏବଂ ବରଗଡ ଲୋକସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ଅମ୍ବାଭୋନା ଗ୍ରାମପଞ୍ଚାୟତର ବିଭିନ୍ନ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ଏକ ରାଲି କେଦାରନାଥ ମନ୍ଦିରରୁ ବାହାରି ଅମ୍ବାଭୋନା ଗ୍ରାମ ପରିକ୍ରମା କରିଥିଲା । ସେମାନେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ନବୀନ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରତି ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ରାଲି ଆୟୋଜନ କରାଯାଇଥିଲା।

### ହନୁମାନ ଜୟନ୍ତୀ ପାଳିତ

ଗାଇସିଲେଟ,୧୫।୪(ଡି.ଏନ.ଏ)
ହନୁମାନ ଜୟନ୍ତୀ ଉପଲକ୍ଷେ ଗାଇସିଲେଟ ବସ୍‌ଷ୍ଟାଣ୍ଡ ବଜରଙ୍ଗବଲୀ ମନ୍ଦିରରେ ପଙ୍କଜ କୁମାର ପୁରୋହିତଙ୍କ ପୌରୋହିତ୍ୟରେ ପଣା ସଂକ୍ରାନ୍ତି ପାଳିତ ହୋଇ ଯାଇଛି । ହନୁମାନଙ୍କ ଦର୍ଶନ ପାଇଁ ସକାଳୁ ଭକ୍ତମାନଙ୍କ ଭିଡ ଜମିଥିଲା । ଏହି ଅବସରରେ ସେଠାରେ ହନୁମାନ ଚାଲିସା ପଠନ କରାଯାଇଥିଲା । ପଣ୍ଡିତ ବଳରାମ ପୁରୋହିତ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ପଣ୍ଡିତ ବସୁଦେବ ପୁରୋହିତ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ରବିବାର ସାପ୍ତାହିକ ବଜାର ଥିବାରୁ ବହୁ ଲୋକଙ୍କ ସମାଗମ ହୋଇଥିଲା ।

### ବରପାଲିରେ ଜମୁଛି ନିର୍ବାଚନୀ ପ୍ରଚାର

ବରପାଲି, ୧୫।୪ (ଡି.ଏନ.ଏ)
ଆଉ ଦୁଇଦିନ ପରେ ବଗଡ଼ ଜିଲାରେ ଭୋଟ୍ ହେବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପୁର ନିର୍ବାଚନ ମଣ୍ଡଳୀର ବିଜେପୁର, ବରପାଲି ଓ ଗାଇସିଲେଟ ବ୍ଲକକୁ ମଙ୍ଗଳବାର ମାରାଥନ ପ୍ରଚାରରେ ଆସିବେ । ଏ ନେଇ ଦଳୀୟ କର୍ମୀ ଓ ଭୋଟଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି। ବରପାଲି ସ୍ଥିତ ବଡଗାଁ ଖେଳ ପଡିଆରେ ଆୟୋଜିତ ହେବାକୁ ଥିବା ସଭାସ୍ଥଳରେ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଆସିବାର କାର୍ଯ୍ୟକ୍ରମ ଥିବାରୁ ଭାଜପା ଓ କଂଗ୍ରେସ ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ସକାଳେ ବିଜେଡିର ବହୁ କର୍ମୀ ଓ ମହିଳା ଘର ଘର ବୁଲି ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠଙ୍କ ସ୍ତ୍ରୀ ମଧ ଘର ଘର ବୁଲି ପ୍ରଚାର କରୁଛନ୍ତି ।

■ ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରସ୍ତୁତି

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବରଗଡ଼ ଅଫିସ୍,୧୫।୪

ଚଳିତ ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ମତଦାନ ପ୍ରକ୍ରିୟାକୁ ଆଉ ମାତ୍ର ଦୁଇଦିନ ବାକି । ଆସନ୍ତା ଗୁରୁବାର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅତାବିରା, ବରଗଡ଼, ଭଟଲି, ବିଜେପୁର ଏବଂ ପଦ୍ମପୁରରେ ଅନୁଷ୍ଠିତ ହେବ । ଏଥର ମତଦାନ ପ୍ରକ୍ରିୟାକୁ ନିରପେକ୍ଷ, ଅବାଧ ଓ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇ ଥିବାବେଳେ ପୋଲିସ ସବୁଦିଗ ପ୍ରତି ନଜର ରଖିଛି।

ସୋମବାର ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସପି ମୁକେଶ କୁମାର ଭାମୁ ସୂଚନା ଦେଇ କହିଥିଲେ, ନିର୍ବାଚନକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସାରିବା ପାଇଁ ସବୁ ଦୃଷ୍ଟିକୋଣରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏବେଠାରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଯାଇ ଥିବାବେଳେ ନାକାବନ୍ଦୀ କରି ଯାଞ୍ଚ ଚାଲିଛି । ସେହିପରି ପୋଲିସ ଅବକାରୀ ଧରପଗଡ଼ କରୁଥିବାବେଳେ

**ବରଗଡ଼ ଜିଲା**



ବରଗଡ଼ ଏସପି ସୁରକ୍ଷା ବ୍ୟବସ୍ଥା ଉପରେ ସୂଚନା ଦେଉଛନ୍ତି ।

- ■ବରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ
- ■ଅପରାଧ ଉପରେ ସିସିଟିଭି ରଖିବ କଡା ନଜର
- ■୨୨୭୧ ପୋଲିସ କର୍ମଚାରୀ ମୁତୟନ ହେଲେ
- ■ଖବରଦାତା ସମ୍ମିଳନୀରେ ଏସ୍‌ପି ଦେଲେ ସୂଚନା

ଗଣ୍ଡଗୋଳ ଆଶଙ୍କାରେ ସମ୍ଭାବ୍ୟ ଗଣ୍ଡଗୋଳ ସୃଷ୍ଟିକାରୀ ଲୋକଙ୍କୁ ସିଆରପିସି ୧୦୭, ୧୧୦କ୍ରମେ ନୋଟିସ୍ ଜାରି କରାଯାଇଛି । ଇତିମଧ୍ୟରେ ୪୭୫୨ ଲିଟର ମଦ ଜବତ ହୋଇଛି । ସେହିପରି ୧୦ଟି ଦେଶୀ ବନ୍ଧୁକ ଜବତ ହୋଇଛି । ବ୍ୟାଙ୍କ ବ୍ୟତୀତ ଅନ୍ୟ ଲାଇସେନ୍ସଧାରୀମାନେ ନିଜ ବନ୍ଧୁକ ପୋଲିସରେ ଜମା କରି ସାରିଛନ୍ତି ।

ଏଥର ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ୧୧୩ଟି ସିସିଟିଭି ସଂଲଗ୍ନ ହୋଇଛି ଏବଂ ସେସବୁ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାରେ ସହାୟକ ହେବ ବୋଲି ଏସପି କହିଥିଲେ। ଏହି କ୍ରମରେ ବରଗଡ଼ ପୌରାଞ୍ଚଳରେ ୪୮, ବରପାଲି ପୌରାଞ୍ଚଳରେ ୨୪, ଅତାବିରା ପୌରାଞ୍ଚଳରେ ୨୧ ଏବଂ ସୋହେଲା ଅଞ୍ଚଳରେ ୨୦ଟି ସିସିଟିଭି ରହିଛି । ସେହିପରି ଜିଲାର ସମୁଦାୟ ୧୩୭୮ ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟରୁ ୧୨୨ଟି ସମ୍ବେଦନଶୀଳ, ୯୫ଟି ଅତି ସମ୍ବେଦନଶୀଳ ଭୋଟ୍ ଗ୍ରହଣ ହୋଇଥିବା ଯୋଗୁ ସେଥିପ୍ରତି ମଧ୍ୟ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହୋଇଛି । ଏହା ସହିତ ଜିଲା ପାଇଁ ୯୧ଟି ମୋବାଇଲ ପେଟ୍ରୋଲିଂ ଟିମ୍ ସହିତ ଫ୍ଲାଇଙ୍ଗ ସ୍କ୍ୱାଡ଼, ଷ୍ଟାଟିକ୍ ସର୍ଭେଲିଏନ୍ସ ଟିମ୍ ଗଠନ କରାଯାଇ ଥିବାବେଳେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ଏସପି ସୂଚନା ଦେଇଥିଲେ ।

ଏଥର ଜିଲାରେ ସମୁଦାୟ ୨୨୭୧ ପୋଲିସ କର୍ମଚାରୀ ମୁତୟନ ରହିବେ। ତନ୍ମଧ୍ୟରେ ଜଣେ ଅତିରିକ୍ତ ଡିଏସପି, ୭ଜଣ ଡିଏସପି, ୧୭ଜଣ ଇନ୍ସପେକ୍ଟର, ୧୨୩ଜଣ ଏସଆଇ, ଏଏସଆଇ, ୧୬୪ଜଣ ହାବିଲଦାର, ୮୦୭ଜଣ କନେଷ୍ଟବଳ, ୪୧୪ଜଣ ହୋମଗାର୍ଡ଼, ୭୩୭ଜଣ ଗ୍ରାମରକ୍ଷୀ ରହିଥିବା ଏସ୍‌ପି କହିଥିଲେ । ଏହା ବ୍ୟତୀତ ୮ପ୍ଲାଟୁନ ସିଏପିଏଫ, ୫ୟୁନିଟ୍ ଏସଓଜି, ୧ୟୁନିଟ୍ ଡିଭିଏଫ, ୫ପ୍ଲାଟୁନ ଏସଏପି ଏବଂ ୪ପ୍ଲାଟୁନ ଏସଏସ୍‌ବିଏନ ମଧ୍ୟ ନିର୍ବାଚନ ବେଳେ ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ରହିବେ ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଡିଏସପି ଏନ.ପି ନାୟକ ଉପସ୍ଥିତ ଥିଲେ ।

# ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଅତାବିରା, ୧୫।୪ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ଗ୍ରାମପଞ୍ଚାୟତର ପତ୍ରାପାଲି ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଓ ନୂତନ ଖମ୍ବେଶ୍ୱରୀ ଦେବୀଙ୍କ ଖୁମ୍ବ ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନ ସୋମବାର ସକାଳୁ ଶତାଧିକ ମହିଳାଙ୍କ କଳସ ଯାତ୍ରା ହୋଇଥିଲା । ମଙ୍ଗଳବାର ପୂଜାରମ୍ଭ ପ୍ରତିଷ୍ଠା, ଚଣ୍ଡିହୋମ, ପୁଷ୍ପାଞ୍ଜଳି ଅପରାହ୍ନରେ ପୂର୍ଣ୍ଣାହୁତି, ବଳି ଓ ନୂତନ ଖମ୍ବ ସ୍ଥାପନ କାର୍ଯ୍ୟକ୍ରମ ରହିଛି । ଗାର୍ଗବ ଗେଜୋ, ମଦନ ମହାକୁର, ଗଗନ ଗେଜୋ, ଗୁଣନିଧି କର୍ଣ୍ଣ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରିଥିଲେ । ପଣ୍ଡିତ କାର୍ତ୍ତିକ ଶତପଥି, ସୁକଦେବ ଶତପଥି ଓ ସାଥି ହୋମଯଜ୍ଞ କରିଥିଲେ । ଦେହେରୀ କୁନ୍ଦୁରୁ କର୍ଣ୍ଣ, ବରୁଆ (ବେବି) ପୂର୍ଣ୍ଣଚନ୍ଦ୍ର ଡାଙ୍ଗ, ଜୟଲାଲ ଗେଜୋ ଦାୟିତ୍ୱ ବହନ କରିଥିବା ବେଳେ ନେହେରୁ ମେଣ୍ଡଲୀ, ସୁରେଶ କର୍ଣ୍ଣ, ବଳରାମ ବେହେରା, ଗୁଲୁ କର୍ଣ୍ଣ, ହରଜିତ ଜୈସ୍ୱାଲ ସହଯୋଗ କରିଥିଲେ ।

# ଗାଇସିଲେଟରେ ରାମାୟଣ ପାରାୟଣ

ଗାଇସିଲେଟ,୧୫।୪(ଡି.ଏନ.ଏ)

ଗାଇସିଲେଟ ବ୍ଲକ ତେଲିପୁଖାପାଣି ପାଙ୍କପାଲି ଗ୍ରାମର ଗୁଡିଛକ ନିକଟରେ ନିର୍ମାଣାଧୀନ ରାମଜୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅଖଣ୍ଡ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ପ୍ରସାଦ ମିଶ୍ର ଓ ତାଙ୍କ ସ୍ତ୍ରୀ ସ୍ନେହଲତା ପଣ୍ଡା କର୍ତ୍ତା ଏବଂ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ । ଅଖଣ୍ଡ ରାମାୟଣ ପାରାୟଣରେ ସୁଶୀଲ ଶତପଥି, ସୁବଳ କୁମାର ଷଡଙ୍ଗୀ, ରମେଶ କୁମାର ଦାଶ ଓ ଈଶ୍ୱର ମିଶ୍ର ବ୍ୟାସକାର୍ଯ୍ୟ ନିର୍ବାହ କରିଥିଲେ। ଗୁନୁ ସେଠ ଓ ସଜନ ସାହୁ ସହଯୋଗ କରିଥିଲେ । ମହାବିଦ୍ୟାଳୟ ସଭାପତି ତରଣୀସେନ ପଧାନ, ସମ୍ପାଦକ ସୁରଥ ଗଡତିଆ, ଉପ ସଭାପତି ଶ୍ୟାମ ସୁନ୍ଦର ପଧାନ, କୋଷାଧ୍ୟକ୍ଷ ଶଶିଭୂଷଣ ବରିହା, ସଭ୍ୟ କାହ୍ନୁଚରଣ ମାଝୀ, ଅଲେଖ ଚୈତନ୍ୟ ପଧାନ, ସୀତାରାମ ଭୋଇ, ପ୍ରଦୀପ୍ତ କୁମାର ପଧାନ ଓ ପରାସର ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ରାମଜୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ରାମାୟଣ ପାରାୟଣ ଚାଲିଛି ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧୫।୪

ବରଗଡ଼ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ପରେ ସ୍ଥାନୀୟ ଟାଉନ ହଲରେ ଏକ ସଭାର ଆୟୋଜିତ ହୋଇଥିଲା । ଉକ୍ତ ସଭାରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ମୁଖ୍ୟଅତିଥି, ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ସହାୟକ ଜିଲାପାଳ




ଭୋଟର ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀବୃନ୍ଦ।

ତଥା ନିର୍ବାଚନ ଦାୟିତ୍ୱରେ ରହିଥିବା ମମତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବାଧ, ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନ ସହିତ ନିର୍ଭିକ ଭାବେ ମତଦାନ କରିବା ପାଇଁ ଅତିଥିମାନେ ସଚେତନ କରାଇଥିଲେ । ଅତିରିକ୍ତ ଜିଲାପାଳ ମାଝି ତାଙ୍କ ବକ୍ତବ୍ୟରେ କହିଥିଲେ, ଏ ଦେଶର ସ୍ୱାଧୀନତା ବହୁ ବଳିଦାନ ପରେ ମିଳିଛି । ଦେଶର ଅଖଣ୍ଡ ବିକାଶ ଆମର ମୂଲ୍ୟବାନ ମତଦାନ ଉପରେ ନିର୍ଭର କରୁଛି । ଫଳରେ କୌଣସି ଚାପ କିମ୍ବା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ମତଦାନ ସାବ୍ୟସ୍ତ କରିବାକୁ ସେ ଆହ୍ୱାନ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସଭା ସଂଯୋଜନା କରିଥିବା ବେଳେ ଜର୍ଜ ହାଇସ୍କୁଲର ଶିକ୍ଷକ ଡଃ ଡୋଲାମଣି ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋହେଲାରେ ପୋଲିସର ଫ୍ଲାଗମାର୍ଚ୍ଚ

ସୋହେଲା,୧୫।୪(ଡି.ଏନ.ଏ)

ଆସନ୍ତା ୧୮ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପୂର୍ବରୁ ସୋମବାର ସନ୍ଧ୍ୟାରେ ସୋହେଲା ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଜନସାଧାରଣ ତଥା ଭୋଟରଙ୍କୁ ଅବାଧ ଓ ଭୟମୁକ୍ତ ହୋଇ ମତଦାନ କରିବା ଉଦ୍ଦେଶ୍ୟରେ ସବ୍‌ଇନ୍ସପେକ୍ଟର ଅମିତ କୁମାର ଖେସଙ୍କ ନେତୃତ୍ୱରେ ଗୋଟିଏ କମ୍ପାନୀ ସିଆରପିଏଫ୍ ଯବାନ ସୋହେଲାର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରିଥିଲେ । ଯବାନମାନେ ଥାନାରୁ ବାହାରି ସୋହେଲା ପଦ୍ମପୁର ମୁଖ୍ୟଛକ, ବ୍ଲକ, ପୁରୁଣା ଚେକଗେଟ ଗ୍ରୁଣ୍ଡାଲ ଛକ, ପଦ୍ମପୁର ରୋଡ, ଡାକ୍ତରଖାନା ରୋଡ ତଥା ହଳଦୀପାଲି ଛକରେ ଫ୍ଲାଗମାର୍ଚ୍ଚ କରିଥିଲେ ।

■ ବରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ରାତ୍ରିଯାପନ

# ଆଜି ବରଗଡ଼, ବିଜେପୁର ବିଧାନସଭା କ୍ଷେତ୍ରରେ ପ୍ରଚାର କରିବେ

ବରଗଡ଼ ଅଫିସ୍,୧୫।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବରଗଡ଼ ଜିଲା ଅତାବିରା ଓ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କରିଥିଲେ । ତେବେ ସେ ମଙ୍ଗଳବାର ବରଗଡ଼ ଓ ନିଜେ ଦଳୀୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପୁର ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ଏହି କ୍ରମରେ ସୋମବାର ରାତ୍ରିରେ ବରଗଡ଼ ସହରସ୍ଥିତ ପିଡ଼ବ୍ଲ୍ୟୁଡ଼ି ଡାକବଙ୍ଗଳାରେ ତାଙ୍କ ରହଣି ବ୍ୟବସ୍ଥା ହୋଇଛି । ମଙ୍ଗଳବାର ଦିନ ପ୍ରାୟ ୧୦ଟାରେ ବରଗଡ଼ ଲୋକମଣ୍ଡପ ପଡ଼ିଆର ନିର୍ବାଚନୀ ସଭାରେ ଉଦବୋଧନ ଦେବା ପରେ ମୁଖ୍ୟମନ୍ତ୍ରୀ ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି, ବିଜେପୁର ଏବଂ ଗାଇସିଲେଟରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ରାତ୍ରି ରହଣୀ ବ୍ୟବସ୍ଥା ହୋଇଥିବା ଯୋଗୁ ସ୍ଥାନୀୟ ପିଡବ୍ଲ୍ୟୁଡ଼ି ଡାକବଙ୍ଗଳା ପୋଲିସ ଛାଉଣୀରେ ରହିଛି । ମୁଖ୍ୟମନ୍ତ୍ରୀ ରାତି ସାଢେ ୧୦ଟାରେ ବରଗଡ଼ରେ ପହଞ୍ଚିଥିଲେ । ସେ ବଲାଙ୍ଗୀରରୁ ରାସ୍ତାରେ ଫେରିବା ବାଟରେ ସାଲେଭଟା ନିକଟରେ ଉତ୍ତେଜନା ଦେଖାଯିବାରୁ ଏଠାକୁ ତାଙ୍କର ପହଞ୍ଚିବା ବିଳମ୍ବିତ ହୋଇଥିବା ସୂଚନା ମିଳିଛି ।

■ ଭଟଲିରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# ବିଜେଡି ସରକାର ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ: ଧର୍ମେନ୍ଦ୍ର

ଭଟଲି,୧୫।୪(ଡି.ଏନ.ଏ)

ରାଜ୍ୟ ସରକାର ଓଡ଼ିଶାକୁ ଲୁଟି ସାରିଛି। ଚାଷୀ ଏବଂ ସାଧାରଣ ଜନତାଙ୍କୁ ଶୋଷଣ କରିସାରିଲାଣି । ରାଜ୍ୟରେ କାଳିଆ ଯୋଜନା ନାଁରେ ଚାଷୀଙ୍କୁ ଭୂଆଁ ବୁଲାଯାଉଛି । ଗରିବ ଚାଷୀ କାଳିଆ ଯୋଜନାର ସୁଫଳ ପାଉ ନ ଥିବାବେଳେ କେତେକ ଦଳୀୟ କର୍ମୀ ଏହାକୁ ହାତେଇବାରେ ବ୍ୟସ୍ତ। ରାଜ୍ୟର ବିଜେଡ଼ି ସରକାର ଏକ ଆପାରଗ ସରକାର ଏବଂ ଏହି ସରକାର ଆମ ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ । ପରଘର ତିଅଣରେ ଅତିଥି ପାଳିବା ଲୋକ ହେଲେ ନବୀନ ବାବୁ। ତେଣୁ ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ବରଗଡ ଜିଲା ଭଟଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଟଲି ବ୍ଲକ ତରାଜୁଙ୍ଗା ପଡ଼ିଆରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ ଆହୁରି କହିଥିଲେ ଯେ, ଭାଜପା ସରକାର ଆସିଲେ ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ୧୫ହଜାର ଟଙ୍କା, ସହାୟିକାମାନଙ୍କୁ ୯ହଜାର ଟଙ୍କା ପାରିଶ୍ରମିକ ଦିଆଯିବ। ଏକ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରି ଜଳସେଚନର ବ୍ୟବସ୍ଥା, ଏସ୍‌ଏଚ୍‌ଜି ମହିଳା ମାନଙ୍କ ଋଣ ଛାଡ଼ ସହିତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ । ସବୁ ବର୍ଗର ଶିକ୍ଷକଙ୍କୁ ସ୍ଥାୟୀ କରାଯିବ ଏବଂ ହୋମଗାର୍ଡ଼ ଓ ଜିଆରଏସ୍ ଭାଉଣୀଭାଇ ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରି ଆତ୍ମ ନିର୍ଭରଶୀଳ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇ ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ଏବଂ ଭଟଲି ବିଧାନସଭା ପ୍ରାର୍ଥୀ ଇରାସିସ ଆଚାର୍ଯ୍ୟଙ୍କୁ ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ସେହିପରି ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ପରିବର୍ତ୍ତନ ହେବା ଦରକାର ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଲୋକସଭା ଓ ଭଟଲି ବିଧାନସଭା ପ୍ରାର୍ଥୀଙ୍କ ସମେତ ଭାଜପା ରାଜ୍ୟ ସମ୍ପାଦକ ସୁଶାନ୍ତ ମିଶ୍ର, ବରିଷ୍ଠ ନେତା ସୌରୀ ଚରଣ ବାରିକ, ସୁରେଶ୍ୱର ଶତପଥି, କୁମର ବେହେରା, ଗିରିଜେଶ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ ।

**ଝାରବନ୍ଧ, (ଡି.ଏନ.ଏ):** ବରଗଡ ଲୋକସଭା ଓ ପଦ୍ମପୁର ବିଧାନସଭା ଆସନ ପାଇଁ ଭାଜପାର ନିର୍ବାଚନୀ ପ୍ରଚାର ଜୋରସୋରରେ ଚାଲିଛି । ସୋମବାର ଅପରାହ୍ନରେ ଝାରବନ୍ଧ ସ୍ଥିତ ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରି ଡବଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡି ସରକାର ୧୯ ବର୍ଷ ଶାସନ କରିଥିଲେ ମଧ ଚାଷୀଙ୍କ ପାଇଁ ଜଳସେଚନ ସୁବିଧା କରି ନ ଥିବା ସେ ଅଭିଯୋଗ କରିଥିଲେ । ଭାଜପା ସରକାର ଆସିଲେ କେବଳ ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ଏକ ହଜାର କୋଟି ଟଙ୍କାର ଜଳସେଚନର ସୁବିଧା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଲୋକସଭା ପ୍ରାର୍ଥୀ ସୁରେଶ ପୂଝାରୀ ଦେଶର ସ୍ୱାର୍ଥ ପାଇଁ ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ହେଲେ ତାଙ୍କୁ ଭୋଟ ଦେବାକୁ କହିଥିଲେ। ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ ମଧ ନିଜ ପାଇଁ ଭୋଟ୍ ଭିକ୍ଷା କରିଥିଲେ । ହେଲି ପ୍ୟାଡରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓହ୍ଲାଇବା ପରେ ସ୍ଥାନୀୟ ଭାଜପା କର୍ମୀ ବିନୋଦ ବିହାରୀ ବାଗ, ସରପଞ୍ଚ ଧନମତୀ ପାଣ୍ଡେ, ସରପଞ୍ଚ ଲାଲେଶ୍ୱରୀ ପଟେଲ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ବିରଜା କୁମାରୀ ତାଣ୍ଡି ତାଙ୍କୁ ସ୍ୱାଗତ କରି ସଭାସ୍ଥଳକୁ ଆଣିଥିଲେ । ବ୍ଲକ ଭାଜପା ସଭାପତି ଡ. ଲମ୍ବୋଦର ପଣ୍ଡା ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ଗୋବର୍ଦ୍ଧନ ଭୁଏ, ଜଗବନ୍ଧୁ ଭୋଇ, କୁମରମଣି ନାଏକ, ପ୍ରିତେଶ ବହିଦାର, ହରିହର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ।

**ବିଜେପୁର,(ଡି.ଏନ.ଏ):** ବିଜେପୁର କଲେଜ ପଡିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ଯୋଗଦେଇ କହିଲେ, ଅପାରଗ ରାଜ୍ୟ ସରକାର ବଦଳିବା ଦରକାର। ଭାଜପା ଶାସନକୁ ଆସିଲେ ଏକ ଟଙ୍କାରେ ୫ କିଲୋ ଚାଉଳ, ଅଧ କିଲୋ ଲେଖାଏଁ ଡାଲି ଓ ଲୁଣ ଦିଆଯିବ। ବରଗଡରେ କ୍ୟାନସର ହସ୍‌ପିଟାଲ ସହିତ ପ୍ରତି ଜିଲାରେ ମେଡିକାଲ କଲେଜ ନିର୍ମାଣ କରାଯିବ। ମୋଦି ସରକାରଙ୍କ ହାତମୁଠାକୁ ଟାଣ କରିବା ସହ ଡବଲ ଇଞ୍ଜିନ ସରକାର କରିବା ପାଇଁ ଭାଜପାର ଲୋକସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ସେ ନିବେଦନ କରିଥିଲେ । ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବିଧାୟକ ପ୍ରାର୍ଥୀ ସନତ କୁମାର ଗଡତୟା ମଧ୍ୟ ନିଜ ସପକ୍ଷରେ ଭୋଟ୍‌ଭିକ୍ଷା କରିଥିଲେ। ପ୍ରସନ୍ନ ପାଢୀ, ସୌରୀଚରଣ ବାରିକ, ସଞ୍ଜୀବ ମହାପାତ୍ର, ସବିତା ସାହୁ ପ୍ରମୁଖ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ହଳପାଣି ମାଝୀ ସମାରୋହ ସଂଯୋଜନା କରିଥିଲେ ।



ଭାଜପାର ନିର୍ବାଚନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।



ବନ ବିଭାଗ ଜବତ କରିଥିବା କାଠ ବୋଝେଇ ଟ୍ରକ ।

## ବନ ବିଭାଗର ଚଢ଼ାଉ, କାଠଗଣ୍ଡି ଜବତ

ବରଗଡ଼ ଅଫିସ୍,୧୫।୪

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରାସ୍ଥିତ ବନ ବିଭାଗର ତନଖି ଫାଟକ ନିକଟରେ ଚଢ଼ାଉ କରାଯାଇ ୬୦ଖଣ୍ଡ ମୂଲ୍ୟବାନ କାଠଗଣ୍ଡି ଜବତ ହୋଇଛି । ଜବତ କାଠଗଣ୍ଡିର ମୂଲ୍ୟ ଆନୁମାନିକ ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ ଆକଳନ କରିଛି । ଏକ ଟ୍ରକ ଯୋଗେ ଉକ୍ତ କାଠ ବୋଝେଇ ହୋଇ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳରୁ ପଡ଼ୋଶୀ ଛତିଶଗଡ଼ର ରାୟପୁର ଅଞ୍ଚଳକୁ ଯାଉଥିଲା । ସୋମବାର ସକାଳେ ଉକ୍ତ ଟ୍ରକ୍ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଲଖମରା ତନଖି ଫାଟକ ନିକଟରେ ପହଞ୍ଚିବା ପରେ ବନ ବିଭାଗର କର୍ମଚାରୀମାନେ ଉକ୍ତ ଗାଡିକୁ ଯାଞ୍ଚ କରିଥିଲେ । ଫରେଷ୍ଟର ପ୍ରଶାନ୍ତ ବାଗ, ଫରେଷ୍ଟ ଗାର୍ଡ଼ ତରଣୀସେନ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ ।



ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।

- ଚାର୍ଲସ ଫ୍ରହମ୍ୟାନ୍



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର, ଅଂଶୁଘାତ ସନ୍ଦେହ

ଦେବଗଡ଼,୧୫।୪(ସ୍ୱ.ପ୍ର.) : ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ କଲୋନୀରୁ ପୋଲିସ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ଅଂଶୁଘାତରେ ମୃତ ଘଟିଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ମୃତକ ହେଲେ ବାରକୋଟ ବ୍ଲକର ଚନ୍ଦନଖୁଣ୍ଟି ଗ୍ରାମର ହୃଷୀକେଶ ପ୍ରଧାନ(୩୮)। ମିଳିଥିବା ସୂଚନା ମୁତାବକ, ଚନ୍ଦନଖୁଣ୍ଟି ରାସ୍ତାରେ ହୃଷୀକେଶ ମୁମୂର୍ଷୁ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ କେତେବେଳେ ହୃଷୀକେଶ ବେଡ୍‌ରୁ ଉଠି ବାହାରକୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଡାକ୍ତରଖାନା ଏକ ଷ୍ଟାଫ୍ କ୍ୱାର୍ଟସ ନିକଟରୁ ହୃଷୀକେଶଙ୍କ ମୃତଦେହ ପଡିଥିବା ପୋଲିସକୁ ଖବର ମିଳିଥିଲା। ଦେବଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ‘ନେତାଙ୍କ ପ୍ରତିଶ୍ରୁତି ପାଣିରଗାର ସଦୃଶ’

ଝାରସୁଗୁଡ଼ା ଅଫିସ,୧୫।୪

ନେତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ପାଣିର ଗାର ସଦୃଶ। ନିର୍ବାଚନ ବେଳେ ଭୋଟ ହାତେଇବାକୁ ଭୋଟରଙ୍କୁ ଯେତେ ଇଚ୍ଛା ମିଛ ପ୍ରତିଶ୍ରୁତି ଦେଇଯାଆନ୍ତି। ନିର୍ବାଚନ ସରିଲେ ସେ ସବୁ ଭୁଲିଯାଆନ୍ତି। ଏପରି କି ନିର୍ବାଚନ ସମୟରେ ଗୋଟିଏ ସପ୍ତାହ ମଧ୍ୟରେ ଦୁଇଥର ଆସିଥିବା ଗାଁକୁ ପରବର୍ତ୍ତୀ ୫ ବର୍ଷ ଭିତରେ ଯିବାକୁ ଆଉ ସମୟ ମିଳେନି ସେମାନଙ୍କୁ। ରାଜଧାନୀର ଶୀତତାପ ନିୟନ୍ତ୍ରିତ କୋଠରିରେ ସମୟ ବିତେ ନେତାଙ୍କର। ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ଆସନ୍ତା ନିର୍ବାଚନ ଯାଏ ପୂର୍ବଭଳି ରହିଯାଏ। ଏହିଭଳି ମିଥ୍ୟା ପ୍ରତିଶ୍ରୁତିର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି ବ୍ରଜରାଜନଗର ନିର୍ବାଚନମଣ୍ଡଳୀର କୁତାବଗା ଗ୍ରାମବାସୀ। ଏହି ଗାଁକୁ ଲାଗି ରହିଛି ମଝିଆପଡ଼ା, ରତାଖଣ୍ଡି, ବିଶାଳପଡ଼ା, ଭଇଁଆପଡ଼ା ସମେତ ଆହୁରି ଅନେକ ଛୋଟବଡ଼ ପଡ଼ା। ଏହି ସବୁ ଗାଁ ଓ ପଡ଼ାର ଭୋଟର ସଂଖ୍ୟା ୨ ହଜାରରୁ ଅଧିକ। ବ୍ରଜରାଜନଗର ପୌରାଞ୍ଚଳ ଅଧୀନରେ ରହିଥିବା ଏହି ଗାଁ ଓ ପଡ଼ାରେ ରହିଛି ପିଇବା ଓ ନିତ୍ୟ ବ୍ୟବହାର ପାଇଁ ଆବଶ୍ୟକ ପାଣି ସମସ୍ୟା। କୁତାବଗାର ମଝାପଡ଼ାଠାରୁ ଅଧକିଲୋମିଟର ଦୂରରେ ଇବ୍‌ନଦୀ ରହିଥିଲେ ମଧ୍ୟ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ହୋଇପାରୁନାହିଁ। ଏପରିକି ପଡ଼ା ଲୋକଙ୍କ ବ୍ୟବହାର ପାଇଁ ରହିଥିବା ନଳକୂଅରୁ ଦୂଷିତ ପାଣି ବାହାରୁଛି। ନିତ୍ୟ ବ୍ୟବହାର ପାଇଁ ଥିବା ପୋଖରୀ ପାଣି ବ୍ୟବହାର ଅନୁପଯୋଗୀ ବୋଲି କହିଛନ୍ତି ପଡ଼ାବାସିନ୍ଦା ଗୋପୀନାଥ ବିଶ୍ୱାଳ। ପାଣି ସୁବିଧା କରିବାକୁ ପୂର୍ବ ନିର୍ବାଚନ ସମୟରେ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ସମ୍ଭବ ହୋଇପାରିଲାନି ବୋଲି କହିଛନ୍ତି ଗୋପୀନାଥ। ସେହିପରି କୁତାବଗା-ରାମପୁର ଡଙ୍ଗାଘାଟ ବ୍ରିଜ୍ ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସୁଛି। ଏହି ବ୍ରିଜ୍ ନିର୍ମାଣ ହେଲେ ସମ୍ବଲପୁର ସହରକୁ ଲୋକଙ୍କ ଗମନାଗମନ ସୁଗମ ହେବ। ୪୦ ବର୍ଷ ହେବ ଏହି ବ୍ରିଜ୍ ନିର୍ମାଣ କେବଳ ପ୍ରତିଶ୍ରୁତିରେ ରହିଛି। କେବଳ ମିଛ ପ୍ରତିଶ୍ରୁତି ଦେଇ ନେତାଏ ନିର୍ବାଚନ ବୈତରଣୀ ପାର୍ ହେଉଥିବା କହିଛନ୍ତି ପ୍ରଭାବତୀ ସାହୁ। ଏଥର ବି ସୁବିଧା କରାଇବାକୁ ପ୍ରତିଶ୍ରୁତି ମିଳିଲାଣି। କିନ୍ତୁ କେତେ କାର୍ଯ୍ୟକାରୀ ହେଉଛି ପରେ ଜଣାପଡ଼ିବ ବୋଲି ଗାଁ ଲୋକେ କହିଛନ୍ତି।



ବ୍ରଜରାଜନଗର ନିର୍ବାଚନମଣ୍ଡଳୀ କୁତାବଗା ମଝାପଡ଼ା।

# ବେଲପାହାଡ଼ ପୌରାଞ୍ଚଳରେ ୨୫,୮୧୪ ଭୋଟର

ବେଲପାହାଡ଼,୧୫।୪(ଡି.ଏନ୍.ଏ.)

ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ବ୍ରଜରାଜନଗର ବିଧାନସଭା ଓ ବରଗଡ଼ ଲୋକ ସଭା ଆସନ ପାଇଁ ଭୋଟଗ୍ରହଣ ହେବ। ଏଥିରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ୨,୧୧,୦୯୩ ଭୋଟର ମତଦାନ କରିବେ। ଏମାନଙ୍କ ମଧ୍ୟରେ ୧,୦୮,୮୭୩ ପୁରୁଷ ଓ ୧,୦୨,୧୯୯ ମହିଳା ଭୋଟର ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ବେଲପାହାଡ଼ ପୌରାଞ୍ଚଳ ରହିଛି। ଏହି ପୌରାଞ୍ଚଳର ମୋଟ ଭୋଟର ସଂଖ୍ୟା ହେଉଛି ୨୫,୮୧୪। ଏମାନଙ୍କ ମଧ୍ୟରେ ମହିଳା ଭୋଟର ସଂଖ୍ୟା ୧୨,୫୩୦ ହୋଇଥିବାବେଳେ ପୁରୁଷ ଭୋଟର ସଂଖ୍ୟା ରହିଛି ୧୩,୨୮୪। ପୌରାଞ୍ଚଳରେ ମୋଟ ୨୬ ମତଦାନ କେନ୍ଦ୍ରରେ ଏହି ଭୋଟରମାନେ ସେମାନଙ୍କ ମତ ସାବ୍ୟସ୍ତ କରିବେ। ଯୁରାବଗା ସେବାଶ୍ରମରେ ୩ଟି, ମୁଚବାହଲ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ, ଗୁମାଡେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ଟି, ବି.ଆର୍. ହାଇସ୍କୁଲରେ ୩ଟି, ଜାମକାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ଟି, କାଡୁପଡ଼ା ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ, ସମଡ଼ା ପ୍ରାଥମିକ ବିଦ୍ୟାଳୟରେ ୪ଟି, ଜି.ଏଲ୍. ହାଇସ୍କୁଲରେ ୪ଟି ଓ ଛୁଆଲିବେର୍ନା ଆଶ୍ରମ ବିଦ୍ୟାଳୟରେ ୨ଟି ବୁଥ୍ କରାଯାଇଛି। ଏହି ମତଦାନ କେନ୍ଦ୍ରଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଯୋଗେ ଭୋଟ ଗ୍ରହଣ କରାଯିବ। ପ୍ରତ୍ୟେକ ଇଭିଏମ୍‌ରେ ପ୍ରଥମଥର ପାଇଁ ଭିଭିପିଏଟି ବ୍ୟବସ୍ଥା କରାଯାଇଛି। ଆଗାମୀ ନିର୍ବାଚନ ପାଇଁ ବେଲପାହାଡ଼ ପୌରାଞ୍ଚଳସ୍ଥିତ ଜି.ଏଲ୍. ହାଇସ୍କୁଲ ଓ ସମଡ଼ା ପ୍ରାଥମିକ ବିଦ୍ୟାଳୟରେ ୨ଟି ମଡେଲ ବୁଥ୍ ଏବଂ ବି.ଆର୍. ହାଇସ୍କୁଲରେ ଗୋଟିଏ ପିଙ୍କ୍ ବୁଥ ସ୍ଥାପିତ କରାଯିବ। ଉକ୍ତ ପିଙ୍କ୍ ବୁଥରେ କେବଳ ମହିଳା ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସର ନିଯୁକ୍ତ ହେବେ।

■ କେନ୍ଦ୍ରରେ ସଂଖ୍ୟା ଗରିଷ୍ଠତାକୁ ନେଇ ଆଶଙ୍କା

# ‘ଯିଏ ରାଜ୍ୟ ସ୍ୱାର୍ଥ ବୁଝିବ ତାକୁ ସମର୍ଥନ’

## ଫଳାଫଳ ପୂର୍ବରୁ ବିଜେଡିର ଗୋଟି ଚାଳନା

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଚଳିତ ସାଧାରଣ ନିର୍ବାଚନର ଗୋଟିଏ ପର୍ଯ୍ୟାୟ ଶେଷ ହୋଇଛି। ତେବେ ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ କେନ୍ଦ୍ରରେ ଭାଜପା ପରିଚାଳିତ ଏନଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଉପାକୁ ବହୁମତ ମିଳିବା ସମ୍ଭାବନା କମ୍। ଏପରି ସ୍ଥଳେ ଆଞ୍ଚଳିକ ଦଳଗୁଡ଼ିକର ଗୁରୁତ୍ୱ ବଢ଼ିଯିବା ସମ୍ଭାବନା ରହିଛି। ନିର୍ବାଚନ ଫଳାଫଳ ସର୍ଭେକୁ ଆଧାର କରି ବିଜେଡି ଏବେଠାରୁ ଗୋଟି ଚାଳନା ଆରମ୍ଭ କରି ଦେଇଛି। ଉଭୟ କଂଗ୍ରେସ ଓ ଭାଜପାଠାରୁ ସମଦୂରତ୍ୱ ରଖିବାକୁ କହି ଆସୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ କରିଥିବା ନେଇ ଚର୍ଚ୍ଚା ହେଉଛି। ଏପରି କି ଚଳିତ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେଡି କେନ୍ଦ୍ରରେ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ନବୀନ କହି ଆସୁଛନ୍ତି। ଯେଉଁ ସରକାର ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେବ ବିଜେଡି ସେହି ସରକାରଙ୍କୁ ସମର୍ଥନ କରିବ ବୋଲି ମୁଖ୍ୟମନ୍ତ୍ରୀ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍କାରରେ ସୂଚନା ଦେଇଛନ୍ତି। ନବୀନଙ୍କ ଏଭଳି ମତ କେଉଁ ଜାତୀୟ ଦଳ କିମ୍ବା ମେଣ୍ଟକୁ ସମର୍ଥନ କରିବ ତାହା ସ୍ପଷ୍ଟ ହୋଇ ନାହିଁ।

ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ରାଜନୈତିକ ବିଶ୍ଳେଷକ ତଥା ଇଣ୍ଡିଆ ଟୁଡେର କନ୍‌ସଲଟିଂ ଏଡିଟର ରାଜଦୀପ ସର ଦେଶାଇ କହିଛନ୍ତି ଯେ ୨୦୧୯ ନିର୍ବାଚନରେ ଆଞ୍ଚଳିକ ଦଳଗୁଡ଼ିକର କେନ୍ଦ୍ରରେ ସରକାର ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଯଦି ଉତ୍ତର ପ୍ରଦେଶରେ ମୋଦିଙ୍କ ମ୍ୟାଜିକ୍ କାମ ନ କରିବ ତେବେ ଭାଜପାକୁ ନୂତନ ସହଯୋଗୀର ଆବଶ୍ୟକତା ପଡ଼ିବ। ଯେଉଁ ଆଞ୍ଚଳିକ ଦଳ ୧୫ଟି ସିଟରୁ ଅଧିକ ଆସନ ପାଇବାରେ ସଫଳ ହେବେ ସେହି ଦଳଗୁଡ଼ିକ ଦିଲ୍ଲୀରେ ସରକାର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସେହି ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରେ ଏସପି, ବିଏସପି, କେସିଆର, ଜଗମୋହନ ରେଡ୍ଡୀ, ଡିଏମକେ, ତୃଣମୂଳ ଏବଂ ବିଜେଡିର ନାମ ଆଗରେ ରହିଛି। ଯଦି ଆଞ୍ଚଳିକ ଦଳଗୁଡ଼ିକ ୧୨୦ରୁ ଅଧିକ ସିଟି ହାସଲ କରିବାରେ ସଫଳ ହେବେ ତେବେ ପ୍ରଧାନମନ୍ତ୍ରୀ ବାଛିବା କ୍ଷମତା ମଧ୍ୟ ସେହି ଦଳଗୁଡ଼ିକ ହାତରେ ରହିବ ବୋଲି କୁହାଯାଉଛି। ରାଜନୈତିକ ବିଶ୍ଳେଷକଙ୍କ କହିବା କଥା ହେଲା ବିଜେଡି ଭାଜପା ପରିଚାଳିତ ଏନଡିଏ, କଂଗ୍ରେସ ପରିଚାଳିତ ଉପା କିମ୍ବା ମହାଗଠବନ୍ଧନକୁ ସମର୍ଥନ କରିବାକୁ ପଡ଼ିବ। ନିର୍ବାଚନ ଫଳାଫଳ ଉପରେ ହିଁ ସବୁ କିଛି ନିର୍ଭର କରୁଛି। ଯଦି ସରକାର ଗଠନ ପାଇଁ ସଂଖ୍ୟାଗରିଷ୍ଠ ଆସନ ନ ମିଳିବ ତେବେ ବିଜେଡିକୁ ନିଜର ଦାବି ନେଇ ମୂଳ ଚାଲ କରିବାକୁ ସୁଯୋଗ ମିଳିପାରିବ। ବିଜେଡି ବିମୁଦ୍ରୀକରଣ, ଜିଏସଟି ଆଦି କ୍ଷେତ୍ରରେ ଏନଡିଏକୁ ସମର୍ଥନ ଦେଇ ଆସିଛି। ୨୦୧୪ରେ କଂଗ୍ରେସ ଥିବାବେଳେ ଚଳିତ ନିର୍ବାଚନରେ ରାଜ୍ୟରେ ଭାଜପା ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଛି। ଏଭଳି କ୍ଷେତ୍ରରେ ବିଜେଡି ରାଜ୍ୟର ମୁଖ୍ୟ ବିରୋଧୀ ଦଳକୁ କେନ୍ଦ୍ରରେ ସମର୍ଥନ ଦେବ କି ଅନ୍ୟ କାହାକୁ ସମର୍ଥନ କରିବ ତାହା ଚୂଡ଼ାନ୍ତ ଫଳାଫଳ ପରେ ଜଣାପଡ଼ିବ।

# ଟିକେଟ ନ ପାଇ ଦଳ ଛାଡ଼ିଥିବା ନେତା ବହିଷ୍କୃତ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଚଳିତ ନିର୍ବାଚନରେ ବିଜେଡିରୁ ଟିକେଟ ନ ପାଇ ଦଳ ଛାଡ଼ିଥିବା ବିଧାୟକ, ପୂର୍ବତନ ମନ୍ତ୍ରୀ ଓ ଆଶାୟୀ ପ୍ରାର୍ଥୀମାନଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ କରାଯାଇଛି। ବାଲେଶ୍ୱର ଜିଲାର ରଘୁନାଥ ମହାନ୍ତି, ଅନୁଗୋଳ ଜିଲାର ରବି ପାଣି, ଭଦ୍ରକ ଜିଲାର ଅର୍ଜୁନ ସେଠୀ, ଅଭିମନ୍ୟୁ ସେଠୀ, ନୟାଗଡ଼ ଜିଲାର ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ଗଜପତି ଜିଲାର କେ. ନାରାୟଣ ରାଓ, ନୟାଗଡ଼ ଜିଲାର ପୂର୍ଣ୍ଣ ଚନ୍ଦ୍ର ନାୟକ, ଗଜପତି ଜିଲାର ବାସନ୍ତୀ ମଲ୍ଲିକ, ଗଞ୍ଜାମ ଜିଲାର ଦେବରାଜ ମହାନ୍ତି, ଭୁବନେଶ୍ୱର ସାଙ୍ଗଠନିକ ଜିଲାର ବାବୁ ସିଂହ, ମୟୂରଭଞ୍ଜ ଜିଲାର ଲକ୍ଷ୍ମଣ ଟୁଡୁ, ପ୍ରବୀଣ ଭଞ୍ଜ ଦେଓ, ପୁରୀ ଜିଲାର ଜୟନ୍ତ ଷଡ଼ଙ୍ଗୀ ଓ ସୁନ୍ଦରଗଡ଼ ଜିଲାର କୁସୁମ ଟେଟେଙ୍କୁ ବିଜୁ ଜନତା ଦଳରୁ ବହିଷ୍କୃତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବିଧାୟକ ଓ ନେତାମାନଙ୍କ ଦଳରୁ ବହିଷ୍କାର କରାଯାଇଥିବା ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ନୀତେଶ, ଜୟଙ୍କ ପାଇଁ ପ୍ରଚାର କଲେ ଧର୍ମେନ୍ଦ୍ର

ସମ୍ବଲପୁର,୧୫।୪(ବ୍ୟୁରୋ)

ସମ୍ବଲପୁର ସହରରେ ସୋମବାର ସନ୍ଧ୍ୟାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଛନ୍ତି। ସମ୍ବଲପୁର ଲୋକସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀ ନୀତେଶ ଗଙ୍ଗଦେବ ଓ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀ ଜୟନାରାଣ ମିଶ୍ରଙ୍କ ପାଇଁ ଧର୍ମେନ୍ଦ୍ର ଭୋଟ ଭିକ୍ଷା କରିଛନ୍ତି। କୁଞ୍ଜେଲପଡା ଛକରେ ସ୍ୱାଗତ କରାଯାଇଥିଲା । ପରେ ଗେଇଟିରୋଡ, ଗୋଲବଜାର, ରଣ୍ଡେଲିଆ ଛକ ଦେଇ ମୁଦି ପଡାରେ ଏହି ରୋଡ୍ ଶୋ ଶେଷ ହୋଇଥିଲା । ପ୍ରତ୍ୟେକ ପଡାର ଛକ ଗୁଡିକରେ କର୍ମକର୍ତ୍ତା ଛିଡା ହୋଇ ସ୍ୱାଗତ କରିଥିଲେ । ମହିଳମାନେ କଳସ ସ୍ଥାପନା କରି ଅପେକ୍ଷା କରିଥିଲେ । ପୁଷ୍ପ ମାଳା ଦେଇ ହରିବୋଲ, ହୁଳହୁଳିରେ ସ୍ୱାଗତ କରିଥିଲେ ।



ସମ୍ବଲପୁରରେ ଭାଜପାର ରୋଡ୍ ଶୋରେ ଧର୍ମେନ୍ଦ୍ର, ଜୟନାରାୟଣ, ନୀତେଶ।

## ଧର୍ମେନ୍ଦ୍ରଙ୍କ କାର କାଚ ଭାଙ୍ଗି ଦେଲେ

ଶୋଭାଯାତ୍ରାରେ ଧର୍ମେନ୍ଦ୍ରଙ୍କ କାରର ପଛ କାଚକୁ କେହି ଭାଙ୍ଗି ଦେଇଥିଲେ। ଆକ୍ରୋଶ ମୂଳକ ଭାବରେ କେହି ଏଭଳି କରିଥିବା ଅନୁମାନ କରାଯାଉଛି। ହେଲେ ପ୍ରବଳ ଖରା ଯୋଗୁ କାଚ ଫାଟି ଯାଇଥିବା ଡ୍ରାଇଭର କହିଥିଲେ, ଯାହା ବିଶ୍ୱାସଯୋଗ୍ୟ ହେଉନି। ତେବେ ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରାଙ୍କୁ ପଚାରିବାରୁ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ରହିଥିଲା । କୌଣସି ପ୍ରକାର ଘଟଣା ସାମନାକୁ ଆସିନାହିଁ । ଗାଡି କାଚ ଭଙ୍ଗା ସମ୍ପର୍କରେ ତଦନ୍ତ କରା ଯାଇଥିଲା । ହେଲେ ଖରା ଯୋଗୁ କାଚ ଭାଙ୍ଗି ଯାଇଥିବା ଡ୍ରାଇଭର କହିଥିଲେ ବୋଲି ଏସ୍‌ପି ସଫେଇ ଦେଇଛନ୍ତି।

## କାନଭାସରେ ନିର୍ବାଚନ

ସମ୍ବଲପୁର, ୧୫।୪ (ବ୍ୟୁରୋ)

କଳା ଓ କଳାକାର ପକ୍ଷରୁ ‘କାନଭାସରେ ନିର୍ବାଚନୀ’ କାର୍ଯ୍ୟକ୍ରମ ଧନୁପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନରେ ସମସ୍ତେ ଭୋଟ ଦେବାକୁ କଳାକାରମାନେଙ୍କ କାନଭାସ ମାଧ୍ୟମରେ ସଚେତନ କରିଛନ୍ତି। ଯତୀନ ଦୀକ୍ଷିତ, କୁଳଦୀପ ବର୍ମା, ଦେବେନ୍ଦ୍ର ସାହୁ, ନିତ୍ୟାନନ୍ଦ ପଣ୍ଡା, ଅଞ୍ଜନ ପଟ୍ଟନାୟକ, ରୋଶନ ଦାଶ, ପୁରବ ମେହେର, ଜ୍ୟୋତିରାଦିତ୍ୟ ମହାନ୍ତି, ଆୟୁଷ୍ମାନ ଦାସ, ଅଭିଷେକ ବିଶ୍ୱାଳ, ଆୟୁଷ ପାଢ଼ୀ, ରୋହିତ କୁମ୍ଭାର, ସୁମନ ବେରା, ନମ୍ରତା ନାୟକ ପ୍ରମୁଖ ଚିତ୍ର ଆଙ୍କିଥିଲେ । ପ୍ରଶାନ୍ତ ମାଝି, ସଞ୍ଜୟ ସାହୁ, ସୁଦାମ ପଣ୍ଡା, ଜଗନ୍ନାଥ ବେହେରା, ପବିତ୍ର ବେରିହା ଓ ସୁମନ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।





ଭୋଟଦେବାକୁ ଉତ୍ସାହିତ କରି ଜଣେ ଶିଳ୍ପୀ ଆଙ୍କିଥିବା ଚିତ୍ର।

# ଆଜି ଆସୁଛନ୍ତି ମୋଦି

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିବେ। ପ୍ରଥମେ ସେ ସମ୍ବଲପୁରରେ ହେବାକୁ ଥିବା ନିର୍ବାଚନ ପ୍ରଚାର ସଭାରେ ଯୋଗ ଦେବେ। ସେଠାରୁ ଅପରାହ୍ନ ୪ଟାରେ ଭୁବନେଶ୍ୱରରେ ପହଞ୍ଚିବେ। ବିମାନ ବନ୍ଦରରେ ପହଞ୍ଚିବା ପରେ ମୋଦିଙ୍କର ମେଗା ରୋଡ ଶୋ’ ଆରମ୍ଭ ହେବ। ବିମାନବନ୍ଦରରୁ ରୋଡ ଶୋ’ ବାହାରି ଗଙ୍ଗନଗର, ଓୟୁଏଟି, ଶିରିପୁର ଛକ ଦେଇ ସିଟି ୱୁମେନ୍ସ କଲେଜ ପଛପଟ ଶିବମନ୍ଦିର ବାଟଦେଇ ମୋଦିଙ୍କ ରୋଡ ଶୋ’ ବରମୁଣ୍ଡା ହାଇସ୍କୁଲ ପଡ଼ିଆରେ ପହଞ୍ଚିବ। ସେଠାରେ ମୋଦି ଦଳ ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନ୍ୟ ପଟେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କଟକରେ ରୋଡ ଶୋ’ କରିବା କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ଗସ୍ତକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି।

# କବିତା ଆସର, ପୁସ୍ତକ ଲୋକାର୍ପଣ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଦେବଗଡ଼,୧୫।୪(ସ୍ୱ.ପ୍ର.)

ସ୍ଥାନୀୟ ଲିଟିଲ କନଫେରେନ୍ସ ହଲଠାରେ ଦେବଗଡ଼ର କଳିକା ନାଟ୍ୟାନୁଷ୍ଠାନ ପକ୍ଷରୁ ଏକ କବିତା ଆସର ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଶ୍ରୀ ଅତୁଲ୍ୟ କୁମାର ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜବାହର ନବୋଦୟ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ.ସୁରେନ୍ଦ୍ରନାଥ ତ୍ରିପାଠୀ, ଡ. ସନ୍ତୋଷ ଦେବତା, ଆଇନଜୀବୀ ମନୋଜ କୁମାର ପାଢୀ, ପ୍ରଫୁଲ୍ଲ କୁମାର ମହାପାତ୍ର, ମାର୍କଣ୍ଡେଶ୍ୱର ଶତପଥୀ, ପ୍ରଫୁଲ୍ଲ ପଟେଲ, ମହିଳା କଲେଜର ଓଡ଼ିଆ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଉପଲକ୍ଷେ ଅତିଥିଙ୍କ ଦ୍ୱାରା ୪ଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ଦେବଗଡ଼ର ୩୫ଜଣ କବୟିତ୍ରୀ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ସେହିପରି କ୍ଲବ ପକ୍ଷରୁ ବରିଷ୍ଠ ଲେଖାକାର ନିରଞ୍ଜନ ଦ୍ୱିବେଦୀ, ଆଇନଜୀବୀ ଦିଲୀପ କୁମାର ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ଉପ ସଭାପତି ଅଶୋକ ନନ୍ଦ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ସାହିତ୍ୟିକ, କବି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଗତଙ୍କ ମୁଣ୍ଡରେ ଦଳୀୟ ଚିହ୍ନ



ଘଣ୍ଟାପଡା, ୧୫।୪ (ଡି.ଏନ.ଏ)- କ୍ରିକେଟ , ହକି ବିଶ୍ୱକପ ଭଳି ରାଜନୈତିକ ଦଳ ସମର୍ଥକ ନିଜ ମୁଣ୍ଡରେ ଦଳୀୟ ଚିହ୍ନ ତିଆରି କରି ପ୍ରଚାର କରୁଛନ୍ତି। ଏପରି ଦେଖିବାକୁ ମିଳିଛି କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ଘଣ୍ଟାପଡାରେ । ଘଣ୍ଟାପଡା ବଜାର ଛକରେ ଥିବା ସେଲୁନରେ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ଅନୁଗତଙ୍କ ଭାରି ଭିଡ ଲାଗୁଛି ।

## ‘କୌଣସି ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦିଅନି’

ସମ୍ବଲପୁର,୧୫।୪(ବ୍ୟୁରେ)

ସମ୍ବଲପୁର ଜିଲା ରେଢାଖୋଲ ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଜୟଲାଲ ବେହେରା ସୋମବାର ଯୁଯୁମୁରା ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିଛନ୍ତି । କେଶାପାଲି, କୋଲଗାଁ, ଗଡଲୁଇସିଂ ଗାଁରେ ସେ ପଦଯାତ୍ରା କରି ଭୋଟରଙ୍କୁ ଭେଟିଥିଲେ। ତେବେ କୌଣସି ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ଭୋଟ୍ ନ ଦେବାକୁ ସେ ଭୋଟରଙ୍କୁ ପରାମର୍ଶ ଦେଇଥିଲେ। କୃଷ୍ଣଚନ୍ଦ୍ର ବାଙ୍କ, ଅଶ୍ୱିନୀ ପ୍ରଧାନ, ରତନ ଟପ୍ପୋ, ବଳରାମ ପ୍ରଧାନ ପ୍ରମୁଖ ତାଙ୍କ ସହ ପ୍ରଚାରରେ ସାମିଲ ହୋଇଥିଲେ।



ଜୟଲାଲ ବେହେରା ପ୍ରଚାର କରୁଛନ୍ତି ।



ହଳଦିବାହାଲ ଗାଁରେ ଦରଖଣ୍ଡିଆ ହେଇ ପଡ଼ିଥିବାର ରାସ୍ତା।

■ ବାଟ ଛେକିଛେ ନିରବାଚନ ଆଚରନ୍‌ବିଧି

# ଦରଖଁଡ଼ିଆ ହେଇ ପଡ଼ିଛେ କଂକ୍ରିଟ ରାସ୍ତା

ପଡିଆବାହାଲ, ୧୫।୪ (ଡି.ଏନ.ଏ)

ଜମନକିରା ବ୍ଲକ ଖରସନମାଲ ପଁଚେତ୍ ଅଧୀନ ହଳଦିବାହାଲ ଗାଁରେ କଂକ୍ରିଟ ରାସ୍ତା ତିଆରିବାର ଲାଗି ଗଲା ମାର୍ଚ୍ଚ ୫ ତାରିଖ୍‌ରୁ ଫାଉଣ୍ଡେସନ ନାଁରେ ରାସ୍ତା କୁଡ଼ି ଦିଆଯାଇଛେ। ଗୁଟେ ସାଧା ସୂଚନା ଫଳକ ତିଆର କରାଯାଇଛେ, ସେଥିରେ କିଛି ଲେଖା ନାଁଇଁନ। ଇଆଡ଼େ କାମ୍ ଆରମ୍ ନାଇଁକରି କରି ହେନ୍‌ଥେଇ ରାସ୍ତା କୁଡ଼ି ପକେଇ ଦିଆଯାଇଛେ। ଯେନ୍‌ଥିରଲାଗି ଗାଡ଼ିମଟର ଯିବାର ଆଏବାର ନାଇଁ କରିପାରବାର। ଏମ୍‌ପି ଫଣ୍ଡରୁ ୩-୪ ଲାଖ୍ ଟଁକା ଖରଚ୍‌ରେ କୁଲିଗପଡ଼ା ହଲଦୀବାହାଲରୁ ଡୁରୁକଚୁଆଁକେ ଯୁଡ଼ି ହେଉଥିବାର ରାସ୍ତା ଜମନକିରା ବ୍ଲକ ତକ୍ ତିଆର ହେବାର ଥିଲା। ହେଲେ ଲାଗିଥିବାର ସୂଚନା ଫଳକରେ ଇ ବାବ୍‌ଦେ କିଛି ଲେଖା ନାଇଁହେଇ। ଯେନ୍‌ଥିରଲାଗି ଗାଁବାସୀ ରାସ୍ତା ବାବ୍‌ଦେ କିଛି ଶୋର ନାଇଁ ପାଏବାର। ଏହେଦେ ନିରବାଚନ ଆଚରନବିଧି ଲାଗୁ ହେଲା ଉତାରୁ ଇ କାମ୍ ବଁଦ୍ ଥିବାର ଜନାଯାଇଛେ। ଇ କାମ୍ ତଦାରଖ୍ ଦାଇତିଅରେ ଥିବାର ଜେଇ ପଟେଲ ବାବୁକୁଁ ପଚରାଲରୁ ରାସ୍ତା ତରେ ଅନେକ ଲୁକ୍‌କର ଜମି ରହିଛେ ସେ ସବୁ ଡିମାର୍କେସନ କରି ଆଚରନବିଧି ଉତାରୁ କାମ୍ ଆରମ୍ କରାଯିବା ବଲି ସେ କହିଥିଲେ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଆଜି ଆସିବେ ମୋଦି: ପୋଲିସ ବଳୟରେ ସଭାସ୍ଥଳ

ସମ୍ବଲପୁର,୧୫।୪(ବ୍ୟୁରୋ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ସେ ଝାରସୁଗୁଡା ବିମାନବନ୍ଦରରେ ଓହ୍ଲାଇ ସେଠାରୁ ସମ୍ବଲପୁର ରେମେଡସ୍ଥିତ ସଭା ସ୍ଥଳରେ ସକାଳ ୧୦ଟାରେ ପହଞ୍ଚିବେ। ସମ୍ବଲପୁର ଲୋକସଭା ଓ ଏହି କ୍ଷେତ୍ର ଅଧୀନ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ପ୍ରଚାର କରିବେ। ଆଇଜି ଅସିତ ପାଣିଗ୍ରାହୀ, ଡିଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ସଞ୍ଜୀବ ଆରୋରା ପ୍ରମୁଖ ପୋଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି । ହେଲିପ୍ୟାଡଠାରୁ ସଭାସ୍ଥଳକୁ ପ୍ରଧାନମନ୍ତ୍ରୀଙ୍କ କାରକେଡ୍ କିଭଳି ଆସିବ ତାହାର ମକ୍ ଡ୍ରିଲ୍ କରାଯାଇଛି । ସଭାସ୍ଥଳକୁ ପୋଲିସ ବଳୟରେ ରଖା ଯାଇଛି।

### ଅଭିଯୋଗକୁ ହାଲୁକା ନେଉଛି ପୋଲିସ

ସମ୍ବଲପୁର,୧୫।୪(ବ୍ୟୁରୋ) ସମ୍ବଲପୁର ସଦର ଥାନା କୋଲପାଲି ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଏ ନେଇ ସୋମବାର ପୀଡିତା ମହିଳା ଜଣକ ଏସ୍‌ପି ସଞ୍ଜୀବ ଆରୋରାଙ୍କ ପାଖରେ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ମାର୍ଚ୍ଚ ୭ ତାରିଖ ପ୍ରମୋଦ ପ୍ରଧାନ ନାମକ ଜଣେ ବ୍ୟକ୍ତି ତାଙ୍କୁ ଅସଦାଚରଣ କରିଥିଲେ । ଏହାକୁ ନେଇ ସଦର ଥାନାରେ ସେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିଲା । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଘଟଣାକୁ ଏକ ମାସରୁ ଅଧିକ ସମୟ ହୋଇଯାଇଥିଲେ ମଧ ପୋଲିସ ଚୁପ୍ ବସି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

### ଆମ୍ବେଦକର ଜୟନ୍ତୀ

ସମ୍ବଲପୁର, ୧୫।୪ (ବ୍ୟୁରୋ)- ନିଖିଳ ଓଡିଶା ଆଦିବାସୀ ସାଂସ୍କୃତିକ ସଂସଦ ପକ୍ଷରୁ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବୁଢ଼ାରଜା ଭୀମ ଭୋଇ ମଣ୍ଡପଠାରେ ମାଥୁରୀ ମୁଣ୍ଡାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ ମୁଖ୍ୟଅତିଥି, ସାହିତ୍ୟକ ଗଣେଶରାମ ନାହାକ, ନିତାଇଚରଣ ସରାଫ ବକ୍ତା ଭାବେ ଯୋଗ ଦେଇଥିଲେ । ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସାହିତ୍ୟିକ ଯୋଗ ଦେଇଥିଲେ । ଅନୁରାଗିଣୀ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଝରାପାଲି ଗ୍ରାମରେ ମଧ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି । ଦୟା ଭୋସାଗରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଶାନ୍ତିଲତା ମାଝି ମୁଖ୍ୟଅତିଥି, ସନ୍ଦୀପ କୁମାର ଶ୍ରୀବାସ୍ତବ, ହାରାଚାନ୍ଦ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୌରେଖ ନାଥ ଯୁବ ସଂଗଠନ ଓ ଜିଲା ଭାରତ ନିର୍ମାଣ ଯୁବ ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ରକ୍ରମ ହୋଇଥିଲା । ସଞ୍ଜୀବ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚତୁର୍ଭୁଜ ଗର୍ଡିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଲିଲିମା ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଧାକୃଷ୍ଣ ସାଂସ୍କୃତିକ ସଂସଦର ବିଷୁବ ମିଳନ

ରେଢାଖୋଲ,୧୫।୪(ଡି.ଏନ.ଏ.) ରେଢାଖୋଲ କଲିନ୍ଦରସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରଙ୍ଗଣରେ ରାଧାକୃଷ୍ଣ ସାଂସ୍କୃତିକ ସଂସଦର ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିବପ୍ରସାଦ ପ୍ରଧାନ, ଅନାଦି ସାହୁ, ମାଧିପୁର ହାଇସ୍କୁଲର ଶିକ୍ଷକ ଜୟନ୍ତ ମାହାର, ବେଣୁଧର ବିଶ୍ୱାଳ, ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତରୁଣ କୁମାର ମହାନ୍ତି, ବଶିଷ୍ଠ ମହାନ୍ତି, ଶରତ ଚନ୍ଦ୍ର ନାୟକ, ଯୁଧିଷ୍ଠିର ଧଳ, ଗୁଣନିଧି ଦୀପ ପ୍ରମୁଖ ସହଯୋଗ କରିଥିଲେ। ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

■ ପିଇଲା ପାଏନ୍, ସ୍ୱାସ୍ଥ୍ୟସେବା ସମସିଆ ମୁଖିଆ ପରସଂଗ ହେବା

# ମଉଲିକ୍ ସୁବିଧାରୁ ବଁଚିତ ନାକଟିଦେଉଳ ଅଂଚଲବାସୀ

ନାକଟିଦେଉଳ,୧୫।୪(ଡି.ଏନ.ଏ.) ସମ୍ବଲପୁର ଲୋକସଭା କ୍ଷେତ୍ର ଅଧୀନ ରେଢ଼ାଖୋଲ ବିଧାନସଭା କ୍ଷେତ୍ରର ନାକଟିଦେଉଳ ବ୍ଲକ ଅଂଚଲରେ ଏହେଦେ ରାଜନଇତିକ୍ ତାତି ବଢ଼ୁତେଲ ଯାଉଛେ। ଭିନେ ଭିନେ ଦଲର ପ୍ରାର୍ଥୀମାନେ ପରଚାର ମଇଦାନକେ ଉତରି ସାଧାରନ୍ ଭୋଟରକୁଁ ଭିନେ ଭିନେ କଥା ଦେଇ ଭୋଟ ଦେବାକେ ଲଲ୍‌ଚଉଛନ୍। ଏନ୍‌ତା ୫ ବଛରରେ ଘାଏ ଭୋଟ ହେଉଛେ। ନେତା ଆସୁଛନ୍ କଥା ଦେଉଛନ୍, ହେଲେ ଭୋଟ ସଏଲେ ସବୁ ପାସରି ଦେଉଛନ୍। ନାକଟିଦେଉଳ ଅଂଚଲବାସୀକର ମୁଖିଆ ଦାବି ହେଲା ସୁଆସ୍‌ତିଅ ସେବାରେ ଲାଗି ରହିଥିବାର ସମସିଆର ସମାଧାନ ଆର ଲୁକ୍‌କୁ ପାଇପ୍‌ରେ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାର ବେବସ୍‌ତା କରବା। ଅଂଚଲରେ ବହୁତ୍ ବଛର ହେଲା ଇ ସମସିଆ ଲାଗି ରହିଥିଲେ ବି ନେତାମାନେ ଖାଲି କଥା ଦେଇ ଲୁକ୍‌କୁ ଭକୁଆ ବନଉଛନ୍। କେହେନ୍‌ସି ରାଜନଇତିକ୍ ଦଲ ସମସିଆର ସମାଧାନ ଲାଗି ଚେଷ୍‌ଟା ନାଇଁକରବାର। ସେଥିରଲାଗି ଚଲତି ନିରବାଚନରେ ଭୋଟରକଁର ମତ କେନ୍ ଦଲ୍‌କେ ଯିବା ସେଟା ଆଏବାର ଦିନେ ଜନାପଡ଼ବା। ଚଲତି ନିରବାଚନରେ ନାକଟିଦେଉଳ ଅଂଚଲବାସୀକର ପିଇଲା ପାଏନ ଆର ସୁଆସ୍‌ତିଅ ସେବାରେ ଲାଗି ରହିଥିବାର ସମସିଆ ମୁଖିଆ ପରସଂଗ ହେବା ବଲି ଜନାପଡ଼ିଛେ। ଗଲା ୨୦୦୨ ସାଲେ ନାକଟିଦେଉଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କରାଗଲା। ହେଲେ ଡାକ୍‌ତରଖାନାଟା ସାଇନବୋର୍ଡରେ ସୀମିତ ହେଇ ରହିଗଲା। ରାଜନଇତିକ ଇଛାଶକ୍ତି ଆର ପରଶାସନର ଆଁତରିକତା ଅଭାବୁ ଆଏଜ୍‌ତକ୍ ଇଠାନେ ଝନେ ହେଲେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ନାଇଁ ହେଇ। ମାମୁଲି ରୋଗ୍ ଲାଗି ଥାନୀୟ ଲୋକ ସମ୍ବଲପୁର, ବୁର୍ଲାକେ ଦଉଡୁଛନ୍। ଏନ୍‌ତା ବି ହେଉଛେ ରୁଗୀକେ ବୁର୍ଲା ନେଲାବେଲେ ବାଟେ ଜୀବନ୍ ପଲେଇଯାଉଛେ। ଡାକ୍‌ତରଖାନାରେ ଲାଗି ରହିଥିବାର ସମସିଆର ସମାଧାନ ଲାଗି ଥାନୀୟ ଜନସାଧାରନ୍, ବୁଧିଜୀବୀ ମହଲ ସବୁବେଲେ ଦାବି କରିଆସୁଛନ୍। ହେଲେ କେହି ଇ ଦିଗେ ଧିଆନ୍ ନାଇଁ ଦେବାର। ଭୋଟ ସରିଗଲେ ନେତାମାନେ ଦେଇଥିବାର କଥାକେ ପାସରି ଦେଉଛନ୍। ଇଆଡ଼େ ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ସବୁ ଗାଁକେ ପାଇପରେ ନିରମଲ ପିଇଲା ପାଏନ୍ ଯୁଗେଇ ଦେଉଥିବାର ଡିଂରା ପିଟୁଛନ୍। ହେଲେ ସତ୍‌କୁ ସତ୍ ଗାଁମାନକେ ଲୋକ୍ ନିରମଲ ପିଇଲା ପାଏନ୍ ପାଉଛନ୍ କି ନାଇଁ ସେଟା ନାକଟିଦେଉଳ ବ୍ଲକ ସଦର ଗାଁରୁ ଫଟିକ୍ ବାରି ହେଉଛେ। ୩ ବଛର ହେଲା ନାକଟିଦେଉଳକେ ପାଇପ୍ ପାଏନ୍ ଯୁଗେଇ ଦେବାର ଲାଗି ପ୍ରକଳ୍ପ ଅଧାପନ୍‌ତରିଆ ହେଇ ପଡ଼ିରହିଛେ। ନାକଟିଦେଉଳ ଗାଁର ଯୁବକ ସନ୍ତୋଷ କୁମାର ଦାଶ କହିଛନ୍ ଯେ, ନାକଟିଦେଉଳ ଡାକ୍‌ତରଖାନାରେ ଝନେ ବି ବିଶେଷଜ୍ଞ ଡାକ୍‌ରତ ନାଁଇଁନ। ଯେନ୍‌ଥିରଲାଗି ଦିହିପା ଖରାପ ହେଲେ ସମ୍ବଲପୁର କି ବୁର୍ଲାକେ ଯିବାକେ ପଡୁଛେ। ସେନ୍‌ତା ପାଇପ୍‌ରେ ନିରମଲ ପିଇଲା ପାଏନ୍ ପାଏବାରଟ ଆମକୁ ସପନ୍ ହେଇଛେ ବଲି କହିଛନ୍। ସେନ୍‌ତା କିସିଣ୍ଡା ପଁଚେତ୍‌ର ଖନ୍ଦିବାହାଲ ଗାଁର କାହ୍ନୁ ଚରଣ ମାଝି କହିଛନ୍ ଯେ, ଖାଲି ନାକଟିଦେଉଳ ଡାକ୍‌ତରଖାନା ନୁହେ ଆମର ପାସର ଗିରିଶ୍ଚନ୍ଦ୍ରପୁର ଡାକ୍‌ତରଖାନାରେ ବି ବହୁତ୍ ଦିନ୍ ହେଲା ଡାକ୍‌ତର ସମସିଆ ଲାଗି ରହିଛେ। ଇଠାନେ ଥିବାର ଡାକ୍‌ତର କେତେବେଲେ କେନ୍‌ତା ଆସି ହାଜ୍‌ରା ପକଉଛନ୍। ସେଥିରଲାଗି ଅନେକ ସମିଆରେ ଦିହିପା ଲାଗି ଆମକୁ ସମ୍ବଲପୁର, ବୁର୍ଲା ଯିବାକେ ପଡୁଛେ। ସେନ୍‌ତା ଗାଁରେ ପିଇଲା ପାଏନ୍ ସମସିଆ ଲାଗି ରହିଛେ। ଗାଁରେ ନଲ୍‌ତୁଆଁ ଅଛେ ହେଲେ ସେଥିରୁ ବାହାରୁଥିବାର ପାଏନ୍ ବେଭାର କରି ନାଇଁ ହେବାର। ଇ ସମସିଆର ସମାଧାନ ଲାଗି ଗାଁବାସୀ ଦାବି କରି ଆସୁଥିଲେ ବି କେହି ନାଇଁ ଶୁନବାର। ସେଥିରଲାଗି ପିଇଲା ପାଏନ୍ ଆର ସୁଆସ୍‌ତିଅ ସେବାକେ ଯେନ୍ ଦଲ୍ ନିଜର ଇସ୍ତାହାରରେ ସାମିଲ କରବା ଭୋଟରକଁର ମତ୍ ସେଆଡ଼େ ଯିବା ବଲି ଜନାପଡ଼ିଛେ।




ନାକଟିଦେଉଳ ସ୍ୱାସ୍ଥ୍ୟ କେନ୍ଦ୍ର ।



ଦରଖଁଡ଼ିଆ ହେଇ ପଡ଼ିଥିବାର ପିଇଲା ପାଏନ୍ ପ୍ରକଳ୍ପ ।

## ଭବାନୀ ମନ୍ଦିରରେ ନବରାତ୍ର ପୂଜା



ଏମ୍‌ସିଏଲ୍ ଜାଗୃତି ବିହାର ଭବାନୀ ମନ୍ଦିରରେ ନବରାତ୍ର ପୂଜା କରାଯାଉଛି ।

ସମ୍ବଲପୁର, ୧୫।୪ (ବ୍ୟୁରୋ) ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ବିହାର ଭବାନୀ ମନ୍ଦିରରେ ନବରାତ୍ର ପୂଜାର୍ଚ୍ଚନା ରୀତିନୀତି ଓ ପରାମ୍ପରାରେ ଅନୁଷ୍ଠିତ ହୋଇଯାଇଛି । ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ଉପାଧ୍ୟକ୍ଷା ମଧୁ ମିଶ୍ର ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ । ରଘୁମଣି ଦାଶ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । ଗତ ୬ ତାରିଖରୁ ନବରାତ୍ର ପୂଜା ହୋଇଥିଲା ।

## କତରବଗା ଥାନା ଭଙ୍ଗାରୁଜା ଘଟଣାରେ ୧୩ଜଣଙ୍କୁ ଗିରଫ କଲା ପୋଲିସ

ରେଙ୍ଗାଲି,୧୫।୪ (ଡି.ଏନ.ଏ.) ସମ୍ବଲପୁର ଜିଲା କତରବଗା ଥାନାରେ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ୧୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ମାନସ ତରିଆ (୨୧), ଜିତେନ୍ଦ୍ର ବେହେରା (୩୮), ରାମପ୍ରସାଦ ସାହୁ (୫୯), ଜୟକୃଷ୍ଣ କୁମୁରା (୫୨), ଜୟକୃଷ୍ଣ ଧୁରୁଆ (୪୫), ଦେବେନ୍ଦ୍ର ପ୍ରଧାନ (୩୦), ସୋଭାଗ୍ୟ ସାହୁ (୩୨), ନିଳମଣୀ ସାହୁ (୨୮), ରାଜେଶ ସାହୁ (୩୨), ବିରୁ ଭୁୟାଁ (୪୦), ରମେଶ ଧୁରୁଆ (୫୫), ଚୁଡାମଣି ମହାପାତ୍ର (୨୫), ସଞ୍ଜୀବ ସେଠ (୨୯)। ଅନ୍ୟମାନଙ୍କୁ ମଧ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଅଜୟ କୁମାର ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ କତରବଗା ଗାଁର ପ୍ରଶାନ୍ତ ଧୁରୁଆ, ତାଙ୍କ ସ୍ତ୍ରୀ ସବିତା ଧୁରୁଆ ଏବଂ ଦୁଇ ବର୍ଷର ଶିଶୁକନ୍ୟା ସର୍କସ ଦେଖି ଫେରୁଥିଲେ। ବସଷ୍ଟାଣ୍ଡଠାରେ ଏକ ବୋଲେରୋ ଧକ୍କାରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଏବଂ ଶିଶୁକନ୍ୟା ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପ୍ରଶାନ୍ତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଭରଣପୋଷଣ ଏବଂ ପରିବାରର ଜଣଙ୍କୁ ସରକାରି ଚାକିରି ଦାବିରେ ସ୍ଥାନୀୟ ଲୋକେ କତରବଗା ଥାନା ଘେରାଉ କରିବା ସହ କତରବଗା ଭଙ୍ଗାରୁଜା କରିଥିଲେ । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

■ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ

## ହିନ୍ଦ୍ କ୍ଲବ, ଫୋରସି ବିଜୟୀ

ସମ୍ବଲପୁର,୧୫।୪(ବ୍ୟୁରୋ) ଜିଲା ସ୍ତରୀୟ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ମ୍ୟାଚରେ ହିନ୍ଦ କ୍ଲବ ଓ ଫୋରସି କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ହିନ୍ଦ କ୍ଲବ ବନାମ ଭଗବତୀ ସଂଘ ମଧ୍ୟରେ ହୋଇଥିଲା । ଭଗବତୀ ସଂଘ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୧୦ ଉଇକେଟ ହରାଇ ୯୦ରନ ସଂଗ୍ରହ କରିଥିଲା । ଶେଖର ଅଗ୍ରୱାଲ ୩୦ ବଲରେ ୨୧ ରନ କରିଥିଲେ । ହିନ୍ଦ କ୍ଲବ ବୋଲର ମହମ୍ମଦ ମିନାଜ ଓ ମହମ୍ମଦ ସର୍ଫୁଦ୍ଦିନ ୩ଟି ଲେଖାଏଁ ଉଇକେଟ ହାସଲ କରିଥିଲେ । ହିନ୍ଦ କ୍ଲବ ବ୍ୟାଟିଂ କରି ୯.୩ ଓଭରରେ କୌଣସି ଉଇକେଟ ନ ହରାଇ ୯୨ ରନ କରି ବିଜୟ ହାସଲ କରିଥିଲା। ମହମ୍ମଦ ମିନାଜ ୨୫ ବଲରେ ୪୮ ଓ ଶେଖ ହାସନ ୩୩ ବଲରେ ଅପରାଜିତ ୪୨ ରନ କରିଥିଲେ । ଦ୍ୱିତୀୟ ମ୍ୟାଚ ଫୋରସି ବନାମ ସୈନିକ କ୍ଲବ ମଧ୍ୟରେ ହୋଇଥିଲା । ସୈନିକ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ କରିଥିଲା । ଦଳର ଅମିତ ହୋତା ୨୮ ବଲରେ ୧୩ ରନ କରିଥିଲେ । ଫୋରସି ବୋଲର କୁଶଳ ପଟେଲ ୪ଟି ଓ ପ୍ରଶାନ୍ତ ଠକ୍କର ୩ଟି ଉଇକେଟ ହାସଲ କରିଥିଲେ । ୭୩ ରନର ବିଜୟ ଲକ୍ଷ୍ୟ ନେଇ ଫୋରସି ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ। ରୋଶନ ମହାପାତ୍ରଙ୍କ ଧୂଆଁଧାର ୧୮ ବଲରେ ୪୪ (ଅପରାଜିତ) ରନ ସହାୟତାରେ ଦଳ ୫.୩ ଓଭରରେ ଗୋଟିଏ ଉଇକେଟ ହରାଇ ୭୩ ରନ କରି ବିଜୟୀ ହୋଇଥିଲା । ସୈନିକ କ୍ଲବ ବୋଲର ଅଭିଜିତ ଦାଶ ଗୋଟିଏ ଉଇକେଟ ହାସଲ କରିଥିଲେ। ସୌମ୍ୟଦର୍ଶନ ମହାନ୍ତି, ସଦାମ ହୁସେନ, ମହମ୍ମଦ ଇସାକ ମ୍ୟାଚ ପରିଚାଳନା କରିଥିଲେ । ମହମ୍ମଦ ନିଜାମ ଖାନ୍ ଓ ସୟଦ ଜ୍ୟାକି ସ୍କୋରର ଥିଲେ।

## ଏମ୍‌ସିଏଲ୍‌ରେ ଆନ୍ତଃ କମ୍ପାନୀ ଟେବୁଲ ଟେନିସ ଟୁର୍ନାମେଣ୍ଟ



ଏମସିଏଲ ମୁଖ୍ୟାଳୟ ନିଶିଗନ୍ଧା କ୍ଲବଠାରେ କୋଲ ଇଣ୍ଡିଆ ଆନ୍ତଃ କମ୍ପାନୀ ଟେବୁଲ ଟେନିସ ଟୁର୍ନାମେଣ୍ଟ ଉଦଘାଟନୀ ଉତ୍ସବରେ କ୍ରୀଡାବିତମାନେ ।

ସମ୍ବଲପୁର, ୧୫।୪ (ବ୍ୟୁରୋ) ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ତ୍ରିଦିବସୀୟ କୋଲ ଇଣ୍ଡିଆ ଆନ୍ତଃ କମ୍ପାନୀ ଟେବୁଲ ଟେନିସ ଟୁର୍ନାମେଣ୍ଟ ସୋମବାର ନିଶିଗନ୍ଧା କ୍ଲବଠାରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଆସାନସୋଲ, ପଶ୍ଚିମବଙ୍ଗ, ସିଙ୍ଗରୋଲି, ବିଲାସପୁର, ରାଞ୍ଚି, ନାଗପୁର, ଧାନବାଦ, କୋଠାଗୁଡଙ୍ଗ, କୋଲକତା, ସମ୍ବଲପୁରସ୍ଥିତ କୋଇଲା କମ୍ପାନୀ ଭାଗ ନେଇଥିଲା। ମୁଖ୍ୟ ସତର୍କତା ଅଧିକାରୀ ମୁନୱର ଖୁର୍ସିଦ ମୁଖ୍ୟଅତିଥି ଓ ଯୋଜନା ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଲ୍ୟାଣ ବିଭାଗ ମହାପ୍ରବନ୍ଧକ ପି.ସି. ସେଠୀ ଅତିଥି ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମସିଏଲର ବରିଷ୍ଠ ଅଧିକାରୀ, କର୍ମଚାରୀ, ମହାପ୍ରବନ୍ଧକ ଓ କ୍ରୀଡାବିତମାନେ ସାମିଲ ଥିଲେ । ଆସନ୍ତା ୧୭ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ ।

# ପ୍ରଚାରକୁ କଣ୍ଟା କମିଶନଙ୍କ କଟକଣା





ରେଢାଖୋଲ ନର୍ବାଚନ ମଣ୍ଡଳୀର ସ୍ୱାଧୀନପ୍ରାର୍ଥୀ ଶ୍ରମର ପ୍ରଧାନ ନିର୍ବାଚନୀ ପ୍ରଚାରରେ ଗାଁ ବୁଲୁଛନ୍ତି (ବାମ)। ବିଜେଡ଼ି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀଙ୍କ ସ୍ତ୍ରୀ ବୈଶାଳୀ ପୂଜାରୀ ସୋମବାର ନିର୍ବାଚନୀ ପ୍ରଚାର କରୁଛନ୍ତି ।

ରେଢାଖୋଲ,୧୫।୪(ଡି.ଏନ.ଏ.) ଏପ୍ରିଲ ୨୩ ତାରିଖରେ ସମ୍ବଲପୁର ଲୋକସଭା ଅଧୀନ ରେଢାଖୋଲ ବିଧନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ। ନିର୍ବାଚନକୁ ଆଉ ମାତ୍ର ୭ ଦିନ ରହିଛି। ହେଲେ ଅନ୍ୟ ବର୍ଷ ତୁଳନାରେ ନିର୍ବାଚନୀ ମାହୋଲ ଏଥର ମାନ୍ଦା ଧରିଛି। ପୂର୍ବଭଳି ଶୋଭାଯାତ୍ରା, ପଦଯାତ୍ରା ହେଉନି। ଆଗଭଳି ଆଉ ଛାତି ଫଟେଇଲା ଭଳି ମାଇକ୍ ଗର୍ଜୁ ନାହିଁ। ଏସବୁ କରିବାକୁ ହେଲେ ନିର୍ବାଚନ କମିଶନ ବିଭିନ୍ନ କଟକଣା ତଥା ଲଗାମ ଓ ନୀତିନିୟମ ଲଗାଇଛନ୍ତି। ଏଥିଯୋଗୁ ଚଳିତ ନିର୍ବାଚନରେ ପ୍ରଚାର ଜମି ପାରୁନି। କାଁ ଭାଁ ପୋଷ୍ଟର ଆଉ ବ୍ୟାନର ଦେଖା ଯାଉଥିବା ବେଳେ ମାଇକରେ ପ୍ରଚାର ମଧ କମ୍ ହେଉଛି। ଏପରିକି ନିର୍ବାଚନ ହେଉଛି ବୋଲି ଜଣାପଡୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଅବଶ୍ୟ ପ୍ରାର୍ଥୀମାନେ ଗାଁ ଗାଁକୁ ଯାଇ ସୀମା ଭିତରେ ରହି ପ୍ରଚାର କରୁଛନ୍ତି। ପ୍ରାର୍ଥୀମାନଙ୍କ ପରିବାର ବର୍ଗ ପ୍ରଚାରରେ ସାମିଲ ହୋଇଛନ୍ତି।

ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀଙ୍କ ସ୍ତ୍ରୀ ବୈଶାଳୀ ପୂଜାରୀ ଗାଁ ଗାଁକୁ ଯାଇ ମହିଳା ଭୋଟରମାନଙ୍କୁ ଏକତ୍ରିତ କରୁଛନ୍ତି। ସଭା ଆୟୋଜନ କରି ସ୍ୱାମୀ ରୋହିତ ପୂଜାରୀଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। ବାପା ରମେନ୍ଦ୍ର ପୂଜାରୀ ମଧ୍ୟ ପ୍ରଚାରର ମଙ୍ଗ ଧରିଛନ୍ତି। ଅସନ୍ତୁଷ୍ଟ ଥିବା ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ସେ ଉଦ୍ୟମ କରୁଛନ୍ତି। ଭାଇ ରାଜୀବ ପୂଜାରୀ ଓ ମା' ମଧ୍ୟ ପ୍ରଚାରରେ ସାମିଲ ହୋଇଛନ୍ତି। ସୋମବାର ବୈଶାଳୀ ପୂଜାରୀ ରେଢାଖୋଲ ବ୍ଲକ ଭରତାପୁର ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୩୦୦ ମହିଳାଙ୍କୁ ନେଇ ଏକ ନିର୍ବାଚନୀ ସଭା କରିଛନ୍ତି। ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସମସ୍ତଙ୍କୁ ସେ ନିବେଦନ କରିଥିଲେ। ତାଙ୍କ ସହିତ ମହିଳା ନେତ୍ରୀ ଉଷା ପ୍ରଧାନ, କବିତା ପୁରୋହିତ, ଅପର୍ଣ୍ଣା ବାଘ, ଶ୍ରମିକ ନେତା ଅନାଦୀ ଚରଣ ସାହୁ ଯୋଗ ଦେଇଥିଲେ। ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ଭାଇମାନେ ପ୍ରଚାରରେ ସାମିଲ ହୋଇଛନ୍ତି। ସ୍ୱାଧୀନ ପ୍ରାର୍ଥୀ ସମର ପ୍ରଧାନ ରେଢାଖୋଲ ବ୍ଲକର ରେଙ୍ଗାଲି, ଭାଲିଆକଟା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିଛନ୍ତି। ବିରଞ୍ଚି ପ୍ରଧାନ, ଭଗବାନ ପ୍ରାଧାନ, ସୂର୍ଯ୍ୟନାରାୟଣ ପ୍ରଧାନ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। କଂଗ୍ରେସ ପ୍ରାର୍ଥୀ ଆସଫ ଅଲ୍ଲୀ ଖାନ ମଧ ଗାଁ ଗାଁରେ ସମର୍ଥକଙ୍କୁ ଧରି ପଚାର କରୁଛନ୍ତି ।

# ବିଜେଡି, ଭାଜପା କଡ଼ା ଟକ୍କର

**ରଞ୍ଜନ କୁମାର ପ୍ରଧାନ**
**ନୟାଗଡ଼ ଅଫିସ,୧୫।୪**


ରମେଶ ଚନ୍ଦ୍ର ବେହେରା


ପ୍ରଶାନ୍ତ କୁମାର ନାୟକ


ପୂର୍ଣ୍ଣଚନ୍ଦ୍ର ନାୟକ

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ତାରିଖରେ ନିର୍ବାଚନ ହେବ। ନୂଆଗାଁ ବ୍ଲକର ୨୨, ଦଶପଲ୍ଲା ବ୍ଲକର ୨୦, ଗଣିଆ ବ୍ଲକର ୮ ପଞ୍ଚାୟତ ଓ ଦଶପଲ୍ଲା ଏନ୍ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନ ପାଇଁ ଉଭୟ ଭାଜପା ଓ ବିଜେଡି ହାଇଭୋଲଟେଜ୍ ପ୍ରଚାର ଚଳାଇଥିବାବେଳେ କଂଗ୍ରେସ ଏଥିରେ ପଛରେ ପଡ଼ିଯାଇଛି। ଭାଜପାର ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଶପଲ୍ଲା ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲା ଗାନ୍ଧୀ ମଇଦାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଜଣେ ମହିଳାଙ୍କୁ ମିଶାଇ ୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ବର୍ତ୍ତମାନର ସ୍ଥିତି ଦେଖିଲେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବା ଆଲୋଚନା ହେଉଛି। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ କୁମାର ନାୟକଙ୍କ ଘର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ହୋଇଥିବାରୁ ଏଠାରୁ ସେ କିଛି ଭୋଟ ପାଇପାରନ୍ତି। ସେହିଭଳି କଂଗ୍ରେସର ପାରମ୍ପରିକ ଭୋଟ ତାଙ୍କୁ ମିଳିପାରେ। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ଭାଜପାରେ ମିଶି ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ନିଜ ଜାତିର ପାଖାପାଖି ୩୦ ହଜାର ଭୋଟ ଉପରେ ସେ ଭରସା ରଖିଛନ୍ତି। ଗତଥର ଭାଜପା ତୃତୀୟ ସ୍ଥାନରେ ଥିଲା। ବର୍ତ୍ତମାନ ସବୁଠି ପରିବର୍ତ୍ତନର ସ୍ୱର ଶୁଭୁଥିବାରୁ ପୂର୍ଣ୍ଣଚନ୍ଦ୍ର ବିଜୟୀ ହେବା ଆଶା ରଖିଛନ୍ତି। ଅନ୍ୟପକ୍ଷେ ସରକାରୀ ଚାକିରି ଛାଡ଼ି ରାଜନୀତିରେ ପାଦ ରଖିଥିବା ରମେଶ ଚନ୍ଦ୍ର ବେହେରା ବିଜେଡିରୁ ପ୍ରାର୍ଥୀ ହୋଇଥିବାବେଳେ ଦଳୀୟ ହାୱା ଯୋଗୁ ସେ ଜିତିବା ପାଇଁ ଆଶା ବାନ୍ଧିଛନ୍ତି। ରମେଶ ଦଶପଲ୍ଲାର ବିଜେଡି ନେତାମାନଙ୍କୁ ଏକାଠି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ବିଭିନ୍ନ ଗ୍ରାମକୁ ଯାଇ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ବିଷୟରେ କହୁଛନ୍ତି।

୧୦ବର୍ଷ ହେଲା ବିଜେଡି ଗଡ଼ ଭାବେ ପରିଗଣିତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଏଥର ଗଡ଼ ରକ୍ଷା କରିପାରିବ ନା ଏହା ଭାଜପା ଅକ୍ତିଆରକୁ ଚାଲିଯିବ ତାହାକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ସରିଗଣ୍ଡା ପଞ୍ଚାୟତ ବଡ଼କାମେଟି ଗ୍ରାମର ସାରଥି କଅଁରଙ୍କ କହିବା କଥା, ପ୍ରତିଥର ଆମେ ଭୋଟ ଦେଉଛୁ, ହେଲେ ଗ୍ରାମରେ କୋଠ ଘରଟିଏ ହୋଇପାରିନାହିଁ। ଭୋଗବାଡ଼ି ପଞ୍ଚାୟତ ଟାଙ୍ଗିସାହର କେତେଜଣ ଲୋକଙ୍କ କହିବା କଥା, ବର୍ତ୍ତମାନ ଗ୍ରାମରେ ପରିବର୍ତ୍ତନର ସ୍ୱର ଶୁଭୁଛି। ଗ୍ରାମରେ ୨୨ ପରିବାର ଥିବାବେଳେ ମାତ୍ର ୨ ପରିବାରଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳିଛି। ସେହିଭଳି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରଟିଏ ମଧ୍ୟ ନାହିଁ। ବିଭିନ୍ନ ପ୍ରସଙ୍ଗ ଉଠାଉଥିବା ବେଳେ ପ୍ରାର୍ଥୀମାନେ ଏହା ସମାଧାନ କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ହେଲେ ନିର୍ବାଚନ ପରେ ସବୁ ଭୁଲିଯାଉଥିବା କହନ୍ତି ଭୋଟରମାନେ।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପୂର୍ଣ୍ଣଚନ୍ଦ୍ର ନାୟକ | ୭୫,୮୩୨ |
| କଂଗ୍ରେସ | ଇନ୍ଦୁମତୀ ନାୟକ | ୧୮,୫୦୫ |
| ଭାଜପା | ପ୍ରମୋଦ କୁମାର ବେହେରା | ୧୬,୦୫୩ |

| ୨୦୧୯ର ପ୍ରାର୍ଥୀ | |
|---|---|
| ବିଜେଡି | ରମେଶ ଚନ୍ଦ୍ର ବେହେରା |
| ଭାଜପା | ପୂର୍ଣ୍ଣଚନ୍ଦ୍ର ନାୟକ |
| କଂଗ୍ରେସ | ପ୍ରଶାନ୍ତ କୁମାର ନାୟକ |
| ଏନ୍ସିପି | ବେଣୁଧର ନାୟକ |
| ସମତା କ୍ରାନ୍ତି ଦଳ | ତ୍ରିନାଥ ନାୟକ |
| ବିଏସ୍ପି | ଦେବରାଜ ନାୟକ |
| ସ୍ୱାଧୀନ | ବିଷ୍ଣୁପ୍ରିୟା ଦାଶ |

**ଦଶପଲ୍ଲା ନିର୍ବାଚନମଣ୍ଡଳୀ**

ମୋଟ ଭୋଟର ସଂଖ୍ୟା **୧,୮୯,୬୩୦**
ପୁରୁଷ ଭୋଟର **୯୮,୮୬୨**
ମହିଳା ଭୋଟର **୯୦,୭୫୩**
ମୋଟ ବୁଥ୍ ସଂଖ୍ୟା **୨୩୪**
ଅନ୍ୟାନ୍ୟ ଭୋଟର **୧୫**
ଦିବ୍ୟାଙ୍ଗ ଭୋଟର **୩୩୯୧**
ଭିଆଇପି ଭୋଟର **୩**

# ସ୍ୱାମୀଙ୍କ ସହ ଲଢୁଛନ୍ତି ସ୍ତ୍ରୀ

## ଆସିକା ଲୋକ ସଭା, ୫ ବିଧାନସଭା ଆସନରେ ୯ ମହିଳା ପ୍ରାର୍ଥୀ

**ବ୍ରହ୍ମପୁର ଅଫିସ,୧୫।୪**

ଗଞ୍ଜାମ ଜିଲା ପୋଲସରା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନର ବିଧାୟକ ଶ୍ରୀକାନ୍ତ ସାହୁ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗୋଲାପ ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଆସିକା ଲୋକ ସଭା ଓ ୫ ବିଧାନସଭା କ୍ଷେତ୍ରରେ ଏଥର ୯ ମହିଳା ପ୍ରାର୍ଥୀ ଅଛନ୍ତି। ତେବେ ସ୍ୱାମୀ ଓ ସ୍ତ୍ରୀଙ୍କ ନିର୍ବାଚନ ଲଢ଼େଇ ରୋଚକ ହୋଇଛି। ଆସନ୍ତା ୧୮ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସିକା ଲୋକ ସଭା ଆସନରେ ୮ ପ୍ରାର୍ଥୀଙ୍କ ମଧ୍ୟରେ ଦୁଇ ମହିଳା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପାର ଅନୀତା ଶୁଭଦର୍ଶିନୀ ଓ ବିଜେଡିରୁ ପ୍ରମିଳା ବିଶୋୟୀ। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନ ଖଲ୍ଲିକୋଟ ସେଗ୍ମେଣ୍ଟରେ ୩ ମହିଳା ନିର୍ବାଚନ ଲଢୁଥିବା ବେଳେ ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଆସିକା ଓ ପୋଲସରାରୁ ଜଣେ ଲେଖାଏ ମହିଳା ପ୍ରାର୍ଥୀ ଅଛନ୍ତି।

ଗୋଲାପ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ଲଢୁଥିବା ସ୍ୱାମୀ ଶ୍ରୀକାନ୍ତଙ୍କ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି। ଶ୍ରୀକାନ୍ତ ଦ୍ୱିତୀୟଥର ବିଜେଡି ଟିକେଟ ପାଇଛନ୍ତି। ବିଜେଡି ସରକାରଙ୍କ ବହୁମୁଖୀ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ସ୍ୱାମୀ ଓ ସ୍ତ୍ରୀ ଭୋଟରଙ୍କୁ ସଚେତନ କରାଉଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜେଡିର କାହିଁକି ପ୍ରଚାର କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଶ୍ରୀକାନ୍ତଙ୍କ ନିର୍ବାଚନୀ କ୍ୟାମ୍ପେନରେ ଥିବା ଦଳର ବରିଷ୍ଠ ନେତା ଅଶୋକ ସ୍ୱାଇଁ କହିଛନ୍ତି, ଗୋଲାପ ବିଜେଡିର ଡମି ପ୍ରାର୍ଥୀ ଥିଲେ। ଭୁଲବଶତଃ ଶେଷ ଦିବସରେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରି ନ ଥିଲେ। ତେଣୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ରହିଛି।

ଅପରପକ୍ଷରେ ଲୋକ ସଭା କ୍ଷେତ୍ରର ୨ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରମିଳାଙ୍କ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାରାଥନ ପ୍ରଚାର କରିଛନ୍ତି। ଏସଏଚଜିର ଗାଉଁଲି ମହିଳା ପ୍ରମିଳାଙ୍କୁ ହେଲିକପ୍ଟରରେ ବସାଇ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ବୁଲାଇଛନ୍ତି। ସେହିପରି ଅନିତାଙ୍କ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ନେତାମାନେ ଘମାଘୋଟ ପ୍ରଚାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଏହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଖୋଲା ପ୍ରଚାର ଶେଷ ହେବ।

# ଚିକିଟିର ୫ ବୁଥ୍‌ରେ ସାନି ମତଦାନ ଦାବି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଗଞ୍ଜାମ ଜିଲାର ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ ବୁଥ୍‌ରେ ସାନି ମତଦାନ କରିବାକୁ ଭାଜପା ଦାବି କରିଛି। ସେହି ବୁଥ୍‌ଗୁଡିକ ହେଲା ହରିପୁରର ୮୧ ନମ୍ବର, ଯାଟିପଦର ୮୨ ଓ ୮୩, ଗୋବିନ୍ଦଚନ୍ଦ୍ରପୁର ୧୩୮ ଏବଂ ମଇସାନପୁରର ୧୪୭ ବୁଥ୍। ବିଜେଡି କର୍ମକର୍ତ୍ତା ଏବଂ ନେତାମାନଙ୍କ ଦ୍ୱାରା ବୁଥ୍ ରିଗିଂ ଓ କ୍ୟାପ୍‌ଚରିଂ ହୋଇଥିବାରୁ ସେଠାରେ ସାନି ମତଦାନ କରିବାକୁ ରାଜ୍ୟ ଭାଜପା ପକ୍ଷରୁ ଏକ ଦାବିପତ୍ର ଭାରତର ମୁଖ୍ୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ଉଦ୍ଦେଶ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କୁ ସୋମବାର ପ୍ରଦାନ କରାଯାଇଛି। ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ଉପରେ ବିଜେଡିର ଗୁଣ୍ଡମାନେ ଆକ୍ରମଣ କରିଥିଲେ। ସେଠାରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ, ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ନ ଦିଆଯିବା ସହ କେତେକ ସ୍ଥାନରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ପାରିନାହାନ୍ତି। ଏଣୁ ଉପରୋକ୍ତ ୫ ବୁଥ୍‌ରେ ସାନି ମତଦାନ ପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ଭାଜପା ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

## ଭାଜପା ନେତାଙ୍କୁ ହତ୍ୟାର ପ୍ରତିବାଦ

# ସିଇଓଙ୍କୁ ଫେରାଦ ହେଲା ଭାଜପା

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶାସକ ଦଳର ପ୍ରାୟୋଜିତ ହିଂସା ରାଜ୍ୟରେ ଭୋଟରମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟିକରିଛି। ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ଏବଂ ତାଙ୍କ ସମର୍ଥକ ତଥା ଭାଜପା ନେତା ମଗୁଲି ଜେନାଙ୍କୁ ଗୁଳିକରି ହତ୍ୟା ପରେ ବି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ବିଜେଡିର ଗୁଣ୍ଡାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପୂର୍ବରୁ ଏଭଳି ହିଂସା ସମ୍ପର୍କରେ ଭାଜପା ପକ୍ଷରୁ ଅନେକଥର ଅଭିଯୋଗ ହେଲା ପରେ ବି ସିଇଓ କାହିଁକି ଚୁପ୍ ବସିଛନ୍ତି। ଏହା ବିରୋଧରେ ସୋମବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁହଁରେ କଳା ପଟି ବାନ୍ଧି ସିଇଓଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ଖୋର୍ଦ୍ଧାରେ ଭାଜପା ନେତା ମଗୁଲି ଜେନା ପାର୍ଟି ଅଫିସରୁ ଫେରୁଥିବାବେଳେ ବିଜୁ ଗୁଣ୍ଡାବାହିନୀ କାର୍ଯ୍ୟକର୍ତ୍ତାମାନେ ରବିବାର ରାତିରେ ଗୁଳି କରି ହତ୍ୟା କରିଛନ୍ତି। ସିଇଓଙ୍କ ନୀରବତା ଶାସକ ଦଳକୁ ଏବଂ ହିଂସାତ୍ମକ ଆଚରଣ କରୁଥିବା ବ୍ୟକ୍ତିଙ୍କୁ ଶକ୍ତି ଯୋଗାଉଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିଭିନ୍ନ ସ୍ଥାନରେ ବିଜେଡି ହାରିବା ଭୟରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ ସାଙ୍ଗକୁ ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ଦେଇ ନାହିଁ। କେତେକ ସ୍ଥାନରେ ବିଜୁ ଯୁବ ବାହିନୀର କର୍ମୀମାନେ ଭାଜପା ଏଜେଣ୍ଟମାନଙ୍କୁ ଭୟଭୀତ କରାଇଛନ୍ତି। ଶାସକ ଦଳର ଗୁଣ୍ଡା ଏବଂ ସରକାରୀ କଳର ଅପବ୍ୟବହାର କରି ବିଜେଡି ନିର୍ବାଚନକୁ ନିଜ ଅଧୀନରେ ରଖିବାକୁ ପ୍ରୟାସ କରିଛି। ଘସିପୁରାରେ ଭାଜପାର ଜଣେ କର୍ମକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଦିନ ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ନିର୍ବାଚନର ଠିକ୍ ପୂର୍ବରୁ ଏପରି ହତ୍ୟାକାଣ୍ଡ ଅତ୍ୟନ୍ତ ନିନ୍ଦନୀୟ। ଶାସକ ଦଳର ଗୁଣ୍ଡା ନିର୍ବାଚନ ପରିଚାଳନାରେ ବିଶୃଙ୍ଖଳା ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା, ରିଗିଂ ଏବଂ କ୍ୟାପ୍‌ଚରିଂ ହୋଇଥିବା ବୁଥ୍‌ଗୁଡିକରେ ପୁଣି ଭୋଟ କରିବା ନେଇ ପ୍ରତିନିଧି ଦଳ ଦାବି କରିଛି।

ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ଉପସଭାପତି ରମାରଞ୍ଜନ ବଳିଆରସିଂ, ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

## ନୂଆଗାଁରେ ଜେଏମ୍ଏମ୍ ମୁଖ୍ୟ ଶିବୁ ସୋରେନଙ୍କ ନିର୍ବାଚନୀ ସଭା

# ଆଦିବାସୀଙ୍କ ସୁରକ୍ଷା ପାଇଁ ଜେଏମ୍ଏମ୍ ଏକମାତ୍ର ବିକଳ୍ପ

**ନୂଆଗାଁ, ୧୫।୪ (ଡି.ଏନ.ଏ.)**

ଓଡ଼ିଶା ପ୍ରଦେଶରେ ହେଉ କିମ୍ବା ଭାରତ ବର୍ଷରେ ଅନେକ ଦଳ ସରକାର ଗଢ଼ିଛନ୍ତି। ବର୍ଷ ବର୍ଷ ଧରି ଶାସନ କରିଛନ୍ତି। ହେଲେ ଆଦିବାସୀଙ୍କ ସୁରକ୍ଷା, ବିକାଶ, ସ୍ଥିତି କଥା ସେମାନେ ଭୁଲି ଯାଉଛନ୍ତି। ହେଲେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ଆଜି ବି ଆଦିବାସୀଙ୍କ ସ୍ଥିତି, ସୁରକ୍ଷା ଓ ପରମ୍ପରାକୁ ବଜାୟ ରଖିବା ପାଇଁ ତା'ର ସଂଘର୍ଷ ଜାରି ରଖିଛି। ତେଣୁ ଆଗାମୀ ବିଧାନସଭା ନିର୍ବାଚନରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଟାଣୁଆ ଯୁବନେତା ଜେଏମ୍ଏମ୍ ପ୍ରାର୍ଥୀ ସେବିଆନ ଆଇନ୍ଦଙ୍କୁ ଭୋଟଦେଇ ଜୟଯୁକ୍ତ କରିବାକୁ ସୋମବାର ସୁନ୍ଦରଗଡ଼ ଜିଲା ନୂଆଗାଁଠାରେ ଅନୁଷ୍ଠିତ ନିର୍ବାଚନ ସଭାରେ ଜେଏମ୍ଏମ୍ ମୁଖ୍ୟ ଶିବୁ ସୋରେନ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଛନ୍ତି।
ଝାଡ଼ଖଣ୍ଡ ସିଲି ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ଅମୀତ ମାହାତ, ବରିଷ୍ଠ ଜେଏମ୍ଏମ୍ ନେତା ବିନୋଦ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରର ଭାଜପା ସରକାର ଓ ରାଜ୍ୟର ବିଜେଡି ସରକାରଙ୍କ ଆଦିବାସୀ ବିରୋଧୀ କାର୍ଯ୍ୟ ଉପରେ କଡା ମନ୍ତବ୍ୟ ଦେଇଥିଲେ। ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଭଳି ଏକ ଆଦିବାସୀ ବହୁଳ ଅଞ୍ଚଳରେ କେବଳ ବିକାଶ ନାଁରେ ବିଜେଡି ସରକାର ଦୀର୍ଘ ୧୯ ବର୍ଷ ଲୁଟି ଚାଲିଛି। ତେଣୁ ଏହି ସରକାର ବିରୋଧରେ ଭୋଟ ଦେବା ସହ ଜେଏମ୍ଏମ ପ୍ରାର୍ଥୀ ସେବିଆନ ଆଇନ୍ଦଙ୍କୁ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ଭୋଟ ଦେଇ ବିଧାନସଭାକୁ ପଠାଇବାକୁ ସେମାନେ ନିବେଦନ କରିଥିଲେ। ପ୍ରାର୍ଥୀ ଆଇନ୍ଦ ଉଦ୍‌ବୋଧନ ଦେଇ ନୂଆଗାଁ ଅଞ୍ଚଳରେ ତହସିଲ କାର୍ଯ୍ୟାଳୟ, ଥାନା ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି କହିଥିଲେ। ତେଣୁ ସେ ଯଦି ନିର୍ବାଚିତ ହୁଅନ୍ତି ନୂଆଗାଁରେ ପ୍ରାଥମିକତା ଭିତ୍ତିରେ ତହସିଲ କାର୍ଯ୍ୟାଳୟ ପାଇଁ ସେ ଦାବି କରିବେ ବୋଲି ପ୍ରକାଶ କରିଥିଲେ। ନିର୍ବାଚନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ କମଳକିଶୋର ସାହୁ, ସନ୍ତୋଷ ସିଂ, ଧମରଚାନ୍ଦ ଭୋଗତ, ଜଗତକିଶୋର ସାହୁ, ନୀରଜ ମିଶ୍ର, ଏମଡି ଗୁଲାମ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।


ଜେଏମ୍ଏମ୍ ମୁଖ୍ୟ ଶିବୁ ସୋରେନ ଉଦ୍‌ବୋଧନ ଦେଉଛନ୍ତି।

## ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ନିର୍ଣ୍ଣାୟକ ହୋଇପାରେ ଦଳ ବଦଳ ନେତାଙ୍କ ଭୂମିକା


ଦେବେଶ ଆଚାର୍ଯ୍ୟ


ଅଶ୍ୱିନୀ ଷଡ଼ଙ୍ଗୀ


ନିପନ ଦାଶ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ,୧୫।୪**

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳଗୁଡ଼ିକ ବିଜୟର ଆଶା ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ଆସନ୍ତା ୧୮ ତାରିଖରେ ଭୋଟ। ୧୬ ତାରିଖ ସନ୍ଧ୍ୟାରେ ସରିଯିବ ପ୍ରଚାର। ପ୍ରାର୍ଥୀମାନେ ଏବେ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି। କଂଗ୍ରେସ ନିର୍ବାଚନ ଇସ୍ତାହାର ଅନୁଯାୟୀ କୃଷିଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ ପରିବାରର ଜଣକୁ ଚାକିରି, ଚାଷୀଙ୍କୁ ମାଗଣାରେ ସୋଲାର ପମ୍ପ ଆଦି ପ୍ରତିଶ୍ରୁତି ନେଇ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବେଳେ ଭାଜପା ବିଭିନ୍ନ କେନ୍ଦ୍ରୀୟ ଯୋଜନା, ରାଜ୍ୟ ସରକାରଙ୍କ ବିଫଳତା, ବେକାରି, ଚାଷୀ ସମସ୍ୟା, ଜଳସେଚନକୁ ମୁଖ୍ୟ ପ୍ରସଙ୍ଗ କରିଛି। ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ରାସ୍ତାଘାଟ, ସେତୁ ନିର୍ମାଣ ସହ ବିଭିନ୍ନ ଗ୍ରାମକୁ ସଂଯୋଗ ଭଳି ଅନେକ ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡି ନେତାମାନେ ଭୋଟରମାନଙ୍କ ପାଖରେ ପହଞ୍ଚୁ ଥିବା ଦେଖିବାକୁ ମିଳିଛି। ୨୦୦୯ରେ କଂଗ୍ରେସ ଏହି ଆସନକୁ ନିଜ ଦଖଲକୁ ନେଇଥିଲା। ମାତ୍ର ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସାଧୁ ନେପାକଙ୍କ ସମେତ ଭାଜପା ଛାଡ଼ିଥିବା ସୁବାସ ଚୌହାନ, ଦେବବ୍ରତ ମିଶ୍ର ଏବଂ ସମର୍ଥକମାନେ ଏବେ ବିଜେଡିରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଜେଡି ସଙ୍ଗଠନ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି ବୋଲି ଦଳୀୟ ନେତାମାନେ କହିଛନ୍ତି। ମାତ୍ର ସେମାନେ ଦଳ ଛାଡ଼ିବା ପରେ ମଧ୍ୟ ଭାଜପା କିମ୍ବା କଂଗ୍ରେସ ନିଜକୁ ଦୁର୍ବଳ ମଣୁନାହାନ୍ତି। ହେଲେ ଦଳ ବଦଳ କରିଥିବା ସେହି ନେତାଙ୍କ ଭୂମିକା ଏଥର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ କୁହନ୍ତି, ଆମ ଦଳରେ କିଛି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ଦଳ ଏବେ ସଙ୍ଗଠିତ ଅଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପାର ଭୋଟ୍ ହାର ଯଥେଷ୍ଟ ପରିମାଣରେ ବଢ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ ଯୋଜନା ଯୋଗୁ ଏଥର ଦଳ ନିଶ୍ଚୟ ବିଜୟ ଲାଭ କରିବ। କଂଗ୍ରେସ ପ୍ରାର୍ଥୀ ନିପନ ଦାଶଙ୍କ ମତରେ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଆଦୌ କନ୍ଦଳ ନାହିଁ। ସମସ୍ତ କର୍ମୀ ଦଳ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଯୋଜନାର ଇସ୍ତାହାର ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଏଠି ଦଳ ଜିତିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବହୁମୁଖୀ ବିକାଶ ହୋଇଛି। ଲୋକେ ମଧ୍ୟ ନବୀନଙ୍କ ପ୍ରତି ଆସ୍ଥା ରଖି ଦଳକୁ ଶାସନର ସୁଯୋଗ ଦେଇ ଆସିଛନ୍ତି। ଏଥର ମଧ୍ୟ ଦଳ ବିଜୟ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭୋଟର ଗାଇସୀମା ଗ୍ରାମର ଚୂଡ଼ାମଣି ପାଣ୍ଡେ କହିଛନ୍ତି, ତାଙ୍କ ଭୋଟ୍ ଦୁର୍ନୀତି, ଭ୍ରଷ୍ଟାଚାର ସରକାର ତଥା ପ୍ରାର୍ଥୀଙ୍କ ବିପକ୍ଷରେ ଯିବ। ଜଣେ ଭଲ ନେତାଙ୍କୁ ସେ ଭୋଟ ଦେବାକୁ ସ୍ଥିର କରିଛନ୍ତି। ବରଗଡ଼ର ସାମାଜିକ କର୍ମୀ ଶିବାନନ୍ଦ ମଟାରୀ କୁହନ୍ତି, ଯେଉଁ ପ୍ରାର୍ଥୀ ବରଗଡ଼ ଏବଂ ଦେଶର ବିକାଶ ପାଇଁ ଚିନ୍ତା କରୁଛନ୍ତି, ସେଭଳି ପ୍ରାର୍ଥୀଙ୍କ ସପକ୍ଷରେ ତୋଙ୍କ ଭୋଟ ଯିବ। ପାର୍ଟି ନୁହେଁ, ପ୍ରାର୍ଥୀ ଦେଖି ସେ ମତଦାନ କରିବେ। ଏଭଳି ସ୍ଥିତିରେ ଏଠାରେ ନିର୍ବାଚନୀ ପାଣିପାଗ ରୋଚକ ସ୍ଥିତିରେ ପହଞ୍ଚିଛି। ନେତା ଓ କର୍ମୀ ଦଳ ଅଦଳବଦଳ କରୁଥିଲେ ମଧ୍ୟ ଭୋଟର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ବିଜୟ କାହା ସପକ୍ଷରେ ଯିବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

| | |
|---|---|
| ମୋଟ ଭୋଟ ଗ୍ରହଣ କେନ୍ଦ୍ର | ୨୩୧ |
| ସମ୍ବେଦନଶୀଳ | ୩୧ |
| ଅଧିକ ସମ୍ବେଦନଶୀଳ | ନାହିଁ |
| ସାଧାରଣ | ୨୦୦ |

| ୨୦୧୪ ନିର୍ବାଚନ ଫଳାଫଳ | |
|---|---|
| ବିଜେଡି | ୫୯,୩୫୦ |
| କଂଗ୍ରେସ | ୪୬,୧୪୬ |
| ଭାଜପା | ୨୨,୭୦୭ |

ମୋଟ ଭୋଟର ସଂଖ୍ୟା **୨,୧୬,୩୫୮**
ମହିଳା ଭୋଟର **୧,୧୧,୯୪୫**
ପୁରୁଷ ଭୋଟର **୧,୦୪,୩୯୬**
ଅନ୍ୟାନ୍ୟ **୧୭**



ଭାଜପା କିମ୍ବା କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବା ସମ୍ଭାବନା ନ ଥିବାରୁ ଦେଶ ମେଣ୍ଟ ସରକାର ଆଡ଼କୁ ମୁହାଁଉଛି।
- ସିଦ୍ଧାରାମାୟା, ବରିଷ୍ଠ କଂଗ୍ରେସ ନେତା



# ବିଗୁଡୁଛି ନେତାଙ୍କ ତୁଣ୍ଡ

ସାଧାରଣ ନିର୍ବାଚନ ପାଇଁ ପ୍ରଚାର ସରଗରମ। କ୍ଷମତା ପାଇଁ ମଇଦାନରେ ପ୍ରାର୍ଥୀ। ମତଦାତାଙ୍କୁ ଆକର୍ଷିତ କରିବା ଲାଗି ସବୁ ଦଳ ଓହ୍ଲାଇଛନ୍ତି ଷ୍ଟାର୍ କ୍ୟାମ୍ପେନଙ୍କୁ। ହେଲେ ରାଜନୀତିର କାଦୁଅଫିଙ୍ଗା ଏଭଳି ନିମ୍ନସ୍ତରକୁ ଚାଲିଯାଇଛି ଯେ ବଡ଼ ବଡ଼ ନେତାଙ୍କ ପାଟିରେ ବି ଲଗାମ ରହୁନାହିଁ। ମୂଳ ପ୍ରସଙ୍ଗରୁ ଓହରି ବିବାଦୀୟ ତଥା ଆପତ୍ତିଜନକ ମନ୍ତବ୍ୟ ଦେବା ଏବେ ଏକ ଟ୍ରେଣ୍ଡ୍ (ଧାରା)ରେ ପରିଣତ ହୋଇଯାଇଛି। ଏପରି କି ନିର୍ବାଚନ କମିଶନ ଓ ଅଦାଲତି ଅଙ୍କୁଶ ବି କାମ କରୁନି ଏମାନଙ୍କ ଉପରେ। ଫଳରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବାରେ ଦ୍ୱନ୍ଦ୍ୱରେ ପଡୁଛନ୍ତି ଭୋଟର।

■ ରାଫାଲ ରାୟ ପରେ ‘ଚୋର’ ମନ୍ତବ୍ୟ

## ରାହୁଲଙ୍କୁ ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୪(ପି.ଟି./ଆଇଏଏନ୍ଏସ୍)

ରାଫାଲ ରାୟରେ ସୁପ୍ରିମକୋର୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ‘ଚୋର’ କହି ନ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାର ଭୁଲ୍ ବ୍ୟାଖ୍ୟା କରି ଅଡୁଆରେ ଫସିଛନ୍ତି। ସର୍ବୋଚ୍ଚ ଅଦାଲତ ଏଥିପାଇଁ ଆସନ୍ତା ୨୨ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ରାହୁଲଙ୍କୁ ନୋଟିସ କରିଛନ୍ତି।

ରାଫାଲ ଯୁଦ୍ଧବିମାନ ଚୁକ୍ତି ପ୍ରସଙ୍ଗରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବା ସମୟରେ ‘ପ୍ରଘଟ’ ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ରାଫାଲ ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ। ‘ଚୌକିଦାର ଚୋର ହେ’ ବୋଲି ସୁପ୍ରିମକୋର୍ଟ ମାନିଛନ୍ତି। ପ୍ରଧାନମନ୍ତ୍ରୀ ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି ରାହୁଲ ଚ୍ୟାଲେଞ୍ଜ ଦେଇଥିଲେ। ଏହାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଭେଟିଥିଲେ। ଏହାସହ ବରିଷ୍ଠ ଭାଜପା ନେତା ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟରେ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାଫାଲ ରାୟର ପୁନର୍ବିଚାର ପାଇଁ ଅଦାଲତ ରାଜି ହେବାବେଳେ କେଉଁଠାରେ ବି ଏପରି କହିନାହାନ୍ତି। ତେଣୁ ରାହୁଲ ୨୨ ତାରିଖ ସୁଦ୍ଧା ନିଜର ସ୍ପଷ୍ଟୀକରଣ ଦିଅନ୍ତୁ। ୨୩ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ରାହୁଲଙ୍କୁ ପୁଣି ଟାର୍ଗେଟ କରିଛି ଭାଜପା। ରାହୁଲ ପ୍ରଧାନମନ୍ତ୍ରୀଙ୍କ ମାନହାନି କରିଥିବାରୁ କ୍ଷମାମାଗନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଦାବି କରିଛନ୍ତି।

## ରାହୁଲଙ୍କୁ ଅଶ୍ଳୀଳ ଭାଷାରେ ଗାଳି କଲେ ହିମାଚଳ ପ୍ରଦେଶ ଭାଜପା ସଭାପତି

ଶିମ୍ଲା,୧୫।୪

ଭିଡିଓ ଭାଇରାଲ



ସତ୍‌ପାଲ ସିଂ ସତ୍ତୀ

କ୍ଷମତା ରାଜନୀତିରେ ଅରୋପ-ପ୍ରତ୍ୟାରୋପ କେତେ ନିମ୍ନସ୍ତରକୁ ଚାଲିଯାଇଛି ତା’ର ଏକ ଜ୍ୱଳନ୍ତ ଉଦାହରଣ ହିମାଚଳ ପ୍ରଦେଶ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀଙ୍କ ସଦ୍ୟ ମନ୍ତବ୍ୟରୁ ବୁଝିହେଉଛି। ସତ୍‌ପାଲ କ୍ଷମାମାଗନ୍ତୁ ବୋଲି ହିମାଚଳ କଂଗ୍ରେସ ଦାବି କରିଛି। କ୍ଷମା ନ ମାଗିଲେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ହିମାଚଳପ୍ରଦେଶର ଶିମ୍ଲା ଲୋକ ସଭା ଆସନ ଅନ୍ତର୍ଗତ ବଡ୍ଡି ସହରରେ ଭାଜପାର ଏକ ନିର୍ବାଚନୀ ସଭାରେ ସତ୍‌ପାଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଭାରତର ଚୌକିଦାର ବୋଲି କହୁଛନ୍ତି। ରାହୁଲ ଯଦି ତାଙ୍କୁ ଚୋର ବୋଲି କହୁଛନ୍ତି, ତେବେ ସେ ନିଜେ ‘*****’ । ରାହୁଲ ଜାମିନରେ ଅଛନ୍ତି, ତାଙ୍କ ମା’ ଓ ଭିଣୋଇ ମଧ୍ୟ ବେଲ୍‌ରେ ଅଛନ୍ତି। ଏହାସତ୍ତ୍ୱେ ସେ ପ୍ରଧାନମନ୍ତ୍ରୀଙ୍କୁ ‘ଚୋର’ କହୁଥିବାରୁ ଜଣେ ପଞ୍ଜାବୀ ଏହି ସନ୍ଦେଶ ପ୍ରେରଣ କରିବା ପାଇଁ ମୋତେ ଅନୁରୋଧ କରିଥିଲେ ବୋଲି ସତ୍‌ପାଲ କହିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଉଠିଛି। ଜଣେ ବରିଷ୍ଠ ରାଜନେତାଙ୍କଠାରୁ ଏଭଳି ଅଭଦ୍ର ଭାଷା ଆଶା କରାଯାଇ ନ ପାରେ ବୋଲି ରାଜ୍ୟ କଂଗ୍ରେସ ମୁଖ୍ୟ କୁଳଦୀପ ରାଠୋଡ୍ ସମାଲୋଚନା କରିଛନ୍ତି।

■ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

## ଆଜମ୍ ଖାନ୍‌ଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧୫।୪(ପି.ଟି.)

କାର୍ଯ୍ୟାନୁଷ୍ଠାନ ପାଇଁ ଇସିଙ୍କୁ ଅନୁରୋଧ କଲେ ଏନ୍‌ସିଡବ୍ଲ୍ୟୁ



ପାଟନାରେ ଆଜମ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ଭାଜପା ମହିଳା ମୋର୍ଚ୍ଚା କର୍ମୀ।

ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଛନ୍ତି ମେଣ୍ଟ ପ୍ରାର୍ଥୀ ଆଜମ୍ ଖାନ୍। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଆଜମ୍‌ଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ଅନୁରୋଧ କରିଛନ୍ତି।

ରାମପୁରର ଏକ ନିର୍ବାଚନୀ ସଭାରେ ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ୍ ଖାନ୍ ଜୟପ୍ରଦାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ଲୋକଙ୍କୁ କହିଥିଲେ, ରାମପୁରବାସୀ ଓ ଭାରତର ଲୋକଙ୍କୁ ତାଙ୍କ ପ୍ରକୃତ ରୂପ ଜାଣିବା ପାଇଁ ୧୭ ବର୍ଷ ଲାଗିଗଲା। କିନ୍ତୁ ସେ ଖାକି ଅଣ୍ଡରୱେର ପିନ୍ଧନ୍ତି ବୋଲି ମୁଁ ୧୭ ଦିନରେ ଜାଣିପାରିଥିଲି। ଏହାକୁ ନେଇ ଏନ୍‌ସିଡବ୍ଲ୍ୟୁ କହିଛନ୍ତି, ଆଜମ୍ ଖାନ୍‌ଙ୍କ ମନ୍ତବ୍ୟ ଅପମାନଜନକ, ଅନୈତିକ ଓ ମହିଳାଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ରାମପୁର ଥାନାରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଜୟପ୍ରଦା କହିଛନ୍ତି, ସେ ଏଥିରେ ଭୟଭୀତ ହୋଇ ରାମପୁର ଛାଡ଼ି ଯିବେନାହିଁ। ଆଜମ୍ ଖାନ୍ ତାଙ୍କ ପରିବାରର ମହିଳାଙ୍କ ପ୍ରତି ମଧ୍ୟ ଏପରି ଭାଷା ପ୍ରୟୋଗ କରନ୍ତି କି ବୋଲି ଜୟପ୍ରଦା ପ୍ରଶ୍ନ କରିଛନ୍ତି। ବିବାଦ ସୃଷ୍ଟି ହେବା ପରେ ଆଜମ୍ ଖାନ୍ କହିଛନ୍ତି, ସେ ଭାଷଣ ଦେବାବେଳେ କାହା ନାମ ଧରିନାହାନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ନୀରବ ରହିବା ସେମାନଙ୍କ ପାଇଁ ଲଜ୍ଜାଜନକ କଥା। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ ଓ ସ୍ମୃତି ଇରାନୀ ଏବଂ ରାଜ୍ୟ ସଭା ସଦସ୍ୟ ଅମର ସିଂ ମଧ୍ୟ ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ କଡ଼ାନିନ୍ଦା କରିବା ସହ ତାଙ୍କୁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା ପାଇଁ ଦାବି କରିଛନ୍ତି।

ସାମ୍ପ୍ରଦାୟିକ ମନ୍ତବ୍ୟ ପାଇଁ ନିର୍ବାଚନ ପ୍ରଚାର ମନା

## ମାୟାବତୀଙ୍କୁ ୨, ଯୋଗୀଙ୍କୁ ୩ ଦିନ

ନୂଆଦିଲ୍ଲୀ,୧୫।୪(ପି.ଟି.)





ଭୋଟ ମାଗିବାବେଳେ ସାମ୍ପ୍ରଦାୟିକ ମନ୍ତବ୍ୟ ମହଙ୍ଗା ପଡ଼ିଛି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ। ନିର୍ବାଚନ କମିଶନ (ଇସି) ମାୟାବତୀଙ୍କୁ ୪୮ ଘଣ୍ଟା ଓ ଯୋଗୀଙ୍କୁ ୭୨ ଘଣ୍ଟା ପାଇଁ ନିର୍ବାଚନ ପ୍ରଚାର କରିବାକୁ ବାରଣ କରିଛନ୍ତି। ଉଭୟଙ୍କ ନିର୍ବାଚନ ପ୍ରଚାର ଉପରେ କଟକଣା ମଙ୍ଗଳବାର ସକାଳ ୬ଟାରୁ ଲାଗୁ ହୋଇଛି। ଉଭୟଙ୍କ ସକାଶେ ଇସି ଦୁଇଟି ପୃଥକ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ନିକଟରେ ଦେଓବନ୍ଦଠାରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ବେଳେ ମାୟାବତୀ ମୁସଲମାନ ସମ୍ପ୍ରଦାୟର ମତଦାତାଙ୍କୁ ଭୋଟ ମାଗିଥିଲେ। ସଂଖ୍ୟାଲଘୁ ଭୋଟର ମେଣ୍ଟକୁ ଏକତରଫା ଭୋଟ ଦିଅନ୍ତୁ ବୋଲି ମାୟାବତୀ କହିଥିଲେ। ଏହା ପରେ ମିରଟରେ ଭାଜପାର ଏକ ନିର୍ବାଚନୀ ସଭାରେ ଯୋଗୀ କହିଥିଲେ, ଏଥର ଲୋକ ସଭା ନିର୍ବାଚନ ‘ଅଲି ବନାମ ବଜରଙ୍ଗବଲୀ’ ହେଉଛି। ସେମାନେ ଅଲି (ମହମ୍ମଦଙ୍କ ବଂଶଧର)ଙ୍କ ଉପରେ ଭରସା କରୁଥିବାବେଳେ ବଜରଙ୍ଗବଲୀ (ହନୁମାନ)ଙ୍କ ଉପରେ ଆମର ଆସ୍ଥା ରହିଛି ବୋଲି ଭୋଟ ଧ୍ରୁବୀକରଣ ଉଦ୍ଦେଶ୍ୟରେ ଯୋଗୀ ମନ୍ତବ୍ୟ ଦେଇଥିଲେ। ଏହାର ଜବାବରେ ମାୟାବତୀ ପୁନଶ୍ଚ କହିଥିଲେ, ଆମକୁ ଉଭୟ ‘ଅଲି ଓ ବଜରଙ୍ଗବଲୀ’ଙ୍କ ଭୋଟ ମିଳିବ। ନିର୍ବାଚନ କମିଶନ ଏଥିଲାଗି ସମ୍ବିଧାନର ଅନୁଚ୍ଛେଦ ୩୨୪ ବଳରେ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗକରି ମାୟାବତୀଙ୍କୁ ମଙ୍ଗଳବାର ସକାଳ ୬ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରଚାରରୁ ବାରଣ କରିଛନ୍ତି। ସେହିପରି ଯୋଗୀ ମଧ୍ୟ ୭୨ ଘଣ୍ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କରିପାରିବେ ନାହିଁ ବୋଲି ଇସି କଟକଣା ଜାରି କରିଛନ୍ତି। ଫଳରେ ଉଭୟେ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ସଭାସମିତି, ଶୋଭାଯାତ୍ରା ଓ ରୋଡ୍ ଶୋ, କରିପାରିବେ ନାହିଁ। ସେହିପରି ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ସୋସିଆଲ ମିଡିଆକୁ ମଧ୍ୟ ସାକ୍ଷାତ୍‌କାର ଦେଇପାରିବେ ନାହିଁ। ଉଭୟ ନେତାଙ୍କ ମନ୍ତବ୍ୟ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ। ଏଭଳି ମନ୍ତବ୍ୟ ବିଭିନ୍ନ ଧର୍ମାବଲମ୍ବୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଥିବା ବିଭେଦକୁ ଆହୁରି ବୃଦ୍ଧି କରିବା ସହ ଘୃଣାଭାବ ସୃଷ୍ଟି କରିବ। ଦୁଇନେତା ଧର୍ମ ନାମରେ ଭୋଟ ମାଗି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ଇସି କହିଛନ୍ତି। ପ୍ରକାଶ ଯେ, ଗତ ୧୧ ତାରିଖରେ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଯୋଗୀ ଓ ମାୟାବତୀଙ୍କୁ ନୋଟିସ ଜାରି କରିଥିଲେ।

## ବିଶ୍ୱବିଦ୍ୟାଳୟ ସିଟ୍ ୨ଲକ୍ଷ ବଢ଼ିବ

ନୂଆଦିଲ୍ଲୀ,୧୫।୪(ପି.ଟି.)

କ୍ୟାବିନେଟ ମଞ୍ଜୁରୀ

ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇ ଦେବା ଲାଗି ଦେଶରେ ଥିବା ୧୫୮ଟି ଜାତୀୟ ଶିକ୍ଷାନୁଷ୍ଠାନରେ ୨ ଲକ୍ଷରୁ ଅଧିକ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ସୋମବାର କେନ୍ଦ୍ର କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମୋଦନ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ କ୍ୟାବିନେଟରେ ପ୍ରସ୍ତାବ ଆଣିବା ପୂର୍ବରୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନିର୍ବାଚନ କମିଶନଙ୍କ ଅନୁମତି ଲୋଡିଥିଲା। କ୍ୟାବିନେଟ ଅନୁମୋଦନ ଫଳରେ ଦୁଇ ବର୍ଷରେ ବିଶ୍ୱବିଦ୍ୟାଳୟଗୁଡିକରେ ୨,୧୪,୭୬୬ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ୨୦୧୯-୨୦ ଶିକ୍ଷାବର୍ଷରେ ୧,୧୯,୯୮୩ ସିଟ୍ ଏବଂ ୨୦୨୦-୨୧ରେ ୯୫,୭୮୩ ସିଟ୍ ସୃଷ୍ଟି ହେବ। ୧୫୮ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ନାମଲେଖାରେ ସାଧାରଣ ବର୍ଗ ଗରିବଙ୍କ ପାଇଁ ସଂରକ୍ଷଣ ଲାଗୁ କରିବା ନିମନ୍ତେ ୪୩୧୫.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ‘ଜାତୀୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ’

ବିରୋଧୀଙ୍କୁ ଜେଟ୍‌ଲୀଙ୍କ ଜବାବ


ନୂଆଦିଲ୍ଲୀ,୧୫।୪(ପି.ଟି.)

ଜାତୀୟ ସୁରକ୍ଷା ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ାଯିବା ଉଚିତ ନୁହେଁ ବୋଲି ବିରୋଧୀ ଦଳଗୁଡିକ ପକ୍ଷରୁ ଯୁକ୍ତି ଦର୍ଶାଯାଉଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହାକୁ ଖଣ୍ଡନ କରିଛନ୍ତି। ଦେଶ ସମ୍ମୁଖୀନ ହେଉଥିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ଜାତୀୟ ସୁରକ୍ଷା ଏବଂ ଆତଙ୍କବାଦ ସମସ୍ୟା ବୋଲି ଜେଟଲୀ କହିଛନ୍ତି। ଜମ୍ମୁ-କଶ୍ମୀର ପ୍ରସଙ୍ଗ ଏବଂ ଆତଙ୍କବାଦ ଦୀର୍ଘମିଆଦୀ ସମସ୍ୟା ହୋଇଥିବାବେଳେ ଏହା ଦେଶର ସାର୍ବଭୌମତ୍ୱ ପାଇଁ ଚିନ୍ତାଜନକ ହୋଇପଡ଼ିଛି। ଅନ୍ୟ ସମସ୍ତ ଚ୍ୟାଲେଞ୍ଜର ସମାଧାନ କରାଯାଇପାରିବ ବୋଲି ଜେଟଲୀ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ଫାଇଦା ପାଇଁ ପୁଲ୍‌ୱାମା ଆକ୍ରମଣରେ ଯବାନ ଶହୀଦ ହେବା ଏବଂ ପାକିସ୍ତାନର ବାଲାକୋଟରେ ବାୟୁସେନାର କାର୍ଯ୍ୟାନୁଷ୍ଠାନର ରାଜନୀତିକରଣ କରୁଥିବା ବିରୋଧୀ ଦଳ ଅଭିଯୋଗ କରିଆସୁଛନ୍ତି।

## ଜୋଷୀଙ୍କ ନାଁରେ ଜାଲ୍ ଚିଠି

ମୁମ୍ବାଇ,୧୫।୪(ପି.ଟି.)

ଇସି ତଦନ୍ତ ଦାବି



ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ନାମରେ ମିଥ୍ୟା ଚିଠି ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ନିର୍ବାଚନ କମିଶନ (ଇସି) ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଦଳର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଲେଖାଯାଇଥିବା ଏହି ଜାଲ୍ ଚିଠି କିଛିଦିନ ହେଲା ପ୍ରସାରିତ ହେଉଛି। ଜୋଷୀ ଏଭଳି ଚିଠି ଲେଖି ନ ଥିବା ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଅରୋରାଙ୍କୁ ଜଣାଇବା ସହ ତଦନ୍ତ ଦାବି କରିଛନ୍ତି।

ଜୋଷୀ ଓ ଆଡଭାନୀ ଭାଜପାର ପ୍ରତିଷ୍ଠାତା ଏବଂ ୨୦୧୪ ନିର୍ବାଚନରେ ଉଭୟ କାନପୁର ଓ ଗାନ୍ଧୀନଗର ଆସନରୁ ଜିତିଥିଲେ। ଏଥର ଦୁହିଁଙ୍କୁ ଟିକେଟ ମିଳିନାହିଁ।

## ଉର୍ମିଳାଙ୍କ ପ୍ରଚାର ବେଳେ କଂଗ୍ରେସ-ଭାଜପା କର୍ମୀ ସଂଘର୍ଷ

ମୁମ୍ବାଇ,୧୫।୪(ପି.ଟି.)

କଂଗ୍ରେସ ପ୍ରାର୍ଥୀ ତଥା ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଉତ୍ତର ମୁମ୍ବାଇରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ସେ ପୋଲିସ ସୁରକ୍ଷା ଲୋଡ଼ିଛନ୍ତି। ଉତ୍ତର ମୁମ୍ବାଇ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ଉର୍ମିଳା ବୋରିଭାଲି ଷ୍ଟେଶନ ନିକଟରେ ପ୍ରଚାର କରୁଥିବା ବେଳେ କେତେଜଣ ଭାଜପା କର୍ମୀ ‘ମୋଦି, ମୋଦି’ ସ୍ଲୋଗାନ ଦେବାରୁ ସେମାନଙ୍କ ସହ କଂଗ୍ରେସ କର୍ମୀଙ୍କର ସଂଘର୍ଷ ଘଟିଥିଲା। ଉକ୍ତ ନିର୍ବାଚନମଣ୍ଡଳୀର ଭାଜପା ବର୍ତ୍ତମାନର ଏମ୍‌ପି ଗୋପାଳ ଶେଟ୍ଟୀଙ୍କୁ ପ୍ରାର୍ଥୀ କରିଛି। ଉର୍ମିଳା ଥାନାରେ ଏତଲା ଦେବା ସହ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ପୋଲିସକୁ ନିବେଦନ କରିଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଉର୍ମିଳା କହିଛନ୍ତି।



ଇତିହାସର ଆଇନାରେ

### ଏପ୍ରିଲ ୧୬ର ପ୍ରମୁଖ ଘଟଣା

### ଜାହାଜରେ ଅଗ୍ନିକାଣ୍ଡ

୧୯୪୭ ଏପ୍ରିଲ ୧୬ରେ ଟେକ୍ସାସ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ପାଖାପାଖି ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଟେକ୍ସାସ୍ ନଗରୀ ଆମେରିକାର ଗାଲ୍‌ଭେଷ୍ଟନ୍ ଅଞ୍ଚଳରେ ଅବସ୍ଥିତ। ଏହା ଗାଲ୍‌ଭେଷ୍ଟନ୍ ଉପସାଗରର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ। ଟେକ୍ସାସ ବନ୍ଦର ହେଉଛି ଏକ ଗଭୀର ପୋତାଶ୍ରୟ। ଏଠାରେ ପେଟ୍ରୋଲିୟମ ବିଶୋଧନାଗାର ଏବଂ ପେଟ୍ରୋକେମିକାଲ ନିର୍ମାଣକେନ୍ଦ୍ର ରହିଛି।

### ଆପୋଲୋ ୧୬ ଲଞ୍ଚ୍

୧୯୭୨ ଏପ୍ରିଲ ୧୬ରେ ଫ୍ଲୋରିଡାର କେପ୍ କାନାଭେରାଲ୍ ଉତ୍‌କ୍ଷେପଣ ସ୍ଥଳରୁ ଆପୋଲୋ ୧୬ ମହାକାଶଯାନ ଲଞ୍ଚ୍ କରାଯାଇଥିଲା। ଆପୋଲୋ ପ୍ରୋଗ୍ରାମକୁ ପ୍ରୋଜେକ୍ଟ ଆପୋଲୋ ମଧ୍ୟ କୁହାଯାଏ। ଏହା ଆମେରିକାର ମହାକାଶ ଗବେଷଣା କେନ୍ଦ୍ର ‘ନାସା’ ଦ୍ୱାରା ପରିଚାଳିତ ହୁଏ। ନାସା ୧୯୬୯ରୁ ୧୯୭୨ ମଧ୍ୟରେ ଚନ୍ଦ୍ରରେ ପ୍ରଥମକରି ମାନବ ଅବତରଣ କରାଇବାରେ ସଫଳ ହୋଇଥିଲା।

ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ବାୟୋପିକ୍ ଦେଖି ରିପୋର୍ଟ ଦିଅ

ନୂଆଦିଲ୍ଲୀ,୧୫।୪

ନିର୍ବାଚନ କମିଶନ ‘ପିଏମ୍ ନରେନ୍ଦ୍ର ମୋଦି’ ଫିଲ୍ମ ଦେଖି ସପ୍ତାହକ ମଧ୍ୟରେ ଜଉମୁଦ ଲଫାପା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇ, ବିଚାରପତି ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଫିଲ୍ମ ପ୍ରଯୋଜକ ସନ୍ଦୀପ ସିଂଙ୍କ ଦ୍ୱାରା ଦାଖଲ ଏକ ଆବେଦନ ବିଚାରକୁ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ରେ ହେବ।

ନିର୍ବାଚନ କମିଶନ ଉକ୍ତ ଫିଲ୍ମ ଦେଖିଛନ୍ତି କି ନାହିଁ ସେ ସମ୍ପର୍କରେ ଅଦାଲତ କମିଶନଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ପ୍ରଯୋଜକଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ମୁକୁଲ ରୋହତ୍‌ଗୀ ଏକ ସତ୍ୟପାଠ ଦାଖଲକରି ଦର୍ଶାଇଥିଲେ, ନିର୍ବାଚନ କମିଶନ୍ ଉକ୍ତ ଫିଲ୍ମକୁ ଆଦୌ ନ ଦେଖି ରିଲିଜ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହାପରେ ଖଣ୍ଡପୀଠ ଉକ୍ତ ଫିଲ୍ମ ଦେଖି ରିପୋର୍ଟ ଦାଖଲ କରିବାକୁ ସମ୍ପୃକ୍ତ ଓକିଲଙ୍କୁ ପରାମର୍ଶ ଦେଇଥିଲେ।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଫିଲ୍ମ ରିଲିଜ ବନ୍ଦ ଲାଗି କମିଶନ୍‌ଙ୍କ ନିର୍ଦ୍ଦେଶ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ବାକ୍ ସ୍ୱାଧୀନତାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ବର୍ତ୍ତମାନ ନିର୍ବାଚନ ଚାଲିଥିବାବେଳେ ଉକ୍ତ ଫିଲ୍ମ ରିଲିଜ୍ ବନ୍ଦ ପାଇଁ ଗତ ସପ୍ତାହରେ ନିର୍ବାଚନ କମିଶନ୍ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ବିବେକ ଓବେରୟଙ୍କ ଅଭିନୀତ ଉକ୍ତ ଫିଲ୍ମ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲା।



## ମା’ ହେଲେ ଚାଇନାର ପ୍ରଥମ ଟେଷ୍ଟ-ଟ୍ୟୁବ୍ କନ୍ୟା



**ବେଜିଂ,୧୫।୪**-ଚାଇନାରେ ପ୍ରଥମକରି ଟେଷ୍ଟ-ଟ୍ୟୁବ୍ ପଦ୍ଧତିରେ ଜନ୍ମିତ ଶିଶୁକନ୍ୟା ଝେଙ୍ଗ୍ ସୋମବାର ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ପେକିଂ ୟୁନିଭର୍ସିଟି ଥାର୍ଡ ହସ୍ପିଟାଲ୍‌ର ସୂଚନା ଅନୁଯାୟୀ, ଟେଷ୍ଟ ଟ୍ୟୁବ୍ ବେବି ରିସର୍ଚ୍ଚ ମୁଖ୍ୟ ଡାକ୍ତର ଝାଙ୍ଗ୍ ଲିଝୁଙ୍କ ସହାୟତାରେ ୧୯୮୮ ମାର୍ଚ୍ଚ ୧୦ରେ ଝେଙ୍ଗ୍ ଜନ୍ମ ହୋଇଥିଲେ। ଡାକ୍ତର ଝାଓ ତାଙ୍କର ଅସ୍ତ୍ରୋପଚାର କରି ଶିଶୁକୁ ଜନ୍ମ କରାଇଥିଲେ। ଜନ୍ମବେଳେ ଶିଶୁର ଓଜନ ୩,୮୫୦ ଗ୍ରାମ ଥିଲା। ଚାଇନାରେ ପୁନଃ ପ୍ରଜନନ ଇତିହାସରେ ଏହି ସଫଳତା ଆଉ ଏକ ମାଇଲଖୁଣ୍ଟ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଟେଷ୍ଟ ଟ୍ୟୁବ୍ ଶିଶୁ ଜନ୍ମ ପଦ୍ଧତିରେ ଚାଇନା ବିଶ୍ୱରେ ଅଗ୍ରଣୀ ଭୂମିକା ନେଉଛି।

## ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍

ବେଜିଂ,୧୫।୪(ପି.ଟି)

ଚାଇନାରେ ବିକଶିତ



ଚାଇନା ପ୍ରଥମକରି ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍ ବୋଟ୍ ସଫଳତାର ସହିତ ପରୀକ୍ଷା କରିଛି। ଉଭୟ ଜଳଭାଗରେ ଏବଂ ଆକାଶରେ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଚାଇନାର ସାମରିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଚାଇନା ଶିପ୍ ବିଲ୍‌ଡିଂ ଇଣ୍ଡଷ୍ଟ୍ରି କର୍ପୋରେଶନ୍ (ସିଏସ୍‌ଆଇସି) ଅଧୀନସ୍ଥ ୟୁଚାଙ୍ଗ ଇଣ୍ଡଷ୍ଟ୍ରି ଗ୍ରୁପ୍ ଦ୍ୱାରା ଏହା ନିର୍ମାଣ କରାଯାଇଛି। ମେରାଇନ୍ ଲିଜାର୍ଡ ନାମକ ଏହି ଡ୍ରୋନ୍ ଶିପ୍‌କୁ କେନ୍ଦ୍ରୀୟ ଚାଇନାର ହୁବେଇ ପ୍ରଦେଶର ରାଜଧାନୀ ଉହାନ୍‌ସ୍ଥିତ କାରଖାନାରୁ ଏପ୍ରିଲ ୮ରେ ପରୀକ୍ଷା ପାଇଁ ବାହାର କରାଯାଇଥିଲା। ସାଟେଲାଇଟ୍ ଜରିଆରେ ରିମୋଟ ଦ୍ୱାରା ନିୟନ୍ତ୍ରିତ ଏହି ମେରାଇନ୍ ଲିଜାର୍ଡକୁ ସର୍ବାଧିକ ୧୨୦୦ କିଲୋମିଟର ଦୂରତା ମଧ୍ୟରେ ଚଳାଚଳ କରାଯାଇପାରିବ। ୧୨ମିଟର ବିଶିଷ୍ଟ ମେରାଇନ୍ ଲିଜାର୍ଡ ଡିଜେଲ୍ ଚାଳିତ ହାଇଡ୍ରୋଜେଟ୍ ଦ୍ୱାରା ଜଳଭାଗରେ ସର୍ବାଧିକ ୫୦ ନଟ୍ ବେଗରେ ଗତି କରିପାରିବ। ସ୍ଥଳଭାଗ ନିକଟବର୍ତ୍ତୀ ହେଲେ ଉକ୍ତ ଉଭୟଚର ଡ୍ରୋନ୍‌ର ନିମ୍ନଭାଗରେ ଥିବା ୪ଟି ଟ୍ରାକ୍ ୟୁନିଟ୍ ଖୋଲିଯିବ ଏବଂ ସ୍ଥଳଭାଗରେ ପ୍ରତି ଘଣ୍ଟାରେ ୨୦କି.ମି. ବେଗରେ ଗତି କରିବ।

ଚାଇନାର ପ୍ରତିରକ୍ଷା ବଜେଟ୍ ୧୭୮ ବିଲିୟନ୍ ଆମେରିକୀୟ ଡଲାର ହୋଇଥିବା ବେଳେ ୨୦ଲକ୍ଷ ସୈନ୍ୟଙ୍କୁ ନେଇ ଗଠିତ ବିଶ୍ୱର ସର୍ବବୃହତ୍ ଚାଇନା ସାମରିକ ବିଭାଗ କିଛିବର୍ଷ ହେଲା ଆଧୁନିକ ଅସ୍ତ୍ର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛି।



ସୌନ୍ଦର୍ଯ୍ୟ

# ଟମାଟୋ ଫେସ୍‌ମାସ୍କ

**ଟମାଟୋ ଆମ ଶରୀର ଲାଗି ବହୁତ ଉପାଦେୟ। ଏହା ମଧ ହିମୋଗ୍ଲୋବିନ୍ ବଢ଼ାଇବାରେ ସହାୟକ ହୁଏ। କିନ୍ତୁ ଆପଣ ଜାଣିଛନ୍ତି କି ଏହି ଟମାଟୋ ମୁହଁର ସୁନ୍ଦରତା ବଢ଼ାଇଥାଏ ? ଆଜ୍ଞା ହଁ , ଟମାଟୋରେ ପ୍ରସ୍ତୁତ ଫେସମାସ୍କ ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଟମାଟୋରେ କିପରି ଫେସମାସ୍କ ବ୍ୟବହାର ସମ୍ପର୍କରେ..**

### ଟମାଟୋ ଓ ଦହି

ଟମାଟୋ ଓ ଦହିର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଅଳ୍ପ ଟମାଟୋ ରସ, ଏକ ଚାମଚ ଦହି, ଏକ ଚାମଚ ଲେମ୍ବୁରସ, ଅଳ୍ପ ପରିମାଣର ହଳଦୀ ଓ ଏକ ଚାମଚ ମହୁ ନିଅନ୍ତୁ। ଏବେ ଏକ ପାତ୍ରରେ ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ। ଏହା ମଧ୍ୟ ଆଖିତଳ ଡାର୍କ ସର୍କଲ ଦୂର କରିବା ସହ ମୁହଁର ତ୍ୱଚାରେ ନମନୀୟତା ଆଣିଥାଏ।

### ଟମାଟୋ ଓ ଅଲିଭ୍ ଅଏଲ

ଟମାଟୋ ଓ ଅଲିଭ ଅଏଲର ପେଷ୍ଟ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଏ। ଏହି ପେଷ୍ଟ ମୁହଁରେ ଥିବା ଦାଗ ଦୂର କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ମୁଖବ୍ରଣ ସମସ୍ୟା ରହିଛି, ତାଙ୍କ ପାଇଁ ଏହି ପେଷ୍ଟ ଭଲ କାମ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଟମାଟୋ ରସ ଏକ ଚାମଚରେ ଅଲିଭ୍ ଅଏଲକୁ ମିଶାନ୍ତୁ। ମୁହଁ ତଥା ବେକରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ତା'ପରେ ଧୋଇହୋଇ ପଡିଲେ ମୁହଁରେ ଚମକ ଆସିଥାଏ।

### ଟମାଟୋ ଓ ଆଲୋଭେରା

ଟମାଟୋ ସହିତ ଆଲୋଭେରା ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଫେସ୍‌ମାସ୍କ ଶୁଖିଗଲା ପରେ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ଡାର୍କ ସର୍କଲ ଓ ଡାର୍କ ସ୍ପଟ୍ ଦୂର ହୋଇଥାଏ।

### ଟମାଟୋ ଓ ମହୁ

ଟମାଟୋ ଓ ମହୁକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଗୋଟିଏ ଛୋଟ ଟମାଟୋ, ଦୁଇ ଚାମଚ ମହୁରେ ଏକ ଚାମଚ ଲେମ୍ବୁରସକୁ ଭଲଭାବେ ମିଶାନ୍ତୁ। ଏହି ପେଷ୍ଟକୁ ହାଲ୍‌କା ହାତରେ ମୁହଁରେ ଲଗାଇ ଦିଅନ୍ତୁ। ପାଖାପାଖି ୧୫ମିନିଟ୍ ରଖିବା ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ମୁହଁ ଆହୁରି ଉଜ୍ଜ୍ୱଳ ଦେଖାଯିବ।



ଖାଦ୍ୟରୁଚି

# ଡାଲ୍ ପନିର


**ଆବଶ୍ୟକ ସାମଗ୍ରୀ**

ଗୁଣ୍ଡ ହୋଇଥିବା ପନିର ଏକ କପ୍, ଭିଜା ଯାଇଥିବା ଚଣାଡାଲି ଦୁଇକପ୍, ଏକ ଚାମଚ ଅଦା ରସୁଣ ପେଷ୍ଟ, ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଡାଲ୍‌ଚିନି ଖଣ୍ଡ, ଦୁଇଟି କଳା ଇଲାଇଚି, ଛୋଟ ଆକାରରେ କଟା ହୋଇଥିବା ପିଆଜ ୨ଟା, କଟା ହୋଇଥିବା ଟମାଟୋ ଦୁଇଟି, ଏକ ଚାମଚ ହଳଦୀଗୁଣ୍ଡ, ଦୁଇ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଆବଶ୍ୟକ ଅନୁସାରେ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ**

ଏକ କଡ଼ାଇରେ ତେଲ ଗରମ କରି ପନିରକୁ ଭାଜନ୍ତୁ। ଭାଜି ହେଲାପରେ ପ୍ରେସରକୁକରରେ ତେଲ ପକାଇ ଶୁଖିଲା ଲଙ୍କା, ଲବଙ୍ଗ, ତେଜପତ୍ର, ଡାଲ୍‌ଚିନି ଓ ଇଲାଇଚି ପକାଇ ଛୁଙ୍କ କରନ୍ତୁ। ଏହାପରେ ପିଆଜ ପକାଇ ଏହା ଗୋଲଡେନ୍ କଲର ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପୁଣି ଅଦା-ରସୁଣ ପେଷ୍ଟ, ହଳଦୀ ପାଉଡର, କଶ୍ମୀରୀ ମିର୍ଚ୍ଚ ପାଉଡର, ଟମାଟୋ ପକାଇ କିଛି ସମୟ କଷନ୍ତୁ। ଏବେ ଏଥିରେ ଚଣାଡାଲି, ଲୁଣ, ପାଣି ପକାନ୍ତୁ। ପାଣି ଯେତେବେଳେ ଫୁଟିବା ଆରମ୍ଭ କରୁଛି ସେତେବେଳେ ତାକୁ ଭଲଭାବେ ସିଝିବାକୁ ଛାଡ଼ିଦିଅନ୍ତୁ। ଯେତେବେଳେ ଡାଲି ପୂରା ସିଝିଗଲା ସେତେବେଳେ ଆଗରୁ ଭଜା ହୋଇଥିବା ପନିର ଖଣ୍ଡକୁ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡାଲ୍ ପନିର।



# ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସନ୍ତୁଳିତ ସ୍ତର



-ଡା. ଲିପ୍‌ସା ମିଶ୍ର


"ଏଫ୍‌ଏସ୍‌ଏଚ୍ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଟ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ରତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲର ବୃଦ୍ଧି ଘଟିଥାଏ।"

**ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍ କ'ଣ :** ଲୁଟେଞ୍ଜିଂ ହରମୋନ (ଏଲ୍‌ଏଚ୍) ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ରତୁଚକ୍ର ଏବଂ ଓଭୁଲେଶନ ସମୟକୁ ନିୟନ୍ତ୍ରଣ କରିଥାଏ। ଏଲ୍‌ଏଚ ଉତ୍ପନ୍ନର ସ୍ତରଗୁଡିକ ବଢିବା ସହିତ ଓଭୁଲେଶନ ମଧ ପ୍ରଭାବିତ ହୋଇଥାଏ। ସେହିପରି ଫଲିକିଲ ଷ୍ଟିମୁଲେଟିଂ ହରମୋନ(ଏଫ୍‌ଏସ୍‌ଏଚ୍) ହେଉଛି ପ୍ରତ୍ୟେକ ରତୁଚକ୍ରରେ ଡିମ୍ବାଶୟରେ ଡିମ୍ବଗୁଡିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ। ଚକ୍ର ସମୟରେ ଏଫ୍‌ଏସଏଚ୍‌ର ସ୍ତରଗୁଡିକ ଭିନ୍ନ ହୋଇଥାଏ। କିନ୍ତୁ ଓଭୁଲେଶନର କିଛି ସମୟ ପୂର୍ବରୁ ଏଗୁଡିକ ଅଧିକ ହୋଇଥାଏ।

**ଆଇଭିଏଫ୍ ଚିକିତ୍ସା ସମୟରେ ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସିନର୍ଜି କାହିଁକି ଗୁରୁତ୍ୱପୂର୍ଣ୍ଣ :** ଏଫଏସଏଚ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଡ୍ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକିଲ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲ୍‌ଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ରତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲଗୁଡିକର ବୃଦ୍ଧି ଘଟିଥାଏ। କିଛି ସପ୍ତାହ ପରେ ଏହି ଫଲିକିଲମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେଶନ ସମୟରେ ଏହାର ଡିମ୍ବ ନିଷ୍କାସନ କରିଥାଏ। ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି। ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁ କମ୍ ପରିମାଣର ଡିମ୍ବ ମହିଳାମାନଙ୍କ ପ୍ରାଜନନିକ ଜୀବନ ଅବଧି ସମୟରେ ଡିମ୍ବ ନିଷ୍କାସିତ କରିବାକୁ ରହିଥାଆନ୍ତି।

ଏଆର୍‌ଟି ପୂର୍ବରୁ ଏଫ୍‌ଏସଏଚ ଥିବା ଔଷଧଗୁଡିକ ଦ୍ୱାରା ଫଲିକିଲ ଓ ଡିମ୍ବଗୁଡିକର ପୁନାରମ୍ଭ ସମ୍ଭବ। ଏହା ହେଉଛି ଏକ ହରମୋନ, ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବ ବିକଶିତ କରିଥାଏ। ଯଦି ମହିଳାଙ୍କ ଏଫ୍‌ଏସ୍‌ଏଚ୍‌ର ରକ୍ତସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲର ବିକାଶ ହୋଇଥାଏ, ଯାହା ଏକାଧିକ ପରିପକ୍ୱ ଡିମ୍ବକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରିଥାଏ।

**ଆଇଭିଏଫ୍ ସାଇକେଲ ପୂର୍ବରୁ ଉପଚାରର ଭୂମିକା:** କେତେକ ମହିଳା, ଯେଉଁମାନେ ଆଇଭିଏଫ ଚିକିତ୍ସା ପାଇଁ ଇଚ୍ଛୁକ ଥାଆନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଇଥିବା ଉପଚାର କାରଣରୁ କିଛି ସମୟ ପାଇଁ ପିଟ୍ୟୁଟାରୀ ଗ୍ରନ୍ଥିରୁ ଅଧିକ ପରିମାଣର ଏଫ୍‌ଏସଏଚ ଏବଂ ଏଲଏଚ୍ ନିର୍ଗତ ହୋଇଥାଏ, ଯେପର୍ଯ୍ୟନ୍ତ ଏଥିରେ ଗଚ୍ଛିତ କମ୍ ହୋଇ ନ ଥାଏ। ଏହି ପ୍ରକାର ଅବିରତ ଉପଚାର ଦ୍ୱାରା ଗ୍ଲାଣ୍ଡରେ ନୂତନ ଏଫଏସଏଚ ଏବଂ ଏଲଏଚ ନିର୍ଗମନକୁ ରୋକିଥାଏ ଏବଂ ଗୋଟିଏ ଦିନ ପ୍ରତି ଏହିସବୁ ହରମୋନ ନିର୍ଗମନ ୭ରୁ ୧୦ ଦିନ ମଧ୍ୟରେ ସୀମିତ ରହିଥାଏ। ଉପଚାରର ମୁଖ୍ୟ ଲକ୍ଷ୍ୟ ହେଉଛି ଫୋଲିସିଲ ବୃଦ୍ଧି ସମୟରେ ରକ୍ତରେ ଏଲଏଚ ସ୍ତରକୁ ହ୍ରାସ କରାଇବା, ଯେବେକି ଉଚ୍ଚ ସ୍ତରର ଏଲଏଚ ଡିମ୍ବ ଗୁଣବତ୍ତାକୁ ହ୍ରାସ, ଅପରିପକ୍ୱ ଡିମ୍ବାଶୟ ନିଷ୍କାସନ ଏବଂ ଡିମ୍ବାଶୟ ଦ୍ୱାରା ପ୍ରୋଜେଷ୍ଟେରୋନ ସିନ୍ଥେସିସ୍‌କୁ ଉତ୍ତେଜିତ କରିପାରେ। ପ୍ରୋଜେଷ୍ଟେରୋନରେ ଅପରିପକ୍ୱତା ୟୁଟେରାଇନ ଲାଇନିଂର ଅନୁପଯୁକ୍ତ ବିକାଶ କରିଥାଏ ଏବଂ ଭ୍ରୂଣ ସ୍ଥାପନାରେ କମ୍ ଆଶଙ୍କା ଥାଏ। ଏଲଏଚ ଏବଂ ଏଫଏସଏଚ୍‌ର ସିନର୍ଜି ରକ୍ତ ସ୍ତରର ଅହେତୁକ ବୃଦ୍ଧିର କାରଣ ହୋଇଥାଏ। ତୃତୀୟ ଦିନର ଉପଚାରରେ ଏଲଏଚ୍+ଏଫଏସଏଚ୍‌ର ସତ୍ତ୍ୱକୁ ଏକତ୍ର ନିଆଯାଏ, ଯାହାକି ଫୋଲିସିଲର ଅବିରତ ବୃଦ୍ଧିକୁ ଉତ୍ତେଜିତ କରିଥାଏ, ଯେବେକି ଏଫଏସଏଚ୍‌ର ପିଟ୍ୟୁଟାରୀ ନିର୍ଗମନ ହ୍ରାସ ପାଇଥାଏ।



ନିକଟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଲଏଚ୍ କମ୍ ଥିବା ରୋଗୀମାନଙ୍କର ଡିମ୍ବାଶୟର ପ୍ରତିକ୍ରିୟା ଆଣ୍ଟାଗୋନିଷ୍ଟ ସାଇକେଲ ମଧ୍ୟରେ ଗତି କରିଥାନ୍ତି ଏବଂ ଥରେ ଯେତେବେଳେ ଏଫଏସଏଚ ଏଲଏଚ ସପ୍ଲିମେଣ୍ଟେଶନ ସହିତ ଏକତ୍ର ହୋଇଥାଏ, ସେତେବେଳେ କିଛି ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ ଏଫଏସଏଚ ଏକୁଟିଆ ପୁନଃ ମିଳନ ହୋଇଥାଏ। ଏହାର ମୁଖ୍ୟ ଫଳାଫଳ ଥିଲା କି ଜନ୍ମ ହେବା ରେଟ୍ ଏବଂ ଦ୍ୱିତୀୟ ଫଳାଫଳଗୁଡିକ ଉତ୍ତମ ଏସ୍ତ୍ରାଡିଅଲ ସ୍ତର, ଡିମ୍ବ ସଂଖ୍ୟା ସଂଗ୍ରହ, ଭ୍ରୂଣ ସ୍ଥାନାନ୍ତରଣ ଏବଂ ପ୍ରୋଜେନ, ମହିଳାମାନଙ୍କଠାରେ ଏଣ୍ଡୋମେଟେରିଆଲ ମୋଟାପା ଦେଖାଯାଇଥାଏ, ଯେଉଁମାନେ କି ଏକତ୍ର ସପ୍ଲିମେଣ୍ଟ ନେଇଥାନ୍ତି।



ପାଖାପାଖି ୨୦୭ ଆଇଭିଏଫ ସାଇକେଲଙ୍କ ମଧ୍ୟରେ ଏକ କେସ୍ ଷ୍ଟଡି କରାଯାଇଥିଲା। ଯେଉଁଠାରେ ୮୧ଟି ସାଇକେଲ ସ୍ୱାଭାବିକ ଥିବା ବେଳେ ୫୧ ଜଣଙ୍କୁ ଏଲଏଚ ସପ୍ଲିମେଣ୍ଟେଶନ ଦିଆଯାଇଥିଲା ଏବଂ ୭୫ ଜଣଙ୍କୁ କିଛି ଦିଆଯାଇ ନ ଥିଲା। ଉକ୍ତ ତିନୋଟି ଦଳଙ୍କୁ ବୟସ ଅନୁଯାୟୀ, ଏଫଏସଏଚ ପ୍ରାରମ୍ଭିକ ଡୋଜ୍, ଭ୍ରୂଣ ସଂଖ୍ୟାରେ ସ୍ଥାନାନ୍ତରଣ, ଫ୍ରୋଜେନ ଭ୍ରୂଣର ସଂଖ୍ୟା ଏବଂ ଏଣ୍ଡୋମେଟେରିଆଲ ମୋଟାପା ଭିତ୍ତିରେ ପୃଥକ୍ କରାଯାଇଥିଲା। ତେଣୁ ଗ୍ରୁପ୍ ୧ର ୮୦ ଜଣ ମହିଳା ଏଫଏସଏଚ୍ ଉତ୍ତେଜନାର ମଧ୍ୟମ ସମୟର ଖୁବ୍ କମ୍‌ରେ ରହିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ଭାବେ କେତେକ ଡିମ୍ବାଣୁ ଉଭୟ ଅନ୍ୟ ଗ୍ରୁପ୍ ତୁଳନାରେ ସଂଗ୍ରହ କରାଯାଇଥିଲା। ଯଦିଓ ସେମାନଙ୍କ ମଧ୍ୟରେ ଭ୍ରୂଣ ସ୍ଥାନାନ୍ତରଣ କିମ୍ବା ପ୍ରୋଜେନ ସଂଖ୍ୟାରେ କିଛି ବି ପାର୍ଥକ୍ୟ ନ ଥିଲା। ଗ୍ରୁପ୍ ୨ ଦଳର ମହିଳାମାନେ ଏଲଏଚ ସପ୍ଲିମେଣ୍ଟାରେ ଥିବା ବେଳେ ଯେଉଁ ରୋଗୀମାନେ ସପ୍ଲିମେଣ୍ଟ ନେଇ ନ ଥିଲେ ସେମାନଙ୍କ ତୁଳନାରେ ସିରମ ଏସ୍ତ୍ରାଡିଅଲ ସଂଖ୍ୟା ଅଧିକ ରହିଥିଲା।

ଏହିପରି ଭାବରେ ମହିଳାମାନଙ୍କର ଏକ ବଡ଼ ଦଳ ଏଲଏଚ ସପ୍ଲିମେଣ୍ଟେଶନରୁ ଉପକୃତ ହୋଇ ଥିଲେ। ଯଦି ଉପଯୁକ୍ତ ରୋଗୀଙ୍କ ଉପରେ ଦୃଷ୍ଟିକେନ୍ଦ୍ରିତ କରାଯାଏ, ତେବେ ଆଇଭିଏଫ୍‌ରେ ଏଲଏଚ ଏବଂ ଏଫଏସଏଚ୍ ସାଇକେଲର ସମ୍ଭାବନା ଉପାଦେୟ ହୋଇପାରେ। ଆଇଭିଏଫର ସଫଳତା ମାତ୍ରା ହେଉଛି ଅଧିକ କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ନୁହେଁ, ଯେଉଁମାନେ କି ବାରମ୍ବାର ଶାରୀରିକ, ଆବେଗିକ ଏବଂ ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି। ଉକ୍ତ ସର୍ବେକ୍ଷଣ ଏଲଏଚ୍ ସପ୍ଲିମେଣ୍ଟେଶନ ବ୍ୟବହାର ଦ୍ୱାରା ବର୍ଦ୍ଧିତ ସଫଳତା ମାତ୍ରାର କ୍ଷମତା ରହିଛି ବୋଲି ସୂଚିତ କରିଥାଏ।

*-ଆଇଭିଏଫ୍ ବିଶେଷଜ୍ଞ
ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର
ମୋ:୯୪୩୮୧୭୫୧୦୮*



ଫ୍ୟାଶନ

# କୁଲ୍ ଫୁଟ୍‌ୱେର

ଶୀତ ହେଉ କି ଖରା ସବୁ ସିଜନ୍‌ରେ ଝିଅମାନେ ନିଜକୁ ଅପ୍‌ଡେଟ୍ ରଖିବାକୁ ପସନ୍ଦ କରିଥାନ୍ତି। ଏଥିଲାଗି ଷ୍ଟାଇଲିଶ୍ ଲୁକ୍ ଦେଇଥାନ୍ତି। ଝିଅମାନଙ୍କ ଆସେସରିଜ୍ ମଧ୍ୟରୁ ଫୁଟ୍‌ୱେର ଅନ୍ୟତମ, ଯାହା ନିଜର ରଙ୍ଗରୂପ ଓ ଷ୍ଟାଇଲ୍ ଦ୍ୱାରା ଆପଣଙ୍କୁ ଷ୍ଟାଇଲିଶ୍ କରିଥାଏ। ଏଥିଲାଗି ଆଜି ଆପଣଙ୍କ ପାଇଁ କିଛି ଏମିତି ଫୁଟ୍‌ୱେର ଆଣିଛୁ, ଯାହାର ସାହାଯ୍ୟ ନେଇ ଆପଣ ଖରାଦିନେ ବି କୁଲ୍ ଲୁକ୍ ଦେଇପାରିବେ।



**କଲରଫୁଲ୍ ଫୁଟ୍‌ୱେର**

ପ୍ଲେନ୍ ଟି ଶାର୍ଟ ଓ ଜିନ୍ସ ସହିତ କଲରଫୁଲ ହିଲ୍ସ ଓ ଫ୍ଲାଟ୍ ଫୁଟ୍‌ୱେର ପିନ୍ଧାଯାଇପାରେ।

**କଲରଫୁଲ୍ ବାଲେଟ୍ ଫ୍ଲାଟ୍ ଫୁଟ୍‌ୱେର**

ଯେଉଁମାନେ ହିଲ୍ ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ ତାଙ୍କ ପାଇଁ ପ୍ରିଣ୍ଟେଡ୍ ବାଲେଟ୍ ପୂରା ପରଫେକ୍ଟ। ଏହା ତାଙ୍କୁ ଆରାମ ଦେଇଥାଏ।

**କାଜୁଆଲ ଫୁଟ୍‌ୱେର**

ଖରା ସିଜନ୍‌ରେ ଏହି ଫନି ଡିଜାଇନ୍ ସୁଇଟେବଲ୍ ହୋଇଥାଏ। ପାର୍ଟି ଯିବାର ଥିଲେ କି କଲେଜ୍ ଏହା ଦୁଇଟି ଯାକ ଜାଗାରେ ପିନ୍ଧିବା ପାଇଁ ଉପଯୁକ୍ତ। ଏହି ସମୟରେ ବଜାରରେ କେତେ ରଙ୍ଗର ରିବନ ଷ୍ଟ୍ରେପ୍, ବିଡ୍ସ, ଲଟକନ ଓ ରେଶମ ସୂତା ଗୁଚ୍ଛରେ ସଜ୍ଜିତ ହୋଇଥିବା ସ୍ୟାଣ୍ଡେଲ୍ ମାର୍କେଟରେ ମିଳୁଛି, ତାକୁ ବି ପିନ୍ଧିପାରିବେ।



# ଘରର ମୁଖ୍ୟ ଦ୍ୱାର ଓ ବାସ୍ତୁଶାସ୍ତ୍ର

- ଘର ସାମ୍ନାରେ କୌଣସି କଣ୍ଟାଜାତୀୟ ବୃକ୍ଷ ଲଗାନ୍ତୁ ନାହିଁ। ଏପରି ଗଛ ବାହାରେ ଲଗାଇବା ଦ୍ୱାରା ସବୁ ପଜିଟିଭ୍ ଏନର୍ଜି ବାହାରକୁ ପଳାଏ। ଏହା ସହ କଣ୍ଟାଜାତୀୟ ଫୁଲ କିମ୍ବା ଗଛ ଲଗାଇବା ଦ୍ୱାରା ଘରେ ରହୁଥିବା ସଦସ୍ୟଙ୍କ ମାନସିକ ସମସ୍ୟା ଦେଖାଯାଇପାରେ।
- ଯେଉଁ ଦୁଆର ଦେଇ ଘରେ ପ୍ରବେଶ କରୁଛନ୍ତି ସେଠି କୌଣସି ଭଙ୍ଗା ଜିନିଷ ରଖନ୍ତୁ ନାହିଁ। ଭଙ୍ଗା ଚେୟାର, ଖଟ, ସୋଫା ବା ଅନ୍ୟ କୌଣସି ସାମଗ୍ରୀ ରଖିବା ଦ୍ୱାରା ଘରେ ଅଶାନ୍ତି ବଢ଼ିଥାଏ।
- ଘରର ମୁଖ୍ୟ ଦ୍ୱାର ସାମ୍ନାରେ ମନ୍ଦିର କଲେ ସେଥିରେ ଦେବଦେବୀ ବାସ କରନ୍ତି ନାହିଁ। ଏହାଦ୍ୱାରା କେତେ କଷ୍ଟ ଭୋଗିବାକୁ ପଡ଼ିପାରେ।
- ଘର ସାମ୍ନାରେ କେବେବି କୂଅ କିମ୍ବା ଗାଡ଼ ରଖନ୍ତୁ ନାହିଁ।



ଆମ ଦଳକୁ ୯ ଦିନରେ ୫ଟି ଗେମ୍ ଖେଳିବାକୁ ପଡ଼ିଥିବାରୁ କ୍ଲାନ୍ତ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରିଗଲୁ ।

–ଜ୍ୟାକ୍ସ କାଲିସ୍, ନାଇଟ ରାଇଡର୍ସ କୋଚ୍



ହୋମ୍ ୱାର୍କ ଠିକ୍ ନ ଥିବାରୁ ରବିବାର ଚାଇନା ଫର୍ମୁଲା ୱାନ ଗ୍ରାଁ ପ୍ରିରେ ଆମ ଟିମ୍‌ର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା ।

–ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର

## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ
**ବନାମ**
ରାଜସ୍ଥାନ ରୟାଲ୍ସ

ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ


# କୋଚ୍‌ଙ୍କ ବେତନ ନେଇ ବିଚାର ବିମର୍ଷ

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ମହସଂଘ (ଏଆଇଏଫ୍‌ଏଫ୍)ର ଟେକ୍‌ନିକାଲ କମିଟିର ପ୍ରଥମ ବୈଠକ ଏଠାରେ ସୋମବାର ବସିଥିଲା। ଜାତୀୟ ଦଳ୍ ପାଇଁ ଆବେଦନ କରିଥିବା ହାଇ ପ୍ରୋଫାଇଲ କୋଚ୍‌ଙ୍କ ବେତନ ସମ୍ପର୍କରେ ଆଲୋଚନା ହୋଇଥିଲା। ଷ୍ଟିଫେନ କନଷ୍ଟାଣ୍ଟିନ ପଦ ଛାଡ଼ିବା ପରେ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ପଦବୀ ଖାଲି ପଡ଼ିଥିଲା। ଏହି ପଦବୀ ପାଇଁ ଏଆଇଏଫ୍‌ଏଫ୍‌କୁ ୨୫୦ ଜଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ପାରଦର୍ଶିତା ଓ ଦକ୍ଷତାକୁ ବିଭିନ୍ନ ଦିଗରୁ ବିଚାର କରି ସେମାନଙ୍କ ମଧ୍ୟରୁ ୪୧ଜଣଙ୍କ ନାମ ଟେକ୍‌ନିକାଲ କମିଟିକୁ ସୁପାରିସ କରାଯାଇଥିଲା। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ୟାମ ଥାପାଙ୍କ ଅଧକ୍ଷତାରେ ବସିଥିବା ଟେକ୍‌ନିକାଲ କମିଟି ବୈଠକରେ ୪୧ଜଣିଆ ସଂକ୍ଷିପ୍ତ ତାଲିକାକୁ ଦୁଇ ଭାଗ କରାଯାଇଥିଲା। ପ୍ରଥମ ତାଲିକାରେ ଫ୍ରାନ୍ସର ୱାର୍ଲ୍ଡ ବିଶ୍ୱକପ୍ ବିଜୟୀ କୋଚ୍ ରେମଣ୍ଡ ଡୋମେନେଚ୍, ପୂର୍ବତନ ଇଂଲଣ୍ଡ ମାନେଜର ସିଭେନ ଗୋରାନ ଏରିକ୍‌ସନ ଏବଂ ସାମ୍ ଆଲାର୍ଡିସ। ଏମାନେ ସମସ୍ତେ ହେଉଛନ୍ତି ଲାଇସେନ୍ସଧାରୀ। ବିଶ୍ୱକପ୍ ଭଳି ପ୍ରମୁଖ ଗ୍ଲୋବାଲ ଇଭେଣ୍ଟରେ ଜାତୀୟ ଦଳ ସହ ସେମାନଙ୍କର ଅଭିଜ୍ଞତା ରହିଛି। ଦ୍ୱିତୀୟ ତାଲିକାରେ ୨୪ ଜଣଙ୍କ ନାମ ସ୍ଥାନ ପାଇଛି। ଏଥିରେ ପୂର୍ବତନ ସଫଳ ବେଙ୍ଗାଲୁରୁଏଫ୍‌ସି ମ୍ୟାନେଜର ଆଲବର୍ଟ ରୋକା ରହିଛନ୍ତି। ଏହି ସମସ୍ତଙ୍କର ଯଦିଓ ଲାଇସେନ୍ସ ସହ ଜାତୀୟ ଦଳ ସହିତ ଅଭିଜ୍ଞତା ରହିଛି କିନ୍ତୁ ଗ୍ଲୋବାଲ ଇଭେଣ୍ଟ ନାହିଁ। ଟେକ୍‌ନିକାଲ କମିଟିର ପରବର୍ତ୍ତୀ ବୈଠକ ଏପ୍ରିଲ ୨୩ରେ ବସିବ। ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନଙ୍କର ଏହି ମାସ ଶେଷ ଭାଗରେ ହେବ। ଆସନ୍ତା ମାସ ପ୍ରାରମ୍ଭରେ ନୂଆ ଜାତୀୟ କୋଚ୍‌ଙ୍କ ନାମ ଚୂଡ଼ାନ୍ତ ହେବ। ପ୍ରଥମ ତାଲିକାରେ ସ୍ଥାନ ପାଇଥିବା ହାଇପ୍ରୋଫାଇଲ କୋଚ୍‌ଙ୍କ ଲାଗି ବେତନ ନିର୍ଦ୍ଧାରଣ ସବୁଠାରୁ ବଡ଼ ସମସ୍ୟା। ନାମି କୋଚ୍‌ଙ୍କୁ ଆଣିଲେ ଲୋଭନୀୟ ବେତନ ଦେବାକୁ ପଡ଼ିବ। ହାଇ ପ୍ରୋଫାଇଲ କୋଚ୍ ନିଜ ପସନ୍ଦ ମୁତାବକ ସହକାରୀ ଷ୍ଟାଫ୍ ଆଣିବାକୁ ଚାହିଁବେ। ଏଆଇଏଫ୍‌ଏଫ୍ କିନ୍ତୁ ଜଣେ ଭାରତୀୟଙ୍କୁ ଆସିଷ୍ଟାଣ୍ଟ କୋଚ ପଦବୀରେ ରଖିବାକୁ ଚାହିଁବ। ବିଶେଷ କରି କନଷ୍ଟାଣ୍ଟିନଙ୍କ ଅଧୀନରେ କାର୍ଯ୍ୟ କରିଥିବା ଭେଙ୍କଟେଶ ଶନମୁଗମଙ୍କୁ। ସୋମବାର ବୈଠକରେ ଯେଉଁମାନେ ଯୋଗଦାନ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ, ନ୍ୟାଶନାଲ ଟିମ୍ ନିର୍ଦ୍ଦେଶକ, ଅଭିଶେକ ଯାଦବ, ହେନ୍‌ରୀ ମେନିଞ୍ଜେସ, ଇସ୍‌ଫାକ ଅହମ୍ମଦ, ପ୍ରଦୀପ ଦତ୍ତ, ଜି.ପି. ପଲଗୁନା ଏବଂ ସୁନ୍ଦର ରମଣ(ଭିଡିଓ କନଫରେନ୍ସ ଜରିଆରେ)।

# ତୃତୀୟ ସ୍ଥାନରେ ମୁମ୍ବାଇ

ମୁମ୍ବାଇ,୧୫।୪ (ପି.ଟି.)

ଡେଥ୍ ଓଭର ସ୍ପେଶାଲିଷ୍ଟ ଲସିଥ ମାଲିଙ୍ଗା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୧ତମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଗୋଟିଏ ଓଭର ବାକିଥାଇ ୫ ଉଇକେଟରେ ପରାସ୍ତ କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ୭ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ୧୯ ଓଭରରେ ୫ ଉଇକେଟ ହରାଇ ୧୭୨ ରନ କରି ବିଜୟୀ ହୋଇଥିଲା। ମୁମ୍ବାଇ ୮ ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବାଙ୍ଗାଲୋର ୮ ମ୍ୟାଚରୁ ଗୋଟିଏ ବିଜୟ, ୭ଟି ପରାଜୟ ସହ ୨ ପଏଣ୍ଟରେ ସ୍ଥିର ରହି ତାଲିକାର ନିମ୍ନରେ ରହିଛି। ୩୧ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ଅଭିଜ୍ଞ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲସିଥ୍ ମାଲିଙ୍ଗା ।

୧୭୨ ରନ ଟାର୍ଗେଟର ପିଛା କରିଥିବା ମୁମ୍ବାଇ ପକ୍ଷରୁ ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର କ୍ୱିଣ୍ଟନ ଡି'କକ୍ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ୭୦ ରନର ଓପନିଂ ପାର୍ଟନରଶିପ୍ ସ୍ଥାପନ କରିଥିଲେ। ରୋହିତ ୧୯ ବଲରୁ ୨ ଚୌକା ଓ ୨ ଛକା ସହ ୨୮ ଓ ଡି'କକ୍ ୨୬ ବଲରୁ ୫ ଚୌକା ଓ ୨ ଛକା ସହ୪୦ ରନ କରି ମୋଇନ ଅଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ୯ ବଲରୁ ୩ ଛକା ସହ ୨୧ ରନ କରି ଇଶାନ କିଷନ ଓ ୨୩ ବଲରୁ ୨ ଚୌକା ଓ ୧ ଛକା ସହ ୨୯ ରନ କରି ସୂର୍ଯ୍ୟକୁମାର ଯାଦବ ଯୁଜବେନ୍ଦ୍ର ଚହଲଙ୍କ ଶିକାର ହୋଇଥିଲେ। ଏହାପରେ କ୍ରୁନାଲ ପାଣ୍ଡ୍ୟା ମାତ୍ର ୧୧ ରନକରି ମହମ୍ମଦ ସିରାଜଙ୍କ ଦ୍ୱାର ଆଉଟ ହେବା ପରେ ଭାଇ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୩୭ ରନ (୧୬ବଲ, ୫ ଚୌକା, ୨ ଛକା)କରି ଦଳକୁ ବିଜୟୀ କରାଇଥିଲେ। ୧୯ ତମ ଓଭରରେ ହାର୍ଦ୍ଦିକ ପବନ ନେଗୀଙ୍କୁ ନିର୍ଘୁମ ପ୍ରହାର କରି ୨୧ ରନ କରି ଦଳକୁ ଜିତାଇଥିଲେ। ବାଙ୍ଗାଲୋର ତରଫରୁ ବୋଲିଂରେ ଚହଲ ଓ ମୋଇନ ଦୁଇଟି ଲେଖାଏ, ସିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ଚମକହୀନ ପ୍ରଦର୍ଶନ କରିଥିଲା। ଓପନର ପାର୍ଥିବ ପଟେଲ, ଅଭିଜ୍ଞ ଡିଭିଲର୍ସ ଓ ମୋଇନ ଅଲିଙ୍କୁ ବାଦ୍ ଦେଲେ ଅନ୍ୟମାନେ ବିଫଳ ହୋଇଥିଲେ। ଅଭିଜ୍ଞ ଦ୍ରୁତ ବୋଲର ଲସିଥ ମାଲିଙ୍ଗା ଡେଥ୍ ଓଭରରେ ପୁଣି କମାଲ ଦେଖାଇଥିଲେ। ଅନ୍ତିମ ଓଭରରେ ୩ ଉଇକେଟ ନେବା ସହ ସେ ମୋଟ ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ। ମାର୍କସ ଷ୍ଟୋଇନିସ, ପବନ ନେଗୀ, ଉମେଶ ଯାଦବ ଓ ମହମ୍ମଦ ସିରାଜ ଖାତା ଖୋଲିପାରି ନ ଥିଲେ। ଉମେଶ ଓ ସିରାଜ ଅପରାଜିତ ରହିଥିଲେ। ଅଧିନାୟକ ବିରାଟ୍‌ଙ୍କୁ ହରାଇ ବାଙ୍ଗାଲୋର ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୮ ରନ କରିଥିବା ବେଳେ କୋହଲି ଜାସନ ବେହରେନଡର୍ଫଙ୍କ ବଲ୍‌ରେ ଉଇକେଟ କିପର କ୍ୱିଣ୍ଟନ ଡି'କକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୫୧ଟି ବଲର ସମ୍ମୁଖୀନ ହୋଇ ଡିଭିଲର୍ସ ୬ ଚୌକା ଓ ୪ ଛକା ସହ ୭୫ ରନ କରି ପୁଣି ଥରେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ। ତେବେ ସେ କିରନ ପୋଲାର୍ଡଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ମୋଇନ୍ ୩୨ଟି ବଲ ଖେଳି ୧ ଚୌକା, ୫ ଛକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତୃତୀୟ ଉଇକେଟ ଯୋଡିରେ ଡିଭିଲର୍ସ ଓ ମୋଇନ ୬୧ ବଲରୁ ୯୫ ରନ ସଂଗ୍ରହ କରିଥିଲେ। ପାର୍ଥିବ ଦ୍ରୁତ ୨୮ (୨୦ ବଲ, ୪ ଚୌକା, ୧ ଛକା) ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ମାଲିଙ୍ଗା ସର୍ବାଧିକ ୪, ବେହରେନଡର୍ଫ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ବାଙ୍ଗାଲୋର ୨୦ ଓଭରରେ ୧୭୧/୭ (ଡିଭିଲର୍ସ- ୭୫, ମୋଇନ- ୫୦, ପାର୍ଥିବ- ୨୮, ମାଲିଙ୍ଗା- ୪/୩୧ )।
- ମୁମ୍ବାଇ ଇଣ୍ଡିଆନ୍ସ ୧୯ ଓଭରରେ ୧୭୨/୫ (ଡିକକ୍- ୪୦, ହାର୍ଦ୍ଦିକ- ୩୭*, ସୂର୍ଯ୍ୟକୁମାର- ୨୯, ରୋହିତ- ୨୮, ଇଶାନ- ୨୧, ଚହଲ- ୨/୨୭, ମୋଇନ- ୨/୧୮, ସିରାଜ- ୧/୨୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | ୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୫ | ୩ | ୧୦ | ୦.୨୪୪ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫୦ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | -୧.୧୧୪ |

# ସେମିରେ ବାଲେଶ୍ୱରର ରାଣୀପାଟଣା ସ୍କୁଲ

କଟକ ଅଫିସ,୧୫।୪

ବିହାରର ମୁଜାଫରପୁରଠାରେ ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି । ଏଥିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବାଲେଶ୍ୱରର ରାଣୀପାଟଣା ବିଦ୍ୟାଳୟ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପଶ୍ଚିମବଙ୍ଗର ଆର୍.କେ.ଏମ ସ୍କୁଲକୁ ଓଡ଼ିଶାର ଏହି ଦଳ ଭେଟିବ । ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁଆହାଟୀ ଓ ଝାଡ଼ଖଣ୍ଡର ସ୍କୁଲ ମଧ୍ୟରେ ଖେଳାଯିବ । ୧୦ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳର ୧୨ଟି ସ୍କୁଲ ଦଳ ଅଂଶ ଗ୍ରହଣ କରିଛନ୍ତି । ଲିଗ୍ ପର୍ଯ୍ୟାୟର ମ୍ୟାଚ୍‌ରେ ରାଣୀପାଟଣା ଦଳ ପଶ୍ଚିମବଙ୍ଗର ନଦିଆ ସ୍କୁଲ ଫର ବ୍ଲାଇଣ୍ଡ ଓ ବିହାରର ପାଟନା ସ୍କୁଲ ଫର ବ୍ଲାଇଣ୍ଡକୁ ହରାଇକୁ ହରାଇଥିଲା । ନଦିଆ ଦଳ ବିପକ୍ଷରେ ରାଣୀପାଟଣା ଦଳ ପ୍ରଥମେ ବ୍ୟାଟିଂ କରି ବିନା ଉଇକେଟରେ ୨୧୬ରନ ସଂଗ୍ରହ କରିଥିଲା । ସିଙ୍ଗରାଇ ମାଝୀ ୧୦୯ରନର ଇନିଂସ ଖେଳିଥିଲେ । ଜବାବରେ ନଦିଆ ଦଳ ୭ ଉଇକେଟ ହରାଇ ୮୧ରନ କରିଥିଲା। ରାଣୀପାଟଣା ପକ୍ଷରୁ ଶେଖର ପ୍ରଧାନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ପାଟଣା ବିପକ୍ଷ ମ୍ୟାଚ୍‌ରେ ରାଣୀପାଟଣା ଦଳ ୧୧୧ରନରେ ବିଜୟ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ବିନା ଉଇକେଟରେ ୧୨୦ରନ କରିଥିବା ବେଳେ ପାଟଣା ୭ ଉଇକେଟ ହରାଇ ମାତ୍ର ୯ରନ କରିଥିଲା । କାଭି ସଭାପତି ଜାଫର ଇକବାଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ**

# ପ୍ରଜନେଶଙ୍କୁ ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ୍



ନୂଆଦିଲ୍ଲୀ, ୧୫।୪(ପି.ଟି.)

ସ୍ଥିର ପ୍ରଦର୍ଶନ କରିଆସୁଥିବା ଭାରତୀୟ ଟେନିସ ତାରକା ପ୍ରଜନେଶ ଗୁଣେଶ୍ୱରନ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ଲାଭ କରିଛନ୍ତି। ସୋମବାର ସଦ୍ୟ ପ୍ରକାଶିତ ଏଟିପି ର୍‌ୟାଙ୍କିଙ୍ଗ୍‌ରେ ୨୯ ବର୍ଷୀୟ ପ୍ରଜନେଶ ୨ଟି ପାହାଚ ଉପରକୁ ଉଠି ୮୦ତମ ସ୍ଥାନରେ ରହିଛନ୍ତି। ଗତ ଫେବ୍ରୁୟାରୀରେ ଟପ୍-୧୦୦ରେ ପ୍ରବେଶ କରିଥିବା ପ୍ରଜନେଶ ଏଥିସହ ଭାରତୀୟ ଟେନିସ ଇତିହାସରେ ୬ଷ୍ଠ ଶ୍ରେଷ୍ଠ ସିଙ୍ଗଲ୍ସ ମାନ୍ୟତା ହାସଲ କରିଛନ୍ତି। ଇଣ୍ଡିଆନ ୱେଲ୍ସ ଜରିଆରେ କ୍ୟାରିୟରର ପ୍ରଥମ ଏଟିପି ମାଷ୍ଟର୍ସ ଖେଳିଥିବା ପ୍ରଜନେଶ ଏହି ପ୍ରତିଯୋଗିତାର ୩ୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିଭଳି ବିଏନ୍‌ପି ପରିବାସ ଓପନ୍ ଟୁର୍ନାମେଣ୍ଟରେ ମଧ୍ୟ ସେ ୩ୟ ରାଉଣ୍ଡରେ ପହଞ୍ଚିଥିଲେ। ମିଆମି ଓପନ୍‌ର ମୁଖ୍ୟ ପର୍ଯ୍ୟାୟ ପ୍ରବେଶ କରିବାରେ ସେ ସଫଳ ହୋଇଥିଲେ। ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରାମନାଥନ ୧୬ଟି ପାହାଚ ତଳକୁ ଖସି ୧୫୭ତମ ସ୍ଥାନରେ ରହିଛନ୍ତି।

## ଏଟିପି ଟ୍ରଫି ଜିତିବାରେ ଗାରିନ ଦଶନ୍ଧିର ପ୍ରଥମ ଚିଲି ଖେଳାଳି

**ଲସ୍ ଏଞ୍ଜେଲ୍ସ, ୧୫।୪(ଏଏଫ୍‌ପି):** ଏଠାରେ ଚାଲିଥିବା ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ ଚାମ୍ପିୟନଶିପ୍‌ରେ ଚିଲିର କ୍ରିଷ୍ଟିଆନ ଗାରିନ ଚାମ୍ପିୟନ ହୋଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨୨ ବର୍ଷୀୟ ଗାରିନ ୭-୬ (୭/୪), ୪-୬, ୬-୩ ସେଟ୍‌ରେ କାସପର ରଡ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଗତ ଦଶନ୍ଧିରେ ପ୍ରଥମ ଚିଲି ଖେଳାଳି ଭାବେ ସେ ଏଟିପି ଟୁର୍ ଟାଇଟଲ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୨୦୦୯ରେ ଫର୍ନାଣ୍ଡୋ ଗୋଞ୍ଜାଲେଜ ଚିଲି ପକ୍ଷରୁ ଏଟିପି ଟୁର୍ ଟାଇଟଲ ଜିତିଥିଲେ। ଫାଇନାଲ ପଥରେ ଗାରିନ ୭-୬ (୭/୨), ୬-୨ ସେଟ୍‌ରେ ଆମେରିକାର ସାମ୍ କ୍ୟୁରୀଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ପ୍ରଥମ ନର୍‌ୱେ ଖେଳାଳି ଭାବେ ରଡ୍ ଏଟିପି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଛନ୍ତି। ଶେଷଥର ପାଇଁ ରଡ୍‌ଙ୍କ ବାପା କ୍ରିଷ୍ଟିଆନ ୧୯୯୫ରେ ସ୍ୱିଡେନରେ ଅନୁଷ୍ଠିତ ଏଟିପି ଟୁର୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ।

# ଆନିସିମୋଭା ଟପ୍ ୫୦ ନିକଟତର



ଆମାଣ୍ଡା ଆନିସିମୋଭା

ପ୍ୟାରିସ, ୧୫।୪ (ଏଏଫ୍‌ପି)

ସୋମବାର ପ୍ରକାଶିତ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ ତାଲିକାରେ ଆମେରିକାର ସ୍ୱଳ୍ପ ବୟସ୍କା ଆମାଣ୍ଡା ଆନିସିମୋଭା ବିଶ୍ୱ ଟପ୍ ୫୦ର ନିକଟତର ହୋଇଛନ୍ତି। ନିକଟରେ ଏହି ଖେଳାଳି ବୋଗୋଟାଠାରେ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନରେ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ଆନିସିମୋଭା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେତେବେଳେ ମାତ୍ର ୧୭ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ହିସାବରେ ସେ ର୍‌ୟାଙ୍କିଙ୍ଗ ତାଲିକାର ଟପ୍ ୧୦୦ ରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୫୪ତମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ୟୁଏସ ଏବଂ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଜାପାନର ନାଓମି ଓସାକା ର୍‌ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

### ଡବ୍ଲ୍ୟୁଟିଏ ଟପ୍ ୧୦

ନାଓମି ଓସାକା (ଜାପାନ), ୨. ସିମୋନା ହାଲେପ (ରୋମାନିଆ), ୩. ପେଟ୍ରା କ୍ୱିଟୋଭା (ଚେକ୍‌ରିପବ୍ଲିକ), ୪. କାରେଲିନା ପ୍ଲିସକୋଭା (ଚେକ୍‌ରିପବ୍ଲିକ), ୫. ଆଞ୍ଜେଲିକ୍ କର୍ବର (ଜର୍ମାନୀ), ୬. ଏଲିନା ସ୍ୱିଟୋଲିନା (ୟୁକ୍ରେନ), ୭.କିକି ବର୍ଟେନ୍ସ (ନେଦରଲାଣ୍ଡ), ୮. ସ୍ଲୋଏନ୍ ଷ୍ଟିଫେନ୍ସ (ଆମେରିକା), ୯. ଆସଲେ ବାର୍ଟି (ଅଷ୍ଟ୍ରେଲିଆ), ୧୦. ଆରିନା ସାବାଲେଙ୍କା (ବେଲାରୁଷ)।

# ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ସ୍ମିଥ୍, ୱାର୍ନର




ସିଡ୍‌ନୀ, ୧୫।୪(ଏଏଫ୍‌ପି)

ଆସନ୍ତା ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଲାଗି ସୋମବାର ଆରୋନ୍ ଫିଞ୍ଚ୍‌ଙ୍କ ନେତୃତ୍ୱରେ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଛନ୍ଦି ହୋଇପଡ଼ିଥିବା ଷ୍ଟିଭେନ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କୁ ଏହି ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି। ତେବେ ଜୋଶ୍ ହାଜେଲଉଡ୍ ଓ ପିଟର୍ ହ୍ୟାଣ୍ଡ୍ସକମ୍ବଙ୍କୁ ନିରାଶ ହେବାକୁ ପଡ଼ିଛି।

କେପ୍ ଟାଉନ୍ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ୱାର୍ନରଙ୍କୁ ଏକ ବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ଯାହାର ଅବଧି ଗତ ମାସ ଶେଷ ଭାଗରେ ସମାପ୍ତ ହୋଇଥିଲା। ଏହାପରେ ଦୁହେଁ ସେତେବେଳେ ୟୁଏଇରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ସିରିଜ ଖେଳିବା ଲାଗି ଯୋଗ୍ୟ ହୋଇଥିଲେ ମଧ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେମାନେ ଆଇପିଏଲ୍‌କୁ ବାଛିଥିଲେ। ଏଥିରେ ୱାର୍ନର ଶତପ୍ରତିଶତ ସଫଳ ହୋଇ ବେଶ୍ ପ୍ରଭାବୀ ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଏହାର ଶେଷ ୮ଟି ଦିନିକିଆରେ ଯଥାକ୍ରମେ ଭାରତ ଓ ପାକିସ୍ତାନକୁ ପରାସ୍ତ କରିଥିବାରୁ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ମନୋବଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଦୃଢ଼ ରହିଛି।

ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ଉଇକେଟ୍‌କିପର ଭାବେ ଆଲେକ୍ସ କେରୀ ରହିଥିବାବେଳେ ୱାର୍ନର, ଫିଞ୍ଚ୍ ଓ ଉସମାନ ଖ୍ୱାଜାଙ୍କ ଭାବେ ୩ ଜଣ ଓପନର୍ ରହିଛନ୍ତି। ସେହିଭଳି ସ୍ମିଥ୍‌ଙ୍କ ସମେତ ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ୍ ଓ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ ମିଡ୍‌ଲ ଅର୍ଡର ଦାୟିତ୍ୱ ସମ୍ଭାଳିବେ। ଚୟନକର୍ତ୍ତାମାନେ ଆଡାମ ଜାମ୍ପା ଓ ନାଥନ ଲିୟନଙ୍କ ରୂପରେ ୨ଜଣ ସ୍ପିନରଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ସେହିଭଳି ଦଳରେ ୫ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନିଆଯାଇଛି। ସେମାନେ ହେଲେ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ଝେ ରିଚାର୍ଡଶନ, ଜାସନ ବେହରେନଡ୍ରଫ୍ ଓ ନାଥନ କୁଲ୍ଟର-ନିଲ। ପିଠି ଯନ୍ତ୍ରଣା ଲାଗି ଗତ ଜାନୁୟାରୀରୁ କ୍ରିକେଟରୁ ଦୂରେଇ ରହିଥିବା ହାଜେଲଉଡ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଉସମାନ ଖ୍ୱାଜା, ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ଝେ ରିଚାର୍ଡଶନ, ନାଥନ କୁଲ୍ଟର-ନିଲ, ଜାସନ ବେହରେନଡ୍ରଫ୍, ନାଥନ ଲିୟନ ଓ ଆଡାମ ଜାମ୍ପା।

# ଉଡ୍ସ ୬ଷ୍ଠ ସ୍ଥାନକୁ ଉନ୍ନୀତ



**ପ୍ୟାରିସ, ୧୫।୪ (ଏଏଫ୍‌ପି):** ବିଶ୍ୱ ର୍‌ୟାଙ୍କିଙ୍ଗରେ ଟାଇଗର ଉଡ୍ସ କ୍ରମାଗତ ଭାବେ ଉପରକୁ ଉଠିବାରେ ଲାଗିଛନ୍ତି। ପଞ୍ଚମ ମାଷ୍ଟର୍ସ ଟାଇଟଲ ଜିତିବା ପରେ ୨୦୧୪ ପରଠାରୁ ପ୍ରଥମ ଥର ସେ ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି। ସୋମବାର ପ୍ରକାଶିତ ର୍‌ୟାଙ୍କିଙ୍ଗ ତାଲିକାରେ ସେ ୬ସ୍ଥାନ ଲମ୍ଫ ପ୍ରଦାନ କରି ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ର୍‌ୟାଙ୍କିଙ୍ଗର ଶୀର୍ଷ ସ୍ଥାନକୁ ଫେରିବା ୪୩ ବର୍ଷୀୟ ଉଡ୍ସଙ୍କ ପରବର୍ତ୍ତୀ ଲକ୍ଷ୍ୟ ରହିଛି। ୧୯୯୭ ରୁ ୨୦୧୪ ମଧ୍ୟରେ ସେ ରେକର୍ଡ ୬୮୩ ସପ୍ତାହ ପ୍ରଥମ ସ୍ଥାନରେ ରହିଥିଲେ। ତନ୍ମଧ୍ୟରେ ୨୮୧ ସପ୍ତାହ ଲଗାତର ଶୀର୍ଷରେ ରହିଥିଲେ। ପିଠିରେ ଅସ୍ତ୍ରୋପଚାର ପରେ ୨୦୧୭ରେ ଉଡ୍ସ ଯେତେବେଳେ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ସେ ୧,୦୦୦ ର୍‌ୟାଙ୍କିଙ୍ଗ ବାହାରେ ରହିଥିଲେ। ବର୍ତ୍ତମାନ ତାଙ୍କ ଉପରେ ରହିଥିବା ୫ଜଣ ଖେଳାଳି ହେଲେ ଡଷ୍ଟିନ ଜନସନ, ଜଷ୍ଟିନ ରୋଜ୍, ବ୍ରୁକ୍ସ କୋପ୍‌କା, ରୋରି ମ୍ୟାକଲରୟ ଏବଂ ଜଷ୍ଟିନ ଥୋମାସ। ବିଶ୍ୱର ଟପ୍ ୧୦ ଗଲ୍ଫ ଖେଳାଳି: ୧. ଡଷ୍ଟିନ ଜନସନ (ଆମେରିକା), ୨. ଜଷ୍ଟିନ ରୋଜ୍ (ଇଂଲଣ୍ଡ), ୩. ବ୍ରୁକ୍ସ କୋପ୍‌କା (ଆମେରିକା), ୪. ରୋରି ମ୍ୟାକଲରୟ (ନର୍ଦ୍ଦର୍ନ ଆୟର୍ଲାଣ୍ଡ), ୫. ଜଷ୍ଟିନ ଥୋମାସ (ଆମେରିକା), ୬. ଟାଇଗର ଉଡ୍ସ (ଆମେରିକା), ୭. ଫ୍ରାନ୍‌ସିସ୍କୋ ମୋଲିନାରି(ଇଟାଲି), ୮. ବ୍ରାଇସନ ଡେଚାମ୍‌ବିୟୁ (ଆମେରିକା), ୯. ଜାଣ୍ଡର ସ୍କଫେଲି (ଆମେରିକା), ୧୦. ରିକି ଫାଓଲର (ଆମେରିକା)।

ଆଇପିଏଲ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦଳର ନିଷ୍ପତ୍ତି ପ୍ରକ୍ରିୟାରେ ମୁଁ ଆଉ ଅଂଶବିଶେଷ ହୋଇ ରହିନାହିଁ ।

–ଡେଭିଡ ୱାର୍ନର, ଅଷ୍ଟ୍ରେଲୀୟ ଓପନର



ସନରାଇଜର୍ସ ଆଇଦ୍ରାବାଦକୁ ହରାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ପରେ ଆମର ଟାଇଟଲ ଜିତିବା ଆଶା ସଞ୍ଚାର ହୋଇଛି ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



# ଭାରତୀୟ ଦଳ ଘୋଷିତ

**ମୁମ୍ବାଇ/ନୂଆଦିଲ୍ଲୀ, ୧୫।୪(ପି.ଟି.)**

**କ୍ରିକେଟ ମହାକୁମ୍ଭ ଆଇସିସି ବିଶ୍ୱକପ କ୍ରମେ ପାଖେଇ ଆସିଛି। ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଇଂଲଣ୍ଡରେ ଆୟୋଜନ ହେବ ଏହି ମେଗା ଇଭେଣ୍ଟ। ୧୦ ଦଳକୁ ନେଇ ହେବାକୁ ଯାଉଥିବା କ୍ରିକେଟର ଏହା ମେଗା ପ୍ରତିଯୋଗିତା ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଏଥିସହିତ ଖେଳାଳି ଚୟନକୁ ନେଇ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଏଥର ପଡ଼ିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ରୋମାଞ୍ଚ ମଧ୍ୟରେ ବିଶ୍ୱକପ ଦଳ ଘୋଷଣା କ୍ରିକେଟ ପ୍ରେମୀଙ୍କ ମନରେ ଉଷ୍ମତା ଭରିଛି। ଏଣିକି ଆଇପିଏଲ ସହିତ ଆଇସିସି ବିଶ୍ୱକପକୁ ନେଇ ଚାଲିବ ଆଲୋଚନା ପର୍ଯ୍ୟାଲୋଚନା। ଏପରି ଏକ ସନ୍ଧିକ୍ଷଣରେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**




ମେ ୩୦ରୁ ଇଂଲଣ୍ଡରେ ହେବ ଆଇସିସି(ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ) ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ମେଗା ଇଭେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ଦଳରେ ରୋହିତ ଶର୍ମାଙ୍କୁ ଉପ-ଅଧିନାୟକ କରାଯାଇଛି। ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦ ଉଇକେଟ କିପରଭାବେ ଦଳରେ ସ୍ଥାନ ନେଇଥିବାବେଳେ ଦ୍ୱିତୀୟ ଉଇକେଟ କିପରଭାବେ ସାମିଲ ହୋଇଛନ୍ତି ଦୀନେଶ କାର୍ତ୍ତିକ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ କାର୍ତ୍ତିକ ବିଶ୍ୱକପ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘଦିନଧରି ଆଲୋଚନାର କେନ୍ଦ୍ରରେ ରହିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ ଶେଷରେ ବାଦ୍ ପଡ଼ିଛନ୍ତି। ୩୩ ବର୍ଷୀୟ କାର୍ତ୍ତିକ ୯୧ଟି ଦିନିକିଆ ଖେଳିବାର ଅଭିଜ୍ଞତା ରଖିଛନ୍ତି। ତେଣୁ ୨୧ ବର୍ଷୀୟ ରିଷଭଙ୍କ ତୁଳନାରେଅଭିଜ୍ଞ କାର୍ତ୍ତିକଙ୍କୁ ଦଳରେ ନେବାକୁ ଏମଏସକେ ପ୍ରସାଦଙ୍କ ନେତୃତ୍ୱାଧୀନଚୟନକମିଟିନିଷ୍ପତ୍ତିନେଇଛି। ସବୁଠାରୁ ପୁରୁଣା ଖେଳାଳିଭାବେ କାର୍ତ୍ତିକ ବିଶ୍ୱକପ ଦଳରେ ସ୍ଥାନ ପାଇଛନ୍ତି। ୨୦୦୪ରେ ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବାର ୩ ମାସ ପୂର୍ବରୁ କାର୍ତ୍ତିକଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। କାର୍ତ୍ତିକ ୨୦୦୭ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ମାତ୍ର ୨୦୧୧ ଓ ୨୦୧୫ ସଂସ୍କରଣରେ ସେ ବାଦ୍ ପଡ଼ିଥିଲେ। ସୋମବାର ଘୋଷିତ ଖେଳାଳି ତାଲିକା ଅନୁସାରେ ଧୋନୀ କ୍ୟାରିୟରର ୪ର୍ଥ ଦିନିକିଆ ବିଶ୍ୱକପ ଖେଳିବାକୁ ଯାଉଛନ୍ତି। ଏହା ତାଙ୍କ କ୍ୟାରିୟର ଅନ୍ତିମ ବିଶ୍ୱକପ ବୋଲି କୁହା ଯାଉଛି। କୋହଲି କ୍ୟାରିୟରର ତୃତୀୟ ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ରୋହିତ ଶର୍ମା, ଶିଖର ଧାୱନ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର ୨୦୧୫ ବିଶ୍ୱକପ ଦଳରେ ସାମିଲ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଦର୍ଶନ ଭାରତୀୟ ଦଳ ଚୟନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କ୍ୟାପ୍ଟେନ କୋହଲି ପୂର୍ବରୁ ସ୍ପଷ୍ଟ କରି ସାରିଥିଲେ। ଏହା ସତ ପ୍ରମାଣିତ ହୋଇଛି। ରିଷଭ ଚଳିତ ଆଇପିଏଲରେ ୨୪୫ ରନ କରି ସାରିଥିଲେ ମଧ୍ୟ ୧୧୧ ରନ କରିଥିବା କାର୍ତ୍ତିକଙ୍କୁ ଅଗ୍ରାଧିକାର ଦିଆ ଯାଇଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଚୟନ କମିଟି ମୁଖ୍ୟ ଏମଏସକେ କହିଛନ୍ତି ଯେ, ‘‘କାର୍ତ୍ତିକ ଓ ପନ୍ତଙ୍କ ସାମିଲକୁ ନେଇ ଦୀର୍ଘ ସମୟ ଆଲୋଚନା ଚାଲିଥିଲା। ମହେନ୍ଦ୍ର ସିଂ ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପର ପଡ଼ିଆକୁ ଓହ୍ଲାଇବେ। ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ, କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ହୋଇପାରେ। ତେଣୁ ପନ୍ତ ପ୍ରବଳ ଦାବିଦାର ସତ୍ତ୍ୱେ ଆମେ ଅଭିଜ୍ଞ କାର୍ତ୍ତିକଙ୍କୁ ଚୟନ କଲୁ’’। ୧୫ ଜଣିଆ ଦଳରେ ତାମିଲନାଡୁର ସିମ୍ ବୋଲିଂ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ସାମିଲ କରାଯାଇଛି। ତାଙ୍କୁ ବ୍ୟାଟିଂ ଅର୍ଡରର ୪ ନମ୍ବର ସ୍ଥାନର ବ୍ୟବହାର କରାଯାଇପାରେ। ଏ କ୍ଷେତ୍ରରେ ସେ ଅମ୍ବାତି ରାୟୁଡୁଙ୍କୁ ପଛରେ ପକାଇ ଦେଇଥିଲେ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଆମେ ଏହାକୁ ନେଇ ଯୋଜନା କରିଥିଲୁ। ଗତ କିଛି ମାସ ମଧ୍ୟରେ ବିଜୟ ଶଙ୍କରଙ୍କ ପ୍ରଦର୍ଶନ ପ୍ରଭାବୀ ରହି ଆସିଥିଲା ବୋଲି ପ୍ରସାଦ କହିଛନ୍ତି। ଲୋକେଶ ରାହୁଲଙ୍କ ସାମିଲକୁ ନେଇ କୌଣସି ବିବାଦ ନାହିଁ। ସେ ତୃତୀୟ ଓପନର ଭାବେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ସେ ବିଜୟ ଶଙ୍କରଙ୍କ ସହିତ ମିଡଲ ଅର୍ଡର ପାଇଁ ମଧ୍ୟ ଦାବିଦାର ରହିବେ। ୪ ନମ୍ବର ସ୍ଥାନ ପାଇଁ ବିଜୟ ଶଙ୍କର, କେଦାର ଯାଦବ ଓ ଲୋକେଶ ରାହୁଲ ଦାବିଦାର ରହିବେ। ପରିବେଶ ଓ ପରିସ୍ଥିତି ଅନୁସାରେ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ପ୍ରସାଦ କହିଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ଡ୍ରାଏ ଉଇକେଟରେ ବୋଲିଂ ଦକ୍ଷତାକୁ ବିଚାରକୁ ନିଆ ଯାଇ ତାଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇଛି। ‘‘ଗତ ଦେଢ଼ ବର୍ଷ ଧରି ଦୁଇ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଆମପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇ ଆସିଛନ୍ତି। ମାତ୍ର ପରିସ୍ଥିତି ଅନୁସାରେ ଚୂଡ଼ାନ୍ତ ଏକାଦଶରେ ଜଣେ ଅତିରିକ୍ତ ଅଲରାଉଣ୍ଡର ଆବଶ୍ୟକ ପଡ଼ିପାରେ। ତାକୁ ଦୃଷ୍ଟିରେ ରଖି ଜାଡେଜାଙ୍କୁ ନିଆ ଯାଇଛି’’ ବୋଲି ପ୍ରସାଦ ବର୍ଣ୍ଣନା କରିଛନ୍ତି। ଟୁର୍ନାମେଣ୍ଟର ଦ୍ୱିତୀୟଭାଗରେ ଉଇକେଟ ଅଧିକ ଡ୍ରାଏ ହେଲେ ଜାଡେଜା ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ସେ କହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ବିଜୟ ଶଙ୍କର ମିଳିତଭାବେ ୪ର୍ଥ ପେସର ଦାୟିତ୍ୱ ତୁଲାଇବାକୁଥିବାରୁ ଜଣେ ଅତିରିକ୍ତ ସ୍ପିଡଷ୍ଟରଙ୍କ ଆବଶ୍ୟକ ଅନୁଭବ ହୋଇ ନାହିଁ। ଫିଟ୍ ରହିଲେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ପ୍ରଥମ ପସନ୍ଦ ଦୁଇ ପେସର ରହିବେ। ଭୁବନେଶ୍ୱର କୁମାର ତୃତୀୟ ଦ୍ରୁତ ବୋଲରଭାବେ ଚୟନ ପାଇଁ ଉପଲବ୍ଧ ହେବେ। ଏହି ଅବସରରେ ନଭଦୀପ ସଇନି ଓ ଖଲିଲ ଅହମଦଙ୍କ ନାମ ମଧ୍ୟ ବିଚାରକୁ ନିଆ ଯାଇଥିଲା ବୋଲି ପ୍ରସାଦ କହିଛନ୍ତି। ତେବେ ଏହି ଦୁଇ ଯୁବ ବୋଲର ଭାରତୀୟ ଦଳ ସହ ଇଂଲଣ୍ଡ ଯିବା ସମ୍ଭାବନା ରହିଛି। ଯଦି ବୁମ୍‌ରା, ସାମି କିମ୍ବା ଭୁବନେଶ୍ୱର କୁମାରଙ୍କ ମଧ୍ୟରୁ କେହି ଆହତ ହୁଅନ୍ତି ତେବେ ସେମାନେ ତାଙ୍କ ସ୍ଥାନ ନେବେ।

## ‘ପନ୍ତଙ୍କୁ ସ୍ଥାନ ନ ମିଳିବା ଆଶ୍ଚର୍ଯ୍ୟ କରିଛି’

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ଆଇସିସି ବିଶ୍ୱକପ୍ ଲାଗି ସୋମବାର ଘୋଷିତ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ନ ମିଳିବା ନେଇ ପ୍ରାକ୍ତନ ଅଧିନାୟକ ସୁନୀଲ ଗାଭାସ୍କର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଭଲ ବ୍ୟାଟିଂ ଫର୍ମ ଓ ଉଇକେଟ୍ ରକ୍ଷଣରେ ଉନ୍ନତି କରୁଥିବା ସତ୍ତ୍ୱେ ପନ୍ତଙ୍କ ସ୍ଥାନରେ ଅଭିଜ୍ଞତା ଦୃଷ୍ଟିରୁ ୩୩ ବର୍ଷୀୟ ଦୀନେଶ କାର୍ତ୍ତିକଙ୍କୁ ବିଶ୍ୱକପ୍ ଟିକେଟ୍ ମିଳିଛି। ଚୟନକର୍ତ୍ତାଙ୍କ ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ କରିଥିଲେ ମଧ୍ୟ କାର୍ତ୍ତିକ ଜଣେ ଶ୍ରେଷ୍ଠ ଉଇକେଟ୍‌କିପର ବୋଲି ଗାଭାସ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି। ‘ପନ୍ତଙ୍କ ଫର୍ମକୁ ଦେଖିଲେ ଏହି ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ସେ କେବଳ ଆଇପିଏଲ୍ ନୁହେଁ ଏଥିପୂର୍ବରୁ ମଧ୍ୟ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରିସାରିଛନ୍ତି। ଉଇକେଟ ରକ୍ଷଣରେ ମଧ୍ୟ ଦିନକୁ ଦିନ ସେ ଉନ୍ନତି କରୁଛନ୍ତି। ସେହିଭଳି ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ହୋଇଥିବାରୁ ଟପ୍-୬ରେ ବୋଲରଙ୍କୁ ଅଡୁଆରେ ପକାଇବାର ବିକଳ୍ପ ମଧ୍ୟ ରହିଛି’ ବୋଲି ଗାଭାସ୍କର କହିଛନ୍ତି। ଚଳିତ ଆଇପିଏଲ୍‌ରେ କାର୍ତ୍ତିକ (୧୧୧ ରନ)ଙ୍କ ଅପେକ୍ଷା ପନ୍ତ (୨୪୫)ଙ୍କ ବ୍ୟାଟିଂ ଭଲ ରହିଥିଲେ ମଧ୍ୟ ତାଙ୍କୁ ବାଦ୍ ଦିଆଯିବାର ଯଥାର୍ଥତା ରହିଛି ବୋଲି ଗାଭାସ୍କର ଏକ ଜାତୀୟ ଖବରକାଗଜକୁ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ‘ଯେତେବେଳେ ଏମ୍‌ଏସ୍‌ଡି (ମହେନ୍ଦ୍ର ସିଂ ଧୋନୀ) ଅସୁସ୍ଥ ହୋଇ ଖେଳିପାରିବେ ନାହିଁ ସେତେବେଳେ ବିକଳ୍ପ ଭାବେ ଜଣେ ଭଲ ଉଇକେଟ୍‌କିପରଙ୍କୁ ନିଆଯିବ। ଏହି କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା କାର୍ତ୍ତିକଙ୍କ ଉଇକେଟ୍-କିପିଂ ଦକ୍ଷତା ସର୍ବାଗ୍ରେ ରହିବ, ଯାହାକି ତାଙ୍କୁ ବିଶ୍ୱକପ୍‌ରେ ସ୍ଥାନ ମିଳିବାରେ ସହାୟତା କରିଛି’ ବୋଲି ଏହି ମହାନ ବ୍ୟାଟ୍ସମ୍ୟାନ କହିଛନ୍ତି। ଅନ୍ୟତମ ପ୍ରାକ୍ତନ ଭାରତୀୟ କ୍ରିକେଟର୍ ସଞ୍ଜୟ ମଞ୍ଜରେକର ମଧ୍ୟ କାର୍ତ୍ତିକଙ୍କୁ ସ୍ଥାନ ମିଳିବା ନେଇ ସାମାନ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ‘ଟିମ୍ ଚୟନବେଳେ ସମସ୍ତଙ୍କୁ ଖୁସି ରଖିବା ଅସମ୍ଭବ। କିନ୍ତୁ କାର୍ତ୍ତିକଙ୍କ ଚୟନ ଆଶ୍ଚର୍ଯ୍ୟ କରିଛି। କାର୍ତ୍ତିକଙ୍କ ପ୍ରଦର୍ଶନରେ ସ୍ଥିରତା ନ ଥିବା ସହ ଚଳିତବର୍ଷ ଜାନୁୟାରୀରୁ ସେ ଦଳରୁ ବାହାରେ ରହିଆସିଛନ୍ତି। ଏହାସତ୍ତ୍ୱେ ତାଙ୍କୁ ସିଧାସଳଖ ବିଶ୍ୱକପ୍ ଟିକେଟ୍ ଦିଆଯାଇଛି’ ବୋଲି ମଞ୍ଜରେକର ପ୍ରକାଶ କରିଛନ୍ତି। ଇଂଲଣ୍ଡର ପ୍ରାକ୍ତନ ଅଧିନାୟକ ମାଇକେଲ ଭନ ମଧ୍ୟ ପନ୍ତଙ୍କୁ ସ୍ଥାନ ନ ମିଳିବାକୁ ନେଇ ଟୁଇଟର୍‌ରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱକପ୍ ଦଳରେ ଦିଲ୍ଲୀର ଯୁବ ଉଇକେଟ୍‌କିପର ପନ୍ତଙ୍କୁ ସ୍ଥାନ ମିଳିବାର ଥିଲା ବୋଲି ଆକାଶ ଚୋପ୍ରା କହିଥିବାବେଳେ ଭେଟେରାନ ଦ୍ରୁତ ବୋଲର ଆର୍‌ପି ସିଂ କିନ୍ତୁ ବିଶ୍ୱକପ୍‌ରେ ଅଭିଜ୍ଞତା ଦଳକୁ ସହାୟତା କରିବ ବୋଲି କହିଛନ୍ତି।



## ବିରାଟ ବାହିନୀ

**ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା (ଉପ– ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ ଓ ରବୀନ୍ଦ୍ର ଜାଡେଜା।**

### ବିରାଟ କୋହଲି



ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଓ ଅଧିନାୟକ
ବୟସ: ୩୦
ମ୍ୟାଚ୍: ୨୨୭
ରନ:୧୦,୮୪୩
ସର୍ବୋଚ୍ଚ ସ୍କୋର: ୧୮୩
ଆଭରେଜ: ୫୯.୫୭
ଷ୍ଟ୍ରାଇକ ରେଟ: ୯୨.୯୬
ଶତକ: ୪୧
ଅର୍ଦ୍ଧ ଶତକ: ୪୯
ବିଶ୍ୱକପ୍ ଖେଳିଛନ୍ତି: ୨୦୧୧,୨୦୧୫

### ରୋହିତ ଶର୍ମା



ଓପନିଂ ବ୍ୟାଟ୍ସମ୍ୟାନ
ବୟସ: ୩୧
ମ୍ୟାଚ୍: ୨୦୬
ରନ: ୮୦୧୦
ସର୍ବୋଚ୍ଚ ସ୍କୋର: ୨୬୪
ଆଭରେଜ: ୪୭.୩୯
ଷ୍ଟ୍ରାଇକ ରେଟ୍: ୮୭.୯୫
ଶତକ: ୨୨
ଅର୍ଦ୍ଧଶତକ: ୪୧
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହେନ୍ଦ୍ର ସିଂ ଧୋନୀ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୭
ମ୍ୟାଚ୍; ୩୪୧
ରନ:୧୦, ୫୦୦
ସର୍ବୋଚ୍ଚ ସ୍କୋର: ୧୮୩*
ଆଭରେଜ: ୫୦.୭୨
ଷ୍ଟ୍ରାଇକ ରେଟ୍: ୮୭.୫୫
ଶତକ: ୧୦
ଅର୍ଦ୍ଧଶତକ: ୭୧
କ୍ୟାଚ୍: ୩୧୪
ଷ୍ଟମ୍ପିଂ: ୧୨୦
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭, ୨୦୧୧, ୨୦୧୫

### ଶିଖର ଧାୱନ



ଓପିନଂ ବ୍ୟାଟ୍ସମ୍ୟାନ
ବୟସ: ୩୩
ରନ:୫,୩୫୫
ସର୍ବୋଚ୍ଚ ସ୍କୋର: ୧୪୩
ଆଭରେଜ: ୪୪.୬୨
ଷ୍ଟ୍ରାଇକ ରେଟ୍: ୯୩.୭୯
ଶତକ: ୧୬
ଅର୍ଦ୍ଧଶତକ: ୨୭
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ହାର୍ଦ୍ଦିକ ପାଣ୍ଡ୍ୟା



ଅଲରାଉଣ୍ଡର
ବୟସ: ୨୫
ମ୍ୟାଚ୍: ୪୫
ରନ: ୭୩୧
ସର୍ବୋଚ୍ଚ ସ୍କୋର: ୮୩
ଆଭରେଜ: ୨୯.୨୪
ଷ୍ଟ୍ରାଇକ ରେଟ୍: ୧୧୬.୫୮
ଶତକ: ୦
ଅର୍ଦ୍ଧଶତକ: ୪
ଉଇକେଟ: ୪୪
ଶ୍ରେଷ୍ଠ ବୋଲିଂ: ୩/୩୧
ଇକୋନୋମି: ୫.୫୩

### ଲୋକେଶ ରାହୁଲ



ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ
ବୟସ: ୨୬
ମ୍ୟାଚ୍: ୧୪
ରନ: ୩୪୩
ସର୍ବୋଚ୍ଚ ସ୍କୋର: ୧୦୦*
ଆଭରେଜ: ୩୪.୩୦
ଷ୍ଟ୍ରାଇକ ରେଟ୍: ୮୦.୮୯
ଶତକ: ୧
ଅର୍ଦ୍ଧଶତକ: ୨

### ଦୀନେଶ କାର୍ତ୍ତିକ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୩
ମ୍ୟାଚ୍: ୯୧
ରନ: ୧୭୩୮
ସର୍ବୋଚ୍ଚ ସ୍କୋର: ୭୯
ଆଭରେଜ: ୩୧.୦୩
ଶତକ: ୦
ଅର୍ଦ୍ଧଶତକ: ୯
କ୍ୟାଚ୍: ୬୧
ଷ୍ଟମ୍ପିଂ: ୭
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭

### ରବୀନ୍ଦ୍ର ଜାଡେଜା



ଅଲରାଉଣ୍ଡର
ବୟସ: ୩୦
ମ୍ୟାଚ୍: ୧୫୧
ରନ: ୨୦୩୫
ସର୍ବୋଚ୍ଚ ସ୍କୋର: ୮୭
ଆଭରେଜ: ୨୯.୯୨
ଷ୍ଟ୍ରାଇକରେଟ୍: ୮୪.୨୩
ଶତକ: ୦
ଅର୍ଦ୍ଧଶତକ: ୧୦
ଉଇକେଟ: ୧୭୪
ଶ୍ରେଷ୍ଠ ବୋଲିଂ: ୫/୩୬
ଇକୋନୋମି: ୪.୮୮
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ବିଜୟ ଶଙ୍କର



ବୋଲିଂ ଅଲରାଉଣ୍ଡର
ବୟସ: ୨୮
ମ୍ୟାଚ୍:୯
ରନ: ୧୬୫
ସର୍ବୋଚ୍ଚ ସ୍କୋର: ୪୬
ଆଭରେଜ: ୩୩.୦୦
ଷ୍ଟ୍ରାଇକ ରେଟ୍: ୯୬.୪୯
ଶତକ:୦
ଅର୍ଦ୍ଧଶତକ:୦
ଉଇକେଟ: ୨
ଶ୍ରେଷ୍ଠ ବୋଲିଂ: ୨/୧୫
ଇକୋନୋମି: ୫.୬୧

### କେଦାର ଯାଦବ



ବ୍ୟାଟିଂ ଅଲରାଉଣ୍ଡର
ବୟସ: ୩୪
ମ୍ୟାଚ୍: ୫୯
ରନ:୧୧୭୪
ସର୍ବୋଚ୍ଚ ସ୍କୋର: ୧୨୦
ଆଭରେଜ: ୪୩.୪୮
ଷ୍ଟ୍ରାଇକ ରେଟ୍: ୧୦୨.୫୩
ଶତକ: ୨
ଅର୍ଦ୍ଧଶତକ: ୫
ଉଇକେଟ: ୨୭
ଶ୍ରେଷ୍ଠ ବୋଲିଂ: ୩/୨୩
ଇକୋନୋମି: ୫.୧୫

### ୟୁଜବେନ୍ଦ୍ର ଚହଲ



ସ୍ପିନର
ବୟସ: ୨୮
ମ୍ୟାଚ୍: ୪୧
ରନ୍: ୩୪
ଉଇକେଟ: ୭୨
ଶ୍ରେଷ୍ଠ ବୋଲିଂ: ୬/୪୨
ଆଭରେଜ: ୨୪.୬୧
ଇକୋନୋମି: ୪.୮୯
୫ ଉଇକେଟ ସଫଳତା: ୨ଥର
କ୍ୟାଚ୍: ୧୦

### ଯଶପ୍ରୀତ ବୁମ୍‌ରା



ଦ୍ରୁତ ବୋଲର
ବୟସ: ୨୫
ମ୍ୟାଚ୍: ୪୯
ଉଇକେଟ: ୮୫
ଶ୍ରେଷ୍ଠ ବୋଲିଂ: ୫/୨୭
ଆଭରେଜ: ୨୨.୧୫
ଇକୋନୋମି: ୪.୫୧
୫ ଉଇକେଟ ସଫଳତା: ଥରେ

### କୁଲଦୀପ ଯାଦବ



ସ୍ପିନର
ବୟସ: ୨୪
ମ୍ୟାଚ୍: ୪୪
ଉଇକେଟ: ୮୭
ଶ୍ରେଷ୍ଠ ପ୍ରଦର୍ଶନ: ୬/୨୫
ଆଭରେଜ: ୨୧.୭୪
ଇକୋନୋମି: ୪.୯୩
୫ ଉଇକେଟ ସଫଳତା: ଥରେ

### ଭୁବନେଶ୍ୱର କୁମାର



ଦ୍ରୁତ ବୋଲର
ବୟସ: ୨୯
ମ୍ୟାଚ୍: ୧୦୫
ଉଇକେଟ: ୧୧୮
ଶ୍ରେଷ୍ଠ ପ୍ରଦର୍ଶନ: ୫/୪୨
୫ ଉଇକେଟ ସଫଳତା: ଥରେ
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହମ୍ମଦ ସାମି



ଦ୍ରୁତ ବୋଲର
ବୟସ: ୨୮
ଉଇକେଟ: ୧୧୩
ଶ୍ରେଷ୍ଠ ବୋଲିଂ: ୪/୩୫
ଆଭରେଜ: ୨୬.୧୧
ଇକୋନୋମି: ୫.୪୮

## ଉଇକେଟ୍-କିପିଂ ଦକ୍ଷତା କାର୍ତ୍ତିକଙ୍କୁ ସହାୟତା କଲା

**ମୁମ୍ବାଇ, ୧୫।୪(ପି.ଟି.):** ଇଂଲଣ୍ଡରେ ହେବାକୁ ଥିବା ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ସୋମବାର ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ମିଳିନାହିଁ। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦର ଉଇକେଟ୍‌କିପର ରହିଥିବାବେଳେ ରିଭର୍ଜ ପାଇଁ ଅଭିଜ୍ଞ ଦୀନେଶ କାର୍ତ୍ତିକ ଓ ପନ୍ତଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କିନ୍ତୁ ଉଇକେଟ୍-କିପିଂ ଦକ୍ଷତା ଦୃଷ୍ଟିରୁ ଶେଷରେ ଚୟନକର୍ତ୍ତମାନେ କାର୍ତ୍ତିକଙ୍କ ନାମରେ ମୋହର ମାରିଥିଲେ। ଏଥିପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ପନ୍ତଙ୍କୁ ଷ୍ଟାଣ୍ଡ-ବାଏରେ ରଖାଯାଇଥିଲା। ପନ୍ତ କିନ୍ତୁ ‘ପାଖାପାଖି ପହଞ୍ଚି ଯାଇଥିଲେ’ ବୋଲି ଚୟନ କମିଟିର ଅଧ୍ୟକ୍ଷ ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। ‘ପନ୍ତ ଓ କାର୍ତ୍ତିକଙ୍କୁ ନେଇ ଆମେ ବହୁ ଆଲୋଚନା କରିଥିଲୁ। ଯଦି ଧୋନୀ ଆଘାତପ୍ରାପ୍ତ ହୁଅନ୍ତି ତେବେ ପନ୍ତ କିମ୍ବା କାର୍ତ୍ତିକ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ତେବେ ଏହା ଯଦି କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥାଏ ସେଠାରେ ଉଇକେଟ୍-କିପିଂ ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ। କେବଳ ଏହି କାରଣ ଲାଗି ଆମେ ପନ୍ତଙ୍କ ବଦଳରେ କାର୍ତ୍ତିକଙ୍କୁ ନେବାକୁ ବାଧ ହେଲୁ ଏବଂ ପନ୍ତ ଅଳ୍ପକେ ସୁଯୋଗ ହରାଇଲେ’ ବୋଲି ପ୍ରସାଦ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ଭାରତୀୟ ଉଇକେଟ୍‌କିପର ଭାବେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ଶତକ ହାସଲ କରିବାର କୀର୍ତ୍ତିମାନ ପନ୍ତଙ୍କ ନାମରେ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ୫ମ ଟେଷ୍ଟ ମ୍ୟାଚ୍‌ରେ ସେ ୧୧୪ ରନର ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଅଷ୍ଟ୍ରେଲିଆର ସିଡ୍‌ନୀ ଟେଷ୍ଟରେ ପନ୍ତ ଖେଳିଥିବା ୧୫୯ ରନର ମାରାଥନ ଇନିଂସ ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ରହିଛି।



ଏମ୍‌ଏସ୍‌କେ ପ୍ରସାଦ

## ଚୟନକର୍ତ୍ତାଙ୍କୁ ଡାଟା ଆନାଲିଟିକ୍ସ ପ୍ରେଜେଣ୍ଟେଶନ

**ନୂଆଦିଲ୍ଲୀ,୧୫।୪(ପି.ଟି.):** ବିଶ୍ୱକପ୍ ଦଳ ଚୟନ ପୂର୍ବରୁ ଚୟନକର୍ତ୍ତାମାନେ ପ୍ରଥମଥର ପାଇଁ ଭିନ୍ନ ଶୈଳୀ ଆପଣାଇଥିଲେ। ଚୟନକର୍ତ୍ତମାନେ ଭାବପ୍ରବଣତାକୁ ପଛରେ ପକାଇ ଏକ ସନ୍ତୁଳିତ ଦଳ ଚୟନ କରିବାକୁ ପ୍ରୟାସ କରିଛନ୍ତି। ଦଳ ଚୟନର ଗୋଟିଏ ଦିନ ପୂର୍ବରୁ ୫ଜଣିଆ ଚୟନକମିଟିକୁ ଏକ ସାଢେ ୩ ଘଣ୍ଟିଆ ଡାଟା ଆନାଲିଟିସ ପ୍ରେଜେଣ୍ଟେଶନ ପ୍ରଦାନ କରାଯାଇଥିଲା। ଇଂଲଣ୍ଡ ପରିବେଶକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଥିଲା। ଟିମ୍ ଇଣ୍ଡିଆ ଡାଟା ଆନାଲିଷ୍ଟ ସି.କେ.ଏମ. ଧନଞ୍ଜୟ ଏକ ସ୍ୱତନ୍ତ୍ର ଡାଟା ଆନାଲିଟିକ୍ସ ପ୍ୟାକେଜ ପ୍ରସ୍ତୁତ କରି ଚୟନକର୍ତ୍ତାଙ୍କୁ ଅବଗତ କରାଇଥିଲେ। ବିଶ୍ୱକପ୍ ଆଶାୟୀ ଭାରତୀୟ ଖେଳାଳିଙ୍କ ସମେତ ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରର ପ୍ରତିପକ୍ଷ ଦଳଗୁଡିକର ସବଳତା, ଦୁର୍ବଳତା ଓ ବିଭିନ୍ନ ଦିଗ ନେଇ ସେ ଚୟନକମିଟି ସମ୍ମୁଖରେ ଏକ ପ୍ରସ୍ତୁତି ଉପସ୍ଥାପନା କରିଥିଲେ। ମୋଟାମୋଟି ଉପରେ ଚୟନକର୍ତ୍ତାଙ୍କୁ ମ୍ୟାଚ୍, ରନ, ଷ୍ଟ୍ରାଇକ୍‌ରେଟ ଓ ଉଇକେଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦଳ ଚୟନପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣକୁ ନେଇ ବିଚାର କରାଯାଇଥିଲା। ଏପରିକି ଚୟନକର୍ତ୍ତାଙ୍କୁ ଏବେ ଖେଳୁଥିବା ଇଂଲଣ୍ଡ ଏକାଦଶ ବିଭିନ୍ନ ପରିବେଶ (ଘରୋଇ ଓ ବାହାର)ରେ କିଭଳି ପ୍ରଦର୍ଶନ କରିଛି ଓ ଏଥିପାଇଁ କେଉଁ ଖେଳାଳି ଓ ନିଷ୍ପତ୍ତି ଦଳ ସପକ୍ଷ ଓ ବିପକ୍ଷରେ ଯାଇଛନ୍ତି ଦର୍ଶାଯାଇଥିଲା। ବିଭିନ୍ନ ସ୍ୱତନ୍ତ୍ର ବୋଲରଙ୍କ ବିପକ୍ଷରେ କେଉଁ ଭାରତୀୟ ଖେଳାଳିମାନେ ସଫଳ ହୋଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଇଂଲଣ୍ଡର ପ୍ରତ୍ୟେକ ଭେନ୍ୟୁରେ କେତେ ପରିମାଣରେ ରନ୍ ସଂଗ୍ରହ ହୋଇଛି ସେ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା।

| Dollar | Sensex | Nifty | Gold | Silver |
|---|---|---|---|---|
| 69.42 (25) | 38,905.84 (138.73) | 11,690.35 (46.90) | 32,620.00 (₹200) | 38,100.00 (₹80) |



ଆଗାମୀ ବର୍ଷେ ସୁଦ୍ଧା ଫୁଲ୍‌ଫ୍ରେମ ମିରର ଲେସ୍ କ୍ୟାମେରା ବର୍ଗରେ ୨୦% ବଜାର ଅଂଶୀଦାର ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

-ମନୀଷ ଶର୍ମା,ସିଇଓ, ପାନାସୋନିକ ଇଣ୍ଡିଆ



ଜେଟ ଏୟାରୱେଜ ସମସ୍ୟା ସମାଧାନ ଲାଗି ବ୍ୟାଙ୍କ, ଋଣ ପ୍ରଦାନକାରୀ ସଂସ୍ଥାଙ୍କ ସହ ମିଳିତ ହୋଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।

-ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ଜେଟ୍ ପାଇଲଟଙ୍କ ଗୁହାରି


ମୁମ୍ବାଇ,୧୫-୪: ଋଣରେ ବୁଡ଼ି ଯାଇଥିବା ଏୟାରଲାଇନ କମ୍ପାନୀ ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ଙ୍କ ନିକଟରେ ଚାକିରୀ ରକ୍ଷା ଲାଗି ଗୁହାରି କରିଛନ୍ତି। କମ୍ପାନୀର ପାଇଲଟ ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ଏସ୍‌ବିଆଇକୁ ୧୫୦୦କୋଟି ଟଙ୍କା ଜାରି କରିବାକୁ ଅନୁରୋଧ କରିଛି। ସଂଗଠନ ସହ ଜଡ଼ିତ କମ୍ପାନୀର ୨୦ ହଜାର କର୍ମଚାରୀଙ୍କ ନିଯୁକ୍ତି ରକ୍ଷା ଲାଗି ଅନୁରୋଧ କରାଯାଇଛି। ସୂଚନାଥାଉ କି, ଋଣ ପୁନର୍ଗଠନକୁ ନେଇ ଗତ ମାସରେ ହୋଇଥିବା ଯୋଜନାନୁଯାୟୀ ଏସ୍‌ବିଆଇ ଜେଟ୍ ଏୟାରୱେଜରେ ୧୫୦୦ କୋଟି ଟଙ୍କା ନିବେଶ କରିବାର ଥିଲା। ଗିଲ୍‌ଡ ଉପାଧ୍ୟକ୍ଷ ଆଦିମ ବାଲିୟାନୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ ଚାକିରୀ ବଞ୍ଚାଇବାକୁ ପଦକ୍ଷେପ ନିଅନ୍ତୁ। ସୂଚନାଥାଉ କି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସୋମବାର ଜେଟ୍ ଏୟାରୱେଜର ପାଇଲଟ, ଇଞ୍ଜିନିୟର ଏବଂ ବରିଷ୍ଠ କର୍ମଚାରୀମାନେ ବେତନ ପାଇବା ଦାବି ନେଇ କମ୍ପାନୀ ମୁଖ୍ୟାଳୟରେ ଏକତ୍ରିତ ହୋଇଥିଲେ।

### ପାଇକାରୀ ମୁଦ୍ରାସ୍ଫୀତି ୩.୧୮%କୁ ବୃଦ୍ଧି



ନୂଆଦିଲ୍ଲୀ,୧୫-୪: ଖାଦ୍ୟପଦାର୍ଥ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ବୃଦ୍ଧି ପାଇଛି ଏବଂ ମାର୍ଚ୍ଚରେ ଏହା ୩.୧୮%ରେ ପହଞ୍ଚିଯାଇଛି। ସୋମବାର ଜାରି ସରକାରୀ ତଥ୍ୟରୁ ଏହା ଜଣାପଡିଛି। ଫେବୃୟାରୀରେ ଏହା ୨.୯୩% ରହିଥିବା ବେଳେ ଗତବର୍ଷ ମାର୍ଚ୍ଚରେ ୨.୭୪% ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ଖାଦ୍ୟପଦାର୍ଥ ଓ ପନିପରିବା ଦରରେ ବେଶ ବୃଦ୍ଧି ପରିଲକ୍ଷିତ ହୋଇଛି। ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫୀତି ଫେବୃୟାରୀରେ ୬.୮୨% ଥିବା ବେଳେ ମାର୍ଚ୍ଚରେ ଏହା ବଢ଼ି ୨୮.୧୩% ହୋଇଛି। ତେବେ ଆଳୁ ଦର ଫେବୃୟାରୀରେ ୨୩.୪୦ ପ୍ରତିଶତ ରହିଥିବା ବେଳେ ମାର୍ଚ୍ଚରେ ଏହା ହ୍ରାସ ପାଇ ୧.୩୦ ପ୍ରତିଶତ ହୋଇଛି। ଆଲୋଚ୍ୟ ମାସରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ୫.୬୮ ପ୍ରତିଶତ ରହିଛି। ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ମଧ ମୁଦ୍ରାସ୍ଫୀତି ଫେବୃୟାରୀରେ ୨୨୩% ରହିଥିବା ବେଳେ ମାର୍ଚ୍ଚରେ ୫.୪୧ ପ୍ରତିଶତକୁ ବୃଦ୍ଧି ପାଇଛି। ସପ୍ତାହକ ପୂର୍ବେ ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୨.୮୬%କୁ ବୃଦ୍ଧି ପାଇଛି, ଯାହାକି ଫେବୃୟାରୀରେ ୨.୫୭% ରହିଥିଲା।

### ରପ୍ତାନି ୫୪୦ ବିଲିୟନ ଛୁଇଁଲା



ମେଙ୍ଗାଲୁରୁ/ନୂଆଦିଲ୍ଲୀ,୧୫-୪: ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଦେଶର ରପ୍ତାନି ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି। ଏଥିମଧ୍ୟରୁ ମର୍ଚ୍ଚାଣ୍ଡାଇଜ ରପ୍ତାନି ୩୩୦ ବିଲିୟନ ହୋଇଥିବା ବେଳେ ସେବା କ୍ଷେତ୍ରରେ ୨୧୦ ବିଲିୟନ ଡଲାର ରପ୍ତାନି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଆଲୋଚ୍ୟ ବର୍ଷରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ୧୦ ବିଲିୟନ ଡଲାରକୁ ହ୍ରାସ ପାଇଛି, ଯାହା କି ପୂର୍ବବର୍ଷ ୬୩ ବିଲିୟନ ଡଲାର ଥିଲା। ଅନ୍ୟପକ୍ଷରେ ଦେଶର ରପ୍ତାନି ମାର୍ଚ୍ଚରେ ୧୧ପ୍ରତିଶତ ବଢ଼ି ୩୨.୫୫ ବିଲିୟନ ଡଲାରରେ ପହଞ୍ଚିଛି। ଫାର୍ମା, ରସାୟନ ଏବଂ ଇଞ୍ଜିନିୟରିଂ ଭଳି କ୍ଷେତ୍ରରେ ଉଚ୍ଚ ବୃଦ୍ଧି ଯୋଗୁ ରପ୍ତାନି ବଢ଼ିଛି। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୧୯ରେ ଆମଦାନୀ ୧.୪୪ ପ୍ରତିଶତ ବୃଦ୍ଧି ପାଇ ୪୩.୪୪ ବିଲିୟନ ଡଲାର ରହିଛି।

## ଆର୍ଥିକ ବର୍ଷ ୨୦୧୯ରେ

# ଇଣ୍ଡିଆ ପୋଷ୍ଟକୁ ୧୫ ହଜାର କୋଟି କ୍ଷତି




- ବିଏସ୍‌ଏନ୍‌ଏଲ, ଏୟାର ଇଣ୍ଡିଆକୁ ଟପିଗଲା
- ୨୦୧୭ରେ ବିଏସ୍‌ଏନ୍‌ଏଲ ୮ ହଜାର, ଏୟାର ଇଣ୍ଡିଆ ୫୩୪୦ କୋଟି କ୍ଷତି ସହିଛି
- ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ

ନୂଆଦିଲ୍ଲୀ,୧୫-୪

ବିଏସ୍‌ଏନ୍‌ଏଲ ଏବଂ ଏୟାର ଇଣ୍ଡିଆ ୨୦୧୯ ଆର୍ଥିକ ବର୍ଷ(୨୦୧୮-୧୯)ରେ ସର୍ବାଧିକ କ୍ଷତି ସହିଥିବା ସରକାରୀ କମ୍ପାନୀ ମନେ କରାଯାଉଥିଲା। କିନ୍ତୁ ଅନ୍ୟ ଏକ ସରକାରୀ ସଂସ୍ଥା କ୍ଷତି ସହିବାରେ ଏହି ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବଳିଯାଇଛି। ସାରା ଦେଶରେ ୧.୫ ଲକ୍ଷରୁ ଅଧିକ ଡାକଘର ଏବଂ ପପୁଲାର ସେଭିଙ୍ଗସ ସ୍କିମ୍ ଚଳାଉଥିବା ଇଣ୍ଡିଆ ପୋଷ୍ଟର କ୍ଷତି ୨୦୧୯ ଆର୍ଥିକ ବର୍ଷ(୨୦୧୮-୧୯)ରେ ୧୫ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆର୍ଥିକ ବର୍ଷ ୨୦୧୭ରେ ବିଏସ୍‌ଏନ୍‌ଏଲ୍ ଏବଂ ଏୟାର ଇଣ୍ଡିଆର କ୍ଷତିର ପରିମାଣ ଯଥାକ୍ରମେ ୮ ହଜାର କୋଟି ଏବଂ ୫୩୪୦ କୋଟି ଟଙ୍କା ଥିଲା। କ୍ଷତିରେ ଚାଲୁଥିବା ଅନ୍ୟ ସରକାରୀ ସଂସ୍ଥା ଭଳି ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଅଧିକ ବ୍ୟୟ କରୁଛି। ଫଳରେ ଏହାର ଅପରେଟିଂ କଷ୍ଟ ବା କ୍ରିୟାନ୍ୱୟନ ଖର୍ଚ୍ଚ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ବିଭିନ୍ନ ସମୟରେ ବେତନ କମିଶନ ଲାଗୁ କରିବା ଯୋଗୁ ବର୍ତ୍ତମାନ ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଏହାର ମୋଟ ରାଜସ୍ୱର ୯୦ ପ୍ରତିଶତ ଖର୍ଚ୍ଚ କରୁଛି। ତେବେ ରାଜସ୍ୱ ଆଦାୟ ଦିନକୁ ଦିନ କମିବାରେ ଲାଗିଛି। ଆର୍ଥିକ ବର୍ଷ ୨୦୧୮-୧୯ର ସଂଶୋଧିତ ଆକଳନ ଅନୁଯାୟୀ ଦରମା ଓ ଭତ୍ତା ବାବଦରେ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ୧୬,୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। କିନ୍ତୁ ଏହା ସେହି ବର୍ଷ ୧୮ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ସେଥିରେ ୯୭୮୨ କୋଟି ଟଙ୍କାର ପେନସନ ବାବଦ ଖର୍ଚ୍ଚକୁ ଯୋଡି ଦିଆଗଲେ ଆଲୋଚ୍ୟ ଆର୍ଥିକ ବର୍ଷରେ କେବଳ କର୍ମଚାରୀଙ୍କ ବାବଦରେ ବ୍ୟୟ ୨୬,୪୦୦ କୋଟି ଟଙ୍କା ହୋଇଛି। ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ଆର୍ଥିକ ବର୍ଷ ୨୦୨୦ରେ ଦରମା ଓ ଭତ୍ତା ବାବଦରେ ୧୭,୪୫୧ କୋଟି ଏବଂ ପେନସନ ବାବଦରେ ୧୦,୨୭୧ କୋଟି ଟଙ୍କା ବ୍ୟୟ କରିବ ବୋଲି ଆକଳନ କରିଛି। ସେହିବର୍ଷ ରାଜସ୍ୱ ଆଦାୟ ୧୯,୨୦୩ କୋଟି ଟଙ୍କା ରହିବ ବୋଲି ଦର୍ଶାଯାଇଛି। କମ୍ପାନୀ ଏହି କ୍ଷତିରୁ ବାହାରି ଆସିବାକୁ ପ୍ରୟାସ କରୁଥିବା ବେଳେ ସାମଗ୍ରୀ ମୂଲ୍ୟ ହ୍ରାସ ପାଉଥିବାରୁ ଏବଂ ପାରମ୍ପରିକ ସେବା କ୍ଷେତ୍ରରେ ଅନ୍ୟ ବିକଳ୍ପ ମିଳୁଥିବାରୁ ତାହା ସମ୍ଭବ ହୋଇପାରୁନି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୪.୩୩ ଲକ୍ଷ କର୍ମଚାରୀ ଏବଂ ୧.୫୬ ଲକ୍ଷ ପୋଷ୍ଟ ଅଫିସକୁ କାର୍ଯ୍ୟରେ ଲଗାଇବା ଲାଗି ଇଣ୍ଡିଆ ପୋଷ୍ଟ ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ସରକାର ପରାମର୍ଶ ଦେଇଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଦେଶରେ ସମସ୍ତ ବ୍ୟାଙ୍କର ଶାଖାଠାରୁ ଅଧିକ ପୋଷ୍ଟ ଅଫିସ ରହିଛି। ସେହି କାରଣରୁ କ୍ଷତି ବଢ଼ି ବଢ଼ି ଚାଲିଛି। ଇଣ୍ଡିଆ ପୋଷ୍ଟ ଗୋଟିଏ ପୋଷ୍ଟ କାର୍ଡ ଛପାଇବାରେ ୧୨.୧୫ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାତ୍ର ୫୦ ପଇସାରେ ଏହାକୁ ବିକୁଛି। ପାର୍ସଲ ସେବା, ବୁକ୍ ପୋଷ୍ଟ, ସ୍ପିଡ ପୋଷ୍ଟ, ରେଜିଷ୍ଟ୍ରେଶନ ଆଦି ସେବାରେ କ୍ଷତି ସହିବାକୁ ପଡୁଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ସୋଭରେନ ଗୋଲ୍ଡ ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ବୀମା, ପାର୍ସପୋର୍ଟ ସେବା ଯୋଗାଣ, ରେଲୱେ ଟିକେଟ ଭଳି ଏକାଧିକ ଆର୍ଥିକ ସେବା କ୍ଷେତ୍ରରେ ପାଦ ଥାପିଛି। କିନ୍ତୁ ଏଥିରୁ ସେଭଳି ଲାଭ ହେଉନି। ୨୦୧୮ ଆର୍ଥିକ ବର୍ଷରେ ଏହିସବୁ ସେବା ଯୋଗାଣରୁ ୮୪୪ କୋଟି ଟଙ୍କାର ରାଜସ୍ୱ ମିଳିଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ନ୍ୟାଶନାଲ ସେଭିଙ୍ଗସ ସ୍କିମ୍ ଏବଂ ସେଭିଂ ସାର୍ଟିଫିକେଟ ବିକ୍ରି କରି ଅଧିକ ରାଜସ୍ୱ ପାଇଥାଏ। ଏହା ୨୦୧୭ ଆର୍ଥିକ ବର୍ଷରେ ମୋଟ ରାଜସ୍ୱର ୬୦% ଅର୍ଥାତ ୧୧,୫୧୧ କୋଟି ଟଙ୍କା ହାସଲ କରିଛି। ବିଶେଷଜ୍ଞଙ୍କ ମତରେ ଇଣ୍ଡିଆ ପୋଷ୍ଟର ଦେଶର କୋଣ ଅନୁକୋଣରେ ଉପସ୍ଥିତି ରହିଥିବାରୁ ଏହା ଇ-କମର୍ସ କମ୍ପାନୀଙ୍କ ଲାଗି କ୍ୟାଶ ଅନ୍ ଡେଲିଭରି ସେବା ଯୋଗାଇ ବେଶ ଅର୍ଥ ଅର୍ଜନ କରିପାରିବ। ତେବେ ଗୋଦାମ ଅଭାବ ଏଦିଗରେ ବଡ଼ ବାଧକ ହୋଇଛି।

## ଆକର୍ଷଣୀୟ ରିହାତି ଦେଉଛି ଡୁରିଆନ୍

ଭୁବନେଶ୍ୱର,୧୫-୪

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଡୁରିଆନ୍ ପକ୍ଷରୁ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ଡୁରିଆନ୍‌ର ଶୋ'ରୁମରେ ଫ୍ଲାଟ ୫୦% ରିହାତି ପାଇପାରିବେ। ଏହି ଅଫର ବଛାବଛା ହୋମ୍ ଏବଂ ଅଫିସ ଫର୍ନିଚର ଉପରେ ଲାଗୁ ହେବ। ମାର୍ଚ୍ଚ ୩୦ରୁ ଆରମ୍ଭ ହୋଇଥିବା ଅଫର ସୀମିତ ସମୟ ଲାଗି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୩୭ ଷ୍ଟୋର ସହ ପ୍ରଡକ୍ଟ ଏବଂ ସେବା ଯୋଗାଣ କରୁଛି। ଭୁବନେଶ୍ୱରର ସାମନ୍ତରାପୁରଠାରେ ଗ୍ରାହକ ଏହି ଅଫର ଲାଭ କରି ପାରିବେ। ସୋଫା, ଟିପୟ, ଡାଇନିଂ, ବେଡ୍ ରୁମ ଏବଂ ଅଫିସ ଫର୍ନିଚର ବର୍ଗରେ ବିସ୍ତୃତ ପ୍ରଡକ୍ଟ ଗ୍ରାହକ ପାଇପାରିବେ। ଭୁବନେଶ୍ୱରର ଶୋ'ରୁମ ୧୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ମୁତାବକ ବିଭିନ୍ନ ପ୍ରଡକ୍ଟ ଏଠାରେ ଲାଭ କରିବାକୁ ସକ୍ଷମ ହେବେ ବୋଲି ଡୁରିଆନ୍‌ର ରାଜ୍ୟ ମୁଖ୍ୟ ଅଜୟ ଶର୍ମା ସୂଚନା ଦେଇଛନ୍ତି। ଏଠାରେ ପ୍ୟୁର ଲେଦର, ଫ୍ୟାବ୍ରିକର ବିଭିନ୍ନ ପ୍ରଡକ୍ଟ ମଧ୍ୟ ସାମିଲ ରହିଛି। ବଜାଜ,ଏଚ୍‌ଡିଏଫ୍‌ସି ଏବଂ କ୍ରେଡିଟ କାର୍ଡରେ ସହଜ ଇଏମ୍‌ଆଇ ରହିଛି। ପେଟିଏମ୍ ମଲରେ ପେମେଣ୍ଟ ଉପରେ ବୋନାଞ୍ଜା ଗିଫ୍ଟ ଭାଉଚର ପାଇବେ। ଅଫରକୁ ଗ୍ରାହକଙ୍କ ଲାଗି କଷ୍ଟମାଇଜ କରାଯାଇଛି। ଗ୍ରାହକଙ୍କ ଚାହିଦାରେ ପରିବର୍ତ୍ତନ ଆସିଥିବାରୁ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ବିଚାର କରି ପ୍ରଡକ୍ଟ ଡିଜାଇନ ହୋଇଥିବା ଶର୍ମା କହିଛନ୍ତି। ପ୍ରତି ପ୍ରଡକ୍ଟ ଉପରେ ଗ୍ରାହକ ୫ ବର୍ଷର ୱାରେଣ୍ଟି ଏବଂ ସହଜ ଡେଲିଭରି ସୁବିଧା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

## ଏସ୍‌ବିଆଇ ଲାଇଫ୍‌ର ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ



ଭୁବନେଶ୍ୱର,୧୫-୪

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ସ୍ଥାନୀୟ ଇନଫୋସିଟି ଇନଫିନିଆ ଟାୱାରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ଏସ୍‌ବିଆଇ ଲାଇଫର ଏମ୍‌ଡି ତଥା ସିଇଓ ସଞ୍ଜୀବ ନୌଟିଆଲ ଏହାର ଉନ୍ମୋଚନ କରିଥିଲେ। ନୂଆ କାର୍ଯ୍ୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷା ଉତ୍ପାଦ ସମାଧାନ ପୋର୍ଟଫୋଲିଓକୁ ଗ୍ରାହକଙ୍କୁ ପ୍ରଦାନ କରିବାକୁ କମ୍ପାନୀ ଯୋଜନା ରଖିଛି। ଓଡ଼ିଶାରେ ବୀମା ସମାଧାନ ଲୋକଙ୍କ ନିକଟରେ ଏତେଟା ପହଞ୍ଚି ନ ଥିବାରୁ ଅଭିନବ ଢଙ୍ଗରେ ବିଭିନ୍ନ ଉତ୍ପାଦ ଏବଂ ସେବା ଯୋଗାଣ ନେଇ ଉଦ୍ୟମ ଜାରି ରହିବ ବୋଲି ସିଇଓ ନୌଟିଆଲ କହିଛନ୍ତି। ଓଡ଼ିଶାରେ ୩୮ଟି ସ୍ଥାନରେ ୪୦ ଶାଖା ସହ କମ୍ପାନୀ ଉପସ୍ଥିତିକୁ ସୁଦୃଢ କରୁଥିବା ନୌଟିଆଲ କହିଛନ୍ତି। ଏଥିରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା ଏସ୍‌ବିଆଇ ଜୋନ ୩ ସଭାପତି ରବୀନ୍ଦ୍ର କୁମାର, ଆକ୍‌ଚୁରିଆଲ ରିସ୍କ ମ୍ୟାନେଜମେଣ୍ଟ ସଭାପତି ସଞ୍ଜୀବ ପୂଜାରୀ, ଏସ୍‌ବିଆଇ ଲାଇଫର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ

ଭୁବନେଶ୍ୱର,୧୫-୪



ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ସ୍ଥାନୀୟ ନାଲ୍‌କୋ ନଗରଠାରେ ଭାରତ ରତ୍ନ ବାବା ସାହେବ ବି.ଆର. ଆମ୍ବେଡ୍‌କରଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏହି ଅବସରରେ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦେଶ ଗଠନରେ ଆମ୍ବେଡ୍‌କରଙ୍କ ଯୋଗଦାନ ତଥା ଭୂମିକା ଉପରେ ଚାନ୍ଦ ଏଠାରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସେହିଭଳି ସାମାଜିକ ଅନଗ୍ରସର ଶିଶୁଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା। ଏଥିରେ ନାଲ୍‌କୋର ବରିଷ୍ଠ ନିର୍ଦ୍ଦେଶକ, କର୍ମଚାରୀ, ନାଲ୍‌କୋ ଏସ୍‌ଟିଏସ୍‌ସି ୱେଲଫେୟାର ସଂଘ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ହିରୋ ଚ୍ୟାଲେଞ୍ଜ-୨୦୧୯ ଘୋଷଣା

ନୂଆଦିଲ୍ଲୀ,୧୫-୪

ଇଂଲଣ୍ଡର ଲିଭରପୁଲ ୱାଟର ପ୍ରିନ୍ସ ଡକ୍‌ରେ ଦି ହିରୋ ଚ୍ୟାଲେଞ୍ଜ-୨୦୧୯ ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ବିଶ୍ୱରଖ୍ୟାତି ସମ୍ପନ୍ନ ଗଲ୍ଫର ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ଲାଗି ପ୍ରଶଂସକଙ୍କୁ ମାଗଣାରେ ଟିକେଟ ପ୍ରଦାନ କରାଯିବ। ମେ ୯ରୁ ୧୨ ହିଲ୍ ସାଇଡ ଗଲ୍ଫ କ୍ଲବରେ ବେଟଫ୍ରେଡ ବ୍ରିଟିଶ ମାଷ୍ଟର ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ଏହି ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ଏଭଳି ପଦକ୍ଷେପ ଦ୍ୱାରା ପେସାଦାରଙ୍କ ସହ ସମ୍ପର୍କ ଯୋଡିବା ସହିତ ଭବିଷ୍ୟତର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ହିରୋ ମୋଟୋକର୍ପର ସିଇଓ ପୱନ ମୁଞ୍ଜାଲ କହିଛନ୍ତି।

## ବେଙ୍ଗାଲୁରୁ ଏୟାରପୋର୍ଟରୁ ଯାତ୍ରା ହେବ ମହଙ୍ଗା

ନୂଆଦିଲ୍ଲୀ,୧୫-୪



ଯାତ୍ରୀଙ୍କ ଲାଗି ବେଙ୍ଗାଲୁରୁ ଏୟାରପୋର୍ଟରୁ ବିମାନ ଯାତ୍ରା କରିବା ମହଙ୍ଗା ହେବାକୁ ଯାଉଛି। ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ(ଏଇଆର୍‌ଏ) ଏହି ବିମାନବନ୍ଦରରୁ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ଠାରୁ ଟିକଟ ମୂଲ୍ୟ ସହିତ ୟୁଜର ଡେଭଲପମେଣ୍ଟ ଫିସ(ୟୁଡିଏଫ୍) ବାବଦରେ ୧୨୦ ପ୍ରତିଶତ ଚାର୍ଜ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ମାସ ପାଇଁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ନୂଆଦିଲ୍ଲୀ ଓ ମୁମ୍ବାଇ ପରେ ଦେଶର ଏହା ତୃତୀୟ ସବୁଠାରୁ ବ୍ୟସ୍ତ ବିମାନବନ୍ଦର କୁହାଯାଉଛି। ବିମାନବନ୍ଦରର ସମ୍ପ୍ରସାରଣ ଓ ଆଧୁନିକୀକରଣ କାର୍ଯ୍ୟଲାଗି ଅର୍ଥ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଆପଣାଯାଇଛି। ବେଙ୍ଗାଲୁରୁ ବିମାନବନ୍ଦର କର୍ତ୍ତୃପକ୍ଷ ସୋମବାର ଏକ ବୟାନ ଜାରି କରି ଘରୋଇ ଉଡ଼ାଣ ଲାଗି ୟୁଡିଏଫ୍‌କୁ ୧୩୯ରୁ ୩୦୬ ଟଙ୍କାକୁ ବୃଦ୍ଧି କରାଯାଇଥିବା କହିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ଉଡ଼ାଣ ପାଇଁ ଏହା ୫୫୮ ଟଙ୍କା ବଦଳରେ ୧୨୨୬ ଟଙ୍କା ହେବ ବୋଲି କୁହାଯାଇଛି। ନୂଆ ଦର ମଙ୍ଗଳବାରଠାରୁ ଲାଗୁ ହେବ। ବିବୃତିରେ କୁହାଯାଇଛି ଯେ, ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ଯାତ୍ରାରେ ନୂଆ ଶୁଳ୍କ ଯଥାକ୍ରମେ ୧୨୦ ପ୍ରତିଶତ ଏବଂ ୧୧୯ ପ୍ରତିଶତ ବୃଦ୍ଧି କରାଯାଇଛି।

## କ୍ୟାରିବ୍ୟାଗ୍ ପାଇଁ ବାଟା ଗଣିଲା ୯ ହଜାର




ନୂଆଦିଲ୍ଲୀ,୧୫-୪

ବାଟା ଇଣ୍ଡିଆ ମାତ୍ର ୩ ଟଙ୍କାର କ୍ୟାରି ବ୍ୟାଗ୍ ପାଇଁ ୯ ହଜାର ଟଙ୍କା ଜରିମାନା ଗଣିବାକୁ ବାଧ ହୋଇଛି। ଜଣେ ଗ୍ରାହକଙ୍କ ଅଭିଯୋଗକ୍ରମେ କମ୍ପାନୀଠାରୁ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଫେବୃୟାରୀ ୫ରେ ଚଣ୍ଡିଗଡ଼ ସେକ୍ଟର ୨୨ସ୍ଥିତ ବାଟା ଇଣ୍ଡିଆର ଏକ ଆଉଟଲେଟରେ ଦିନେଶ ପ୍ରସାଦ ରତୁଡି ନାମକ ଜଣେ ଗ୍ରାହକ ୩୯୯ ଟଙ୍କାର ସପିଂ କରିଥିଲେ। କିନ୍ତୁ ତାଙ୍କ ପାଇଁ ୪୦୨ ଟଙ୍କାର ବିଲ୍ ତିଆରି ହୋଇଥିଲା। ଏହି ବିଲ୍‌ରେ କ୍ୟାରି ବ୍ୟାଗ୍ ବାବଦରେ ୩ ଟଙ୍କା ଯୋଡି ଦିଆଯାଇଥିଲା। ଗ୍ରାହକ ଏହି କ୍ୟାରି ବ୍ୟାଗ୍ ନେବାକୁ ଚାହୁଁ ନ ଥିଲେ, କିନ୍ତୁ ତାଙ୍କୁ ଏଥିପାଇଁ ବାଧ କରାଯାଇଥିଲା ଏବଂ ଚାର୍ଜ ଅସୁଲ କରାଯାଇଥିଲା। ରତୁଡି କଞ୍ଜ୍ୟୁମର ଫୋରମ୍‌ରେ ଏହା ବିରୋଧରେ ଅଭିଯୋଗ କରିଥିଲେ। ତେବେ ବାଟା ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଥିଲା ଯେ, ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କଠାରୁ ଚାର୍ଜ ଅସୁଲ କରାଯାଇଥିଲା। କିନ୍ତୁ ଫୋରମ କମ୍ପାନୀର ଏହି ଦାବିକୁ ଖାରଜ କରିଦେଇଥିଲେ। ପରିବେଶ ସୁରକ୍ଷା ଚିନ୍ତା ଥିଲେ କମ୍ପାନୀ ମାଗଣାରେ କ୍ୟାରି ବ୍ୟାଗ୍ ବାଣ୍ଟି ପାରିଥାନ୍ତା ବୋଲି ଫୋରମ କହିଥିଲେ। ରତୁଡିଙ୍କଠାରୁ ଅନ୍ୟାୟ ଭାବେ ନିଆଯାଇଥିବା ୩ ଟଙ୍କା ଫେରାଇବା ସହ କ୍ଷତିପୂରଣ ବାବଦରେ ୩ ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦରେ ଆହୁରି ୧ ହଜାର ଟଙ୍କା ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା କମ୍ପାନୀକୁ କଞ୍ଜ୍ୟୁମର ଲିଗଲ ଏଡ୍ ଆକାଉଣ୍ଟରେ ୫ ହଜାର ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବାଟା ଇଣ୍ଡିଆ ଏହାର ସମସ୍ତ ଗ୍ରାହକଙ୍କୁ ମାଗଣାରେ କ୍ୟାରି ବ୍ୟାଗ୍ ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଛନ୍ତି।

## ଫିଟ୍‌ଜୀ କ୍ୟୁରେଟ ଆଡମିଶନ ଟେଷ୍ଟ ୨୧ରେ

ଭୁବନେଶ୍ୱର, ୧୫-୪

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଏହାର କ୍ୟୁରେଟ କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ମେଧାବୃତ୍ତି ତଥା ଆଡମିଶନ ଟେଷ୍ଟ ଚଳିତ ମାସ ୨୧ରେ ଅନୁଷ୍ଠିତ ହେବ। ଏଥିପାଇଁ ପଞ୍ଜୀକରଣର ସମୟ ଏପ୍ରିଲ୍ ୨୦ ପର୍ଯ୍ୟନ୍ତ ରହିଛି। ଏଥିପାଇଁ ଆଗ୍ରହୀ ଛାତ୍ରୀଛାତ୍ର ନିକଟସ୍ଥ ଫିଟଜୀ ସେଣ୍ଟରରୁ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଲଗ୍‌ଅନ୍ କରି ପାଇପାରିବେ। ଏହି ଅବସରରେ ଫିଟ୍‌ଜୀ ନିର୍ଦ୍ଦେଶକ ଆର୍‌ଏଲ୍ ତ୍ରିଖା କହିଛନ୍ତି ଯେ, ୨୦୨୧ରେ ଆଇଆଇଟି ପାଇଁ ନିଜର ସ୍ୱପ୍ନ ପୂରଣ କରିବା ନିମନ୍ତେ କ୍ୟୁରେଟ୍ ହେଉଛି ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସଠିକ୍ ମାର୍ଗ।

**PARADIP PORT TRUST**

**CORRIGENDUM - I TO E-TENDER CALL NOTICE NO. EM/MM/PE/04/2019/ 1903TDR52, Dt.19.03.2019 FOR SUPPLY OF PORTABLE DG SET & BATTERY CHARGER**

The due date of submission of Tender & opening of EMD Bid is hereby further extended as below. 1. Last Date of Submission of tender up to **5:00 PM** of **Dt.02.05.2019. 2.** Opening of EMD Bid at **3:30 PM** of **Dt.03.05.2019.** All other terms and conditions in the original tender remained unaltered. For details, log on to our Website: **https://eprocure.gov.in/eprocure/app or contact the office of the undersigned.**

Sd/- Dy. Materials Manager

PPT/PR/13/19-20 Dt.12.04.2019

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 492 & 479 /2019-20 Dated : 11th Apr 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Comprehensive Maintenance of Civil Works of all the Buildings of Hospital Complex, Medical College Complex, Nursing College, Hostels & Residential Complex at AIIMS, Bhubaneswar."** *(NIT No. : AIIMS/BBSR/Engg./ 002 /2019-20)* and **"Connecting the Rain Water Pipes of all the Buildings to nearby Drain at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 003 /2019-20).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer (Civil)**
**AIIMS, Bhubaneswar**

**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA, DISTRICT : SUNDARGARH**

**E-mail: ddm.koira@orissaminerals.gov.in**

No.1536 **NOTICE** Date: 06.04.2019

**Loss of e-Transit Passes**

No.01-G:- This is to inform that the following e-Transit Passes in From M1/G1 issued for transportation of minerals from different mining lease holders/ plant (Licensee holders) under Koira mining Circle are lost during transit by the mineral carrying vehicles. These lost e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.

| Sl No. | e-Pass No. (G1/ M1) / Date of issue | Vehicle No. | Source of Mineral | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | M1 L21902272/85 dt.12.02.2019 | OD04H8085 | Jindal Steel & Power Ltd. (TRB Iron Mines) | JSPL, Barbil, Pellet Plant | Lost at Tensa near Bana Durga Temple enroute to JSPL, Barbil on dt.19.02.2019 loaded with 17.060 mt of Iron Ore fines of 60.23% Fe. |
| 2. | M1 L219038321/231 dt.10.03.2019 | OR23A0081 | AMTC (P) Ltd.- Narayanposhi Iron & Mn Mines | SMC Power & Generation Ltd. Jharsuguda | Lost at Badmal enroute to Jharsuguda on dt.11.03.2019 loaded with 18.600 mt of Iron Ore lumps of 61.07%Fe. |
| 3. | M1 L21902783/105 dt.10.03.2019 | OR04M6583 | Feegrde & Co. (P) Ltd.- Nadidihi Iron & Mn Mines | Feegrade & Co. (P) Ltd. Storing Plot at Paradeep Port | Lost at Kuakhia enroute to Paradeep Port on self A/c on dt.11.03.2019 loaded with 18.880 mt of Iron Ore Sc. fines of 56.63%Fe. |

It is hereby requested that, if any of the above transit Passes traced / found anywhere by any body, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines / O/o the mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0001/1920 **Sd./- Deputy Director of Mines-cum-Competent Authority, Koira**

‘ଘରେ ଘରେ ଶଙ୍ଖ’

# ବିଜୁ ଜନତା ଦଳର ଜନଇସ୍ତାହାର

**ରାଜ୍ୟ ବ୍ୟାପୀ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମରୁ ମିଳିଥିବା ଜନାଦେଶକୁ ସମ୍ମାନ ଦେଇ ବିଜୁ ଜନତା ଦଳ ଆଗାମୀ ୫ବର୍ଷ ପାଇଁ ‘ମମତା’, ‘ଆହାର’, ‘କାଳିଆ’, ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’, ‘ମିଶନ ଶକ୍ତି’, ‘ଆମ ଗାଁ ଆମ ବିକାଶ’, ‘ପିଠା’, ‘ଟଙ୍କିକିଆ ଚାଉଳ’ ଭଳି ସମସ୍ତ ଲୋକାଭିମୁଖୀ ଯୋଜନା ଚାଲୁ ରଖିବ । ଏଥି ସହିତ ୨୦୧୪ ଇସ୍ତାହାରରେ ରହିଥିବା ସମସ୍ତ ପ୍ରସ୍ତାବ ଗୁଡିକ ହେବ ୨୦୧୯ ଇସ୍ତାହାରର ମୂଳଭିତ୍ତି ଯାହାଦ୍ୱାରା ରାଜ୍ୟରେ ଚାଲିଥିବା ବିକାଶ ପ୍ରକ୍ରିୟା ଅବ୍ୟାହତ ରହିବ ।**

## କୃଷକ

- ଚାଷୀଙ୍କୁ ମିଳିବ ବର୍ଷକୁ ୧୦ ହଜାର ଏବଂ ଭୂମିହୀନ ଶ୍ରମିକଙ୍କୁ ୧୨ ହଜାର ଟଙ୍କା । ବିନା ସୁଧରେ ମିଳିବ ୧ଲକ୍ଷ ଟଙ୍କାର ଋଣ ।
- ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ **‘କାଳିଆ’** ଯୋଜନାରେ ବାକି ଥିବା ୨୫ ଲକ୍ଷ ଚାଷୀଙ୍କୁ ଏକାଥରକେ ମିଳିବ ୨ଟି କିସ୍ତିର ୧୦ ହଜାର ଟଙ୍କା ।
- **‘କାଳିଆ କମିଶନ’** ଗଠନ କରାଯାଇ ୩ ବର୍ଷରେ ଥରେ ସହାୟତା ରାଶି ସଂଶୋଧନ, କୃଷକ କଲ୍ୟାଣ, ଅଭାବୀ ଚାଷୀଙ୍କୁ ସହାୟତା ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପାଇଁ ସୁପାରିଶ । ଜଣେ କୃଷକ ସଦସ୍ୟ ହେବେ ଏହାର ଉପାଧ୍ୟକ୍ଷ, ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା
- କୃଷକ ଏବଂ ଭୂମିହୀନ କୃଷି ଶ୍ରମିକ ପରିବାରର ପିଲାଙ୍କ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ **‘କାଳିଆ ଛାତ୍ରବୃତ୍ତି’** ।
- ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଧାରା ଅବ୍ୟାହତ ରହିବ । ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ ସମେତ ରାଜ୍ୟରେ ଜଳ ସେଚନର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ ।
- **‘ଆମ ଝିଅ’** ଯୋଜନାରେ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ।
- ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣକରିବା ପାଇଁ କେନ୍ଦ୍ର ସରକାରଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବ ।
- ମରୁଡି, ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ ସହାୟକ ମୂଲ୍ୟ ଉପରେ ସ୍ୱତନ୍ତ୍ର ସହାୟତା ଦିଆଯିବ ।

## ମହିଳା

- ବିଜେଡି ସରକାର ଗଢା ହେଲା ପରେ ମିଶନ ଶକ୍ତିର ମହିଳାଙ୍କୁ ମିଳିବ ବର୍ଷକୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ । ବିନା ସୁଧରେ ମିଳିବ ୫ଲକ୍ଷ ଟଙ୍କାର ଋଣ ।
- ଲୋକସଭାରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବିଜେଡି ବିଧାନ ସଭାରେ ଏବଂ ଲୋକସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ପାଇଁ ନିରନ୍ତର ଉଦ୍ୟମ କରିବ ।
- ମିଶନ ଶକ୍ତି ପାଇଁ ଖୋଲାଯିବ ସ୍ୱତନ୍ତ୍ର ବିଭାଗ, ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଗଢାହେବ **‘ମିଶନ ଶକ୍ତି ଫେଡେରେସନ’** । ରାଜ୍ୟସ୍ତରୀୟ ମିଶନ ଶକ୍ତି ଫେଡେରେସନର ମୁଖ୍ୟ ରହିବେ ଜଣେ ମହିଳା ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୦%ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ।
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ।
- **‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’**ରେ ମିଳୁଥିବା ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ।
- ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପାଣ୍ଠି ଭଳି ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ସହାୟତା ପାଇଁ **ମିଶନ ଶକ୍ତି କର୍ପସ ପାଣ୍ଠି** ।
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ।

## ଯୁବଶକ୍ତି

- ଯୁବକଯୁବତୀଙ୍କ ପାଇଁ ଶିଳ୍ପାନୁଷ୍ଠାନରେ ୭୫% ଚାକିରୀ ସୁବିଧା । ୧୫ଲକ୍ଷ ଯୁବକଯୁବତୀ ହାସଲ କରିବେ **‘ସ୍କିଲ୍ଡ ଇନ୍ ଓଡ଼ିଶା’**ରେ ଦକ୍ଷତା । **‘ୱାର୍ଲ୍ଡ ସ୍କିଲ୍ ସେଣ୍ଟର’** ଦ୍ୱାରା ବିଶ୍ୱସ୍ତରୀୟ ଦକ୍ଷତା ହାସଲ କରିବେ ୧.୫ ଲକ୍ଷ ଯୁବକଯୁବତୀ ।
- ସବୁ ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ଫିସ୍ ଛାଡ ।
- ଛାତ୍ରବୃତ୍ତି ପରିଷଦ ଗଠନ କରାଯାଇ ମେଧା ଏବଂ ସାମାଜିକ-ଆର୍ଥିକ ଭିତ୍ତିରେ ଛାତ୍ରବୃତ୍ତି ସୁବିଧା
- ଭୁବନେଶ୍ୱରଠାରେ ଅତ୍ୟାଧୁନିକ ମାନର ଯୁବ ଭବନ ନିର୍ମାଣ

## ଛାତ୍ରଛାତ୍ରୀ

- ରାଜ୍ୟର ଅବଶିଷ୍ଟ ୧୨୪ଟି ବ୍ଲକ୍ ଓ ୧୧୪ଟି ପୌରାଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ।
- ସମସ୍ତ ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଆବାସିକ ସୁବିଧା, ଯାତାୟତ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ।
- ରାଜ୍ୟରେ ସାମଗ୍ରିକ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ‘ମୋ ସ୍କୁଲ’ ଅଭିଯାନକୁ କରାଯିବ ବ୍ୟାପକ ।
- ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ପଛୁଆ ବର୍ଗ ଓ ଅନ୍ୟ ବର୍ଗର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।
- ସମସ୍ତ ଉଚ୍ଚ ବିଦ୍ୟାଳୟରେ ଆଇ.ଟି.ଲାବ୍ ସୁବିଧା ।
- କଲେଜ, ୟୁନିଭରସିଟି ସବୁଠି ମାଗଣା ୱାଇ ଫାଇ, କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ୧ଜିବି ମାଗଣା ଡାଟା ।
- ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଶିକ୍ଷାଋଣ ।
- ଉଚ୍ଚଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ନିଶ୍ଚିତ କରିବା ପାଇଁ ଏକ ବିସ୍ତୃତ ନୀତି ପ୍ରଣୟନ ।

## ଆଶ୍ରୟ ସୁରକ୍ଷା

- ବାକି ରହିଥିବା ସମସ୍ତ କଚ୍ଛାଘରକୁ ପକ୍କାଘରରେ ପରିଣତ କରିବା ପ୍ରକ୍ରିୟା ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ ଜାରି ରହିବ ।
- **ଜାଗା ମିଶନରେ** ଜମି ଅଧିକାର ପ୍ରଦାନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ ।
- ୫ ବର୍ଷ ମଧ୍ୟରେ ମ୍ୟୁନିସିପାଲ କର୍ପୋରେସନ୍ ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଅଗ୍ରାଧିକାର ଭିତ୍ତିରେ ସମ୍ପତ୍ତି ଅଧିକାର ।
- ନିମ୍ନ ଆୟ ବର୍ଗର ପରିବାର ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ କଚ୍ଛା କିମ୍ବା ଟିଣ/ ଆଜବେସଟସ୍ ଛପର ଘରକୁ ପକ୍କାଘରରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ।

## ଖାଦ୍ୟ ସୁରକ୍ଷା

- ୧ଟଙ୍କିଆ ଚାଉଳ ଯୋଗାଣ ଯୋଜନା ଚାଲୁ ରହିବ ।
- ଅଧିକ ସ୍ଥାନରେ ନୂତନ ଆହାର କେନ୍ଦ୍ର ଏବଂ ପର୍ଯ୍ୟାୟ କ୍ରମେ ରାତ୍ରି ଆହାର ବ୍ୟବସ୍ଥା ।
- ଅଧିକ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସରକାରୀ ଧାନ ସଂଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ।
- କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ବଞ୍ଚିତ ଗରିବ, ଅସହାୟ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଚାଲୁ ରହିବ ‘ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା’ ।

## ସ୍ୱାସ୍ଥ୍ୟ ସୁରକ୍ଷା

- ଆଗାମୀ ୩ ବର୍ଷ ମଧ୍ୟରେ ୫ଟି ନୂତନ ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ।
- ଖାଲି ରହିଥିବା ସମସ୍ତ ପାରାମେଡିକାଲ ଷ୍ଟାଫ୍ ପଦବୀଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବା ସହିତ ଆବଶ୍ୟକତା ଅନୁଯାୟୀ ନୂତନ ପଦବୀ ସୃଷ୍ଟି ।
- ପାରାମେଡିକ୍ସ କ୍ୟାଡରରେ ସମସ୍ତ ନୂତନ ନିଯୁକ୍ତିଗୁଡିକ ସ୍ଥାୟୀ ଭାବେ ହେବ ।
- ନୂତନ ସ୍ମାର୍ଟ ସାର୍ବଜନୀନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କାର୍ଡ ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ
- ଏସ୍.ସି.ବି ମେଡିକାଲ କଲେଜ ହସ୍ପିଟାଲ, ଏମ୍.କେ.ସି.ଜି ମେଡିକାଲ କଲେଜ ହସ୍ପିଟାଲ ଏବଂ ଭିମସାର, ବୁର୍ଲାଠାରେ ସର୍ବୋତ୍କୃଷ୍ଟ ମାନର ୩ଟି ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ।
- ଓଡିଶା ହେବ ଏକ ଡାକ୍ତର ବଳକା ରାଜ୍ୟ
- ୩୧୪ ବ୍ଲକ୍‌ରେ ନର୍ସିଂ ଏବଂ ଏ.ଏନ୍.ଏମ୍. ତାଲିମ୍ ସ୍କୁଲ ।

## ସାମାଜିକ ସୁରକ୍ଷା

- ହିତାଧିକାରୀଙ୍କୁ ପେନ୍‌ସନ ଯୋଜନାରେ ସାମିଲ ପାଇଁ କୌଣସି ଧାର୍ଯ୍ୟ ଲକ୍ଷ୍ୟ ନ ରଖି ସାମିଲ ପ୍ରକ୍ରିୟା ଜାରି ରହିବ ।
- ଭିନ୍ନକ୍ଷମ, ଅସହାୟ, କିନ୍ନର, ସ୍ୱତନ୍ତ୍ର ସହାୟତା ଆବଶ୍ୟକତା କରୁଥିବା ବ୍ୟକ୍ତି, ଅନାଥ, ବୌଦ୍ଧିକ ଓ ମାନସିକ ଅନଗ୍ରସର ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପୁନର୍ବିଲୋକନ କରାଯାଇ ଏହାକୁ ଉପଯୋଗୀ ଜୀବିକା ନିର୍ବାହ ବ୍ୟବସ୍ଥା ସହିତ ସମୟୋପଯୋଗୀ କରାଯିବ ।
- ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୩୦ ବର୍ଷରୁ ଊର୍ଦ୍ଧ୍ୱ ଅସହାୟ ଅବିବାହିତା ମହିଳା ଏବଂ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବିଧବାମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ ସହିତ ସମ୍ମାନର ସହ ଜୀବିକା ନିର୍ବାହ କାର୍ଯ୍ୟ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ।
- ଜାତୀୟ ନିରାପତ୍ତା ଆଇନ୍ ବଳରେ ଗିରଫ ହୋଇଥିବା ‘ମିଶା ବନ୍ଦୀ’ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସୁବିଧା ଘୋଷଣା ।

## ନିର୍ମାଣ ଶ୍ରମିକ

- ସାମିଲ ହୋଇନଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବୋର୍ଡ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।
- ପ୍ରବାସୀ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କର ମୂଳ ଏବଂ ଗନ୍ତବ୍ୟସ୍ଥଳ ରାଜ୍ୟ ଅନୁସାରେ ପଞ୍ଜୀକରଣ ।
- ଆଗାମୀ ୫ ବର୍ଷ ମଧ୍ୟରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ପର୍ଯ୍ୟାୟକ୍ରମେ ‘ଓଡ଼ିଶା ଅସଂଗଠିତ କ୍ଷେତ୍ର ଶ୍ରମିକ ସାମାଜିକ ନିରାପତ୍ତା ବୋର୍ଡ’ରେ ହିତାଧିକାରୀ ଭାବେ ପଞ୍ଜୀକରଣ ଏବଂ ସାମାଜିକ ସହାୟତା ପ୍ରଦାନ ।

## ଜୁହାର

- ଆଂଚଳିକ ବୈଷମ୍ୟ ହ୍ରାସ ଓ ଦ୍ରୁତ ବିକାଶ ଲକ୍ଷ୍ୟରେ ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ସମ୍ବଲପୁର, ସୁବର୍ଣ୍ଣପୁର ଜିଲ୍ଲା ସମେତ ଆଠମଲ୍ଲିକ, କୁଚିଣ୍ଡା ଓ ନୀଳଗିରି ଉପଖଣ୍ଡ ପାଇଁ **'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'** ।
- **'ନବୀନ ଓଡିଶା, ସଶକ୍ତ ଓଡିଶା'** ହେବ 'ସମସ୍ତଙ୍କ **ଓଡିଶା'** ।
- ପ୍ରତିନିଧିତ୍ୱ ନଥିବା କୁଡୁମୀ ସମ୍ପ୍ରଦାୟ, ଅନୁସୂଚିତ ଜାତି ଓ ଅର୍ଥନୈତିକ ଅନଗ୍ରସର ବର୍ଗଙ୍କ କଲ୍ୟାଣ, ସେମାନଙ୍କର ଅନନ୍ୟ ଦକ୍ଷତା, କଳା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ **'ସ୍ୱତନ୍ତ୍ର ପରିଷଦ'** ଗଠନ କରାଯିବ ।
- ସଂଖ୍ୟାଲଘୁ ବହୁଳ ଅଂଚଳରେ ଚିହ୍ନିତ କ୍ଲଷ୍ଟର୍‌ରେ ବିଶ୍ୱସ୍ତରୀୟ ଗୋଷ୍ଠୀ କେନ୍ଦ୍ର ସ୍ଥାପନ ।
- ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରର ନିରନ୍ତର ବିକାଶ, ସ୍ୱାର୍ଥରକ୍ଷା ଏବଂ କାର୍ଯ୍ୟ ପ୍ରଣାଳୀକୁ ସୁଗମ କରିବା ପାଇଁ **'ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କଲ୍ୟାଣ ପରିଷଦ'** ।
- ପୂଜକ, ବାରିକ, ରଜକମାନଙ୍କ ଭଳି ପାରମ୍ପରିକ ବୃତ୍ତିଧାରୀମାନଙ୍କ ପାଇଁ **'କଲ୍ୟାଣ ପରିଷଦ'** ।

## ଶିଳ୍ପ ସମୃଦ୍ଧି

- ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇ ଏକ ଦୂରଦୃଷ୍ଟି ସମ୍ପନ୍ନ ନୂତନ ଶିଳ୍ପ ନୀତି ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ନୀତି ।
- ରାଜ୍ୟରେ ପ୍ରମୁଖ କ୍ଷେତ୍ରଗୁଡିକରେ ସର୍ବୋତ୍‌କୃଷ୍ଟ ମାନର ଶିଳ୍ପ ପାର୍କ ପ୍ରତିଷ୍ଠା ସହ ଫିଲ୍ମ ସିଟି, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ଔଷଧ ଉତ୍ପାଦନ କ୍ଲଷ୍ଟର ବିକଶିତ କରାଯିବ ।
- ସମ୍ବଲପୁର, ରାଉରକେଲା, କଟକ ଏବଂ କୋରାପୁଟଠାରେ ୪ଟି ଶିଳ୍ପ ପାର୍କ ।
- ରାୟଗଡାଠାରେ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାର୍କ ଏବଂ ବରଗଡଠାରେ ଔଷଧ ଉତ୍ପାଦନ କ୍ଲଷ୍ଟର ସ୍ଥାପନ ।
- ସହସ୍ର ବର୍ଷର ସହର କଟକରେ ଏକ ବିଶ୍ୱସ୍ତରୀୟ ଫିଲ୍ମ ସିଟି ଏବଂ ଅତ୍ୟାଧୁନିକମାନର ଚଳଚିତ୍ର ସୁଟିଂ ଓ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ ହେବ ।
- ପୁଞ୍ଜିନିବେଶ ଅନୁଗାମୀ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ୪ ଟି ଶିଳ୍ପ କରିଡର ସ୍ଥାପନ ।
- ଚଳଚିତ୍ର ଓ ଟେଲିଭିଜନ, ସମସ୍ତ ଅଡିଓ-ଭିଜୁଆଲ ମାଧ୍ୟମ, ଆନିମେସନ, ଡିଜିଟାଲ ଚଳଚିତ୍ର, ୱେବ୍ ମିଡିଆ ପାଇଁ ଏକ ନୂତନ ବିଭାଗ ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ

- ସମସ୍ତ ଜିଲ୍ଲା ଏବଂ ଗୁରୁତ୍ୱପୂର୍ଣ୍ଣ ସବ୍-ଡିଭିଜନ ଗୁଡିକରେ ନୂତନ ଏମ.ଏସ୍.ଏମ୍.ଇ. ପାର୍କ ନିର୍ମାଣ ।
- ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗର ଅଭିବୃଦ୍ଧି ଲକ୍ଷ୍ୟରେ ୫ଟି ରାଜ୍ୟସ୍ତରୀୟ ଫୁଡ୍ ପାର୍କ ।
- ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ଉନ୍ନତି ସାଧନ ନିମନ୍ତେ ଏକ ନୂତନ ଖାଦ୍ୟ ପ୍ରକ୍ରିୟାକରଣ ନିର୍ଦ୍ଦେଶାଳୟ ।
- ରିହାତି ଦରରେ ଋଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଏକ ଅନୁକୂଳ ସୁଧ ରିହାତି ଯୋଜନା ।
- ଅଣୁ ଉଦ୍ୟୋଗ ଗୁଡିକର ବିକାଶ ଲକ୍ଷ୍ୟରେ ଏକ ଉପଯୁକ୍ତ ରାଜ୍ୟ ପ୍ରାୟୋଜିତ ଆତ୍ମ ନିଯୁକ୍ତି ଯୋଜନା ।
- ଯୁବକଯୁବତୀଙ୍କ ମଧ୍ୟରେ ଔଦ୍ୟୋଗିକ ମନୋଭାବ ବୃଦ୍ଧି ପାଇଁ ୫ ବର୍ଷରେ ୫୦୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ।

## ଆମ ଗାଁ ଆମ ବିକାଶ

- ପ୍ରଶାସନର **୩ 'ଟି'** ମାର୍ଗରେ **'ପିଠା'** ସହିତ **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଜାରି ରହିବ ।
- ବ୍ଲକ ଅଂଚଳରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

## ଆମ ସହର ଆମ ଉନ୍ନତି

- ରାଜ୍ୟର ସମସ୍ତ ମହାନଗର ନିଗମ ଅଂଚଳ, ପୌରାଂଚଳ ଓ ବିଜ୍ଞାପିତ ଅଂଚଳ ପରିଷଦରେ ଶତ ପ୍ରତିଶତ ଡ୍ରେନେଜ୍, ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପଲବ୍ଧ ହେବ ।
- ସବୁ ମହାନଗର ନିଗମ ଅଂଚଳଗୁଡିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ।
- ବିଜେଡି ସରକାର ଆଶ୍ରୟ ସୁରକ୍ଷା ଓ ବସ୍ତି ଉନ୍ନତିକରଣ କାର୍ଯ୍ୟକୁ ସାର୍ବଜନୀନ କରିବା ପାଇଁ **'ଜାଗା ମିଶନ'** ଓ **'ଆବାସ ମିଶନ'** କାର୍ଯ୍ୟକ୍ରମକୁ ପରିବର୍ଦ୍ଧିତ କରିବ ।
- **'ଓଡିଶା ସ୍ମାର୍ଟ ସିଟି ମିଶନ'** ଜରିଆରେ ରାଜ୍ୟର ୫ଟି ମହାନଗର ନିଗମକୁ ସ୍ମାର୍ଟ ସିଟି ଭାବେ ବିକଶିତ କରାଯିବ ।

## କ୍ରୀଡା ଭିତ୍ତିଭୂମିର ବିକାଶ

- ବିଦ୍ୟାଳୟରେ କ୍ରୀଡା ଶିକ୍ଷା ଓ ସଂସ୍କୃତିର ବିକାଶ
- ମହିଳା ଏବଂ ସ୍ୱତନ୍ତ୍ର ସମସ୍ୟା ଥିବା କ୍ରୀଡାବିତ୍‌ଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରାଯିବ ।
- ରାଜ୍ୟରେ କ୍ରୀଡା କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଉଥିବା ଯୁବକ ସଂଘଗୁଡିକୁ ପ୍ରୋତ୍ସାହନ ଦିଆଯିବ ।
- ଜନଜାତିଙ୍କ ମଧ୍ୟରେ କ୍ରୀଡାର ବିକାଶ ।
- କଳିଙ୍ଗ ଅନ୍ତର୍ଜାତୀୟ ସ୍ପୋର୍ଟସ୍ ସିଟି ସ୍ଥାପନ କରାଯିବ ।
- ଭୁବନେଶ୍ୱରକୁ ଦେଶର କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠା କରାଯିବ । ରାଜ୍ୟର ପ୍ରମୁଖ ସହର ଓ ଜିଲ୍ଲା ମୁଖ୍ୟାଳୟରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ।
- ସୁନ୍ଦରଗଡ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ହକି ବ୍ୟବସ୍ଥା ।
- ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଓ କୋଚିଂ ସୁବିଧା ପାଇଁ ହାଇ ପରଫରମାନ୍‌ସ ଏକାଡେମୀ ସ୍ଥାପନ ।

## ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ

- ପଛୁଆ ବର୍ଗଙ୍କ ପାଇଁ **'ରାଜ୍ୟ ପଛୁଆ ବର୍ଗ କମିଶନ'** ପୁନର୍ଗଠନ କରାଯିବ ।
- ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କିମ୍ବା ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକରେ ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ ।
- ଉଚ୍ଚଶିକ୍ଷା ଓ ନିଯୁକ୍ତିଭିତ୍ତିକ ଶିକ୍ଷା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟର ୧୧୪ଟି ସ୍ଥାନରେ ସବୁବର୍ଗର ଛାତ୍ରଛାତ୍ରୀମାନେ ରହିପାରିବା ଭଳି ଆଧୁନିକ ସୁବିଧା ସହିତ ଛାତ୍ରାବାସ ନିର୍ମାଣ କରାଯିବ ।
- ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗର ଯୁବକଯୁବତୀମାନଙ୍କର ଦକ୍ଷତା ବିକାଶ ସହିତ ସେମାନଙ୍କୁ ଦକ୍ଷତା ଭିତ୍ତିକ ନିଯୁକ୍ତି ପାଇଁ ବାର୍ଷିକ ୨୫ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବ । ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସେମାନଙ୍କୁ ମଧ୍ୟ ମୂଳ ପୁଞ୍ଜି ଏବଂ ସ୍ୱଳ୍ପ ସୁଧରେ ଋଣ ସହାୟତା ପ୍ରଦାନ କରାଯିବ ।
- ଗରିବ ସଂଖ୍ୟାଲଘୁ ପରିବାରର ୨ଟି ଝିଅଙ୍କ ବିବାହ ପାଇଁ ସହାୟତା ଦିଆଯିବ ।
- ସବୁ ସ୍ତରରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦିଆଯିବ ।
- ପ୍ରି-ମାଟ୍ରିକ୍ ଓ ପୋଷ୍ଟ-ମାଟ୍ରିକ ପାଠ ପଢୁଥିବା ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲରେ ଦେୟମୁକ୍ତ ରହିବା ଓ ଖାଇବା ସୁବିଧା ପାଇଁ ଛାତ୍ରବୃତ୍ତି ଓ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ ।
- ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ମାଗଣା କୋଚିଂ ସୁବିଧା କରାଯିବ ।
- ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର **'ଏସ୍.ଟି.ଏସ୍.ସି ଡେଭେଲପମେଣ୍ଟ ଆକ୍ଟ'** ଅଣାଯାଇ ରାଜ୍ୟରେ ଏହି ବର୍ଗର ଜନସଂଖ୍ୟା ଅନୁଯାୟୀ ବାର୍ଷିକ ବଜେଟ୍‌ରେ ଅର୍ଥ ବରାଦ କରାଯିବ ।
- କୁଚିଣ୍ଡା, ବାମରା, ଜମନକିରା, ଥୁଆମୂଳ-ରାମପୁର, ଲାଞ୍ଜିଗଡ, ନୀଳଗିରି, ସୋରଡା ଏବଂ ତିଲେଇବଣି ପାଇଁ ଅଧକ୍ଷ ଏବଂ ସଦସ୍ୟମାନଙ୍କୁ ନେଇ **'ବିକାଶ ପରିଷଦ'** ଗଠନ କରାଯିବ ।

## ପର୍ଯ୍ୟଟନର ବିକାଶ

- ୩୦ଟି ଜିଲ୍ଲାରେ **'ଜିଲ୍ଲା ପର୍ଯ୍ୟଟନ ପରିଷଦ'** ଗଠନ କରାଯିବ ।
- ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ସାମଗ୍ରୀ ଯୋଗାଣ ଏବଂ ବ୍ୟବସାୟ ପାଇଁ ବୁଝାମଣା ପତ୍ର ।

## ନବୀନ ଓଡିଶା

- ବିଜୁ ଏକ୍ସପ୍ରେସ୍ ୱେ ରାଜ୍ୟର ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମକୁ ସଂଯୋଗ କରିବ ।
- ଐତିହ୍ୟସଂପନ୍ନ ରୌପ୍ୟ ନଗରୀ କଟକ ସହିତ ସ୍ମାର୍ଟ ସିଟି ଭୁବନେଶ୍ୱରକୁ ମେଟ୍ରୋ ରେଳପଥ ଦ୍ୱାରା ସଂଯୋଗୀକରଣ କରାଯିବ ।
- ଆଗାମୀ ୫ ବର୍ଷରେ ବିଜୁ ସେତୁ ଯୋଜନାରେ ୭୫୦ ଟି ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୦୦ କିଲୋମିଟର ରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା ।
- ରାଜ୍ୟ ଯୋଜନାରେ ୧୦୦୦ କିଲୋମିଟର ରାସ୍ତା ଉନ୍ନତିକରଣ ।
- ଆଗାମୀ ୫ ବର୍ଷରେ ପି.ଏମ୍.ଜି.ଏସ୍.ୱାଇ. ଯୋଜନାରେ ୪୦ ହଜାର କି,ମି, ରାସ୍ତା ନିର୍ମାଣ/ରାସ୍ତା ଉନ୍ନତିକରଣ, ତନ୍ମଧ୍ୟରୁ ୧୦ ହଜାର କି.ମି. ରାସ୍ତା ସବୁଜ ଜ୍ଞାନ କୌଶଳର ଉପଯୋଗ କରି ନିର୍ମାଣ କରାଯିବ ।
- ଓଡିଶା ଆଦର୍ଶ ବିଦ୍ୟାଳୟ, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଭିତ୍ତିଭୂମିର ବିକାଶ ସାଧନ ।
- ସମସ୍ତ ବ୍ଲକ ମୁଖ୍ୟାଳୟ, ପୌରାଞ୍ଚଳ ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡିକୁ ଅତି କମ୍‌ରେ ୨-ଲେନ୍ ବିଶିଷ୍ଟ ରାଜ୍ୟ ରାଜପଥ ବ୍ୟବସ୍ଥା ।
- ପର୍ଯ୍ୟଟନ ଗୁରୁତ୍ୱ ବହନ କରୁଥିବା ସମସ୍ତ ସ୍ଥାନଗୁଡିକୁ ରାଜ୍ୟ ରାଜପଥ ସଂଯୋଗୀକରଣ ।
- ସମସ୍ତ ପ୍ରମୁଖ ରାସ୍ତାଗୁଡିକରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ।
- ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରଗୁଡିକରେ ନୂଆ ରିଂ ବନ୍ଧ ।

## ହକ୍ ମାଗୁଛି ଓଡିଶା

- ବିଭିନ୍ନ ସମୟରେ କେନ୍ଦ୍ରରେ ଶାସନରେ ଥିବା ସରକାର ସବୁବେଳେ ଓଡିଶାର ଅଧିକାରକୁ ଅବହେଳା କରିଆସିଛନ୍ତି । ଏହି ଅବହେଳା ଐତିହାସିକ ଏବଂ ଏଥିଯୋଗୁଁ ଓଡିଶା ଟେଲି ଯୋଗାଯୋଗ, ରେଲୱେ ନେଟ୍‌ୱାର୍କ, ବ୍ୟାଙ୍କି, ଜାତୀୟ ରାଜପଥ ଉନ୍ନତିକରଣ ଆଦି କ୍ଷେତ୍ରଗୁଡିକରେ ପଛରେ ପଡିଛି ।
- ୟୁ.ପି.ଏ ସରକାର ପୋଲାଭରମ ଡ୍ୟାମ୍‌କୁ ଜାତୀୟ ମାନ୍ୟତା ଦେଇଥିଲେ ଏବଂ ବର୍ତ୍ତମାନର ଏନ୍.ଡି.ଏ ସରକାର ଏ ପ୍ରସଙ୍ଗରେ ଓଡିଶାର ସ୍ୱାର୍ଥ ବିରୁଦ୍ଧରେ ଯାଇ ଛତିଶଗଡର ତତ୍କାଳୀନ ବିଜେପି ସରକାରଙ୍କୁ ସମର୍ଥନ କଲେ । ଉଭୟ କ୍ଷେତ୍ରରେ ନ୍ୟାୟ ପାଇବା ପାଇଁ ପନ୍ଥା ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରଖିବ ।
- ବିଜେପିର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନର ପ୍ରତିଶ୍ରୁତି ଓଡିଶା ପ୍ରତି ସବୁଠାରୁ ନିଷ୍ଠୁର ପରିହାସ ନଥିଲା ତ ଆଉ କଣ ?
- ୨୦୧୪ ରେ ବିଜେପି ଇସ୍ତାହାରରେ ୧ ନଂରେ ଥିବା ଏହି ପ୍ରତିଶ୍ରୁତି ୫ ବର୍ଷ ପାଇଁ ଭୁଲିଗଲା ଏବଂ ଏବେର ଇସ୍ତାହାରରେ ସେ ବାବଦରେ ପଦୁଟିଏ ବି ଲେଖିଲା ନାହିଁ ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ହେଉଛି ଐତିହାସିକ ଅବହେଳାର ଶିକାର ହୋଇଆସୁଥିବା ଓଡିଶା ପାଇଁ ପ୍ରତିକାରର ଏକମାତ୍ର ବାଟ ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଅର୍ଥ ହେଉଛି ରାଜ୍ୟର ବିକାଶ ଏବଂ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କୁ କର୍ମ ନିଯୁକ୍ତି ପାଇଁ ଅଧିକ ପୁଂଜି ନିବେଶ ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା ।
- ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ ଅସ୍ୱୀକାର କରି ବିଜେପି ଓଡିଶାର ଯୁବକଯୁବତୀମାନଙ୍କର ଆଶା ଓ ଆକାଙ୍‌କ୍ଷାକୁ ଧୂଳିସାତ୍ କରିଛି ।
- ନିର୍ଦ୍ଧାରିତ ସମୟ ସରିଯାଇଥିଲେ ମଧ୍ୟ କେନ୍ଦ୍ର ଦ୍ୱାରା କୋଇଲା ରୟାଲିଟି ସଂଶୋଧନ କରାଯାଇନାହିଁ ।
- ଖଣିଜ ସଂପଦର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ।
- ଉପରୋକ୍ତ ପ୍ରସଙ୍ଗ ଆମର କେନ୍ଦ୍ର ସରକାରଙ୍କ ପ୍ରତି ପ୍ରମୁଖ ଦାବୀ ରହିବ ।
- ଏଥର କୌଣସି ଜାତୀୟ ଦଳ ସଂଖ୍ୟାଧିକ ଗରିଷ୍ଠତା ପାଇବେ ନାହିଁ । ଏଣୁ କେନ୍ଦ୍ର ସରକାର ଗଠନରେ ଓଡିଶାର ପ୍ରମୁଖ ଭୂମିକା ରହିବ । ଯିଏ ବି ଓଡିଶାର ନ୍ୟାଯ୍ୟ ଅଧିକାରକୁ ଗୁରୁତ୍ୱ ଦେବ, ବିଜେଡି ସେହି ସରକାରକୁ ସମର୍ଥନ ଦେବ ।

## ଓଡିଆ ସ୍ୱାଭିମାନ

- ଓଡିଆ ଭାଷାକୁ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବା ସହିତ ସତ୍ୟବାଦୀଠାରେ ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଓଡିଆ ଭାଷା ଓ ସାହିତ୍ୟର ବିକାଶ, ଓଡିଆ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ, ଓଡିଆ ସ୍ୱାଭିମାନର ସୁରକ୍ଷା ସହିତ ଓଡିଶାର ନିଜସ୍ୱ ନୃତ୍ୟଶୈଳୀ, କଳା ଭାସ୍କର୍ଯ୍ୟ ଓ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବ ।
- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନ ଏବଂ ସଂସ୍ଥାଗୁଡିକର ପୁନର୍ବିଲୋକନ ଏବଂ ପୁନର୍ବିନ୍ୟାସ କରାଯାଇ ଏଗୁଡିକୁ ଅଧିକ କ୍ରିୟାଶୀଳ କରାଯିବ ।
- ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟ କ୍ଷେତ୍ରରେ ଦିଆଯାଉଥିବା ସମସ୍ତ ସମ୍ମାନଗୁଡିର ପୁନଃସମୀକ୍ଷା ପୂର୍ବକ ଏହାର ପରିସର ବ୍ୟାପକ କରାଯାଇ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯିବ ।
- ଐତିହ୍ୟ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ଅବିଳମ୍ବେ କାର୍ଯ୍ୟକାରୀ କରାଯିବ ।

# ନବୀନ ଓଡ଼ିଶା ସଶକ୍ତ ଓଡ଼ିଶା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616
ସମ୍ବଲପୁର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ Sambalpur, Tuesday, April 16/ 2019


## ସଂକ୍ଷେପରେ

### ଲାଞ୍ଚ ମାମଲା: ବରିଷ୍ଠ କିରାଣିଙ୍କୁ ଜେଲଦଣ୍ଡ

କଟକ ଅଫିସ, ୧୫।୪- ବୌଦ୍ଧ ଜିଲା ହରଭଙ୍ଗା ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ବିରୂପାକ୍ଷ ମିଶ୍ର ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ତାଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩୬/୨୦୧୬) ରୁଜୁ ହୋଇଥିଲା। ମାମଲାର ବିବରଣୀ ଅନୁଯାୟୀ, ମିଶ୍ର ବୌଦ୍ଧ ଥାନା ଅଧୀନ ନୂଆପଡ଼ା ଗ୍ରାମର ଉମେଶ ପାତ୍ର ନାମକ ବ୍ୟକ୍ତିଙ୍କଠାରୁ ୧ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉମେଶଙ୍କୁ ଏକ ଘରବାଡ଼ି ପଟ୍ଟା କରାଇଦେବା ପାଇଁ ମିଶ୍ର ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ମାମଲାର ଚାର୍ଜଶିଟ କରାଯାଇ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ସୋମବାର ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଅଭିଯୁକ୍ତ ମିଶ୍ରଙ୍କୁ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଦଣ୍ଡିତ କରିଛନ୍ତି। ଗୋଟିଏ ଧାରାରେ ମିଶ୍ରଙ୍କୁ ୨ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି। ସେହିପରି ଅନ୍ୟ ଏକ ଧାରା ଅନୁଯାୟୀ, ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଦଣ୍ଡ ଦିଆଯାଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଲାଗୁ କରାଯିବ ବୋଲି ରାୟରେ କୁହାଯାଇଛି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେଶ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୧୫।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସମରଦଫା ଗ୍ରାମ ନିକଟସ୍ଥ ରାଣିବନ୍ଧ ଛକରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ଯୁବକ ହେଲେ କାଦୁଆଣି ଗ୍ରାମର ବିଶି ମୋହନ ବେହେରା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

■ସେଲ୍ଫି ଉଠାଇବା କାଳ ହେଲା

# ମହୁମାଛି ଆକ୍ରମଣରେ ୧୨ ପର୍ଯ୍ୟଟକ ଆହତ

**କୋକସରା ୧୫।୪ (ଡି.ଏନ.ଏ.)** କଳାହାଣ୍ଡି ଜିଲା କୋକସରା ବ୍ଲକ ଢୁଢୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ଜଙ୍ଗଲରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରିଚଞ୍ଚରାଠାରେ ସୋମବାର ମହୁମାଛି ଆକ୍ରମଣରେ ୧୨ଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ ବୈଜୟନ୍ତୀ ବାଗ(୨୨), ଜୟମନି ବାଗ(୫୦), ରିଙ୍କି ବାଗ (୨୦)। ଆହତମାନେ ହେଲେ ଦିନବନ୍ଧୁ ବାଗ (୪୩) ନିଶୀଥ ବାଗ(୧) ପ୍ରାଲ ବାଗ(୭), ପଦ୍ମନୀ ବାଗ(୧୮), ଦୀନବନ୍ଧୁ ବାଗ (୪୩), ଶ୍ରଦ୍ଧାଳି ଲହଜଲ(୨୮), ସୂର୍ଯ୍ୟକାନ୍ତ ଲହଜଲ(୨୨) ସୁଧୀର ବାଗ(୫୨), ସୁଦାମ ଲହଜଲ(୫୪), ଏଲେ ବାଗ(୪), ରୂପଶ୍ରୀ ବାଗ(୨୦), ମୁଣ୍ଡୀ ନାଏକ(୧୭), ପ୍ରତାପ ବଛା (୨୮)। ସେମାନେ ସମସ୍ତେ ଜୟପାଟଣା ବ୍ଲକ ରଣମାଲ ପଞ୍ଚାୟତ ଠେଲକୋମୁଣ୍ଡା ଏବଂ କୋକସରା ବ୍ଲକ ରେଙ୍ଗାଲପାଲି ଗ୍ରାମର ବାସିନ୍ଦା । ମହୁଫେଣା ନିକଟରେ ସେଲ୍ଫି ଉଠାଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା ।

ମିଳିଥିବା ସୂଚନା ମୁତାବକ, ଗତ ୧୨ ତାରିଖରୁ ଡୋକରିଚଞ୍ଚରାରେ ଶ୍ରୀରାମ ନବମୀ ମହୋତ୍ସବ ଆରମ୍ଭ ହୋଇଛି। ମହୋତ୍ସବ ଦେଖିବା ପାଇଁ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଲାଗିଛି। ଏହି ଅବସରରେ ଠେଲକୋମୁଣ୍ଡା ଏବଂ ରେଙ୍ଗାଲପାଲି ଗ୍ରାମର ୨ଟି ପରିବାର ଲୋକେ ସୋମବାର ମହୋତ୍ସବ ଦେଖିବାକୁ ପାଇଁ ଯାଇଥିଲେ। ମହୋତ୍ସବ ଦେଖିବା ପରେ ସେମାନେ ଭୈରବଧାର ଜଳପ୍ରପାତ ଦେଖିବାକୁ ଯାଉଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ମନ୍ଦିର କମିଟି ସଦସ୍ୟମାନେ ଆତହମାନଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାକୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ କେତେଜଣ ପର୍ଯ୍ୟଟକ ମହୁଫେଣା ନିକଟରେ ସେଲ୍ଫି ନେଉଥିଲେ। ଏହି ସମୟରେ ଜଣେ ପର୍ଯ୍ୟଟକଙ୍କ ହାତ ମହୁଫେଣାରେ ବାଜିଯାଇଥିଲା। ଫଳରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି। ଆଗକୁ ପୁଣି ୪ ଦିନ ଧରି ରାମ ନବମୀ ମହୋତ୍ସବ ରହିଥିବା ବେଳେ କମିଟି ପକ୍ଷରୁ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି।

### ଜଙ୍ଗଲରୁ କୁଟୁରା ମାରିବା ଅଭିଯୋଗରେ ୨ ଗିରଫ

**ପାଟଣା, ୧୫।୪(ସ୍ୱ.ପ୍ର.)** କେନ୍ଦୁଝର ଜିଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଅଟେଇ ସଂରକ୍ଷିତ ଜଙ୍ଗଲର ଡୁମୁରିଆରେ ରବିବାର ଅପରାହ୍ନରେ ଏକ କୁଟୁରା ମାରିବା ଅଭିଯୋଗରେ ସୋମବାର ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ଡୁମୁରିଆ ବନ୍ଧ ସାହିର ବୈକୁଣ୍ଠ ଦାସଙ୍କ ପୁଅ ତ୍ରିନାଥ ଓ ବାନ୍ଧୁରୁ ନାଏକଙ୍କ ପୁଅ ଜୟା। ପାଟଣା ବନପାଳ ସନ୍ତୋଷ କୁମାର ପୋହି ରବିବାର ଅପରାହ୍ନରେ ପାଟ୍ରୋଲିଂ କରୁଥିଲେ। ତ୍ରିନାଥ ଓ ଜୟା ଜଙ୍ଗଲରୁ କୁଟୁରା ମାଂସ ଧରି ଫେରୁଥିବା ବେଳେ ବନ ବିଭାଗ ହାତରେ ଧରା ପଡ଼ିଥିଲେ।

# ୧ଲକ୍ଷ ୯୫ହଜାର ଟଙ୍କା, ବିଜେଡି ପ୍ରଚାର ସାମଗ୍ରୀ ଜବତ



ଆନନ୍ଦ ବଜାର ହୋଟେଲରୁ ଜବତ ଟଙ୍କା ସେକ୍ଟର-୩ ଥାନାରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଗଣତି କରାଯାଉଛି।

**ରାଉରକେଲା ଅଫିସ,୧୫।୪** ରଘୁନାଥପାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସେକ୍ଟର-୪ ଆନନ୍ଦ ବଜାର ହୋଟେଲରୁ ସୋମବାର ଅପରାହ୍ନ ସାଢ଼େ ୪ଟାରେ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ୧ଲକ୍ଷ ୯୫ ହଜାର ଟଙ୍କା ସହ ବିଜେଡି ପୋଷ୍ଟର ବ୍ୟାନର ଆଦି ପ୍ରଚାର ସାମଗ୍ରୀ ଜବତ କରିଛି। ଏନେଇ ଜଣଙ୍କୁ ସେକ୍ଟର-୩ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଥିବା ବିଭାଗୀୟ ଅଧିକାରୀ ତଥା ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥ ସୂଚନା ଦେଇଛନ୍ତି। ଏହି ହୋଟେଲ ନାଁରେ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ପୋଲିସ ଟିମ୍ ସହ ସେଠାରେ ଆତର୍କିତ ଚଢ଼ାଉ କରିଥିଲେ।

### ପୂର୍ବତନ ଶିକ୍ଷା ପରାମର୍ଶଦାତାଙ୍କ ବିରୋଧରେ ୧ କୋଟିର ମାନହାନି ମକଦ୍ଦମା

**କେନ୍ଦୁଝର, ୧୫।୪(ସ୍ୱ.ପ୍ର.)** ପୂର୍ବତନ ଶିକ୍ଷା ପରାମର୍ଶଦାତା ତଥା ସ୍ୱତନ୍ତ୍ର ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ବିରୋଧରେ ସ୍ଥାନୀୟ ଦେୱାନୀ କୋର୍ଟରେ ୧ କୋଟି ଟଙ୍କାର ମାନହାନୀ ମକଦ୍ଦମା ରୁଜୁ ହୋଇଛି। ଏ ନେଇ ତାଙ୍କୁ ନୋଟିସ ହୋଇଛି। ଆକ୍ରୋଶ ମୂଳକ ମନୋଭାବ ରଖି ସେ ପାଟେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁଙ୍କୁ ମାନସିକ ଓ ଆର୍ଥିକ ଦଣ୍ଡ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ରମାକାନ୍ତଙ୍କ ସ୍ତ୍ରୀ ମିନିତୀବାଳା କୋର୍ଟରେ କାର୍ତ୍ତିକଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିଛନ୍ତି। ମାନସିକ ଓ ଆର୍ଥିକ ଦଣ୍ଡ ଯୋଗୁଁ ସେମାନେ ଚିନ୍ତାରେ ରହିଛନ୍ତି। ମୋ ସ୍ୱାମୀ ଓ ପରିବାର ପ୍ରତି ହୋଇଥିବା ଅପମାନର ଭରଣା ଲାଗି ସେ ଏକ କୋଟି ଟଙ୍କାର ମାନହାନୀ ମକଦ୍ଦମା କରିଥିବା ମିନତୀବାଳା କହିଛନ୍ତି। ଅଭିଯୋଗକୁ ବିଚାର ପାଇଁ କୋର୍ଟ ଗ୍ରହଣ କରିଛି। ଏନେଇ କୋର୍ଟରେ ଏକ ମାମଲା (ନଂ.୮/୧୯) ରୁଜୁ ହୋଇଛି।

ରମାକନ୍ତ ବାଂଶପାଳ ବ୍ଲକ ପାଟେଶ୍ୱର ମହାବିଦ୍ୟାଳୟର ସମ୍ପାଦକ ଓ ଅବୈତନିକ ଅଧ୍ୟକ୍ଷ ଭାବରେ ୨୦୦୩ରୁ ୨୦୧୫ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ କାମ କରିଆସିଥିଲେ। ୨୦୧୫ ମେ ୧୨ରେ କାର୍ତ୍ତିକ ଜିଲା ଶିକ୍ଷା ପରାମର୍ଶଦାତା ଭାବରେ କାମ କରିବା ବେଳେ ଉକ୍ତ ମହାବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ସେହି ମାସ ୧୩ରେ ରମାକାନ୍ତଙ୍କୁ ଅଧ୍ୟକ୍ଷ ପଦବୀରୁ ହଟାଇ ଦେଇଥିଲେ। ଏଥିଲାଗି ଆଦିବାସୀ ଅଞ୍ଚଳରେ ଥିବା ଏହି ମହାବିଦ୍ୟାଳୟରେ ପାଠପଢ଼ାରେ ସମସ୍ୟା ଦେଖାଦେଇଥିଲା। ଗରିବ ଆଦିବାସୀ ଓ ଅନ୍ୟ ପିଲା ପାଠପଢ଼ିବାରେ ଅସୁବିଧା ଭୋଗିଥିଲେ। ଉକ୍ତ କଲେଜ ଅନୁଦାନପ୍ରାପ୍ତ ନୁହେଁ। ସ୍ୱତନ୍ତ୍ର ଅଧିକାରୀ କୌଣସି ନୀତି ନିର୍ଦ୍ଧାରଣ କରିପାରିବେ ନାହିଁ। ପରିଚାଳନା ସମିତିର ଅନୁରୂପ କାର୍ଯ୍ୟକରି ପାରିବେ ନାହିଁ। କେଉଁ କ୍ଷମତା ବଳରେ ତାଙ୍କୁ ଅଧ୍ୟକ୍ଷ ହଟାଇ ଦିଆଗଲା ବୋଲି ଉକ୍ତ ମାମଲାରେ ପ୍ରଶ୍ନ କରାଯାଇଛି। ଏ ନେଇ କାର୍ତ୍ତିକଙ୍କୁ ପଚାରିବାରୁ କୋର୍ଟରୁ ନୋଟିସ ପାଇଛି। ଏଭଳି ମକଦ୍ଦମା ବ୍ୟକ୍ତିଗତ ରାଗ ରଖି କରାଯାଇଛି। ଯାହାର ଜବାବ କୋର୍ଟରେ ରଖିବି। କୌଣସି ବେଆଇନ ବା ନୀତିନିୟମ ବାହାରେ କାର୍ଯ୍ୟ କରିନାହିଁ। ରମାକାନ୍ତ ଦୁଇଟି କଲେଜରେ ଅଧ୍ୟକ୍ଷ ଥିବାରୁ ନୀତିନିୟମ ଅନୁଯାୟୀ ସେ ପଦକ୍ଷେପ ନେଇଥିଲେ ବୋଲି କହିଛନ୍ତି।

ଚିକିତ୍ସା ଲାଗି ଟଁକା ବାଧକ୍

# ଗଳଗଣ୍ଡ ରୋଗ୍‌ରେ ପୀଡ଼ିତ କରୁଣାକର

**ବିନିକା, ୧୫।୪ (ଡି.ଏନ୍.ଏ)** କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିର ଚିକିତ୍ସା ସୁବିଧା ଲାଗି ଅନେକ୍ ଯୋଜ୍‌ନା କାର୍ଯ୍ୟକାରୀ କରୁଛନ୍। ହେଲେ ଆଏଜ୍ ବି ଆମର ସମାଜରେ ଏନ୍‌ତା ଅନେକ ଗରିବ୍ ଦୁଖି, ନିସାହା, ଅସାହା, ଅପାଠୁଆ ଲୋକ୍ ଅଛନ୍ ଯେନ୍‌ମାନେ ଇ ସରକାରୀ ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ନିହାତି ଗରିବ୍ ଦୁଖି ରୁଗୀମାନକୁ ଚିହ୍ନଟ କରି ଚିକିତ୍ସା ସୁବିଧା ଯୁଗେଇ ଦେବାର ଲାଗି ସରକାରକଁର ଅନେକ ବିଭାଗ କାମ୍ କରୁଛେ। ହେଲେ ବିଭାଗ୍‌ମାନକର ଆଁତରିକତା ଅଭାବ ହେଉ କି ପରଚାର ପରସାର୍‌ର ଅଭାବ, ଭିନେ ଭିନେ ସମିଆରେ ଅନେକ୍ ରୁଗୀ ସରକାରୀ ଚିକିତ୍ସା ସୁବିଧା ପାଏବାରୁ ବଁଚିତ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଳିଛେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁତରା ପଁଚେତ୍ ବାଞ୍ଜିପାଲି ଗାଁରେ। ଇ ଗାଁର କରୁଣାକର ମୁଗୁରୀ(୬୨) ଆଏଜ୍‌କେ ୭ ବଛର ହେଲା ଗଳଗଣ୍ଡ ରୋଗ୍‌ରେ ପୀଡ଼ିତ ଅଛନ୍। ପରିବାର କହିଲେ ମାଏକିନା, ପୁଓ, ବହ ଆର ଚାଏର ନାତି ନାତେନକେ ନେଇ ସଁସାର। ହେଲେ ସେ ନିହାତି ଗରିବ୍ ଆର ଜମିବାଡ଼ି ବଲି କିଛି ନାଇଁ। ଏନ୍‌ତାଥି ଫିଦିନ ବାହା ଜାଂଗଲ ମାଜଲେ ଯାଇ ପେଟକେ ଦାନା ଯାଉଛେ। ସେଥିରଲାଗି ସେ ବେମାରୀର ଚିକିତ୍ସା କରେଇ ନାଇଁ ପାରୁଥିବାର କହିଛନ୍। ଇଆଡ଼େ କରୁଣାକରକଁର ଚିକିତ୍ସା ଲାଗି ମାଏକିନା ଆର ପୁଓ ହାଇଦ୍ରାବାଦ ଦାଦନ ଖଟି ଯାଇଛନ୍। ସେଠାନୁ ସେମାନେ ଟଁକା ଧରି ଫିରଲେ ଚିକିତ୍ସା କରାବାର ଆଶ୍ କରିଛନ୍ କରୁଣାକର। ଆଏଜ୍‌ତକ୍ ଇ ବାବ୍‌ଦେ କରୁଣାକର ସରକାରୀ ସାହାଯ୍ ନାଇଁପାଇ। ଯଦି ସରକାରକଁର ତରଫୁ ଚିକିତ୍ସା ସାହାଯ୍ ମିଳତା ଅପରେଶନ ଆର ଉଷୋକଷା ଖାଇ ଭଲ ହେଇଯାଇତି ବଲି ସେ କହିଛନ୍। ଇ ଦିଗେ ଜିଲା ସ୍ୱାସ୍ଥ୍ୟ ବିଭାଗ୍ ଦୃଷ୍ଟି ଦେଇ କରୁଣାକରକୁଁ ଚିକିତ୍ସା ସୁବିଧା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ଗଳଗଣ୍ଡ ରେଗ୍‌ରେ ପୀଡ଼ିତ କରୁଣାକର।

### ପାଟୁଆ ଯାତ୍ରା, ନିଆଁରେ ଚାଲିଲେ ଭକ୍ତ

**ହାଟଡ଼ିହୀ,୧୫।୪(ଡି.ଏନ.ଏ.)** କେନ୍ଦୁଝର ଜିଲା ହାଟଡ଼ିହୀ ତେଲୁକା ହାଟରେ ପାରମ୍ପରିକ ପ୍ରଥା ଅନୁସାରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଛି। ବିଷୁବ ସଂକ୍ରାନ୍ତିର ଭୋର୍ ସମୟରୁ ଭକ୍ତ ନିକଟସ୍ଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପେଟ, ପିଠି ଓ ଜିଭରେ ଲୁହା କଣ୍ଟା ଫୋଡି ଦିନସାରା ଉପବାସ ରହିଥିଲେ। ସନ୍ଧ୍ୟାରେ ଉକ୍ତ କଣ୍ଟାକୁ ଖୋଲି ପୂଜାର୍ଚ୍ଚନା କରିଥିଲେ। ଏପରି ବ୍ରତକୁ ଦୁଇଦିନ ଧରି ପାଳନ କରାଯାଇଛି। ସଂକ୍ରାନ୍ତି ପରଦିନ ଭୋର୍ ସମୟରେ ମାନସିକଧାରୀ ନିଜର ମାନସିକ ପୂରଣ ପାଇଁ ନିଆଁରେ ଚାଲିଥିଲେ। ଏପରି ନିଆଁରେ ଚାଲିଲେ ଭକ୍ତଙ୍କର ସକଳ ମାନସିକ ପୂରଣ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଥିସହ ଠାକୁରାଣୀଙ୍କ ପାଖରେ କୁକୁଡ଼ା, ଅଣ୍ଡା ଆଦି ବଳୀ ଦିଆଯାଇଥାଏ।



ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପୂର୍ବରୁ ବରଗଡ଼ ଜିଲା ପୋଲିସ ପକ୍ଷରୁ ସୋହେଲା ସହରରେ ଫ୍ଲାଗମାର୍ଚ୍ଚ କରାଯାଉଛି ।

# ଲୁଟେରା ଗ୍ୟାଙ୍ଗ୍ ଠାବ

**ବାଲେଶ୍ୱର ଅଫିସ, ୧୫।୪** ବାଲେଶ୍ୱର ଟାଉନ୍ ଥାନା ପୋଲିସ ସ୍ଥାନୀୟ ବାଲିଘାଟ ଶିବମନ୍ଦିର ପଛପଟେ ରବିବାର ବିଳମ୍ବିତ ରାତିରେ ସହରର ବିଭିନ୍ନ ଗହଣା ଦୋକାନ ଲୁଟିବାକୁ ଯୋଜନା କରୁଥିବା ଏକ ଲୁଟେରା ଗ୍ୟାଙ୍ଗକୁ ଠାବ କରି ୪ ଜଣଙ୍କୁ ଗିରଫ କରିଛି। ଗ୍ୟାଙ୍ଗ୍‌ରେ ଥିବା ୭ଜଣଙ୍କ ମଧ୍ୟରୁ ୩ଜଣ ପୋଲିସ୍‌କୁ ଚକ୍‌ମା ଦେଇ ଖସି ପଳାଇଯାଇଛନ୍ତି। ଧରି ପଡିଥିବା ଲୁଟେରାଙ୍କଠାରୁ ୨ଟି ବନ୍ଧୁକ, ୩ଟି ଗୁଳି, ୩ଟି ଲୁହା ରଡ୍, ଛୁରି, ଭୁଜାଲି, ୫ଟି ବାଇକ୍, ୩ଟି ମୋବାଇଲ ସହ ନଗଦ ୩ହଜାର ୯୨୦ ଟଙ୍କା ଜବତ ହୋଇଛି। ସୋମବାର ମଧ୍ୟାହ୍ନରେ ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ପଣ୍ଡା, ଡିଏସ୍‌ପି ଉମେଶ ପଣ୍ଡା, ଥାନାଧିକାରୀ ସରୋଜିନୀ ନାୟକ ଏହି ସୂଚନା ପ୍ରଦାନ କରିଛନ୍ତି।

ସମ୍ପ୍ରତି ନିର୍ବାଚନ କାର୍ଯ୍ୟ ପରିଚାଳନା କାର୍ଯ୍ୟକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇ ଥିବା ବେଳେ ଲୁଟେରାମାନେ ରବିବାର ମଧ୍ୟରାତ୍ରିରେ ବାଲିଘାଟ ଶିବମନ୍ଦିର ପଛପଟେ ଏକଜୁଟ୍ ହୋଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ପୋଲିସ ସଦଳବଳେ ସେଠାରେ ଚଢ଼ାଉ କରିଥିଲା। ୭ଲୁଟେରାଙ୍କ ମଧ୍ୟରୁ ୪ଜଣଙ୍କୁ କାବୁ କରି ନିଆଯାଇଥିଲା। ଗିରଫ ଲୁଟେରାମାନେ ହେଲେ ଟାଉନ ଥାନା ଅଧୀନ ଆଜିମାବାଦ ଗ୍ରାମର ପରଞ୍ଜୟ ଦାସ (୧୯), ଚାନ୍ଦିପୁର ଥାନା ଅନ୍ତର୍ଗତ ଦେୱାନସାହି ଗ୍ରାମର ସୁରେଶ ଜେନା (୨୫) ଓ ଜୟନଗର ଗ୍ରାମର ଜ୍ୟୋତିରଞ୍ଜନ ପୁହାଣ (୨୯), ବସ୍ତା ଥାନା ଛାନୁଆ ଗ୍ରାମର ମନୋଜ କୁମାର ଦାସ (୧୯)। ପୂର୍ବରୁ ଏମାନଙ୍କ ନାମରେ ବିଭିନ୍ନ ଲୁଟ୍, ଚୋରି, ଡକାୟତି, ହତ୍ୟା ଉଦ୍ୟମ ଭଳି ଏକାଧିକ ମାମଲା ରହିଥିବା ପୋଲିସ କହିଛି। ଏମାନେ ମଧ୍ୟରାତ୍ରିରେ ବିଭିନ୍ନ ସ୍ଥାନରେ ଚୋରି, ଡକାୟତି ଏବଂ ଛିନ୍‌ତାଇ କରି ବାଲେଶ୍ୱରରୁ ଖସି ପଳାଇଯାଇ ପୁଣି କିଛିଦିନ ପରେ ଆସି ଲୁଟ୍‌ତରାଜ ଆରମ୍ଭ କରୁଥିଲେ। ପୋଲିସ ଏମାନଙ୍କର କୌଣସି ଟେର ପାଉ ନ ଥିଲା। ଏଏସ୍‌ଆଇ ନରହରି ମହାଳିକଙ୍କ ରିପୋର୍ଟ ଅନୁଯାୟ ଟାଉନ୍ ଥାନା ପୋଲିସ ଧରାପଡିଥିବା ଲୁଟେରାଙ୍କ ବିରୋଧରେ ଦଫା ୩୯୯, ୪୦୨, ୨୫, ୨୭ ଆର୍ମ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୮୮/୧୯) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଫେରାର ୩ ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା ଚାଲିଛି।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଲୁଟେରା ଗ୍ୟାଙ୍ଗ ସମ୍ପର୍କରେ ସୂଚନା ଦେଉଛନ୍ତି (ବାମ)। ଜବତ ବାଇକ ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ତେନ୍ତୁଲିଟିକ୍ରାରେ ଭାଜପା କର୍ମୀ ସମ୍ମିଳନୀ

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରାଠାରେ ରବିବାର ସନ୍ଧ୍ୟାରେ ଭାଜପାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର ସାହୁ, ଗୋପିନାଥ କର୍ମି, ପ୍ରସନ୍ନ ପ୍ରଧାନ, ସମାରୁ ଜାଲଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଅଁର୍ଲାପାଲି ଗ୍ରାମପଞ୍ଚାୟତ ବରଗାଁର ରାଜେନ୍ଦ୍ର ଭୋସାଗର, ଜଗା କନ୍ଧେର, ମନୋରଞ୍ଜନ କୁମ୍ଭାର, ଆକାଶ ବରିହା, ତୀର୍ଥ ଭୁସାଗରଙ୍କ ସମେତ ବହୁ ଯୁବକ ଭାଜପାରେ ଯୋଗ ଦେଇଥିଲେ।

### ବୁର୍ଦ୍ଧାରେ ଆମ୍ବେଡକର ଜୟନ୍ତୀ

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ବକଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁର୍ଦ୍ଧା ଠାରେ ରବିବାର ସନ୍ଧ୍ୟାରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି । ଟନ ନାଗଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ପଦ୍ମଲୋଚନ ଭୋସାଗର ମୁଖ୍ୟ ଅତିଥି, ହନୁମନ୍ତ ଜାମୁଡ଼ାଳିଆ ମୁଖ୍ୟବକ୍ତା, ନକୁଳ ମହାନନ୍ଦ, ଜିଲା ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅସହାୟ ମହିଳା ମାନଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା। ନରେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅକ୍ଷୟ ଜାମୁଡ଼ାଳିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ ।

### ଜମୁଛି ଦଳୀୟ ପ୍ରଚାର

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭୋଟ୍‌କୁ ଆଉ ଦୁଇ ଦିନ ବାକିଥିବା ବେଳେ ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜୋରଦାର ହେଲାଣି । ସୋମବାର ମୁଖ୍ୟମନ୍ତ୍ରୀ ଭେଡ଼େନ ବ୍ଲକ ବାନିପାଲିକୁ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିବା ବେଳେ କଂଗ୍ରେସ ପକ୍ଷରୁ ଏକ ବାଇକ ରାଲି ଭେଡ଼େନ ବ୍ଲକ ପରିକ୍ରମା କରିଥିଲା। ଭେଡ଼େନ ବ୍ଲକର ପୂର୍ବତନ ଅଧକ୍ଷା ସୁଜାତା ପ୍ରଧାନ ତାଙ୍କ ସମର୍ଥକ ମାନଙ୍କ ସହ କାଠଡ଼େରା ଭାଜପା ସଭାରେ ଭାଗଦେଇ ଦଳରେ ଯୋଗ ଦେଇଛନ୍ତି ।

### ଭୋଟ ପାଇଁ ରାଲି

ଅମ୍ବାଭୋନା, ୧୫।୪ (ଡି.ଏନ.ଏ)
ଭଟଲି ବିଧାନସଭା କ୍ଷେତ୍ର ଏବଂ ବରଗଡ ଲୋକସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ଅମ୍ବାଭୋନା ଗ୍ରାମପଞ୍ଚାୟତର ବିଭିନ୍ନ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ଏକ ରାଲି କେଦାରନାଥ ମନ୍ଦିରରୁ ବାହାରି ଅମ୍ବାଭୋନା ଗ୍ରାମ ପରିକ୍ରମା କରିଥିଲା । ସେମାନେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ନବୀନ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରତି ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ରାଲି ଆୟୋଜନ କରାଯାଇଥିଲା।

### ହନୁମାନ ଜୟନ୍ତୀ ପାଳିତ

ଗାଇସିଲେଟ,୧୫।୪(ଡି.ଏନ.ଏ)
ହନୁମାନ ଜୟନ୍ତୀ ଉପଲକ୍ଷେ ଗାଇସିଲେଟ ବସ୍‌ଷ୍ଟାଣ୍ଡ ବଜରଙ୍ଗବଲୀ ମନ୍ଦିରରେ ପଙ୍କଜ କୁମାର ପୁରୋହିତଙ୍କ ପୌରୋହିତ୍ୟରେ ପଣା ସଂକ୍ରାନ୍ତି ପାଳିତ ହୋଇ ଯାଇଛି । ହନୁମାନଙ୍କ ଦର୍ଶନ ପାଇଁ ସକାଳୁ ଭକ୍ତମାନଙ୍କ ଭିଡ ଜମିଥିଲା । ଏହି ଅବସରରେ ସେଠାରେ ହନୁମାନ ଚାଲିସା ପଠନ କରାଯାଇଥିଲା । ପଣ୍ଡିତ ବଳରାମ ପୁରୋହିତ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ପଣ୍ଡିତ ବସୁଦେବ ପୁରୋହିତ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ରବିବାର ସାପ୍ତାହିକ ବଜାର ଥିବାରୁ ବହୁ ଲୋକଙ୍କ ସମାଗମ ହୋଇଥିଲା ।

### ବରପାଲିରେ ଜମୁଛି ନିର୍ବାଚନୀ ପ୍ରଚାର

ବରପାଲି, ୧୫।୪ (ଡି.ଏନ.ଏ)
ଆଉ ଦୁଇଦିନ ପରେ ବଗଡ଼ ଜିଲାରେ ଭୋଟ୍ ହେବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପୁର ନିର୍ବାଚନ ମଣ୍ଡଳୀର ବିଜେପୁର, ବରପାଲି ଓ ଗାଇସିଲେଟ ବ୍ଲକକୁ ମଙ୍ଗଳବାର ମାରାଥନ ପ୍ରଚାରରେ ଆସିବେ । ଏ ନେଇ ଦଳୀୟ କର୍ମୀ ଓ ଭୋଟଙ୍କ ମଧରେ ବେଶ୍ ଉତ୍ସାହ ରହିଛି। ବରପାଲି ସ୍ଥିତ ବଡଗାଁ ଖେଳ ପଡିଆରେ ଆୟୋଜିତ ହେବାକୁ ଥିବା ସଭାସ୍ଥଳରେ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଆସିବାର କାର୍ଯ୍ୟକ୍ରମ ଥିବାରୁ ଭାଜପା ଓ କଂଗ୍ରେସ ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ସକାଳେ ବିଜେଡିର ବହୁ କର୍ମୀ ଓ ମହିଳା ଘର ଘର ବୁଲି ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠଙ୍କ ସ୍ତ୍ରୀ ମଧ ଘର ଘର ବୁଲି ପ୍ରଚାର କରୁଛନ୍ତି ।

■ ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରସ୍ତୁତି

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବରଗଡ଼ ଅଫିସ୍,୧୫।୪

**ବରଗଡ଼ ଜିଲା**



ବରଗଡ଼ ଏସପି ସୁରକ୍ଷା ବ୍ୟବସ୍ଥା ଉପରେ ସୂଚନା ଦେଉଛନ୍ତି ।

- ■ବରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ
- ■ଅପରାଧ ଉପରେ ସିସିଟିଭି ରଖିବ କଡା ନଜର
- ■୨୨୭୧ ପୋଲିସ କର୍ମଚାରୀ ମୁତୟନ ହେଲେ
- ■ଖବରଦାତା ସମ୍ମିଳନୀରେ ଏସ୍‌ପି ଦେଲେ ସୂଚନା

ଚଳିତ ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ମତଦାନ ପ୍ରକ୍ରିୟାକୁ ଆଉ ମାତ୍ର ଦୁଇଦିନ ବାକି । ଆସନ୍ତା ଗୁରୁବାର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅତାବିରା, ବରଗଡ଼, ଭଟଲି, ବିଜେପୁର ଏବଂ ପଦ୍ମପୁରରେ ଅନୁଷ୍ଠିତ ହେବ । ଏଥର ମତଦାନ ପ୍ରକ୍ରିୟାକୁ ନିରପେକ୍ଷ, ଅବାଧ ଓ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇ ଥିବାବେଳେ ପୋଲିସ ସବୁଦିଗ ପ୍ରତି ନଜର ରଖିଛି।

ସୋମବାର ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସପି ମୁକେଶ କୁମାର ଭାମୁ ସୂଚନା ଦେଇ କହିଥିଲେ, ନିର୍ବାଚନକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସାରିବା ପାଇଁ ସବୁ ଦୃଷ୍ଟିକୋଣରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏବେଠାରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଯାଇ ଥିବାବେଳେ ନାକାବନ୍ଦୀ କରି ଯାଞ୍ଚ ଚାଲିଛି । ସେହିପରି ପୋଲିସ ଅବକାରୀ ଧରପଗଡ଼ କରୁଥିବାବେଳେ ଗଣ୍ଡଗୋଳ ଆଶଙ୍କାରେ ସମ୍ଭାବ୍ୟ ଗଣ୍ଡଗୋଳ ସୃଷ୍ଟିକାରୀ ଲୋକଙ୍କୁ ସିଆରପିସି ୧୦୭, ୧୧୦କ୍ରମେ ନୋଟିସ୍ ଜାରି କରାଯାଇଛି । ଇତିମଧ୍ୟରେ ୪୭୫୨ ଲିଟର ମଦ ଜବତ ହୋଇଛି । ସେହିପରି ୧୦ଟି ଦେଶୀ ବନ୍ଧୁକ ଜବତ ହୋଇଛି । ବ୍ୟାଙ୍କ ବ୍ୟତୀତ ଅନ୍ୟ ଲାଇସେନ୍ସଧାରୀମାନେ ନିଜ ବନ୍ଧୁକ ପୋଲିସରେ ଜମା କରି ସାରିଛନ୍ତି ।

ଏଥର ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ୧୧୩ଟି ସିସିଟିଭି ସଂଲଗ୍ନ ହୋଇଛି ଏବଂ ସେସବୁ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାରେ ସହାୟକ ହେବ ବୋଲି ଏସପି କହିଥିଲେ। ଏହି କ୍ରମରେ ବରଗଡ଼ ପୌରାଞ୍ଚଳରେ ୪୮, ବରପାଲି ପୌରାଞ୍ଚଳରେ ୨୪, ଅତାବିରା ପୌରାଞ୍ଚଳରେ ୨୧ ଏବଂ ସୋହେଲା ଅଞ୍ଚଳରେ ୨୦ଟି ସିସିଟିଭି ରହିଛି । ସେହିପରି ଜିଲାର ସମୁଦାୟ ୧୩୭୮ ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟରୁ ୧୨୨ଟି ସମ୍ବେଦନଶୀଳ, ୯୫ଟି ଅତି ସମ୍ବେଦନଶୀଳ ଭୋଟ୍ ଗ୍ରହଣ ହୋଇଥିବା ଯୋଗୁ ସେଥିପ୍ରତି ମଧ୍ୟ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହୋଇଛି । ଏହା ସହିତ ଜିଲା ପାଇଁ ୯୧ଟି ମୋବାଇଲ ପେଟ୍ରୋଲିଂ ଟିମ୍ ସହିତ ଫ୍ଲାଇଙ୍ଗ ସ୍କ୍ୱାଡ଼, ଷ୍ଟାଟିକ୍ ସର୍ଭେଲିଏନ୍ସ ଟିମ୍ ଗଠନ କରାଯାଇ ଥିବାବେଳେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ଏସପି ସୂଚନା ଦେଇଥିଲେ ।

ଏଥର ଜିଲାରେ ସମୁଦାୟ ୨୨୭୧ ପୋଲିସ କର୍ମଚାରୀ ମୁତୟନ ରହିବେ। ତନ୍ମଧ୍ୟରେ ଜଣେ ଅତିରିକ୍ତ ଡିଏସପି, ୭ଜଣ ଡିଏସପି, ୧୭ଜଣ ଇନ୍ସପେକ୍ଟର, ୧୨୩ଜଣ ଏସଆଇ, ଏଏସଆଇ, ୧୬୪ଜଣ ହାବିଲଦାର, ୮୦୭ଜଣ କନେଷ୍ଟବଳ, ୪୧୪ଜଣ ହୋମଗାର୍ଡ଼, ୭୩୭ଜଣ ଗ୍ରାମରକ୍ଷୀ ରହିଥିବା ଏସ୍‌ପି କହିଥିଲେ । ଏହା ବ୍ୟତୀତ ୮ପ୍ଲାଟୁନ ସିଏପିଏଫ, ୫ୟୁନିଟ୍ ଏସଓଜି, ୧ୟୁନିଟ୍ ଡିଭିଏଫ, ୫ପ୍ଲାଟୁନ ଏସଏପି ଏବଂ ୪ପ୍ଲାଟୁନ ଏସଏସ୍‌ବିଏନ ମଧ୍ୟ ନିର୍ବାଚନ ବେଳେ ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ରହିବେ ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଡିଏସପି ଏନ.ପି ନାୟକ ଉପସ୍ଥିତ ଥିଲେ ।

## ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଅତାବିରା, ୧୫।୪ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ଗ୍ରାମପଞ୍ଚାୟତର ପତ୍ରାପାଲି ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଓ ନୂତନ ଖମ୍ବେଶ୍ୱରୀ ଦେବୀଙ୍କ ଖୁମ୍ବ ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନ ସୋମବାର ସକାଳୁ ଶତାଧିକ ମହିଳାଙ୍କ କଳସ ଯାତ୍ରା ହୋଇଥିଲା । ମଙ୍ଗଳବାର ପୂଜାରମ୍ଭ ପ୍ରତିଷ୍ଠା, ଚଣ୍ଡିହୋମ, ପୁଷ୍ପାଞ୍ଜଳି ଅପରାହ୍ଣରେ ପୂର୍ଣ୍ଣାହୁତି, ବଳି ଓ ନୂତନ ଖମ୍ବ ସ୍ଥାପନ କାର୍ଯ୍ୟକ୍ରମ ରହିଛି । ଗାର୍ଗବ ଗେଜୋ, ମଦନ ମହାକୁର, ଗଗନ ଗେଜୋ, ଗୁଣନିଧି କର୍ଣ୍ଣ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରିଥିଲେ । ପଣ୍ଡିତ କାର୍ତ୍ତିକ ଶତପଥି, ସୁକଦେବ ଶତପଥି ଓ ସାଥି ହୋମଯଜ୍ଞ କରିଥିଲେ । ଦେହେରୀ କୁନ୍ଦୁରୁ କର୍ଣ୍ଣ, ବରୁଆ (ବେବି) ପୂର୍ଣ୍ଣଚନ୍ଦ୍ର ଡାଙ୍ଗ, ଜୟଲାଲ ଗେଜୋ ଦାୟିତ୍ୱ ବହନ କରିଥିବା ବେଳେ ନେହେରୁ ମେଣ୍ଡଲୀ, ସୁରେଶ କର୍ଣ୍ଣ, ବଳରାମ ବେହେରା, ଗୁଲୁ କର୍ଣ୍ଣ, ହରଜିତ ଜୈସ୍ୱାଲ ସହଯୋଗ କରିଥିଲେ ।

## ଗାଇସିଲେଟରେ ରାମାୟଣ ପାରାୟଣ

ଗାଇସିଲେଟ,୧୫।୪(ଡି.ଏନ.ଏ)

ଗାଇସିଲେଟ ବ୍ଲକ ତେଲିପୁଖାପାଣି ପାଞ୍ଜପାଲି ଗ୍ରାମର ଗୁଡିଛକ ନିକଟରେ ନିର୍ମାଣାଧୀନ ରାମଜୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅଖଣ୍ଡ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ପ୍ରସାଦ ମିଶ୍ର ଓ ତାଙ୍କ ସ୍ତ୍ରୀ ସ୍ନେହଲତା ପଣ୍ଡା କର୍ତ୍ତା ଏବଂ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ । ଅଖଣ୍ଡ ରାମାୟଣ ପାରାୟଣରେ ସୁଶୀଳ ଶତପଥି, ସୁବଳ କୁମାର ଷଡଙ୍ଗୀ, ରମେଶ କୁମାର ଦାଶ ଓ ଈଶ୍ୱର ମିଶ୍ର ବ୍ୟାସକାର୍ଯ୍ୟ ନିର୍ବାହ କରିଥିଲେ। ଗୁନୁ ସେଠ ଓ ସଜନ ସାହୁ ସହଯୋଗ କରିଥିଲେ । ମହାବିଦ୍ୟାଳୟ ସଭାପତି ତରଣୀସେନ ପ୍ରଧାନ, ସମ୍ପାଦକ ସୁରଥ ଗଡତିଆ, ଉପ ସଭାପତି ଶ୍ୟାମ ସୁନ୍ଦର ପ୍ରଧାନ, କୋଷାଧ୍ୟକ୍ଷ ଶଶିଭୂଷଣ ବରିହା, ସଭ୍ୟ କାହ୍ନୁଚରଣ ମାଝୀ, ଅଲେଖ ଚୈତନ୍ୟ ପ୍ରଧାନ, ସୀତାରାମ ଭୋଇ, ପ୍ରଦୀପ୍ତ କୁମାର ପଧାନ ଓ ପରାସର ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ରାମଜୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ରାମାୟଣ ପାରାୟଣ ଚାଲିଛି ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧୫।୪




ଭୋଟର ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀବୃନ୍ଦ।

ବରଗଡ଼ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ପରେ ସ୍ଥାନୀୟ ଟାଉନ ହଲରେ ଏକ ସଭାର ଆୟୋଜିତ ହୋଇଥିଲା । ଉକ୍ତ ସଭାରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ମୁଖ୍ୟଅତିଥି, ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ସହାୟକ ଜିଲାପାଳ ତଥା ନିର୍ବାଚନ ଦାୟିତ୍ୱରେ ରହିଥିବା ମମତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବାଧ, ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନ ସହିତ ନିର୍ଭିକ ଭାବେ ମତଦାନ କରିବା ପାଇଁ ଅତିଥିମାନେ ସଚେତନ କରାଇଥିଲେ । ଅତିରିକ୍ତ ଜିଲାପାଳ ମାଝି ତାଙ୍କ ବକ୍ତବ୍ୟରେ କହିଥିଲେ, ଏ ଦେଶର ସ୍ୱାଧୀନତା ବହୁ ବଳିଦାନ ପରେ ମିଳିଛି । ଦେଶର ଅଖଣ୍ଡ ବିକାଶ ଆମର ମୂଲ୍ୟବାନ ମତଦାନ ଉପରେ ନିର୍ଭର କରୁଛି । ଫଳରେ କୌଣସି ଚାପ କିମ୍ବା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ମତଦାନ ସାବ୍ୟସ୍ତ କରିବାକୁ ସେ ଆହ୍ୱାନ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସଭା ସଂଯୋଜନା କରିଥିବା ବେଳେ ଜର୍ଜ ହାଇସ୍କୁଲର ଶିକ୍ଷକ ଡଃ ଡୋଲାମଣି ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋହେଲାରେ ପୋଲିସର ଫ୍ଲାଗମାର୍ଚ୍ଚ

ସୋହେଲା,୧୫।୪(ଡି.ଏନ.ଏ)

ଆସନ୍ତା ୧୮ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପୂର୍ବରୁ ସୋମବାର ସନ୍ଧ୍ୟାରେ ସୋହେଲା ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଜନସାଧାରଣ ତଥା ଭୋଟରଙ୍କୁ ଅବାଧ ଓ ଭୟମୁକ୍ତ ହୋଇ ମତଦାନ କରିବା ଉଦ୍ଦେଶ୍ୟରେ ସବ୍‌ଇନ୍ସପେକ୍ଟର ଅମିତ କୁମାର ଖେସଙ୍କ ନେତୃତ୍ୱରେ ଗୋଟିଏ କମ୍ପାନୀ ସିଆରପିଏଫ୍ ଯବାନ ସୋହେଲାର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରିଥିଲେ । ଯବାନମାନେ ଥାନାରୁ ବାହାରି ସୋହେଲା ପଦ୍ମପୁର ମୁଖ୍ୟଛକ, ବ୍ଲକ, ପୁରୁଣା ଚେକଗେଟ ଗ୍ରଞ୍ଜାଲ ଛକ, ପଦ୍ମପୁର ରୋଡ, ଡାକ୍ତରଖାନା ରୋଡ ତଥା ହଳଦୀପାଲି ଛକରେ ଫ୍ଲାଗମାର୍ଚ୍ଚ କରିଥିଲେ ।

■ ବରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ରାତ୍ରିଯାପନ

## ଆଜି ବରଗଡ଼, ବିଜେପୁର ବିଧାନସଭା କ୍ଷେତ୍ରରେ ପ୍ରଚାର କରିବେ

ବରଗଡ଼ ଅଫିସ୍,୧୫।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବରଗଡ଼ ଜିଲା ଅତାବିରା ଓ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କରିଥିଲେ । ତେବେ ସେ ମଙ୍ଗଳବାର ବରଗଡ଼ ଓ ନିଜେ ଦଳୀୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପୁର ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ଏହି କ୍ରମରେ ସୋମବାର ରାତ୍ରିରେ ବରଗଡ଼ ସହରସ୍ଥିତ ପିଡବ୍ଲ୍ୟୁଡ଼ି ଡାକବଙ୍ଗଳାରେ ତାଙ୍କ ରହଣି ବ୍ୟବସ୍ଥା ହୋଇଛି । ମଙ୍ଗଳବାର ଦିନ ପ୍ରାୟ ୧୦ଟାରେ ବରଗଡ଼ ଲୋକମଣ୍ଡପ ପଡ଼ିଆର ନିର୍ବାଚନୀ ସଭାରେ ଉଦବୋଧନ ଦେବା ପରେ ମୁଖ୍ୟମନ୍ତ୍ରୀ ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି, ବିଜେପୁର ଏବଂ ଗାଇସିଲେଟରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ରାତ୍ରି ରହଣୀ ବ୍ୟବସ୍ଥା ହୋଇଥିବା ଯୋଗୁ ସ୍ଥାନୀୟ ପିଡବ୍ଲ୍ୟୁଡ଼ି ଡାକବଙ୍ଗଳା ପୋଲିସ ଛାଉଣୀରେ ରହିଛି । ମୁଖ୍ୟମନ୍ତ୍ରୀ ରାତି ସାଢେ ୧୦ଟାରେ ବରଗଡ଼ରେ ପହଞ୍ଚିଥିଲେ । ସେ ବଲାଙ୍ଗୀରରୁ ରାସ୍ତାରେ ଫେରିବା ବାଟରେ ସାଲେଭଟା ନିକଟରେ ଉତ୍ତେଜନା ଦେଖାଯିବାରୁ ଏଠାକୁ ତାଙ୍କର ପହଞ୍ଚିବା ବିଳମ୍ବିତ ହୋଇଥିବା ସୂଚନା ମିଳିଛି ।

■ ଭଟଲିରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# ବିଜେଡି ସରକାର ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ: ଧର୍ମେନ୍ଦ୍ର

ଭଟଲି,୧୫।୪(ଡି.ଏନ.ଏ)

ରାଜ୍ୟ ସରକାର ଓଡ଼ିଶାକୁ ଲୁଟି ସାରିଛି। ଚାଷୀ ଏବଂ ସାଧାରଣ ଜନତାଙ୍କୁ ଶୋଷଣ କରିସାରିଲାଣି । ରାଜ୍ୟରେ କାଳିଆ ଯୋଜନା ନାଁରେ ଚାଷୀଙ୍କୁ ଭୁଆଁ ବୁଲାଯାଉଛି । ଗରିବ ଚାଷୀ କାଳିଆ ଯୋଜନାର ସୁଫଳ ପାଉ ନ ଥିବାବେଳେ କେତେକ ଦଳୀୟ କର୍ମୀ ଏହାକୁ ହାତେଇବାରେ ବ୍ୟସ୍ତ । ରାଜ୍ୟର ବିଜେଡ଼ି ସରକାର ଏକ ଆପାରଗ ସରକାର ଏବଂ ଏହି ସରକାର ଆମ ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ । ପରଘର ଡିଅଣରେ ଅତିଥି ପାଳିବା ଲୋକ ହେଲେ ନବୀନ ବାବୁ। ତେଣୁ ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ବରଗଡ ଜିଲା ଭଟଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଟଲି ବ୍ଲକ ତରାଜୁଙ୍ଗା ପଡ଼ିଆରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ ଆହୁରି କହିଥିଲେ ଯେ, ଭାଜପା ସରକାର ଆସିଲେ ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ୧୫ହଜାର ଟଙ୍କା, ସହାୟିକାମାନଙ୍କୁ ୯ହଜାର ଟଙ୍କା ପାରିଶ୍ରମିକ ଦିଆଯିବ। ଏକ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରି ଜଳସେଚନର ବ୍ୟବସ୍ଥା, ଏସ୍‌ଏଚ୍‌ଜି ମହିଳା ମାନଙ୍କ ଋଣ ଛାଡ଼ ସହିତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ । ସବୁ ବର୍ଗର ଶିକ୍ଷକଙ୍କୁ ସ୍ଥାୟୀ କରାଯିବ ଏବଂ ହୋମଗାର୍ଡ଼ ଓ ଜିଆରଏସ୍ ଭାଉଣୀଭାଇ ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରି ଆତ୍ମ ନିର୍ଭରଶୀଳ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇ ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ଏବଂ ଭଟଲି ବିଧାନସଭା ପ୍ରାର୍ଥୀ ଇରାସିସ ଆଚାର୍ଯ୍ୟଙ୍କୁ ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ସେହିପରି ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ପରିବର୍ତ୍ତନ ହେବା ଦରକାର ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧରେ ବରଗଡ଼ ଲୋକସଭା ଓ ଭଟଲି ବିଧାନସଭା ପ୍ରାର୍ଥୀଙ୍କ ସମେତ ଭାଜପା ରାଜ୍ୟ ସମ୍ପାଦକ ସୁଶାନ୍ତ ମିଶ୍ର, ବରିଷ୍ଠ ନେତା ସୌରୀ ଚରଣ ବାରିକ, ସୁରେଶ୍ୱର ଶତପଥି, କୁମର ବେହେରା, ଗିରିଜେଶ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ ।

**ଝାରବନ୍ଧ, (ଡି.ଏନ.ଏ):** ବରଗଡ ଲୋକସଭା ଓ ପଦ୍ମପୁର ବିଧାନସଭା ଆସନ ପାଇଁ ଭାଜପାର ନିର୍ବାଚନୀ ପ୍ରଚାର ଜୋରସୋରରେ ଚାଲିଛି । ସୋମବାର ଅପରାହ୍ଣରେ ଝାରବନ୍ଧ ସ୍ଥିତ ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରି ଡବଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡି ସରକାର ୧୯ ବର୍ଷ ଶାସନ କରିଥିଲେ ମଧ ଚାଷୀଙ୍କ ପାଇଁ ଜଳସେଚନ ସୁବିଧା କରି ନ ଥିବା ସେ ଅଭିଯୋଗ କରିଥିଲେ । ଭାଜପା ସରକାର ଆସିଲେ କେବଳ ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ଏକ ହଜାର କୋଟି ଟଙ୍କାର ଜଳସେଚନର ସୁବିଧା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଲୋକସଭା ପ୍ରାର୍ଥୀ ସୁରେଶ ପୂଝାରୀ ଦେଶର ସ୍ୱାର୍ଥ ପାଇଁ ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ହେଲେ ତାଙ୍କୁ ଭୋଟ ଦେବାକୁ କହିଥିଲେ। ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ ମଧ ନିଜ ପାଇଁ ଭୋଟ୍ ଭିକ୍ଷା କରିଥିଲେ । ହେଲି ପ୍ୟାଡରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓହ୍ଲାଇବା ପରେ ସ୍ଥାନୀୟ ଭାଜପା କର୍ମୀ ବିନୋଦ ବିହାରୀ ବାଗ, ସରପଞ୍ଚ ଧନମତୀ ପାଣ୍ଡେ, ସରପଞ୍ଚ ଲାଲେଶ୍ୱରୀ ପଟେଲ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ବିରଜା କୁମାରୀ ତାଣ୍ଡି ତାଙ୍କୁ ସ୍ୱାଗତ କରି ସଭାସ୍ଥଳକୁ ଆଣିଥିଲେ । ବ୍ଲକ ଭାଜପା ସଭାପତି ଡ. ଲମ୍ବୋଦର ପଣ୍ଡା ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଗୋବର୍ଦ୍ଧନ ଭୁଏ, ଜଗବନ୍ଧୁ ଭୋଇ, କୁମରମଣି ନାଏକ, ପ୍ରିତେଶ ବହିଦାର, ହରିହର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ।

**ବିଜେପୁର,(ଡି.ଏନ.ଏ):** ବିଜେପୁର କଲେଜ ପଡିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ଯୋଗଦେଇ କହିଲେ, ଅପାରଗ ରାଜ୍ୟ ସରକାର ବଦଳିବା ଦରକାର। ଭାଜପା ଶାସନକୁ ଆସିଲେ ଏକ ଟଙ୍କାରେ ୫ କିଲୋ ଚାଉଳ, ଅଧ କିଲୋ ଲେଖାଏଁ ଡାଲି ଓ ଲୁଣ ଦିଆଯିବ। ବରଗଡରେ କ୍ୟାନସର ହସ୍‌ପିଟାଲ ସହିତ ପ୍ରତି ଜିଲାରେ ମେଡିକାଲ କଲେଜ ନିର୍ମାଣ କରାଯିବ। ମୋଦି ସରକାରଙ୍କ ହାତମୁଠାକୁ ଟାଣ କରିବା ସହ ଡବଲ ଇଞ୍ଜିନ ସରକାର କରିବା ପାଇଁ ଭାଜପାର ଲୋକସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ସେ ନିବେଦନ କରିଥିଲେ । ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବିଧାୟକ ପ୍ରାର୍ଥୀ ସନତ କୁମାର ଗଡତୟା ମଧ ନିଜ ସପକ୍ଷରେ ଭୋଟ୍‌ଭିକ୍ଷା କରିଥିଲେ। ପ୍ରସନ୍ନ ପାଢୀ, ସୌରୀଚରଣ ବାରିକ, ସଞ୍ଜୀବ ମହାପାତ୍ର, ସବିତା ସାହୁ ପ୍ରମୁଖ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ହଳପାଣି ମାଝୀ ସମାରୋହ ସଂଯୋଜନା କରିଥିଲେ ।



ଭାଜପାର ନିର୍ବାଚନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।



ବନ ବିଭାଗ ଜବତ କରିଥିବା କାଠ ବୋଝେଇ ଟ୍ରକ ।

## ବନ ବିଭାଗର ଚଢ଼ାଉ, କାଠଗଣ୍ଡି ଜବତ

ବରଗଡ଼ ଅଫିସ୍,୧୫।୪

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରାସ୍ଥିତ ବନ ବିଭାଗର ତନଖି ଫାଟକ ନିକଟରେ ଚଢ଼ାଉ କରାଯାଇ ୬୦ଖଣ୍ଡ ମୂଲ୍ୟବାନ କାଠଗଣ୍ଡି ଜବତ ହୋଇଛି । ଜବତ କାଠଗଣ୍ଡିର ମୂଲ୍ୟ ଆନୁମାନିକ ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ ଆକଳନ କରିଛି । ଏକ ଟ୍ରକ ଯୋଗେ ଉକ୍ତ କାଠ ବୋଝେଇ ହୋଇ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳରୁ ପଡ଼ୋଶୀ ଛତିଶଗଡ଼ର ରାୟପୁର ଅଞ୍ଚଳକୁ ଯାଉଥିଲା । ସୋମବାର ସକାଳେ ଉକ୍ତ ଟ୍ରକ୍ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଲଖମରା ତନଖି ଫାଟକ ନିକଟରେ ପହଞ୍ଚିବା ପରେ ବନ ବିଭାଗର କର୍ମଚାରୀମାନେ ଉକ୍ତ ଗାଡିକୁ ଯାଞ୍ଚ କରିଥିଲେ । ଫରେଷ୍ଟର ପ୍ରଶାନ୍ତ ବାଗ, ଫରେଷ୍ଟ ଗାର୍ଡ଼ ତରଣୀସେନ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୬ ଏପ୍ରିଲ ୨୦୧୯



ଅତି ଘର୍ଷଣ ଫଳରେ ଚନ୍ଦନ କାଷ୍ଠରୁ ମଧ୍ୟ ଅଗ୍ନି ବାହାରେ। ସେହିପରି ଜ୍ଞାନୀମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ସେମାନଙ୍କ ହୃଦୟରୁ କ୍ରୋଧଜାତ ହୁଏ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ



### କନ୍ଧମାଳ ନିର୍ବାଚନମଣ୍ଡଳୀ: ଅନୁଗତଙ୍କ ମୁଣ୍ଡରେ ଦଳୀୟ ଚିହ୍ନ

**ଘଣ୍ଟାପଡା, ୧୫।୪ (ଡି.ଏନ.ଏ):** କ୍ରିକେଟ ବିଶ୍ୱକପ, ହକି ବିଶ୍ୱକପ ଭଳି କେତେକ ରାଜନୈତିକ ଦଳର ସମର୍ଥକ ନିଜ ମୁଣ୍ଡରେ ପ୍ରାର୍ଥୀଙ୍କ ଦଳୀୟ ଚିହ୍ନ ତିଆରି କରି ପ୍ରଚାର ଅଭିଯାନରେ ବାହାରି ପଡିଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ନିର୍ବାଚନ ମଣ୍ଡଳୀର ଘଣ୍ଟାପଡାରେ । ଘଣ୍ଟାପଡା ବଜାର ଛକରେ ଥିବା ସେଲୁନରେ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ଅନୁଗତଙ୍କ ଭାରି ଭିଡ ଲାଗୁଛି । ଶଙ୍ଖ, ପଦ୍ମ ଆଦି ଚିତ୍ରରେ ହେୟାର ଷ୍ଟାଇଲ କରିବା ପାଇଁ ସେଲୁନରେ ୨୦୦ ଟଙ୍କା ପାରିଶ୍ରମିକ ନିଆଯାଉଛି । ପ୍ରଥମ କରି ଏବର୍ଷ ନିର୍ବାଚନରେ ଅନୁଗତମାନେ ଦଳୀୟ ଚିହ୍ନ ମୁଣ୍ଡରେ ଲେଖିଛନ୍ତି। କିଏ ଭାଜପା ପାଇଁ ପଦ୍ମଫୁଲ ତ କିଏ ବିଜେଡି ପାଇଁ ଶଙ୍ଖ ତ ଆଉ କିଏ ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ବାଲ୍‌ଟି ଚିହ୍ନ ଚିତ୍ରରେ ମୁଣ୍ଡକୁ ଚିତ୍ରଣ କରିଛନ୍ତି । ଏହା ଏ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

### କୋମନା ଓଏଲଏମ୍ ଅଫିସରେ ନିଆଁ

**କୋମନା, ୧୫।୪:** ନୂଆପଡା ଜିଲା କୋମନା ବ୍ଲକ (ପୁରୁଣା କାର୍ଯ୍ୟାଳୟ)ପରିସରରେ ଥିବା ଓଡିଶା ଜୀବିକା ମିଶନ (ଓଏଲଏମ)ର କାର୍ଯ୍ୟାଳୟରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ବହୁ ସାମଗ୍ରୀ ଚୋରି କରିନେଇଛନ୍ତି। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଅଫିସ ତାଲା ଭାଙ୍ଗି ଭିତରକୁ ପଶିଥିଲେ। ସେଠାରୁ କମ୍ପ୍ୟୁଟର, ଲ୍ୟାପଟପ ଚୋରିକରି ନେଇ ନିଆଁ ଲଗାଇ ଚାଲିଯାଇଥିଲେ। ସକାଳେ କର୍ମଚାରୀମାନେ ଆସି ଦେଖିଲାବେଳକୁ ନିଆଁ ଲଗାଇ ଚୁରମାର ହୋଇଯାଇଛି । ବିଳମ୍ବରେ ହେଲେ ସୁଦ୍ଧା ଅଗ୍ନିଶମ ବିଭାଗ ଆସି ନିଆଁକୁ ଲିଭାଇଥିଲେ। ପୋଲିସ ଏହାର ତଦନ୍ତ କରୁଥିବା ପ୍ରକାଶ ।

### ମେରଘରାରେ ପାନୀୟ ଜଳ ସମସ୍ୟା

**ଭବାନୀପାଟଣା,୧୫।୪(ଡି.ଏନ୍.ଏ.):** କଳାହାଣ୍ଡି ଜଲା ଧର୍ମଗଡ଼ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ମେରଘରା ଗ୍ରାମରେ ପାନୀୟଜଳ ସଙ୍କଟ ଦେଖା ଦେଇଛି। ପଞ୍ଚାୟତ ପକ୍ଷରୁ ଗାଁକୁ ପାନୀୟଜଳ ଯୋଗାଣ ନେଇ ପାଣି ଟାଙ୍କି ନିର୍ମାଣ କରାଯିବା ସହ ପାଇପ୍ ବିଛାଯାଇଛି। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଟାଙ୍କି ସହ ବିଛାଯାଇଥିବା ପାଇପ୍ ଫାଟି ଜଳ ଯୋଗାଣ ହୋଇପାରୁ ନାହାନ୍ତି । ଫଳରେ ପାନୀୟଜଳ ଟୋପାଏ ପାଇବା ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ହେଲେ କୌଣସି ସୁଫଳ ମିଳି ପାରୁ ନାହିଁ। ୨୦୧୮-୧୯ ଆର୍ଥିକ ବର୍ଷରେ ମେରଘରା ଗ୍ରାମ୍ୟ ଜଳଯୋଗାଣ ନିମନ୍ତେ ଆନୁସଙ୍ଗିକ କାର୍ଯ୍ୟ ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ଆସିଥିଲା। ହେଲେ ମରାମତି କାର୍ଯ୍ୟ ହୋଇପାରି ନାହିଁ। ପାନୀୟଜଳ ଯୋଗାଣ ସ୍ୱାଭାବିକ ନ ହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ସୁବର୍ଣ୍ଣପୁରରେ ଭାଜପାର ରୋଡ୍ ଶୋ

**ସୋନପୁର(ନି.ପ୍ର)/ଡୁଙ୍ଗୁରିପାଲି (ଡି.ଏନ.ଏ),୧୫।୪**

ଖରା ତାତିକୁ ଖାତିର ନକରି ରାଜନୈତିକ ଦଳ ଗୁଡିକ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ସୋମବାର ସୁବର୍ଣ୍ଣପୁର ସହରରେ ଭାଜପା ରୋଡ ଶୋ କରି ଶକ୍ତି ପ୍ରଦର୍ଶନ କରିଛି। ଦଳର ବଲାଙ୍ଗୀର ଲୋକ ସଭା ପ୍ରାର୍ଥିନୀ ସଙ୍ଗୀତା କୁମାରୀ ସିଂଦେଓ ଓ ସୋନପୁର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପୂଜାରୀ ଦଳୀୟ ସମର୍ଥକଙ୍କ ଗହଣରେ ରୟାଲ ପଡିଆରୁ ବାହାରି ସହର ପରିକ୍ରମା କରିଥିଲେ। ପ୍ରାର୍ଥୀଦ୍ୱୟ କଚେରି ବଜାର, ଗୁଣ୍ଡିଚା ମନ୍ଦିର, ବଡବଜାର, ବିଜୁ ପଟ୍ଟନାୟକ ଛକ, ନଳିନି ଛକ ଓ ପଟାଭାଡିରେ ରୋଡ ଶୋ କରି ଭୋଟ ଭିକ୍ଷା କରିଥିଲେ। ରାଜସ୍ଥାନ ମେୱାରର ରାଜା ଲକ୍ଷରାଜ ସିଂ ମେୱାର, ଭାଜପା ଜିଲା ସଭାପତି ବିଜୟ କୁମାର ମହାକୁର, ବରିଷ୍ଠ ନେତା ପ୍ରମୋଦ କୁମାର ମହାପାତ୍ର ଓ ବଳଦେବ ପ୍ରସାଦ ବେଦବାକ୍ ଏହାର ନେତୃତ୍ୱ ନେଇଥିଲେ। ବାଇକ୍ ରାଲି ଓ ରୋଡ ଶୋରେ ପ୍ରାକ୍ତନ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ଶତପଥୀ, ସାନନ୍ଦ ମେହେର, ପର୍ଶୁରାମ ମିଶ୍ର, ଅଶୋକ କୁମାର ପୃଷ୍ଟି, ଗଣେଷ ସାହୁ, ଦିଲ୍ଲିପ ପୂଜାରୀ, କରମଚାନ୍ଦ ମହାନ୍ତି, ରାମଶଙ୍କର ଭୋଇ, କୃଷ୍ଣଚନ୍ଦ୍ର ମିଶ୍ର, ଦୀପକ ମହାପାତ୍ର, ତ୍ରିଲୋଚନ ତରିଆ ଓ ସୁରୁବାବୁ ସାହୁ ପ୍ରମୁଖ ସାମିଲ ଥିଲେ। ସୋମବାର ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂଙ୍କର ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସୋନପୁର, ତରଭା ଓ ଡୁଙ୍ଗୁରିପାଲିରେ କାର୍ଯ୍ୟକ୍ରମ ଥିଲା। ତେବେ ପାଇଲଟଙ୍କ ଆନ୍ଦୋଳନ ଯୋଗୁଁ ତାଙ୍କ କାର୍ଯ୍ୟକ୍ରମ ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି ।

ଡୁଙ୍ଗୁରିପାଲି ବ୍ଲକରେ ସୋନପୁର ବିଧାନସଭାର ଭାଜପା ପ୍ରାର୍ଥୀ ଅଶୋକ ପୂଜାରୀ ଓ ବଲାଙ୍ଗୀର ଲୋକ ସଭା ପ୍ରାର୍ଥିନୀ ସଂଗୀତା କୁମାରୀ ସିଂଦେଓ ଚେରୁପାଲିରୁ ଏକ ବାଇକ ରାଲି କରିଥିଲେ। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାରେ ମୋଦିଙ୍କ ଲୋକପ୍ରିୟତା ଓ ଦେଶରେ ସ୍ଥିର ସରକାର ଗଠନ ସମ୍ପର୍କରେ ନେତୃବୃନ୍ଦ ଲୋକଙ୍କୁ ବୁଝାଇଥିଲେ । ଏହିସବୁ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ପ୍ରଦୀପ ବେହେରା, ରୁମଧର ପଧାନ, ଗଙ୍ଗାଧର ସା, ଧିରେନ୍ଦ୍ର ପଧାନ ପ୍ରମୁଖ ସାମିଲ ହୋଇଥିଲେ ।



ସହରରେ ଭାଜପା ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀନୀଙ୍କ ରୋଡ ଶୋ ।

## କନ୍ଧମାଳରେ ଚତୁର୍ମୁଖୀ, ବୌଦ୍ଧରେ ଦ୍ୱିମୁଖୀ ଲଢ଼େଇ

**ବୌଦ୍ଧ,୧୫।୪(ସ୍ୱ.ପ୍ର)**

ବୌଦ୍ଧ ଜିଲାର ବୌଦ୍ଧ ଓ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ମତଦାନ ହେବ । ବିଜେଡିର ଦୁଇ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ଅମାତ ଓ ମହୀଧର ରଣା ଏଥର କଡା ଟକ୍କରର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ମତଦାନକୁ ମାତ୍ର ଆଉ ୨ଦିନ ବାକି ଥିବାବେଳେ ବୌଦ୍ଧରେ ଭାଜପା ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଭାଜପା, କଂଗ୍ରେସ, ବିଜେଡି ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏପଟେ ବିଜେଡି ପ୍ରାର୍ଥୀମାନେ କଡା ଟକ୍କରର ସମ୍ମୁଖୀନ ହେଉଥିବା ବେଳେ ବିଜେଡିର କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ଦଳୀୟ କର୍ମୀ ଓ ନେତାମାନେ ଖୋଲାଖୋଲି ବିରୋଧୀ ମନ୍ତବ୍ୟ ଦେବା ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଏଥର ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ବିଜେଡିର ଅନେକ ନେତା ଭାଜପାରେ ସାମିଲ ହୋଇସାରିଥିବା ବେଳେ ବରିଷ୍ଠ ନେତା ନବ କୁମାର ମିଶ୍ର ବିଜେଡି ଛାଡି ପୁଣି କଂଗ୍ରେସରେ ଯୋଗ ଦେଇଛନ୍ତି । ଏହା ବିଜେଡି ପାଇଁ ଅଡୁଆ ହୋଇଛି । ବିଜେଡିର ଏପରି ଅବସ୍ଥା ଦେଖି ଏମ୍‌ପି ପ୍ରାର୍ଥୀ ଡ. ସାମନ୍ତ ନିଜର ନିର୍ବାଚନ ପରିଚାଳନାରେ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ଉପରେ ଭରସା ନ କରି ବିରୋଧୀମାନଙ୍କ ସହିତ ମୁଲଚାଲ ଚଳାଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି । ସେ କୁଆଡେ ଭୁବନେଶ୍ୱରରୁ ନିଜର କର୍ମଚାରୀ ମାନଙ୍କୁ ଆଣି ବୌଦ୍ଧରେ ନିର୍ବାଚନ କାର୍ଯ୍ୟରେ ଲଗାଇଥିବା ଚର୍ଚ୍ଚା ହେଉଛି । ଏହା ସାମନ୍ତଙ୍କୁ ଅଡୁଆରେ ପକାଇପାରେ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ସେପଟେ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ମଧ୍ୟ ସମାନ ଅବସ୍ଥା। ଏଠାରେ ଚତୁର୍ମୁଖୀ ଲଢେଇ ହେଉଛି । ବିଜେଡି ପ୍ରାର୍ଥୀଙ୍କୁ ବିରୋଧ କରି ବୟନିକା ସଭାପତି ଶେଷ କୁମାର ମେହେର ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଫଳରେ ଏମ୍‌ପି ପ୍ରାର୍ଥୀ ବିଜେଡିର ସବୁ ଭୋଟ ହାତେଇବା ପାଇଁ ଉଭୟ ଶିବିର ସହିତ ସମ୍ପର୍କ ରଖାଯାଇଥିବା ଆଲୋଚନା ହେଉଛି । ହେଲେ ଏହାକୁ ନେଇ ବିଧାୟକ ପ୍ରାର୍ଥୀ ମହୀଧରଙ୍କ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିବା ଜଣାଯାଇଛି। ଅନ୍ୟପଟେ ମୋଦିଙ୍କ ଲୋକପ୍ରିୟତା ଉପରେ ଭରସା କରିଥିବା ଭାଜପା ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ ଏହି ସୁଯୋଗର ବିନିଯୋଗ କରି ନିର୍ବାଚନରେ ବିଜୟୀ ହେବାକୁ ଆଶା ବାନ୍ଧିଛନ୍ତି । ତେବେ ଭୋଟର କାହାକୁ ବାଛିବେ ନିର୍ବାଚନର ଫଳାଫଳ ପ୍ରକାଶ ପାଇଲେ ସ୍ପଷ୍ଟ ହେବ ।

## ବାଇକ୍ ଦୁର୍ଘଟଣା: ୨ ଆହତ

**ମନମୁଣ୍ଡା, ୧୫।୪ (ଡି.ଏନ.ଏ)**

ବାଉଁଶୁଣୀ ଥାନା ଗଜରାଜପୁରଠାରେ ଏକ ଦୁର୍ଘଟଣାରେ ୨ଜଣ ବାଇକ୍ ଆରୋହୀ ଆହତ ହୋଇଛନ୍ତି । ଆହତମାନେ ହେଲେ ବୌଦ୍ଧ ଥାନା ବଳାକିରା ଗ୍ରାମର ଇଲିଫ ଭୋଇ ଏବଂ ତାଙ୍କ ମାମୁଁ ମଦନ କୁମ୍ଭାର। ସେମାନେ ବାଇକ ଯୋଗେ ବାଉଁଶୁଣୀ ପଟରୁ ବୌଦ୍ଧ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଚଳନ୍ତା ଟ୍ରକର ପଛପଟରେ ବାଡେଇ ହୋଇଯାଇଥିଲେ। ଉଭୟଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।



ଆର୍‌ଡିସି ଟି.ଆପାଙ୍ଗ. ଆଓ ସମୀକ୍ଷା କରୁଛନ୍ତି ।

## ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କଲେ ଆର୍‌ଡିସି

**ସୋନପୁର,୧୫।୪(ନି.ପ୍ର)**

ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲା ପାଇଁ ସୁଗମ ନିର୍ବାଚନ ପର୍ଯ୍ୟବେକ୍ଷକ ତଥା ଜୋନାଲ ନୋଡାଲ ଅଫିସର ସିଏପିଏଫ ଭାବେ ନିଯୁକ୍ତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଦାୟିତ୍ୱରେ ଥିବା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି.ଆପାଙ୍ଗ ଆଓ ସୋମବାର ସୁବର୍ଣ୍ଣପୁର ଜିଲା ଗସ୍ତ କରିଥିଲେ। ସେ ସର୍କିଟ୍ ହାଉସଠାରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ, ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ସୁବ୍ରତ କୁମାର ବେହେରା, ସୋନପୁର ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ବଳରାମ ମଲ୍ଲିକଙ୍କ ସହିତ ସୁଗମ ନିର୍ବାଚନ ପାଇଁ ଜିଲା ପ୍ରଶାସନ ଦ୍ୱାରା ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଆରଡିସି ସୋନପୁର ସହର ଓ ବ୍ଲକର ବିଭିନ୍ନ ମତଦାନ କେନ୍ଦ୍ର ଯଥା ମଝିପଡା-୧, ମଝିପଡା-୨, ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୋନପୁର ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରଡଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଖରଝୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ଜିପିଇଓ ନମିତା ଭୁଏ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ପରେ ତରଭା ବ୍ଲକର ଘାଟକଇଁତରା ପ୍ରାଥମିକ ବିଦ୍ୟାଳୟ, ଶିବତୁଳା ପ୍ରାଥମିକ ବିଦ୍ୟାଳୟ ଓ ତରଭା ବ୍ଲକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ତରଭା ବିଡିଓ ନିହାର ରଞ୍ଜନ କୁଅଁର ଏହି ଅବସରରେ ଉପସ୍ଥିତ ଥିଲେ। କେନ୍ଦ୍ର ଗୁଡିକର ଗସ୍ତ ସମୟରେ ପାନୀୟ ଜଳର ବ୍ୟବସ୍ଥା, ବିଦ୍ୟୁତ ସରବରାହ, ଆସବାବ, ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ, ମତଦାନ କେନ୍ଦ୍ରରେ ଦୁଇ ଗୋଟି ଦ୍ୱାର, ଭିନ୍ନକ୍ଷମ ମାନଙ୍କ ପାଇଁ ହୁଇଲ ଚେୟାର ଓ ସ୍ୱେଚ୍ଛାସେବୀ ବ୍ୟବସ୍ଥାର ତଦାରଖ କରିଥିଲେ ।

## ମେରୁ ପରବ୍ ସଂଗେ ଦଁଡ୍‌ଯାତ୍‌ରା ଉଦ୍‌ଯାପିତ

**ଗୁଡଭେଲିପଦର, ୧୫।୪ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଅଂଚଳର ଭିନେ ଭିନେ ଶୈବପୀଠ୍‌ରେ ଚଇତ ମାସେ ଦଁଡ୍‌ଯାତ୍‌ରା ଆରମ୍ ହେଇ ମହାବିଷୁବ ସଂକ୍ରାନ୍ତିର ବାସୀଦିନ ସରିଛେ। ଇ ଯାତ୍‌ରାରେ ଭିନେ ଭିନେ ସମାଜର ଲୋକ୍ ସାମିଲ ହେଇ ନିୟମ ନିଷ୍ଠାରେ କିଏ ୨୧ ଦିନ୍ ତ କିଏ ୧୩ ଦିନ୍ ଲାଗି ସାମିଲ ହେଇଥିଲେ। ଚଇତ ମାସେ ମନମୁଣ୍ଡା ଅଂଚଲରେ ଥିବାର ଶୈବପୀଠମାନଙ୍କରୁ ଇ ଯାତ୍‌ରା ବାହାରି ଭିନେ ଭିନେ ଗାଁରେ ପୂଜାପାଇଥିଲେ। ଭିନେ ଭିନେ ଗାଁରେ ଦଁଡ୍‌ବଜା, ଗୀତ୍ ଆର ନାଟ୍ ଅନୁଷ୍ଠିତ ହେଇଥିଲା। ଦଁଡ୍‌ଯାତ୍‌ରା ଆରମ୍‌ରେ କଳାକାର, ମାନସିକ କରିଥିବାର ଭକତ୍‌ମାନେ ଯାତ୍‌ରାରେ ସାମିଲ ହେସନ୍। ସେମାନେ ନିୟମ ନିଷ୍ଠାରେ ରହି ଭୈରବ ଛଡିଛତର ସଂଗେ ପରଭୁ ଶିବ ଆର ପରଭାକେ ଢୋଲ, ଘଁଟଘଁଟା ବଜେଇ ଗାଁ ଗାଁ ବୁଲାସନ୍। ଭିନେ ଭିନେ ଗାଁରେ ରହି ଛଡିଛତର ସଂଗେ ପରଭୁ ଶିବ ପୂଜା ପାଏସନ୍। ଦିନ୍‌ବେଲା ଦଁଡ୍ କଳାକାରମାନେ ପାଏନ୍‌ଦଁଡ୍ ଭାଂଗଲା ବେଲେ ରାତିରେ ଷୋଳଶୁଆଙ୍ଗ ଦଁଡ୍‌ନାଟ୍ ପରିବେଶନ୍ କରସନ୍। ମନମୁଣ୍ଡା ଅଂଚଲର ଗୁଡ଼ଭେଲିପଦର, ଡଙ୍ଗାଖୋଲ, ମନମୁଣ୍ଡା, ମହେଶ୍ୱରପିଣ୍ଡା, କନପା ପିଣ୍ଡାପଦର, ମଲିକପଡ଼ା, ଡିଲାପଙ୍ଗା, ବିଳାସପୁର, ବଉଲପୁର ଆଦି ଅଂଚଲର ପାଖାପାଖି ୨୦ ଖଁଡ଼ ଗାଁର ଶୈବପୀଠରୁ ଦଁଡ୍‌ଯାତ୍‌ରା ବାହାରସି। କେନ୍‌କାଲୁ ଇ ଅଂଚଲରେ ଦଁଡ୍‌ଯାତ୍‌ରା ଅନୁଷ୍ଠିତ ହେଇ ଆସୁଛେ। ଦଁଡ୍ ଯାତ୍‌ରା କେନ୍‌ଠାନେ ୧୩ ଦିନ୍ ତ ଆର କେନ୍‌ଠାନେ ୨୧ ଦିନ୍ ଅନୁଷ୍ଠିତ ହେସି। ହେଲେ ସଭେ ବିଷୁବ ସଂକ୍ରାନ୍ତିର ବାସୀଦିନ ମେରୁପରବ୍ ଅନୁଷ୍ଠିତ ହେଇ ଯାତ୍‌ରା ଭାଂଗସି।



ଅଂଚଲର ଗୁଟେ ଦଁଡ୍‌ଦଲ ବାନା ବଏରଖି, ଚଡିଛତର ଧରି ଯାଉଛନ୍।

## ମଦମୁକ୍ତି ଅଭିଯାନ ସଚେତନତା ରାଲି

**ବିଜେପୁର,୧୫।୪(ଡି.ଏନ.ଏ)**

ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସଦର ମହକୁମାରେ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସୋମବାର ମଦ ହଟାଅ ଓଡିଶା ବଞ୍ଚାଅ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ବ୍ଲକ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସ୍ଥାନୀୟ ବସଷ୍ଟାଣ୍ଡକୁ ପହଞ୍ଚିଥିଲା। ପୂର୍ବତନ ବିଧାୟକ ତଥା ସଭାପତି ପଦ୍ମଚରଣ ନାୟକଙ୍କ ଅଧ୍ୟକ୍ଷତାରେ ପଥପ୍ରାନ୍ତ ସଭା ହୋଇଥିଲା । ସମ୍ପାଦକ ରମାକାନ୍ତ ମଣ୍ଡଳ, ସହ ସମ୍ପାଦିକା ଅପର୍ଣ୍ଣା ନାଏକ, ଆବାହକ ମଦମୁକ୍ତି ଯୁବ ବାହିନୀର ସତ୍ୟବ୍ରତ ପୃଷ୍ଟି, କଅଶୋକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଗଣେଶ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଷୁବ ସାହିତ୍ୟ ଆସର ଚଇତି ଗୀତି

**ସୋନପୁର,୧୫।୪(ନି.ପ୍ର)**

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଅବସରରେ ଏକ ବିଷୁବ କବିତା ଆସର ସୋନପୁର ତ୍ରିବେଣୀ ସଙ୍ଗମ ରାମେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଗ୍ରଣୀ ଅନୁଷ୍ଠାନ ନାଟ୍ ଦ୍ୱାରା ଆୟୋଜିତ ଏହି ଚଇତି ଗୀତି କବିତା ଆସରରେ ଜିଲା ତଥା ଜିଲା ବାହାରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ଅବକାଶ ପ୍ରଧାନ ଓ କବୟିତ୍ରୀ ସରସ୍ୱତୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ପ୍ରେମ, ବିରହ, ବେଦନା, ବ୍ୟଙ୍ଗ ଓ ଅନେକ ଗୀତି କବିତା ସ୍ଥାନିତ ହୋଇଥିଲା। ନାଟ୍‌ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଏହି ଆସର ଆୟୋଜିତ ହୋଇଥିଲା। କବି ଡ. ଦେବାଶିଷ ପାଣିଆ, ସୌରଭ ରଞ୍ଜନ ଖମାରୀ, ବେଣୁଧର ପ୍ରଧାନ, ରଞ୍ଜିତା ପଣ୍ଡା, ସୃତିଶିଖା ମହାପାତ୍ର, ସନ୍ତୋଷିନୀ ନନ୍ଦ, ସସ୍ମିତା ମେହେର, ଦିଲ୍ଲିପ ମହାନ୍ତି, ସଞ୍ଜିବ ନାୟକ, ରଞ୍ଜୁ ଅମାତ, ଭାର୍ଗବ ପ୍ରଧାନ, ସୀତାକାନ୍ତ ସିଂ, ପ୍ରଭାତ ଖମାରୀ ଓ ଆଶିଷ ମିଶ୍ରଙ୍କ ପରି ବରିଷ୍ଠ ଏବଂ ଯୁବ କବିମାନଙ୍କ ସହିତ ବୌଦ୍ଧ, ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲାର ଅନେକ ଯୁବ କବି ଏଥିରେ ସାମିଲ ହୋଇଥିଲେ। ନାଟ୍‌ର ସାହିତ୍ୟ ସମ୍ପାଦକ ନରେନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା, ସମ୍ପାଦକ(ସମାଜସେବା) ସଞ୍ଜୟ କୁମାର ପଣ୍ଡା, ଉପସଭାପତି ଶୈଳେନ୍ଦ୍ର ବହିଆ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ଗାଳ୍ପିକ ତଥା ନାଟ୍‌ର ସାହିତ୍ୟ ପରିଷଦର ସଭ୍ୟ କ୍ଷିରୋଦ ବିହାରୀ ବିଶ୍ୱାଳ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ପ୍ରଦାନ କରିଥିଲେ ।



ଚଇତି ଗୀତି କବିତା ଆସରରେ ଉପସ୍ଥିତ କବୟିତ୍ରୀ ଓ କବି ।



ଶିବଧନୁ ଭଙ୍ଗ ନାଟ୍ୟାଭିନୟର ଏକ ଦୃଶ୍ୟ ।

## ଶ୍ରୀରାମଲୀଳା ନାଟ୍ୟୋତ୍ସବ: ଶିବଧନୁ ଭଙ୍ଗ ମଞ୍ଚସ୍ଥ

**ଘଣ୍ଟାପଡା, ୧୫।୪ (ଡି.ଏନ.ଏ)**

ଘଣ୍ଟାପଡାର ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ୧୩ ତାରିଖରୁ ଶ୍ରୀରାମଲୀଳା ନାଟ୍ୟୋତ୍ସବ ଆରମ୍ଭ ହୋଇଛି । ଗତ ରବିବାର ରଜନୀରେ ଶିବଧନୁ ଭଙ୍ଗ ନାଟ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା । ସଦାଶିବ ଭଣତି ଶ୍ରୀରାମଲୀଳା ସ୍ମାରକ ବ୍ୟାସଦେବ ଥନାପତିଙ୍କ ଦ୍ୱାରା ଆୟୋଜିତ ନାଟକରେ ରାମ ଭୂମିକାରେ ଫକୀର ରଣା, ଲକ୍ଷ୍ମଣ ବାସୁଦେବ ମଲିକ, ସୀତା ରସରାଜ ସେନାପତି, ଜନକ ଲିଙ୍ଗରାଜ ମଲିକ ପ୍ରମୁଖ ଅଭିନୟ କରିଥିଲେ । ସେହିପରି ଶ୍ରୀ ରଘୁନାଥ ନାଟ୍ୟ ସଂସଦ ଏବର୍ଷ ଶ୍ରୀରାମଲୀଳାକୁ ପାରାୟଣ ଓ ପ୍ରବଚନ ମାଧ୍ୟମରେ ପାଳନ କରୁଛି । ଦୀର୍ଘ ୭୯ ବର୍ଷ ହେଲା ଘଣ୍ଟାପଡାର ଦୁଇ ଦଳ ନିୟମିତ ନାଟ୍ୟୋତ୍ସବ ପାଳନ କରିଆସୁଛନ୍ତି। ସୋମବାର ତୃତୀୟ ରଜନୀରେ ସୀତା ବିବାହ ଓ ପର୍ଶୁରାମଙ୍କ ଦର୍ପଦଳନ ନାଟକ ମଞ୍ଚସ୍ଥ ହୋଇଛି ।

ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

## କୁଞ୍ଜଲତା କଲଚରାଲ, ସାରଥି କ୍ରୀଡ଼ା ଚାମ୍ପିୟନ

**ଡୁଙ୍ଗୁରିପାଲି, ୧୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଓ ଅନ୍ତିମ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପଧାନ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ କବି ଓ କଳାକାର ସଂଘ ସଭାପତି ବିପ୍ରଚରଣ ସାହୁ ଓ ସାମାଜିକ କର୍ମୀ କିସନ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ପାଠପଢା ସହ ସୁନାଗରିକ ହେବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରାମପ୍ରସାଦ ବାଗ ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କବିତା ମାଧ୍ୟମରେ ମାର୍ଗଦର୍ଶନ ଦେଇଥିଲେ। ଛାତ୍ର ସଂସଦର ପରାମର୍ଶଦାତା ଅଧ୍ୟାପକ ବିଜୟାନନ୍ଦ ଦାସ ସଭା ସଂଯୋଜନା କରିଥିବା ବେଳେ ସୁଶ୍ରୀ ମାନିନୀ ନାଏକ ସ୍ୱାଗତ ସଂଗୀତ ଗାନ କରିଥିଲେ। ପ୍ରଥମ ପର୍ଯ୍ୟାୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବାଳକୃଷ୍ଣ ପଟେଲ ଓ ରସାନନ୍ଦ ଥପା। କୁଞ୍ଜଲତା ବେହେରା କଲଚରାଲ ଚାମ୍ପିୟନ, ସାରଥୀ ବେହେରା କ୍ରୀଡା ଚାମ୍ପିୟନ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଡ. ସରୋଜ କୁମାର ଦାସ, ଅଧ୍ୟାପକ ବିରାଟ ପଧାନ, ମାନସରଞ୍ଜନ ଖମାରୀ, ଆଶୀର୍ବାଦ ପୁରୋହିତ, ସିଦ୍ଧାନ୍ତ ଗୌତମ, ଲିୟା ଯୁଆଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ର ସଂସଦର ସମ୍ପାଦିକା ପ୍ରୀତି ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ।




କଲଚରାଲ ଚାମ୍ପିୟନ କୁଞ୍ଜଲତା ବେହେରାଙ୍କୁ ପୁରସ୍କୃତ କରାଯାଉଛି ।



ଅହଂକୁ ଯେତିକି ଦୂରରେ ରଖିବ ତୁମର ଜ୍ଞାନରେ
ବା ଦର୍ଶନର ସୀମା ସେତିକି ବିସ୍ତାର ହେବ।
- ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର



## ସଂକ୍ଷେପରେ

### ସାନି ଭୋଟର ତାଲିକାରେ ନାଁ ନାହିଁ: ମତଦାନରୁ ବଞ୍ଚିତ ହେବେ ବହୁ ଭୋଟର

**ସଇଁତଲା, ୧୫।୪(ଡି.ଏନ.ଏ.):** ବଲାଙ୍ଗୀର ଲୋକ ସଭା ଓ ଟିଟିଲାଗଡ଼ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ଅସନ୍ତା ୧୮ ତାରିଖରେ ଭୋଟ ହେବାକୁ ଥିବାବେଳେ ଭୋଟର ତାଲିକା ଆସିସାରିଛି। ନୂତନ ତାଲିକାରେ ବହୁ ନୂତନ ଓ ପୁରାତନ ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଏହା ଜଣା ପଡିବା ପରେ ବର୍ତ୍ତମାନ ଭୋଟରମାନେ କଣ କରିବେ ତାହା ସରକାରୀ ଅଧିକାରୀ ମଧ୍ୟ କହିପାରୁ ନାହାନ୍ତି। ସଇଁତଲା ବ୍ଲକରେ ଗତଥର ଭୋଟ ଦେଇଥିବା କିଛି ଭୋଟର ତାଙ୍କ ନାମ ନୂତନ ଲିଷ୍ଟରେ ନ ଥିବାରୁ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ କାର୍ଯ୍ୟାଳୟରେ କୌଣସି ଅଧିକାରୀ ନ ଥିବାରୁ ସେମାନେ ନିରାଶ ହୋଇ ଫେରି ଆସିଥିଲେ। ଏହାପରେ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗଙ୍କୁ ଦେଖାକରି ଏ ବିଷୟରେ ଅବଗତ କରିଥିଲେ। ଏ ବିଷୟରେ ମୁଁ କିଛି କରିପାରିବି ନାହିଁ, ଟିଟିଲାଗଡ଼ ଯାଇ ସେଠାରେ ବୁଝିବାକୁ ଡୁଙ୍ଗଡୁଙ୍ଗ କହିଥିଲେ। ଏ ସମ୍ପର୍କରେ ବିଡ଼ିଓ ପଟ୍ଟନାୟକଙ୍କୁ ଫୋନ ଯୋଗେ ଭୋଟରମାନେ ପଚାରିବାରୁ ବର୍ତ୍ତମାନ ଆଉ କିଛି ମଧ୍ୟ କରାଯାଇପାରିବ ନାହିଁ ବୋଲି କହିଥିବା ଭୋଟରମାନେ କହିଥିଲେ। ସଇଁତଲା ବ୍ଲକ ଛକର ସତ୍ୟନାରାୟଣ ଗୁପ୍ତା, ବାଗମରା ଗ୍ରାମର ନରୋତ୍ତମ ଭୋଇ ଗତ ପଞ୍ଚାୟତ ନିର୍ବାଚନ ସମୟରେ ଭୋଟ ଦେଇଥିବାବେଳେ ବର୍ତ୍ତମାନର ଭୋଟର ତାଲିକାରେ ସେମାନଙ୍କର ନାମ ନ ଥିବାରୁ ମତାଧିକାର କିଭଳି ସାବ୍ୟସ୍ତ କରିବେ ବୋଲି କହିଛନ୍ତି।

### ହନୁମାନ ଜୟନ୍ତୀ ପାଳିତ

**ବେଲପଡା, ୧୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବାସୁଦେବ ପଡା ଓ ବଜରଙ୍ଗବଲି ପଡାରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ବାସୁଦେବ ପଡାରେ ଶନିବାର ଅଧିବାସ ହୋଇଥିଲା। ପଡାର ଶ୍ରଦ୍ଧାଳୁ ମହିଳା ପୁରୁଷ ସ୍ଥାନୀୟ ପୁଷ୍କରଣୀରୁ ପୂର୍ଣ୍ଣ ଜଳକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରବିବାର ବିଧିମତେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନରେ ବିରାଟ ଶୋଭାଯାତ୍ରାରେ ବଜରଙ୍ଗ ବଳିପଡା ଓ ବାସୁଦେବପଡା ପୂଜାକମିଟି କର୍ମକର୍ତ୍ତାଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ହାତରେ ବଜରଙ୍ଗବଳି ପତାକା ସହ ହନୁମାନଙ୍କ ବିଗ୍ରହ ଧରି ସହର ପରିକ୍ରମା କରିଥିଲେ ।

### 'କୌଣସି ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦିଅନି'

**ସମ୍ବଲପୁର,୧୫।୪(ବ୍ୟୁରେ):** ସମ୍ବଲପୁର ଜିଲା ରେଢାଖୋଲ ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଜୟଲାଲ ବେହେରା ସୋମବାର ଯୁଯୁମୁରା ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିଛନ୍ତି । କେଶାପାଲି, କୋଳଗାଁ, ଗଡଲୁଇସିଂ ଗାଁରେ ସେ ପଦଯାତ୍ରା କରି ଭୋଟରଙ୍କୁ ଭେଟିଥିଲେ। ତେବେ କୌଣସି ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ଭୋଟ୍ ନ ଦେବାକୁ ସେ ଭୋଟରଙ୍କୁ ପରାମର୍ଶ ଦେଇଥିଲେ। କୃଷ୍ଣଚନ୍ଦ୍ର ବାଙ୍କ, ଅଶ୍ୱିନୀ ପ୍ରଧାନ, ରତନ ଟପ୍ପୋ, ବଳରାମ ପ୍ରଧାନ ପ୍ରମୁଖ ତାଙ୍କ ସହ ପ୍ରଚାରରେ ସାମିଲ ହୋଇଥିଲେ।


# ବଲାଙ୍ଗୀର ଜିଲାରେ ନବୀନଙ୍କ ମାରାଥନ୍ ରୋଡ୍ ଶୋ

- ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜିରେ ବିପୁଳ ସ୍ୱାଗତ
- ସାଲେଭଟାରେ ଗସ୍ତକୁ ବିରୋଧ: ଦୋକାନ ବଜାର ବନ୍ଦ, କଳାପତାକା ଲଗାଇଲେ
- ପାଟଣାଗଡରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖି ନ ପାରି ଲୋକେ ନିରାଶ

**ବଲାଙ୍ଗୀର ଅଫିସ,୧୫।୪**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବଲାଙ୍ଗୀର ଜିଲାରେ ମାରାଥନ୍ ରୋଡ ଶୋ' କରି ବିଜେଡି ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ସ୍ୱତନ୍ତ୍ର ବସ୍ ଯୋଗେ ଜିଲାର ପାଟଣାଗଡ, ବେଲପଡା, କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ହଳଦୀ, ଟିଟିଲାଗଡ, ବେଲଗାଁ, ସଇଁନ୍ତଲା, ଦେଓଗାଁ, ବଲାଙ୍ଗୀର, ଲୋଇସିଂହା, ସାଲେଭଟାଠାରେ ରୋଡ ଶୋ କରି ସେଠାରୁ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଦେଇ ବରଗଡ ଅଭିମୁଖେ ଯାଇଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର ପରେ ବଲାଙ୍ଗୀର ଜିଲାର ୫ଟି ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ, ନେତା ଓ କର୍ମୀମାନେ ଉତ୍ସାହିତ ହୋଇପଡିଛନ୍ତି ।

ଦିନ ପ୍ରାୟ ୧ଟା ବେଳେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ପାଟଣାଗଡ ନିକଟ ରାମପୁର ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପାଟଣାଗଡ ମୁଖ୍ୟରାସ୍ତା ଦେଇ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଯାଇଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା ପରେ ସେଠାରୁ ବେଲପଡା ଯାଇଥିଲେ।





ବଲାଙ୍ଗୀର ସହରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ଶୋ' ଅବସରରେ ଜନସାଧାରଣଙ୍କୁ ଅଭିବାଦନ ଜଣାଉଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବସ୍ ସମ୍ମୁଖରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଓ ବିଧାୟକ ପ୍ରାର୍ଥୀ ସରୋଜ ମେହେର ପ୍ରଚାର କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ପାଟଣାଗଡରେ ପୂର୍ବାହ୍ନ ୧୦ଟାରୁ ଲୋକଙ୍କ ଭିଡ ଲାଗିଥିଲା । ପ୍ରଚଣ୍ଡ ଖରାରେ ଲୋକେ ଅପେକ୍ଷା କରିଥିଲେ । ତେବେ ଦିନ ପ୍ରାୟ ୧ଟାରେ ମୁଖ୍ୟମନ୍ତ୍ରୀ ଆସିଥିଲେ ମଧ୍ୟ ପାଟଣାଗଡରେ କେବଳ ବସ୍ ଭିତରୁ ହାତ ହଲାଇ ଅଭିବାଦନ ଜଣାଇଥିଲେ । ଫଳରେ ବହୁ ଲୋକେ ତାଙ୍କୁ ଦେଖି ନ ପାରି ନିରାଶ ହୋଇଥିବା ଦେଖାଯାଇଥିଲା । ପାଟଣାଗଡରୁ ବେଲପଡା ଦେଇ କଣ୍ଟାବାଞ୍ଜି ପହଞ୍ଚିବା ପରେ ଦଳୀୟ ବିଜେଡି କର୍ମୀ ଓ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । କଣ୍ଟାବାଞ୍ଜି ବିଧାନସଭା ପ୍ରାର୍ଥୀ ଅଜୟ ଦାସ ସେଥିରେ ସାମିଲ ଥିଲେ । ଏହାପରେ ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକର ହଳଦୀ ଦେଇ ସ୍ୱତନ୍ତ୍ର ବସ୍ ଟିଟିଲାଗଡରେ ପହଞ୍ଚିଥିଲା । ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁ ଓ ବହୁ କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ମୁଖ୍ୟ ରାସ୍ତାରେ ସ୍ୱତନ୍ତ୍ର ବସ୍‌ରେ ରୋଡ ଶୋ କରାଯାଇଥିଲା । ଏହାପରେ ବେଲଗାଁ, ସଇଁନ୍ତଲା, ଦେଓଗାଁଠାରେ ମଧ୍ୟ ବହୁ ବିଜେଡି କର୍ମୀ ଓ ନେତା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଦେଓଗାଁରେ ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ। ଦେଓଗାଁରୁ ବଲାଙ୍ଗୀର ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଆରଟିଓ ଅଫିସ ଛକରେ ସ୍ୱାଗତ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ବସ୍ ସମ୍ମୁଖରେ ଏକ ଖୋଲା ଜିପ୍‌ରେ ଲୋକ ସଭା ପ୍ରାର୍ଥୀ କଳିକେଶ, ବିଧାୟକ ପ୍ରାର୍ଥୀ ଅର୍କେଶ ଓ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ପ୍ରଚାର କରିଥିଲେ । ପ୍ୟାଲେସ ଲାଇନ୍ ଛକ, ଭାଗିରଥି ଛକ, ପାଟଣା ହୋଟେଲ ଛକ, ଗାନ୍ଧୀନଗରପଡା ଛକରେ ମୁଖ୍ୟମନ୍ତ୍ରୀ ବସ୍ ଉପରୁ ଲୋକଙ୍କୁ ବିଜେଡି ସପକ୍ଷରେ ଭୋଟ୍ ଦେବାକୁ କହିଥିଲେ । ଆପଣଙ୍କ ସହରକୁ ଆସିଛି ଆପଣ ଖୁସି ତ' ବୋଲି ପ୍ରଶ୍ନ କରି ଲୋକଙ୍କୁ ଉତ୍ସାହିତ କରିଥିଲେ । ଏତିକି କହି ସେ ବଲାଙ୍ଗୀର ସହରରୁ ଲୋଇସିଂହା ଅଭିମୁଖେ ଯାଇଥିଲେ। ଲୋଇସିଂହାରେ ପ୍ରଚାର କରିବା ପରେ ବଲାଙ୍ଗୀର ଜିଲାର ଶେଷ ଗ୍ରାମ ଭାବେ ସାଲେଭଟା ପହଞ୍ଚିଥିଲେ । ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି ସାଲେଭଟା ଠାରେ ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା ଓ ଜାତୀୟ ରାଜପଥ ଉପରେ କଳାପତାକା ଲଗାଯାଇଥିବା ଦେଖିବାକୁ ମିଳିଛି । ପୂର୍ବତନ ସାଂସଦ ବାଳଗୋପାଳ ମିଶ୍ରଙ୍କ ନେତୃତ୍ୱରେ ଏଠାରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରି କଳାପତାକା ଲଗାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି ।

### ଚର୍ଚ୍ଚ ଉନ୍ନୟନ ପାଣ୍ଠି ହେରଫେରକୁ ନେଇ ମାରପିଟ, ୨ଗିରଫ

**ସଇଁତଲା, ୧୫।୪(ଡି.ଏନ.ଏ.)**

ସଇଁତଲାସ୍ଥିତ ମିଶନ ଚର୍ଚ୍ଚରେ ରବିବାର ବିଜୟ ଯାତ୍ରା ଦିବସ ଚାଲିଥିବାବେଳେ ଚର୍ଚ୍ଚ ପାଣ୍ଠି ହେରଫେରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଘଟିଛି। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ପୋଲିସ ଦୁଇଟି ପୃଥକ ମାମଲା ରୁଜୁକରି ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସଇଁତଲା ଥାନା ଅଧିକାରୀ ବାରିଣୀ ଦାସ କହିଛନ୍ତି । ସଇଁତଲା କଅଁସରପଡ଼ାସ୍ଥିତ ମିଶନ ଚର୍ଚ୍ଚରେ ରବିବାର ସକାଳୁ ଖ୍ରୀଷ୍ଟିଆନ ସମାଜ ତରଫରୁ ବିଜୟ ଯାତ୍ରା ଦିବସ ଭାବେ ପାଳନ କରାଯାଇଥିଲା। ଉତ୍ସବ ପାଳନ ପରେ ଚର୍ଚ୍ଚ ଉନ୍ନୟନ ପାଇଁ ଆଲୋଚନା ଚାଲିଥିଲା। ଏମଏଲଏ ଲ୍ୟାଡରୁ ଦୁଇଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟାଦେଶ ହୋଇଥିବା କୁହାଯାଇଥିଲା। ଏଥିରେ ଏକ ଗୋଷ୍ଠୀର ସଦସ୍ୟମାନେ ଚର୍ଚ୍ଚର ଉନ୍ନୟନ ପାଇଁ ପୂର୍ବରୁ ଥିବା ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହିସାବ ମାଗିଥିଲେ। ପୂର୍ବ ପାଣ୍ଠିର ଠିକ ହିସାବ ଜଣା ନ ପଡ଼ିବାରୁ ଉପସ୍ଥିତ ଚର୍ଚ୍ଚର ସଦସ୍ୟମାନେ ନିଜନିଜ ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲେ। ଏଥିରେ ପ୍ରକାଶ ନନ୍ଦ ଓ ଥମାସ ନାଗ ଗୁରୁତର ହୋଇଥିଲେ। ଏ ସଂକ୍ରାନ୍ତରେ ସଇଁତଲା ଥାନାରେ ଏକ ମାମଲା (ନଂ.୮୪/୧୯) ଅନୁସାରେ ପ୍ରକାଶ ନନ୍ଦ ଓ ମାମଲା( ନଂ.୮୫/୧୯) ଅନୁସାରେ ଥମାସ ନାଗଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଗନ୍ଧମାର୍ଦ୍ଦନର ଜୈବ ବିବିଧତା ସୁରକ୍ଷା ଉପରେ ଗୁରୁତ୍ୱ

### ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା

**ଖପ୍ରାଖୋଲ, ୧୫।୪(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ହାଇସ୍କୁଲ ପରିସରରେ ଓଡିଶା ବାୟୋ ଡାଇଭରସିଟି ବୋର୍ଡ ଭୁବନେଶ୍ୱର ଓ ବଲାଙ୍ଗୀର ଜିଲା ଜଙ୍ଗଲ ସୁରକ୍ଷା ଫୋରମ୍‌ର ମିଳିତ ଆନୁକୂଲ୍ୟରେ ଜୈବ ବିବିଧତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳମଣି ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ସମ୍ମାନିତ ଅତିଥି ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ, ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପରିବେଶ କର୍ମୀ ଅଭୟ ତ୍ରିପାଠୀ, କ୍ଷମାନିଧି ଭୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଜୈବ ବିବିଧତା, ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଗନ୍ଧମାର୍ଦ୍ଦନ ପାହାଡରେ ଜୈବ ବିବିଧତା ତଥା ଦୁର୍ଲଭ ବନୌଷଧି ରହିଛି । ଏଣୁ ଏହାର ସୁରକ୍ଷା ପାଇଁ ରାଜ୍ୟ ଜୈବ ବିବିଧତା ବୋର୍ଡ ପଦକ୍ଷେପ ନେବାକୁ ଆବାହକ ସାହୁ ମତପୋଷଣ କରିଥିଲେ। ଏହି ଅବସରରେ ଧଣ୍ଡାମୁଣ୍ଡା ଏବଂ ମହରାପଦର ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଙ୍ଗଲି ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ଜୀବନ ଜୀବିକା ଓ ଜନସାଧାରଣଙ୍କ ଅର୍ଥନୀତି ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ । କୃତି ପ୍ରତିଯୋଗୀଙ୍କୁ ଭୁବନେଶ୍ୱରଠାରେ ବୋର୍ଡ ତରଫରୁ ସମ୍ମାନିତ କରାଯିବା ନେଇ ଜଣାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହରିଶଙ୍କର ବନପାଳ ବିପିନ ସାହୁ, ଧରମ ସିଂ ଧରୁଆ, ଅଜୟ କୁମାର ଭୋଇ, ନବକିଶୋର ନନ୍ଦ, ଉମାକାନ୍ତ ମାଝୀ, ଧନଞ୍ଜୟ ପୁରୋହିତ, କୃପାସିନ୍ଧୁ ସାହୁ, ପ୍ରାଣବନ୍ଧୁ ସାହୁ ପ୍ରମୁଖ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।





ଜୈବ ବିବିଧତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ଟିଟିଲାଗଡ଼ରେ ବିଷୁବ ମିଳନ

**ଟିଟିଲାଗଡ, ୧୫।୪ (ଡି.ଏନ.ଏ.)**

ସାହିତ୍ୟ, ସଂସ୍କୃତି ଟିଟିଲାଗଡ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ପ୍ରଭାବତୀ ପବ୍ଲିକ ସ୍କୁଲରେ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଡିଜେ ଟିଟିଲାଗଡ ଶ୍ରୀକାନ୍ତ ମିଶ୍ର, ଥୁଆମୁଲା ରାମପୁର କଲେଜ ଅଧକ୍ଷ ସତ୍ୟନାରାୟଣ ମୁଣ୍ଡ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ଜ୍ୟୋତିପ୍ରକାଶ ଗଡତ୍ୟା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଉମେଶ ଚନ୍ଦ୍ର ଦାଶ ସଭା ସଂଯୋଜନା କରିଥିଲେ। ଧନ୍ୟବାଦ ଦେଇଥିଲେ ବନମାଳୀ ଦାଶ । ଏହି ସଭାରେ ଶତାଧିକ ଲୋକ ଯୋଗଦେଇଥିଲେ। ଅନୁଷ୍ଠାନ ତରଫରୁ ଗଜାନନ ମିଶ୍ରଙ୍କୁ ବିଷୁବ ସମ୍ମାନ, ବିରଞ୍ଚି ନାରାୟଣ ଦାଶଙ୍କୁ ଶିକ୍ଷା ସମ୍ମାନ ଓ ଗୟାଧର ଦାସଙ୍କୁ ଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ଉପସଭାପତି ସେବକ ଚରଣ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।





କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ତରଫରୁ ଜିଲା ଦାବି ନେଇ ପ୍ଲାକାର୍ଡ ପ୍ରଦର୍ଶନ କରାଯାଉଛି ।

## ସଂଘର୍ଷ ସମିତି ଜଣାଇଲା କଣ୍ଟାବାଞ୍ଜି ଜିଲା ଦାବି

**କଣ୍ଟାବାଞ୍ଜି, ୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ଶୋ କରିଥିଲେ। କୁର୍ଲି ଗ୍ରାମରୁ କଣ୍ଟାବାଞ୍ଜ କେ.ଭି. କଲେଜ ଯାଏ ରାଜ୍ୟ ରାଜପଥ ୪୨ର ଦୁଇ ପଟେ ହଜାର ହଜାର ଜନସାଧାରଣ ଅପେକ୍ଷା କରିଥିଲେ। ଇନ୍ଦିରା ଛକଠାରେ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ତରଫରୁ ଏହି ଅବସରରେ ଜିଲା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା ।

## ପ୍ରଚାରକୁ ଜୋର୍‌ଦାର କଲେ ଭାଜପା, ବିଜେଡି, କଂଗ୍ରେସ

**ଲୋଇସିଂହା, ୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅଧୀନ ଲୋଇସିଂହା ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏଠାରେ ଆଗାମୀ ୧୮ତାରିଖ ମତଦାନ ହେବାକୁ ଥିବା ବେଳେ ପ୍ରଚାରକୁ ମାତ୍ର ଆଉ ଗୋଟିଏ ଦିନ ହାତରେ ରହିଛି। ଏଥିପାଇଁ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ବଲାଙ୍ଗୀର ଲୋକ ସଭା ପାଇଁ ଭାଜପା ପ୍ରାର୍ଥିନୀ ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ ଏବଂ ସିନେ ଅଭିନେତ୍ରୀ ଅନୁ ଚୌଧୁରୀ ଲୋଇସିଂହା ଓ ବୁର୍ଡା ଗ୍ରାମରେ ରୋଡ ଶୋ କରି ଭାଜପା ପାଇଁ ଭୋଟ ଭିକ୍ଷା କରିଥିଲେ ।

ଲୋଇସିଂହା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ବେହେରା ଓ ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ସମର୍ଥକଙ୍କ ସହ ଆଗଲପୁର ବ୍ଲକର ରାମପୁର, ସାଲେଭଟା, ଡୁଡୁକା, ରୋତ ଓ ଆଗଲପୁର ବ୍ଲକ ଅଞ୍ଚଳରେ ବାଇକ ରାଲି କରି ଦଳକୁ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ ।

ସେହିପରି ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ନବ କିଶୋର ନାୟକ ସ୍ଥାନୀୟ ଅଗ୍ରସେନ ଭବନରୁ ସମର୍ଥକଙ୍କ ସହ ବାହାରି ବୁର୍ଡା ଗାଁ ପରିକ୍ରମା କରିଥିଲେ। ସେଠାରୁ କୁଟେନପାଲି ପଣ୍ଡରାଣୀ, ଚନ୍ଦଳୁରୀ ଦେଇ ଝାରମୁଣ୍ଡା ଯାଇଥିଲେ। ଝାରମୁଣ୍ଡାରେ ଅନୁଷ୍ଠିତ ସଭାରେ ସେ ଭାଜପା ଓ ବିଜେଡିର କଥାରେ ଭଳି ନ ଯାଇ ତାଙ୍କୁ ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ପ୍ରଚାର ଅଭିଯାନରେ ସ୍ୱାଧୀନ ପ୍ରାର୍ଥୀ ମନୋରଞ୍ଜନ କୁମ୍ଭାର ବି ପଛରେ ପଡି ନାହାନ୍ତି। ରବିବାର ସେ ଲୋଇସିଂହା ବାବା ମଠଠାରୁ ସମର୍ଥକଙ୍କ ସହ ଏକ ବାଇକ ରାଲି କରିଥିଲେ। ପରେ ସେ ଆଗଲପୁର ବ୍ଲକର ଝରଣୀପାଲି, ଭରସୁଜା, ରୋତ, ଡୁଡୁକା ଓ ଉପରବାହାଲ ପ୍ରଭୃତି ଗାଁକୁ ଯାଇ ଲୋକଙ୍କ ସମର୍ଥନ ମାଗିଥିଲେ ।

## ନିର୍ବାଚନ କାର୍ଯ୍ୟରେ ଆସିଥିବା ଡ୍ରାଇଭରଙ୍କ ରାସ୍ତାରୋକୋ

**ଟିଟିଲାଗଡ଼, ୧୫।୪(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ନେଇ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ରିକ୍ୟୁଜିସନ କରି ଅଣାଯାଇଥିବା ଗାଡିଗୁଡିକର ଡ୍ରାଇଭରମାନେ ସୋମବାର ଖାଦ୍ୟ ଖର୍ଚ୍ଚ ଦାବି କରି ଡିଏଭି କଲେଜ ସମ୍ମୁଖରେ ୫୯ନମ୍ବର ଜାତୀୟ ରାଜପଥ ଉପରେ ଧାରଣାରେ ବସିଛନ୍ତି। ନିର୍ବାଚନ କାର୍ଯ୍ୟରେ ବ୍ୟବହାର ପାଇଁ କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲାରୁ ପ୍ରାୟ ୩୦୦ ଗାଡି ଆସି ସ୍ଥାନୀୟ ଡିଏଭି କଲେଜରେ ପାର୍କିଂ ହୋଇଛି। ଟିଟିଲାଗଡ ଏବଂ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥକୁ ମଙ୍ଗଳବାରଠାରୁ ନିର୍ବାଚନ ଦାୟିତ୍ୱରେ ରହିଥିବା ପୋଲିଂ ଅଧିକାରୀ କର୍ମଚାରୀଙ୍କୁ ନେଇ ଗାଡିଗୁଡିକ ଯିବାକୁ ଧାର୍ଯ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ଡ୍ରାଇଭରମାନେ ସନ୍ଧ୍ୟାରେ କଲେଜ ସମ୍ମୁଖରେ ଧାରଣା ଦେବାରୁ ଅଚଳାବସ୍ଥା ସୃଷ୍ଟି କରିଛି। ଟିଟିଲାଗଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ସୁଧାକର ନାୟକଙ୍କୁ ଯୋଗାଯୋଗ କରିବାରୁ ନିର୍ବାଚନ କାର୍ଯ୍ୟରେ ଆସିଥିବା କଳାହାଣ୍ଡି ଜିଲାର ସମସ୍ତ ଗାଡିର ଭଡା ଟଙ୍କା ପୂର୍ବରୁ ପ୍ରଦାନ କରାଯାଇ ସାରିଥିବା କହିଛନ୍ତି। ବଲାଙ୍ଗୀର ଜିଲା ଗାଡିର ଭଡା ଦେୟ ଦିଆଯାଇନାହିଁ। ଗାଡି ଡ୍ରାଇଭରମାନଙ୍କୁ ୫ଶହ ଟଙ୍କା ଲେଖାଏଁ ଅଗ୍ରୀମ ହିସାବରେ ଦିଆଯିବ। ଗାଡି ଗୁଡିକର ଭଡା ଦେୟ ପରେ ତେଲ ଭର୍ତ୍ତି କରାଯିବା ବ୍ୟବସ୍ଥା ରହିଛି। ସ୍ୱତନ୍ତ୍ର ଭାବେ ଡ୍ରାଇଭରଙ୍କୁ ଖାଇବା ଖର୍ଚ୍ଚ ପ୍ରଦାନ ବ୍ୟବସ୍ଥା ନାହିଁ। ଡ୍ରାଇଭରଙ୍କ ଧାରଣା ନେଇ ଜିଲା ନିର୍ବାଚନ ଅଧିକାରୀଙ୍କୁ ସେ ଜଣାଇଦେଇଥିବା ଉପଜିଲାପାଳ କହିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଡ୍ରାଇଭରଙ୍କ ଧାରଣା ଜାରି ରହିଛି।



ଡିଏଭି କଲେଜ ସମ୍ମୁଖ ରାଜପଥ ଉପରେ ଡ୍ରାଇଭରମାନେ ଧାରଣାରେ ବସିଛନ୍ତି।

### ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କେନ୍ଦୁଡାର ବିଜୟୀ

**ଟିକ୍ରାପଡା, ୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୪ତମ ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ମ୍ୟାଚରେ ଟସ୍ ଜିଣି ଯୁରାବନ୍ଧ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୪ ରନ କରିଥିଲା । ଜବାବରେ କେନ୍ଦୁଡାର ଦଳ ୬ ଓଭରରେ ୨ ଉଇକେଟ ହରାଇ ୭୫ ରନ କରି ବିଜୟୀ ହୋଇଥିଲେ । ଚିତ୍ତରଞ୍ଜନ ଛତ୍ରିଆ, ସର୍ଜନ ମିର୍ଦ୍ଧା, ରିଙ୍କୁ ଛତ୍ରିଆ ଖେଳ ପରିଚାଳନା କରିଥିଲେ । ୨୪ ବଲରେ ୫୩ ରନ କରି ରାଜିନ ନିଆଲ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ପରବର୍ତ୍ତୀ ମ୍ୟାଚ ୧୯ ତାରିଖ ଇଚ୍ଛାପଡା ବନାମ ହାହାପଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

### ସର୍ଗୁଲ କପ୍ କ୍ରିକେଟ


## ଖର୍ସେଲବାଞ୍ଜି ଚାମ୍ପିୟନ

**ଟିକ୍ରାପଡା, ୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଚ୍ଛାପଡା ପଞ୍ଚାୟତ ଅଧୀନ ସର୍ଗୁଲଠାରେ ରକଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପଞ୍ଚମ ସର୍ଗୁଲ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଅନୁଷ୍ଠିତ ଉଦଯାପନୀ ମ୍ୟାଚ୍‌ରେ ଟସ୍ ଜିଣି ଝାରଖମାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯୨ ରନ କରିଥିଲା । ଜବାବରେ ଖର୍ସେଲବାଞ୍ଜି ଦଳ ୮ ଓଭରରେ ୩ ଉଇକେଟ ହରାଇ ୯୩ ରନ କରି ଚାମ୍ପିୟନ ହୋଇଥିଲା । ନରେଶ ବାବୁ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି କିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ୱାର୍ଡସଭ୍ୟ ଖେତୁ ବେଣ୍ଟକାର, ଗୌନ୍ତିଆ ହରିହର ବାବୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦୦୦ ଓ ରନର୍ସ୍ ଅଫ ଦଳକୁ ଟ୍ରଫି ସହ ୩୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ୧୮ ବଲରେ ୩୭ ରନ କରିଥିବା ଖର୍ସେଲବାଞ୍ଜିର ନରିନ ଧରୁଆ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ମ୍ୟାନ ଅଫ ଦ ସିରିଜ ଭାବେ ଗୁରୁ ମିର୍ଦ୍ଧା, ଶ୍ରେଷ୍ଠ ଉଇକେଟ କିପର ଦିଲୀପ ଛତ୍ରିଆ, ଶ୍ରେଷ୍ଠ ବୋଲର ସତ୍ୟ ମହାକୁର ପୁରସ୍କୃତ ହୋଇଥିଲେ ।



ଟ୍ରଫି ସହ ଚାମ୍ପିୟନ ଖର୍ସେଲବାଞ୍ଜି ଦଳର ଖେଳାଳିମାନେ ।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ

### ମେରଘରାରେ ପାନୀୟ ଜଳ ସମସ୍ୟା

**ଭବାନୀପାଟଣା,୧୫।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ମେରଘରା ଗ୍ରାମରେ ପାନୀୟଜଳ ସଙ୍କଟ ଦେଖା ଦେଇଛି। ପଞ୍ଚାୟତ ପକ୍ଷରୁ ଗାଁକୁ ପାନୀୟଜଳ ଯୋଗାଣ ନେଇ ପାଣି ଟାଙ୍କି ନିର୍ମାଣ କରାଯିବା ସହ ପାଇପ୍ ବିଛାଯାଇଛି। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଟାଙ୍କି ସହ ବିଛାଯାଇଥିବା ପାଇପ୍ ଫାଟି ଜଳ ଯୋଗାଣ ହୋଇପାରୁ ନାହାନ୍ତି । ଫଳରେ ପାନୀୟଜଳ ଟୋପାଏ ପାଇବା ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ହେଲେ କୌଣସି ସୁଫଳ ମିଳି ପାରୁ ନାହିଁ। ୨୦୧୮-୧୯ ଆର୍ଥିକ ବର୍ଷରେ ମେରଘରା ଗ୍ରାମ୍ୟ ଜଳଯୋଗାଣ ନିମନ୍ତେ ଆନୁସଙ୍ଗିକ କାର୍ଯ୍ୟ ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ଆସିଥିଲା। ହେଲେ ମରାମତି କାର୍ଯ୍ୟ ହୋଇପାରି ନାହିଁ। ପାନୀୟଜଳ ଯୋଗାଣ ସ୍ୱାଭାବିକ ନ ହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ୪୭୭୭ କର୍ମଚାରୀ ପୋଷ୍ଟାଲ ଭୋଟିଂ କଲେ

**ଭବାନୀପାଟଣା,୧୫।୪(ଡି.ଏନ୍.ଏ.)** କଳାହାଣ୍ଡି ଜିଲାରେ ୪୭୭୭ଜଣ କର୍ମଚାରୀ ପୋଷ୍ଟାଲ ଭୋଟିଂରେ ମତଦାନ କରିଛନ୍ତି। ୪୭୭୫ଜଣ ସରକାରୀ କର୍ମଚାରୀ ମତଦାନ କରିଥିବା ବେଳେ ୨୨ ଜଣ ପୋଲିସ କର୍ମଚାରୀ ମତଦାନ କରିଛନ୍ତି। ପ୍ରକାଶ ଯେ, କଳାହାଣ୍ଡି ଜିଲାର ୧୪ଟି ଭୋଟଦାନ କେନ୍ଦ୍ରରେ ୪୭୭୭ଜଣ ପୋଷ୍ଟାଲ ଭୋଟିଂ କରିଥିଲେ। ଭବାନୀପାଟଣା ସହରର ସରକାରୀ କୃଷି ମହାବିଦ୍ୟାଳୟ, ଡିଆଇଇଟି, ଟାଉନ ନୋଡାଲ ହାଇସ୍କୁଲ, ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରୁଣା ବ୍ଲକ ଓ ସାଇନ୍ସ ବ୍ଲକ, ବିଇଡି କଲେଜ, ମ୍ୟୁନିସିପାଲ ହାଇସ୍କୁଲ, ପୋଲିସ ହାଇସ୍କୁଲ, ଧର୍ମଗଡର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ମହିଳା କଲେଜ, ଆଇଟିଆଇ ଓ ଧର୍ମଗଡ଼ ବ୍ଲକ ଅଫିସ ସମେତ ୧୫ଟି ସ୍ଥାନରେ ଭୋଟ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ପାଇଁ ମତଦାନ କେନ୍ଦ୍ର ଖୋଲାଯାଇଥିଲା। ଏଥିରେ ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ୪୨୮ଜଣ, ଜୁନାଗଡ଼ ନିର୍ବାନମଣ୍ଡଳୀରେ ୧୧୩୬ ଜଣ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ୧୨୪୩ ଜଣ, ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୧୦୩୨ ଜଣ, ନର୍ଲା ନିର୍ବାଚନମଣ୍ଡଳୀରେ ୯୧୬ ଜଣ ସମେତ ୪୭୫୫ ଜଣ କର୍ମଚାରୀ ଭୋଟ ଦେଇଥିଲେ। ସେହିଭଳି ୨୨ଜଣ ପୋଲିସ କର୍ମଚାରୀ ଭୋଟ ଦେଇଥିଲେ। ନୋଡାଲ ଅଫିସର ଭାବେ ଜଲା ପଞ୍ଚାୟତ ଅଧିକାରୀ ଲିଙ୍ଗରାଜ ସାହୁ ନିର୍ବାଚନ ପରିଚାଳନା କରିଥିଲେ।

■ ଲାଞ୍ଜିଗଡ଼ର ଅନନ୍ୟ ପରମ୍ପରା

# ମା' ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ

**ଲାଞ୍ଜିଗଡ଼,୧୫।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଇଷ୍ଟଦେବୀ ମା' ଠାକୁରାଣୀଙ୍କ ଘଟଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମା' ଠାକୁରାଣୀ ୯ଦିନ ଧରି ଘରକୁ ଘର ବୁଲି ଭକ୍ତଙ୍କୁ ଦର୍ଶନ ଦେବାପରେ ସୋମବାର ନିଜ ଆଶନରେ ବିରାଜମାନ ହୋଇଛନ୍ତି। ଗତ ୬ତାରିଖ ଦ୍ୱିତୀୟା ତିଥିରୁ ମା'ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ ହୋଇଥିଲା। ମା'ଙ୍କ ଘଟକୁ ଶେବକମାନେ ଲାଞ୍ଜିଗଡ଼ ରାଜଉଆସରୁ ଆଣି ଗାଁରେ ଥିବା ମା'ଙ୍କ ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରିଥିଲେ । ପରେ ପୂଜକ ଚିତ୍ତରଞ୍ଜନ ପୂଜାରୀ ମା'ଙ୍କ ଘଟକୁ ମୁଣ୍ଡରେ ଧରି ଅଞ୍ଚଳର ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

ଯାତ୍ରାର ଅଷ୍ଟମ ଦିନ ସନ୍ଧ୍ୟାରେ ମା' ଠାକୁରାଣୀଙ୍କୁ ଲାଞ୍ଜିଗଡ଼ ରାଜାଙ୍କ ଘରକୁ ନିଆଯାଇଥିଲା। ସେଠାରେ ପାରମ୍ପରିକ ରିତିରେ ପୂଜାର୍ଚ୍ଚନା ପରେ ନବମ ଦିନ ରାତିରେ ମା'ଠାକୁରାଣୀଙ୍କୁ ଲାଞ୍ଜିଗଡ଼ର ପ୍ରତ୍ୟେକ ଘରକୁ ନିଆଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଝୁଣା, ପଣା, ମୁଆ ଆଦି ଭୋଗ ଲଗାଇଥିଲେ। ସୋମବାର ଉଦ୍‌ଯାପନୀ ଅବସରରେ ସେବକମାନେ ମା'ଙ୍କୁ ପୂଜାରୀପଡ଼ାରୁ ଏକ ବିରାଟ ପଟୁଆରରେ ମା'ଙ୍କୁ ମନ୍ଦିରକୁ ଆଣିଥିଲେ। ଏହି ଅବସରରେ ପୂଜାରୀପଡ଼ା ବାସୀ ଘଣ୍ଟ, ଶଙ୍ଖ, ଖୋଳ, ତାଳରେ ମା'ଙ୍କୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରିଥିଲେ। ଏପରି କି ମାନସିକଧାରୀମାନେ ବୋଦା, କୁକୁଡା, ପାରା ବଳି ଦେଇଥିବା ମଧ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ମା' ଠାକୁରାଣୀ ଭକ୍ତଙ୍କ ପିଠିରେ ଚଢି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ମାଁ ଭକ୍ତଙ୍କ ପିଠିରେ ଚଢି ଆସିଲେ ଲୋକେ ବିଭିନ୍ନ ରୋଗରୁ ମୁକ୍ତି ହେବା ସହ ଶାନ୍ତିମୟ ଜୀବନ ଯାପନ କରିବା ବିଶ୍ୱାସ ରହିଛି। ମା' ଠାକୁରାଣୀ ମନ୍ଦିରକୁ ଆସିଲା ପରେ ଗ୍ରାମର ସମସ୍ତଙ୍କ ଘରୁ ସଂଗ୍ରହ କରାଯାଇଥିବା ଶସ୍ୟକୁ ମା'ଙ୍କଠାରେ ପୂଜାର୍ଚ୍ଚନା ପରେ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ଚାଷୀ ସେହି ଶସ୍ୟକୁ ଘରେ ରଖି ଅକ୍ଷୟତୃତୀୟା ଦିନ ବାହାର କରି ନିଜ ଜମିରେ ବୁଣିଲେ ଭଲ ଅମଳ ହୁଏ ବୋଲି ଲୋକ ବିଶ୍ୱାସ ରହିଛି । ୯ଦିନ ଧରି ମା'ଙ୍କ ଏହି ଘଟଯାତ୍ରା ମହାଆଡମ୍ବର ସହ ପାଳନ ହୋଇଥିବା ବେଳେ ମା'ଙ୍କ ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରିବା ସହ ଭକ୍ତଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ହରିହର ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ବନ୍ଦୋବସ୍ତ କରିଥିବା ବେଳେ ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।



ମା' ଠାକୁରାଣୀ ଭକ୍ତଙ୍କ ପିଠିରେ ଚଢି ନିଜ ଆସନକୁ ବିରାଜମାନ ହେବାକୁ ଯାଉଛନ୍ତି।



ପାଣି ଅଭାବରୁ ଜମି ଫାଟି ଆଁ କଲାଣି।

■ ଇନ୍ଦ୍ରାବତୀ ଦକ୍ଷିଣ କେନାଲ

## କେନାଲରେ ଆସୁନି ପାଣି, ଉଜୁଡ଼ିବ ରବି ଚାଷ

**ଜୁନାଗଡ,୧୫।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ଗତ କିଛି ଦିନ ହେଲା ଠିକ୍ ଭାବେ ପାଣି ଆସୁ ନାହିଁ। ଫଳରେ ରବି (ଡାଲୁଅ) ଧାନ ଫସଲ ଉଜୁଡିବା ଆଶଙ୍କା ଦେଖାଦେଇଛି। ଏନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଜୁନାଗଡ ବ୍ଲକର ଚଞ୍ଚରାବାଡି, ଡୁମେରବାହାଲ ଓ ମାଣିକାପଦର ଗ୍ରାମକୁ ଯାଇଥିବା ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ଗତ କିଛି ଦିନ ହେଲା ଠିକ୍ ଭାବରେ ପାଣି ଆସୁ ନାହିଁ। ବର୍ତ୍ତମାନ ପ୍ରବଳ ଖରାରେ ଚାଷ ଜମିଗୁଡିକ ଫାଟି ଆଁ କଲାଣି। ଏପରିସ୍ଥିତିରେ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡିବା ଆଶଙ୍କା ଦେଖାଦେଇଛି। ଏନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିପାରି ନାହିଁ। ଏ ନେଇ ବିଭାଗୀୟ ଏସ୍‌ଡିଓ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ସୋମବାର କେନାଲରେ ପାଣି ଛଡାଯାଇଛି ବୋଲି କହିଥିଲେ।

## ବିଜୟୱାଡ଼ାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କର୍ଲାମୁଣ୍ଡା ୧୫।୪(ଡି.ଏନ.ଏ.)**

କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଜଣ ଶ୍ରମିକ ମୃତ୍ୟୁ ଘଟିଛି। ସେ ହେଲେ ରିଞ୍ଜା ପଞ୍ଚାୟତ ରେଙ୍ଗାଲି ଗ୍ରାମର ପୀତାମ୍ବର ବାଗଙ୍କ ଜ୍ୟୋଷ୍ଠ ପୁତ୍ର ଭୋଲା ବାଗ(୧୯)। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଭୋଲା କିଛି ମାସ ତଳେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଦାଦନ ଖଟିବାକୁ ଯାଇଥିଲେ। ରବିବାର ସେ ଏକ ଅଟୋ ଯୋଗେ ସଉଦା କିଣିବା ପାଇଁ ବଜାରକୁ ଯାଉଥିଲେ। ସେତିକିବେଳେ ଚଳନ୍ତା ଅଟୋରୁ ସେ ଖସିପଡି ଦୁଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇ ନିକଟସ୍ଥ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋଲାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ଦାଦନ କଟିବାକୁ ଯାଇଥିବା ଗାଁର କିଛି ଯୁବକ ଭୋଲାଙ୍କ ପରିବାର ଲୋକଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଏହା ଜାଣି ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷେ ବିଜୟୱାଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇପଠାଇଛି। ଏନେଇ ବିଜୟୱାଡା ପୋଲିସ ଏକ ମାମଲା (ନଂ. ୧୬୫/୧୯) ରୁଜୁ କରିଥିବା ଜଣାପଡିଛି। ଭୋଲାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ସାନଭାଇଙ୍କ ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିସ୍ଥିତିରେ ରୋଜଗାରିଆ ପୁଅଙ୍କୁ ହରାଇ ପରିବାର ଲୋକେ ହତାଶ ହୋଇ ପଡିଛିନ୍ତି। ଏନେଇ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବ୍ଲକରେ ଏକ ବର୍ଷକ ମଧ୍ୟରେ ୭ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ହେଲେ ଜିଲା ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ତାରିଣୀ ମନ୍ଦିରରେ ଚଣ୍ଡୀ ଯଜ୍ଞ

**ଭବାନୀପାଟଣା,୧୫।୪(ଡି.ଏନ୍.ଏ.)**

ସହରର ପୂର୍ବ ଉପକଣ୍ଠରେ ଏକ ଛୋଟ ପାହାଡ ଉପରେ ଥିବା ତାରିଣୀ ମନ୍ଦିରରେ ଚୈତ୍ର ପର୍ବ ଉପଲକ୍ଷେ ମାସର ୪ଟି ମଙ୍ଗଳବାର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆୟୋଜିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ମଙ୍ଗଳବାର ଦିନ ତାରିଣୀ ମନ୍ଦିରରେ ପୂଜାର୍ଚ୍ଚାନ କରିଥିଲେ। ଏହି ଅବସରରେ ଶନିବାର ମନ୍ଦିରରେ ଚଣ୍ଡୀ ମହାଯଜ୍ଞ ଆୟୋଜିତ ହୋଇଥିଲା। ଯଜ୍ଞରେ ନାରାୟଣ ମିଶ୍ର ଆଚାର୍ଯ୍ୟ ହୋଇଥିବା ବେଳେ ଭବାନୀଶଙ୍କର ଆଚାର୍ଯ୍ୟ ଚଣ୍ଡିପାଠ, ବିଭୁତି ଭୂଷଣ ମହାପାତ୍ର ସିଦ୍ଧବିନାୟକ, ସନ୍ତୋଷ କୁମାର ରଥ ଶିବ ସହସ୍ର ନାମ ପାଠ କରିଥିଲେ। ଶରତ ଚନ୍ଦ୍ର ମହାପାତ୍ର ତାଙ୍କ ସ୍ତ୍ରୀ ଯଜ୍ଞର କର୍ତ୍ତା ହୋଇଥିଲେ। ମନ୍ଦିର ପୂଜାରୀ ଉତ୍ତମ କୁମାର ତ୍ରିପାଠୀ ଓ ପ୍ରଭାକର ତ୍ରିପାଠୀ ଦେବୀଙ୍କ ନୀତି ଓ ତନ୍ତ୍ରପୂଜା ଦାୟିତ୍ୱ ତୁଲାଇଥିଲେ।




ନଇନ୍ଦ୍ରଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି କରି ଗ୍ରାମବାସୀଙ୍କ ସହ ପରିବାର ଲୋକେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

■ ନଇନ୍ଦ୍ର ମୃତ୍ୟୁ ଘଟଣାର ତଦନ୍ତ ଦାବି

## ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ : ହତ୍ୟା ଅଭିଯୋଗ

**ଭବାନୀପାଟଣା,୧୫।୪ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ ପୋଖରୀଗୁଡ଼ା ଗ୍ରାମର ସେନାପତି ନାଏକଙ୍କ ପୁଅ ନଇନ୍ଦ୍ର ନାଏକଙ୍କ ମୃତ୍ୟୁ ଘଟଣା ଇତିମଧ୍ୟରେ ୨୦ ଦିନ ବିତିଯାଇଛି। ହେଲେ ପୋଲିସ ଘଟଣାର କୌଣସି ତଦନ୍ତ କରୁ ନ ଥିବାରୁ ବାଧହୋଇ ଗ୍ରାମବାସୀଙ୍କ ସହ ପରିବାର ଲୋକେ ଭବାନୀପାଟଣା ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ନଇନ୍ଦ୍ରଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଥିବା ଅଭିଯୋଗ କରିବା ସହ ଘଟଣାର ତଦନ୍ତ ଦାବି କରିଥିଲେ। ଅଭିଯୋଗକାରୀଙ୍କ କହିବା ମୁତାବକ, ଗତ ୨୨ତାରିଖ ରାତିରେ ନଇନ୍ଦ୍ରଙ୍କୁ ତାଙ୍କ ସାଙ୍ଗମାନେ ଘରୁ ଡାକି ନେଇଥିଲେ। ହେଲେ ସେ ପରବର୍ତ୍ତୀ ସମୟରେ ଘରକୁ ଫେରି ନ ଥିଲେ। ୨୩ତାରିଖରେ କର୍ଲାପାଟ ପଞ୍ଚାୟତ ସାଇସୁରନି ଗ୍ରାମ ନିକଟରୁ ନଇନ୍ଦ୍ରଙ୍କ ରକ୍ତଜୁଡୁବୁଡୁ ଅବସ୍ଥାରେ ପୋଲିସ ମୃତଦେହ ଉଦ୍ଧାର କରିଥିଲା। ଏପରି କ ଘଟଣାସ୍ଥଳରୁ ଭଙ୍ଗା ଅବସ୍ଥାରେ ନଇନ୍ଦ୍ରଙ୍କ ବାଇକ୍‌କୁ ପୋଲିସ ଜବତ କରିଥିଲା। ସେତିକିବେଳେ ନଇନ୍ଦ୍ରଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ୨୬ତାରିଖରେ ପରିବାର ଲୋକେ ଥୁଆମୂଳ ରାମପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ୨ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା ପରେ ଛାଡିଦେଇ ଥିଲା। ପୋଲିସର ଏଭଳି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ ଗ୍ରାମବାସୀ ଗତ୧ତାରିଖରେ ଭବାନୀପାଟଣା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ତଦନ୍ତର ପୋଲିସ ଅବହେଳା କରୁଥିବା ଜଣାଇଥିଲେ। ଏଥିରେ ମଧ କୌଣସି ଫଳ ନ ମିଳିବାରୁ ମୃତକ ନଇନ୍ଦ୍ରଙ୍କ ବାପା ଓ କିଛି ଗ୍ରାମବାସୀ ସୋମବାର ପୁଣି ଏସ୍‌ପିଙ୍କୁ ଭେଟିବା ପାଇଁ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

## ତାରିଣୀ ପୀଠରେ ମହାବିଷୁବ ସଂକ୍ରାନ୍ତୀ ପାଳନ: ନାମଯଜ୍ଞ ଉଦ୍‌ଯାପିତ

**ପଲମ,୧୫।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ଟକର୍ଲା ମା' ତାରିଣୀଙ୍କ ପୀଠରେ ମହା ବିଷୁବ ସଂକ୍ରାନ୍ତୀ ପାଳନ ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମା'ଙ୍କ ପୀଠରେ ପୂଜକ ଭାବେ ରଜନୀକାନ୍ତ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିଲେ। ଅନ୍ୟପକ୍ଷେ ପ୍ରତ୍ୟହ ଦିନ ପୂଜା କାର୍ଯ୍ୟ କରିବା ପାଇଁ ଚତୁର୍ଭୁଜ ଗହିରଙ୍କୁ ଦାୟିତ୍ୱ ଦିଆଯାଇଛି। ଅନୁଷ୍ଠିତ ନାମଯଜ୍ଞ କର୍ତ୍ତାରେ ଶତ୍ରୁଘ୍ନ ମାଝି ତାଙ୍କ ସ୍ତ୍ରୀ ଶୁଶିଳା ମାଝି ପୂଜାର୍ଚ୍ଚନା କରିଥିଲେ। ସପ୍ତରଷିଭାବେ ଘନ ମାଝି, ବେନି ରଣା, ଗୋବର୍ଦ୍ଧନ ମାଝି, ସଂକୀର୍ତ୍ତନ ବାଗ, ଚୂଡାମଣି ରଣା, ଡମ୍ବରୁଧର ବାଗ, ଗୋଲାପ ମାଝି ରହି ପ୍ରତ୍ୟେକ ପୂଜା କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ଧୀରେନ୍ଦ୍ର ରଥ ରହିଥିବା ବେଳେ ଜପକ ବିଭୁତି ଭୁଷଣ ବିଶି ରହି ପୂଜା କାର୍ଯ୍ୟ କରିଥିଲେ। ନାମଯଜ୍ଞରେ ୭ଟି ସଂକୀର୍ତ୍ତନ୍ୟ ଦଳକୁ ନେଇ ନାମରମ୍ଭ କରାଯାଇଥିଲା। ସୋମବାର ପୂର୍ଣ୍ଣାହୁତି ସହ ଦଧିଭାଣ୍ଡ ଭାଙ୍ଗି ନଗର ପରିକ୍ରମା କରାଯାଇଥିଲା। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା' ତାରିଣୀଙ୍କ ପୂଜା ଓ ନାମଯଜ୍ଞ ଆୟୋଜନ କରାଯାଇଥିଲା। ସମସ୍ତ ଭକ୍ତ ତଥା ଦର୍ଶକଙ୍କ ପାଇଁ ଆୟୋଜକଙ୍କ ପକ୍ଷରୁ ପଣା ଭୋଗ ସହ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

## ଲେଖକ କଳା ପରିଷଦର ବିଷୁବ ମିଳନ ସମାରୋହ

**ଭବାନୀପାଟଣା,୧୫।୪(ଡି.ଏନ୍.ଏ.)**

ଲେଖକ କଳା ପରିଷଦର ବିଷୁବ ମିଳନ ସମାରୋହ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉମେଶଚନ୍ଦ୍ର ମଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଡ. ବିଜୟ ଶତପଥୀ ମୁଖ୍ୟଅତିଥି, ପରିଷଦର ଉପଦେଷ୍ଟା ନାରାୟଣ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି, ଅଧ୍ୟାପକ ଡ. ଦାଶରଥୀ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡ. ସୁଶାନ୍ତ ବିଶିଙ୍କୁ ଗଦାଧର ରାୟଗୁରୁ ସ୍ମୃତି ସମ୍ମାନ, ତ୍ରିଲୋଚନ ସିଂଙ୍କୁ ରାମଚନ୍ଦ୍ର ରଥ ସ୍ମୃତି ସମ୍ମାନ, ଜୟନ୍ତୀ ମିଶ୍ରଙ୍କୁ ହରିହର ମହାପାତ୍ର ସ୍ମୃତିରେ ସମ୍ମାନିତ କରାଯାଇଥିଲା। କବୟିତ୍ରୀ ଦୀପ୍ତି ମୁଣ୍ଡଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାନୁପ୍ରକାଶ ରଥ ମଞ୍ଚ ପରିଚାଳନା କରିଥିଲେ। ଉପପସଭାପତି ବିଶ୍ୱ ମୋହନ ରଥ ଧନ୍ୟବାଦ ଦେଇଥିଲେ।



ଲେଖକ କଳା ପରିଷଦର ବିଷୁବ ମିଳନ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ମା' ମାଉଲୀ କ୍ରିକେଟ ଟୁର୍ନାମେଣ୍ଟ : ପର୍ଲା ଚାମ୍ପିୟନ

**କୋକସରା ୧୫।୪ (ଡି.ଏନ.ଏ.)**

କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ଖପରାମାଲଠାରେ ଚାଲିଥିବା ମାଁ ମାଉଲୀ ଗ୍ରୀନ ବଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଲରାମ ପୂଝାରୀ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ମୂଷାପାଲି ସରପଞ୍ଚ ରଶ୍ମୀରେଖା ରାଉତ, କୋକସରା ଥାନା ଏଏସ୍‌ଆଇ ସୁରେନ୍ଦ୍ର ମୋହନ ସିଂ, ଚନ୍ଦ୍ର ଶେଖର ନାଏକ, ଅଗସ୍ତି ପୂଝାରୀ, ତରୁଣ ବାଗ, ଜୟଲାଲ ଠାକୁର, ମାଧବ ଚନ୍ଦନ, ଗଣେଶ୍ୱର ରାଉତ, ବଲଦେବ ମାଝି, ଚିତ୍ର ମଶ୍ରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ପର୍ଲା ଏବଂ ଡ଼ହଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ଼ହଗାଁ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ପର୍ଲା ଦଳ ୪ ଉଇକେଟ ହରାଇ ୯୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଫାଇନାଲ ଖେଳକୁ ଅମ୍ପାୟର ସୁରେନ୍ଦ୍ର ବାଗ, ମୁକ୍ତେଶ୍ୱର ମାଝି ପରିଚାଳନା କରିଥିବା ବେଳେ ଖେଳର ଧାରାବିବରଣୀ ମୋହିତ କୁମାର ରାଉତ ଦେଇଥିଲେ। ଖେଳର ସ୍କୋରର ଭାବେ ବାଞ୍ଛା ଛତ୍ରିଆ ରହିଥିବା ବେଳେ କ୍ରିକେଟ କମିଟି ସଭାପତି ଜଗବନ୍ଧୁ ରାଉତ, ସମ୍ପାଦକ ଛବିଲ କୁମାର ରାଉତ, ନାରାୟଣ ରାଉତଙ୍କ ସହ ଖପରାମାଲ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।



ମା' ମାଉଲୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପାନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### କୋମନା ଓଏଲଏମ୍ ଅଫିସରେ ନିଆଁ

**କୋମନା, ୧୫।୪:** ନୂଆପଡା ଜିଲା କୋମନା ବ୍ଲକ (ପୁରୁଣା କାର୍ଯ୍ୟାଳୟ)ପରିସରରେ ଥିବା ଓଡିଶା ଜୀବିକା ମିଶନ (ଓଏଲଏମ)ର କାର୍ଯ୍ୟାଳୟରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ବହୁ ସାମଗ୍ରୀ ଚୋରି କରିନେଇଛନ୍ତି। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଅଫିସ ତାଲା ଭାଙ୍ଗି ଭିତରକୁ ପଶିଥିଲେ। ସେଠାରୁ କମ୍ପ୍ୟୁଟର, ଲ୍ୟାପଟପ ଚୋରିକରି ନେଇ ନିଆଁ ଲଗାଇ ଚାଲିଯାଇଥିଲେ। ସକାଳେ କର୍ମଚାରୀମାନେ ଆସି ଦେଖିଲାବେଳକୁ ନିଆଁ ଲଗାଇ ଚୁରମାର ହୋଇଯାଇଛି। ବିଳମ୍ବରେ ହେଲେ ସୁଦ୍ଧା ଅଗ୍ନିଶମ ବିଭାଗ ଆସି ନିଆଁକୁ ଲିଭାଇଥିଲେ। ପୋଲିସ ଏହାର ତଦନ୍ତ କରୁଥିବା ପ୍ରକାଶ।

### ନୀତେଶ, ଜୟଙ୍କ ପାଇଁ ପ୍ରଚାର କଲେ ଧର୍ମେନ୍ଦ୍ର

**ସମ୍ବଲପୁର,୧୫।୪(ବ୍ୟୁରୋ):** ସମ୍ବଲପୁର ସହରରେ ସୋମବାର ସନ୍ଧ୍ୟାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଛନ୍ତି। ସମ୍ବଲପୁର ଲୋକସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀ ନୀତେଶ ଗଙ୍ଗଦେବ ଓ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀ ଜୟନାରାଣ ମିଶ୍ରଙ୍କ ପାଇଁ ଧର୍ମେନ୍ଦ୍ର ଭୋଟ ଭିକ୍ଷା କରିଛନ୍ତି। କୁଞ୍ଜେଲପଡା ଛକରେ ସ୍ୱାଗତ କରାଯାଇଥିଲା। ପରେ ଗେଇଟିରୋଡ, ଗୋଲବଜାର, ରପ୍ତେଳିଆ ଛକ ଦେଇ ମୁଦି ପଡାରେ ଏହି ରୋଡ୍ ଶୋ ଶେଷ ହୋଇଥିଲା। ପ୍ରତ୍ୟେକ ପଡାର ଛକ ଗୁଡିକରେ କର୍ମକର୍ତ୍ତ ଛିଡା ହୋଇ ସ୍ୱାଗତ କରିଥିଲେ।

# ସ୍ୱଚ୍ଛତା, ସବୁଜିମା ଲାଗି ଚାଲିଛି ପ୍ରୟାସ

**ନୂଆପଡା ଅଫିସ, ୧୫।୪**

ସରକାର ସ୍ୱଚ୍ଛତା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ସେ ସବୁ କୁଆଡେ ଲୋକ ଦେଖାଣିଆ ହୋଇ ରହିଯାଉଛି। ଗଣମାଧ୍ୟମରେ କେବଳ ଶିରୋନାମା ହେବା ଭିତରେ ସୀମିତ ରହୁଛି। କ୍ୟାମେରା ଆଗରେ ବିଭିନ୍ନ ଭଙ୍ଗୀରେ ଝାଡୁ ଧରି ସିନେ ତାରକା, ଅଧିକାରୀ, ମନ୍ତ୍ରୀ ନେତା ଛିଡା ହେଉଛନ୍ତି। ହେଲେ ନୂଆପଡା ଜିଲା ସଦର ମହକୁମାରେ ସ୍ୱଚ୍ଛତା ସେବା ସଂଘ ନାଁରେ ଏକ ସ୍ୱେଚ୍ଛାସେବୀମାନଙ୍କ ସଙ୍ଗଠନ ଛିଡା ହୋଇଛି। ସେମାନେ ବିନା ଖର୍ଚ୍ଚରେ ବର୍ଷବର୍ଷ ଧରି ସେବା କାମରେ ଲାଗିଛନ୍ତି। ଆବର୍ଜନା ଜାଗାକୁ ଟାର୍ଗେଟ କରି ସେଠାରେ ବିଭିନ୍ନ ଗଛ ଲଗାଇ ସବୁଜିମା କରୁଛନ୍ତି। ଏହା ସହ ବିଭିନ୍ନ ଜନହିତକାରୀ କାମରେ ନିୟୋଜିତ ହୋଇ ଅନ୍ୟପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ଜିଲା ସଦର ମହକୁମାର କେନ୍ଦ୍ରସ୍ଥଳରେ ରହିଛି ଜିଲା ମୁଖ୍ୟ ଚିକିତ୍ସାଳୟ। ଏଠାରେ ଦିନ ଥିଲା ଆବର୍ଜନା କୁଢକୁଢ ରହିଥିଲା। ଏହାକୁ ନେଇ ବିଭିନ୍ନ ସଙ୍ଗଠନ ଭିନ୍ନଭିନ୍ନ ସମୟରେ ଆନ୍ଦୋଳନ ପ୍ରତିବାଦ କରିଥିଲେ। ପ୍ରଶାସନିକ ସ୍ତରରେ ଥରେ ଦ୍ୱିଥର ଲୋକ ଦେଖାଣିଆ ଭାବେ ସଫେଇ କରାଗଲା। ହେଲେ ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇ ରହିଲା। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଜିତେନ୍ଦ୍ର କୁମାର ରଥ ସ୍ଥାନୀୟ କେତେକ ସ୍ୱେଚ୍ଛାସେବୀଙ୍କୁ ନେଇ ସଫେଇ ଆରମ୍ଭ କରିଥିଲେ। ଆଉଟଡୋର ନିକଟରେ ପ୍ରଥମେ ଏକ ବଗିଚା ଆରମ୍ଭ କରିଥିଲେ। ସେଠାରେ ମୋଟ ୧୨୦ବିଭିନ୍ନ ପ୍ରକାର ଗଛ ରୋପଣ କରିଥିଲେ। ବର୍ଷକ ତଳେ ରୋପଣ କରିଥିବା ମୂଲ୍ୟବାନ ଗଛସବୁ ବର୍ତ୍ତମାନ ବଢିବାରେ ଲାଗିଛି। ଏଥିରେ ସକାଳେ ସନ୍ଧ୍ୟାରେ ସ୍ୱେଚ୍ଛାସେବୀମାନେ ଆସି ପାଣି ସିଞ୍ଚନ କରିଥାନ୍ତି। କୋଦାଳରେ ମାଟିହାଣିବା, ଅନାବନା ଘାସ କାଢିବା କାମରେ ନିୟୋଜିତ ହୋଇଥାନ୍ତି। ଏହାକୁ ହସ୍ପିଟାଲର ରୋଗୀମାନେ ଆସି ଦେଖିଥାନ୍ତି। ଏକ ଉଦ୍ୟାନ ଭାବରେ ଉପଭୋଗ କରିଥାନ୍ତି। ଏହା ରୋଗୀମାନଙ୍କ ମାନସିକ ଅବସାଦକୁ ଦୂର କରୁଛି ବୋଲି ରୋଗୀମାନେ କହିଛନ୍ତି। ଏହିଭଳି ଏହି ସଙ୍ଗଠନର କର୍ମକର୍ତ୍ତାମାନେ ହସ୍ପିଟାଲ କିମ୍ବା ଆଖପାଖ ଅଞ୍ଚଳରେ ଅଚିହ୍ନା ଲୋକଙ୍କ ମୃତ୍ୟୁ ଘଟୁଥିଲେ ତାଙ୍କୁ ଉଦ୍ଧାର କରି ସତ୍କାର କରିଥାନ୍ତି। ଏହି ସଙ୍ଗଠନର କର୍ମକର୍ତ୍ତା ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବର୍ତ୍ତମାନ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ କୁମାର ଯୋଷୀ, କାବୁଲି ଭଟ୍ଟ, ଦିଲୀପ ସଢେକ, ବାସୁଦେବ ମେହେର, ବଡକିଶୋର ଦୀପ, ଶ୍ରୀନିବାସ ନାଏକ ପ୍ରମୁଖ ସକ୍ରିୟ ସଦସ୍ୟ ରହିଛନ୍ତି।



ହସ୍ପିଟାଲ କ୍ୟାମ୍ପସରେ ସ୍ୱେଚ୍ଛାସେବୀମାନେ କାମ କରୁଛନ୍ତି।

- ଅଣ୍ଟା ଭିଡିଛି ସ୍ୱଚ୍ଛତା ସେବା ସଂଘ
- ଦୁଇ ମାସରେ ସବୁଜିମା ଆଣିଛନ୍ତି
- ଅଚିହ୍ନା ମୃତଦେହ ବୋହୁଛନ୍ତି

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନୂଆପଡା ଅଫିସ, ୧୫।୪**

ଏହିଜିଲା ଖରିଆରରୋଡ ସହରର ମଧ୍ୟରେ ଏକ ଟ୍ରକ ଦୁର୍ଘଣାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ପଡୋଶୀ ଛତିଶଗଡ ମହାସମୁନ୍ଦ ଜିଲା କହ୍ନାରପୁରୀ ଗାଁର ସୋନି ସୋନୱାନି ବୋଲି ଜଣାପଡିଛି। ସେ ସ୍ଥାନୀୟ ହଳଦୀ ଗାଁରେ ନିଜ ଶ୍ୱଶୁର ଘରେ ରହୁଥିଲେ। ସୋମବାର ମଧ୍ୟାହ୍ନ ୧୨ଟାବେଳେ ଜାତୀୟ ରାଜପଥ ୩୫୩ ସହର ମଧ୍ୟଭାଗରେ ରାୟପୁର ପଟୁ ଆସୁଥିବା ଟ୍ରକ(ଓଡି୧୫ଏଲ୭୯୮)ସେପଟୁ ଆସୁଥିବା ଏକ ବାଇକ୍ ଉପରେ ଚଢିଯିବା ଫଳରେ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତ ଦେହକୁ ଜବତ କରିଛି। ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି।

### ଦୀପ ନିଆଁରେ କନିଷ୍ଠ ଯନ୍ତ୍ରୀଙ୍କ ସହ ସ୍ତ୍ରୀ ଆହତ

**ନୂଆପଡା ଅଫିସ, ୧୫।୪**

ସ୍ଥାନୀୟ କୁରୁମପୁରୀ ସବଷ୍ଟେସନ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ରଣା(୩୬)ଙ୍କ ଘରେ ଏକ ପୂଜାଦୀପରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଯନ୍ତ୍ରୀ ରଣା ଆହତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ସପ୍ରିତିଙ୍କ ଅବସ୍ଥା ମଧ୍ୟ ଗୁରୁତର ହୋଇଛି। ଘରେ ପୂଜା କରୁଥିବା ସମୟରେ ଦୀପରୁ ନିଆଁ ସପ୍ରିତିଙ୍କ ଶାଢୀରେ ଲାଗିଯାଇଥିଲା। ତାଙ୍କର ଦେହର ଅଧା ଅଂଶ ପୋଡିଯାଇଥିବାବେଳେ ତାଙ୍କୁ ଛଡାଇବାକୁ ଯାଇ ସ୍ୱାମୀ ଗୋବିନ୍ଦଙ୍କ ଦୁଇ ହାତ ପୋଡିଯାଇଛି। ଏଦୁହିଁଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି।

### ମେଗା ପାଇପ ଯୋଗେ ଜଳସେଚନ ଯୋଗାଇବା ଦାବି

# ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

**ଖଡିଆଳ, ୧୫।୪ (ଡି.ଏନ.ଏ)**

ନୂଆପଡା ଜିଲା ଖଡ଼ିଆଳ ଓ କୋମନା ବ୍ଲକର ମଧ ଭାଗରେ ନିର୍ମାଣଧିନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ମେଗା ପାଇପ ଯୋଗେ ଜଳସେଚନର ସୁବିଧା ଯୋଗାଇବା ଦାବିନେଇ ସୋମବାର ଆନ୍ଦୋଳନ ଆରମ୍ଭ ହୋଇଛି। ସାନମହେଶ୍ୱର ପଞ୍ଚାୟତର ସାନମହେଶ୍ୱର, ବଡମହେଶ୍ୱର, ରଜାମୁଣ୍ଡା, କୁଲି ଗାଁ, ଦେଓବାହାଲ, ସୁନାମୁଦୀ ସମେତ ବରଗାଁ ପଞ୍ଚାୟତର ବରଗାଁ ଓ ବେନ୍ଦ୍ରାବାହାଲ ଗାଁର ଶତାଧିକ ଚାଷୀ ସାମିଲ ହୋଇ ସାନମହେଶ୍ୱର ଗାଁ ନିକଟରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଖବରପାଇ ଖଡିଆଳ ପୋଲିସର ଏକ ଟିମ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବୁଝାସୁଝା କରିଥିଲେ। କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବା ଯାଏଁ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଜିଦ ଧରିଥିଲେ। ପରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶ୍ୱେତ କୁମାର ଜାଲ ପହଞ୍ଚି ଅଞ୍ଚଳକୁ ମେଗା ପାଇପ ଜରିଆରେ ଜଳସେଚନ ଯୋଗାଇବା ଦିଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଆଞ୍ଚଳିକ କୃଷକ ସଂଘର ସଭାପତି ଗୌତମ ତାଣ୍ଡି, ଉପସଭାପତି ବିଦୁର ଶବର, ମନୁ ଶବର, ଜଗତରାମ ଶବର, ଭୁବନ ପଟେଲ ଓ ରବି ବନଛୋର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପ୍ରକାଶ ଯେ, ଅଞ୍ଚଳରେ ଜଳସେଚନର ସୁବିଧା ଯୋଗାଇବା ଉଦ୍ଦେଶ୍ୟ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନରେ ଖଡିଆଳ ଓ କୋମନା ବ୍ଲକର ମଧ ଭାବରେ ତିଖାଲି ଗାଁଠାରେ ନିର୍ମାଣ ହୋଇଛି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ। ତେବେ ପ୍ରକଳ୍ପର ୧ରୁ ୫ କିଲୋମିଟର ମଧରେ ସାନମହେଶ୍ୱରୀ ପଞ୍ଚାୟତର ସାନମହେଶ୍ୱର, ବଡମହେଶ୍ୱର, କୁଲିଗାଁ, ରଜାମୁଣ୍ଡା, ଦେଓବାହାଲ, ସୁନାମୁଦୀ ଗାଁ ସମେତ ବରଗାଁ ପଞ୍ଚାୟତର ବରଗାଁ ଓ ବେନ୍ଦ୍ରାବାହାଲ ପ୍ରଭୃତି ଗାଁ ଅବସ୍ଥିତ ଥିବାବେଳେ ଦୀପ ତଳ ଅନ୍ଧାର ସ୍ୱରୂପ ଜଳସେଚନ ସୁବିଧାରୁ ବଞ୍ଚିତ ହେଉଛି। ମେଗାପାଇପ ମାଧ୍ୟମରେ ଜଳସେଚନର ସୁବିଧା ଯୋଗାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ଏହିପରି ଆନ୍ଦୋଳନର ପନ୍ଥାଗ୍ରହଣ କରିଥିବା ଅଭିଯୋଗ ହୋଇଛି।




ଚାଷୀମାନେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ


**ନୂଆପଡା ଅଫିସ/କୋମନା, ୧୫।୪**

ନୂଆପଡା ଜିଲା କୋମନା ସଦର ମହକୁମାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୭ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ସର୍ବଶ୍ରୀ ଗଣେଶ ଛତ୍ରିଆ ଦୁର୍ଗା ସ୍ତୋତ୍ର ପଠନ କରିଥିଲେ। ପରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ମେହେର ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ନିଳାମ୍ବର ପାଢୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧକ୍ଷ ହରପ୍ରସାଦ ବାଗ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ କୋମନା ବ୍ଲକ ଅଧକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟ ଅତିଥି, ପ୍ରତ୍ନତତ୍ତ୍ୱବିତ ଜିତାମିତ୍ର ପ୍ରସାଦ ସିଂ ଦେଓ ମୁଖ୍ୟବକ୍ତା, ବୋଡେନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀ ସମ୍ମାନିତ ବକ୍ତା, ମାତୃକର୍ମି ଭଗବାନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଜୀବନୀ ବଖାଣିବା ସହ ଛାତ୍ରୀଛାତ୍ର ମାଙ୍କ ପଥାଙ୍କ ଅନୁସରଣ କରିବାକୁ ଉପଦେଶ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ଯାଏଁ ବାନ୍ଧି ରଖିଥିଲା। ସସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର




ନୂଆପଡ଼ା ଜିଲା ସୁନାବେଡାରେ ଜନୈକା ଆଦିବାସୀ ମହିଳା ସରକାରୀ ସହାୟତା ଅପେକ୍ଷାରେ ନିଜ ଭଙ୍ଗା ଘର ସମ୍ମୁଖରେ ଛିଡା ହୋଇଛନ୍ତି।



ଭାଲୁ କରିଡର କୁହାଯାଉଥିବା ନୂଆପଡ଼ା ଜିଲା ସଦର ବ୍ଲକ ସାଲିହା ଜଙ୍ଗଲରେ ତାର ଜାଲିରେ ନିର୍ମାଣ ହୋଇଥିବା ପାଚେରି ଉଜୁଡି ପଡିଥିବାରୁ ଭାଲୁମାନେ ଦିନ ଦ୍ୱିପ୍ରହରେ ରାସ୍ତାକୁ ଚାଲିଆସୁଛନ୍ତି।



ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ଗାଁରେ ରାମନବମୀ ଉତ୍ସବ ଅବସରରେ ରବିବାର ଘୁମୁରା ଦଳ ବସ୍ତି ପରିକ୍ରମା କରୁଛନ୍ତି।



"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ତେନ୍ତୁଲିଟିକ୍ରାରେ ଭାଜପା କର୍ମୀ ସମ୍ମିଳନୀ

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରାଠାରେ ରବିବାର ସନ୍ଧ୍ୟାରେ ଭାଜପାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର ସାହୁ, ଗୋପିନାଥ କର୍ମି, ପ୍ରସନ୍ନ ପ୍ରଧାନ, ସମାରୁ ଜାଲଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଅର୍ଏଁଲାପାଲି ଗ୍ରାମପଞ୍ଚାୟତ ବରଗାଁର ରାଜେନ୍ଦ୍ର ଭୋସାଗର, ଜଗା କନ୍ଧେର, ମନୋରଞ୍ଜନ କୁମ୍ଭାର, ଆକାଶ ବରିହା, ତୀର୍ଥ ଭୁସାଗରଙ୍କ ସମେତ ବହୁ ଯୁବକ ଭାଜପାରେ ଯୋଗ ଦେଇଥିଲେ।

### ବୁର୍ଦ୍ଧାରେ ଆମ୍ବେଡକର ଜୟନ୍ତୀ

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ବକଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁର୍ଦ୍ଧା ଠାରେ ରବିବାର ସନ୍ଧ୍ୟାରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି । ଟନ ନାଗଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ପଦ୍ମଲୋଚନ ଭୋସାଗର ମୁଖ୍ୟ ଅତିଥି, ହନୁମନ୍ତ ଜାମୁଡ଼ାଳିଆ ମୁଖ୍ୟବକ୍ତା, ନକୁଳ ମହାନନ୍ଦ, ଜିଲା ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅସହାୟ ମହିଳା ମାନଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା। ନରେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅକ୍ଷୟ ଜାମୁଡ଼ାଳିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ ।

### ଜମୁଛି ଦଳୀୟ ପ୍ରଚାର

ଭେଡ଼େନ,୧୫।୪(ଡ଼ି.ଏନ.ଏ)
ଭୋଟ୍‌କୁ ଆଉ ଦୁଇ ଦିନ ବାକିଥିବା ବେଳେ ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜୋରଦାର ହେଲାଣି । ସୋମବାର ମୁଖ୍ୟମନ୍ତ୍ରୀ ଭେଡ଼େନ ବ୍ଲକ ବାନିପାଲିକୁ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିବା ବେଳେ କଂଗ୍ରେସ ପକ୍ଷରୁ ଏକ ବାଇକ ରାଲି ଭେଡ଼େନ ବ୍ଲକ ପରିକ୍ରମା କରିଥିଲା। ଭେଡ଼େନ ବ୍ଲକର ପୂର୍ବତନ ଅଧକ୍ଷା ସୁଜାତା ପ୍ରଧାନ ତାଙ୍କ ସମର୍ଥକ ମାନଙ୍କ ସହ କାଠଡ଼େରା ଭାଜପା ସଭାରେ ଭାଗଦେଇ ଦଳରେ ଯୋଗ ଦେଇଛନ୍ତି ।

### ଭୋଟ ପାଇଁ ରାଲି

ଅମ୍ବାଭୋନା, ୧୫।୪ (ଡି.ଏନ.ଏ)
ଭଟଲି ବିଧାନସଭା କ୍ଷେତ୍ର ଏବଂ ବରଗଡ ଲୋକସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ଅମ୍ବାଭୋନା ଗ୍ରାମପଞ୍ଚାୟତର ବିଭିନ୍ନ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ଏକ ରାଲି କେଦାରନାଥ ମନ୍ଦିରରୁ ବାହାରି ଅମ୍ବାଭୋନା ଗ୍ରାମ ପରିକ୍ରମା କରିଥିଲା । ସେମାନେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ନବୀନ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରତି ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ରାଲି ଆୟୋଜନ କରାଯାଇଥିଲା।

### ହନୁମାନ ଜୟନ୍ତୀ ପାଳିତ

ଗାଇସିଲେଟ,୧୫।୪(ଡି.ଏନ.ଏ)
ହନୁମାନ ଜୟନ୍ତୀ ଉପଲକ୍ଷେ ଗାଇସିଲେଟ ବସ୍‌ଷ୍ଟାଣ୍ଡ ବଜରଙ୍ଗବଲୀ ମନ୍ଦିରରେ ପଙ୍କଜ କୁମାର ପୁରୋହିତଙ୍କ ପୌରୋହିତ୍ୟରେ ପଣା ସଂକ୍ରାନ୍ତି ପାଳିତ ହୋଇ ଯାଇଛି । ହନୁମାନଙ୍କ ଦର୍ଶନ ପାଇଁ ସକାଳୁ ଭକ୍ତମାନଙ୍କ ଭିଡ ଜମିଥିଲା । ଏହି ଅବସରରେ ସେଠାରେ ହନୁମାନ ଚାଲିସା ପଠନ କରାଯାଇଥିଲା । ପଣ୍ଡିତ ବଳରାମ ପୁରୋହିତ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ପଣ୍ଡିତ ବସୁଦେବ ପୁରୋହିତ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ରବିବାର ସାପ୍ତାହିକ ବଜାର ଥିବାରୁ ବହୁ ଲୋକଙ୍କ ସମାଗମ ହୋଇଥିଲା ।

### ବରପାଲିରେ ଜମୁଛି ନିର୍ବାଚନୀ ପ୍ରଚାର

ବରପାଲି, ୧୫।୪ (ଡି.ଏନ.ଏ)
ଆଉ ଦୁଇଦିନ ପରେ ବଗଡ଼ ଜିଲାରେ ଭୋଟ୍ ହେବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପୁର ନିର୍ବାଚନ ମଣ୍ଡଳୀର ବିଜେପୁର, ବରପାଲି ଓ ଗାଇସିଲେଟ ବ୍ଲକକୁ ମଙ୍ଗଳବାର ମାରାଥନ ପ୍ରଚାରରେ ଆସିବେ । ଏ ନେଇ ଦଳୀୟ କର୍ମୀ ଓ ଭୋଟଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି। ବରପାଲି ସ୍ଥିତ ବଡଗାଁ ଖେଳ ପଡିଆରେ ଆୟୋଜିତ ହେବାକୁ ଥିବା ସଭାସ୍ଥଳରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଆସିବାର କାର୍ଯ୍ୟକ୍ରମ ଥିବାରୁ ଭାଜପା ଓ କଂଗ୍ରେସ ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ସକାଳେ ବିଜେଡିର ବହୁ କର୍ମୀ ଓ ମହିଳା ଘର ଘର ବୁଲି ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠଙ୍କ ସ୍ତ୍ରୀ ମଧ୍ୟ ଘର ଘର ବୁଲି ପ୍ରଚାର କରୁଛନ୍ତି ।

■ ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରସ୍ତୁତି

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବରଗଡ଼ ଅଫିସ୍,୧୫।୪

**ବରଗଡ଼ ଜିଲା**



ବରଗଡ଼ ଏସପି ସୁରକ୍ଷା ବ୍ୟବସ୍ଥା ଉପରେ ସୂଚନା ଦେଉଛନ୍ତି ।

- ■ବରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ
- ■ଅପରାଧ ଉପରେ ସିସିଟିଭି ରଖିବ କଡା ନଜର
- ■୨୨୭୧ ପୋଲିସ କର୍ମଚାରୀ ମୁତୟନ ହେଲେ
- ■ଖବରଦାତା ସମ୍ମିଳନୀରେ ଏସ୍‌ପି ଦେଲେ ସୂଚନା

ଚଳିତ ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ମତଦାନ ପ୍ରକ୍ରିୟାକୁ ଆଉ ମାତ୍ର ଦୁଇଦିନ ବାକି । ଆସନ୍ତା ଗୁରୁବାର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅତାବିରା, ବରଗଡ଼, ଭଟଲି, ବିଜେପୁର ଏବଂ ପଦ୍ମପୁରରେ ଅନୁଷ୍ଠିତ ହେବ । ଏଥର ମତଦାନ ପ୍ରକ୍ରିୟାକୁ ନିରପେକ୍ଷ, ଅବାଧ ଓ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇ ଥିବାବେଳେ ପୋଲିସ ସବୁଦିଗ ପ୍ରତି ନଜର ରଖିଛି।

ସୋମବାର ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସପି ମୁକେଶ କୁମାର ଭାମୁ ସୂଚନା ଦେଇ କହିଥିଲେ, ନିର୍ବାଚନକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସାରିବା ପାଇଁ ସବୁ ଦୃଷ୍ଟିକୋଣରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏବେଠାରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଯାଇ ଥିବାବେଳେ ନାକାବନ୍ଦୀ କରି ଯାଞ୍ଚ ଚାଲିଛି । ସେହିପରି ପୋଲିସ ଅବକାରୀ ଧରପଗଡ଼ କରୁଥିବାବେଳେ ଗଣ୍ଡଗୋଳ ଆଶଙ୍କାରେ ସମ୍ଭାବ୍ୟ ଗଣ୍ଡଗୋଳ ସୃଷ୍ଟିକାରୀ ଲୋକଙ୍କୁ ସିଆରପିସି ୧୦୭, ୧୧୦କ୍ରମେ ନୋଟିସ୍ ଜାରି କରାଯାଇଛି । ଇତିମଧ୍ୟରେ ୪୭୫୨ ଲିଟର ମଦ ଜବତ ହୋଇଛି । ସେହିପରି ୧୦ଟି ଦେଶୀ ବନ୍ଧୁକ ଜବତ ହୋଇଛି । ବ୍ୟାଙ୍କ ବ୍ୟତୀତ ଅନ୍ୟ ଲାଇସେନ୍ସଧାରୀମାନେ ନିଜ ବନ୍ଧୁକ ପୋଲିସରେ ଜମା କରି ସାରିଛନ୍ତି ।

ଏଥର ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ୧୧୩ଟି ସିସିଟିଭି ସଂଲଗ୍ନ ହୋଇଛି ଏବଂ ସେସବୁ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାରେ ସହାୟକ ହେବ ବୋଲି ଏସପି କହିଥିଲେ। ଏହି କ୍ରମରେ ବରଗଡ଼ ପୌରାଞ୍ଚଳରେ ୪୮, ବରପାଲି ପୌରାଞ୍ଚଳରେ ୨୪, ଅତାବିରା ପୌରାଞ୍ଚଳରେ ୨୧ ଏବଂ ସୋହେଲା ଅଞ୍ଚଳରେ ୨୦ଟି ସିସିଟିଭି ରହିଛି । ସେହିପରି ଜିଲାର ସମୁଦାୟ ୧୩୭୮ ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟରୁ ୧୨୨ଟି ସମ୍ବେଦନଶୀଳ, ୯୫ଟି ଅତି ସମ୍ବେଦନଶୀଳ ଭୋଟ୍ ଗ୍ରହଣ ହୋଇଥିବା ଯୋଗୁ ସେଥିପ୍ରତି ମଧ୍ୟ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହୋଇଛି । ଏହା ସହିତ ଜିଲା ପାଇଁ ୯୧ଟି ମୋବାଇଲ ପେଟ୍ରୋଲିଂ ଟିମ୍ ସହିତ ଫ୍ଲାଇଙ୍ଗ ସ୍କ୍ୱାଡ଼, ଷ୍ଟାଟିକ୍ ସର୍ଭେଲିଏନ୍ସ ଟିମ୍ ଗଠନ କରାଯାଇ ଥିବାବେଳେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ଏସପି ସୂଚନା ଦେଇଥିଲେ ।


ଏଥର ଜିଲାରେ ସମୁଦାୟ ୨୨୭୧ ପୋଲିସ କର୍ମଚାରୀ ମୁତୟନ ରହିବେ। ତନ୍ମଧ୍ୟରେ ଜଣେ ଅତିରିକ୍ତ ଡିଏସପି, ୭ଜଣ ଡିଏସପି, ୧୭ଜଣ ଇନ୍ସପେକ୍ଟର, ୧୨୩ଜଣ ଏସଆଇ, ଏଏସଆଇ, ୧୬୪ଜଣ ହାବିଲଦାର, ୮୦୭ଜଣ କନେଷ୍ଟବଳ, ୪୧୪ଜଣ ହୋମଗାର୍ଡ଼, ୭୩୭ଜଣ ଗ୍ରାମରକ୍ଷୀ ରହିଥିବା ଏସପି କହିଥିଲେ । ଏହା ବ୍ୟତୀତ ୮ପ୍ଲାଟୁନ ସିଏପିଏଫ, ୫ୟୁନିଟ୍ ଏସଓଜି, ୧ୟୁନିଟ୍ ଡିଭିଏଫ, ୫ପ୍ଲାଟୁନ ଏସଏପି ଏବଂ ୪ପ୍ଲାଟୁନ ଏସଏସ୍‌ବିଏନ ମଧ୍ୟ ନିର୍ବାଚନ ବେଳେ ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ରହିବେ ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଡିଏସପି ଏନ.ପି ନାୟକ ଉପସ୍ଥିତ ଥିଲେ ।

## ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଅତାବିରା, ୧୫।୪ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ଗ୍ରାମପଞ୍ଚାୟତର ପତ୍ରାପାଲି ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଓ ନୂତନ ଖମ୍ବେଶ୍ୱରୀ ଦେବୀଙ୍କ ଖୁମ୍ବ ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନ ସୋମବାର ସକାଳୁ ଶତାଧିକ ମହିଳାଙ୍କ କଳସ ଯାତ୍ରା ହୋଇଥିଲା । ମଙ୍ଗଳବାର ପୂଜାରମ୍ଭ ପ୍ରତିଷ୍ଠା, ଚଣ୍ଡିହୋମ, ପୁଷ୍ପାଞ୍ଜଳି ଅପରାହ୍ନରେ ପୂର୍ଣ୍ଣାହୁତି, ବଳି ଓ ନୂତନ ଖମ୍ବ ସ୍ଥାପନ କାର୍ଯ୍ୟକ୍ରମ ରହିଛି । ଗାର୍ଗବ ଗେଜୋ, ମଦନ ମହାକୁର, ଗଗନ ଗେଜୋ, ଗୁଣନିଧି କର୍ଣ୍ଣ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରିଥିଲେ । ପଣ୍ଡିତ କାର୍ତ୍ତିକ ଶତପଥି, ସୁକଦେବ ଶତପଥି ଓ ସାଥି ହୋମଯଜ୍ଞ କରିଥିଲେ । ଦେହେରୀ କୁନ୍ଦୁରୁ କର୍ଣ୍ଣ, ବରୁଆ (ବେବି) ପୂର୍ଣ୍ଣଚନ୍ଦ୍ର ଡାଙ୍ଗ, ଜୟଲାଲ ଗେଜୋ ଦାୟିତ୍ୱ ବହନ କରିଥିବା ବେଳେ ନେହେରୁ ମେଣ୍ଡଲୀ, ସୁରେଶ କର୍ଣ୍ଣ, ବଳରାମ ବେହେରା, ଗୁଲୁ କର୍ଣ୍ଣ, ହରଜିତ ଜୈସ୍ୱାଲ ସହଯୋଗ କରିଥିଲେ ।

## ଗାଇସିଲେଟରେ ରାମାୟଣ ପାରାୟଣ




ରାମଜୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ରାମାୟଣ ପାରାୟଣ ଚାଲିଛି ।

ଗାଇସିଲେଟ,୧୫।୪(ଡି.ଏନ.ଏ)

ଗାଇସିଲେଟ ବ୍ଲକ ତେଲିପୁଖାପାଣି ପାଙ୍କପାଲି ଗ୍ରାମର ଗୁଡିଛକ ନିକଟରେ ନିର୍ମାଣାଧୀନ ରାମଜୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅଖଣ୍ଡ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ପ୍ରସାଦ ମିଶ୍ର ଓ ତାଙ୍କ ସ୍ତ୍ରୀ ସ୍ନେହଲତା ପଣ୍ଡା କର୍ତ୍ତା ଏବଂ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ । ଅଖଣ୍ଡ ରାମାୟଣ ପାରାୟଣରେ ସୁଶୀଲ ଶତପଥି, ସୁବଳ କୁମାର ଷଡଙ୍ଗୀ, ରମେଶ କୁମାର ଦାଶ ଓ ଈଶ୍ୱର ମିଶ୍ର ବ୍ୟାସକାର୍ଯ୍ୟ ନିର୍ବାହ କରିଥିଲେ। ଗୁନୁ ସେଠ ଓ ସଜନ ସାହୁ ସହଯୋଗ କରିଥିଲେ । ମହାବିଦ୍ୟାଳୟ ସଭାପତି ତରଣୀସେନ ପଧାନ, ସମ୍ପାଦକ ସୁରଥ ଗଡତିଆ, ଉପ ସଭାପତି ଶ୍ୟାମ ସୁନ୍ଦର ପଧାନ, କୋଷାଧ୍ୟକ୍ଷ ଶଶିଭୂଷଣ ବରିହା, ସଭ୍ୟ କାହ୍ନୁଚରଣ ମାଝୀ, ଅଲେଖ ଚୈତନ୍ୟ ପଧାନ, ସୀତାରାମ ଭୋଇ, ପ୍ରଦୀପ୍ତ କୁମାର ପଧାନ ଓ ପରାସର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଫଟୋରେ ଖବର





ସୋମବାର ସୁନ୍ଦରଗଡ଼ ବିଧାନସଭା ଆସନ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ଭାଜପା ପ୍ରାର୍ଥିନୀ କୁକୁମ ଟେଟେ ସ୍ଥାନୀୟ ମାରୱାଡି ମହିଳା ମଞ୍ଚଠାରେ ପ୍ରଚାର କରୁଛନ୍ତି (ବାମ)। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ରାଇମୋହନ ପରିଡ଼ା, ଗାୟକ ନାଭିୟା ରୋଡ୍ ଶୋ'ରେ ସୁନ୍ଦରଗଡ଼ ବିଜେଡ଼ି ପ୍ରାର୍ଥୀ ଯୋଗେଶ ସିଂ ଓ ଲୋକସଭା ପ୍ରାର୍ଥୀନୀ ସୁନୀତା ବିଶ୍ୱାଳଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

■ ଭଟଲିରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# ବିଜେଡି ସରକାର ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ: ଧର୍ମେନ୍ଦ୍ର

ଭଟଲି,୧୫।୪(ଡି.ଏନ.ଏ)

ରାଜ୍ୟ ସରକାର ଓଡ଼ିଶାକୁ ଲୁଟି ସାରିଛି। ଚାଷୀ ଏବଂ ସାଧାରଣ ଜନତାଙ୍କୁ ଶୋଷଣ କରିସାରିଲାଣି । ରାଜ୍ୟରେ କାଳିଆ ଯୋଜନା ନାଁରେ ଚାଷୀଙ୍କୁ ଭୂଆଁ ବୁଲାଯାଉଛି । ଗରିବ ଚାଷୀ କାଳିଆ ଯୋଜନାର ସୁଫଳ ପାଉ ନ ଥିବାବେଳେ କେତେକ ଦଳୀୟ କର୍ମୀ ଏହାକୁ ହାତେଇବାରେ ବ୍ୟସ୍ତ। ରାଜ୍ୟର ବିଜେଡ଼ି ସରକାର ଏକ ଆପାରଗ ସରକାର ଏବଂ ଏହି ସରକାର ଆମ ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ । ପରଘର ତିଅଣରେ ଅତିଥି ପାଳିବା ଲୋକ ହେଲେ ନବୀନ ବାବୁ। ତେଣୁ ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ବରଗଡ ଜିଲା ଭଟଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଟଲି ବ୍ଲକ ତରାଜୁଙ୍ଗା ପଡ଼ିଆରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ ଆହୁରି କହିଥିଲେ ଯେ, ଭାଜପା ସରକାର ଆସିଲେ ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ୧୫ହଜାର ଟଙ୍କା, ସହାୟିକାମାନଙ୍କୁ ୯ହଜାର ଟଙ୍କା ପାରିଶ୍ରମିକ ଦିଆଯିବ। ଏକ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରି ଜଳସେଚନର ବ୍ୟବସ୍ଥା, ଏସ୍‌ଏଚ୍‌ଜି ମହିଳା ମାନଙ୍କ ଋଣ ଛାଡ଼ ସହିତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ । ସବୁ ବର୍ଗର ଶିକ୍ଷକଙ୍କୁ ସ୍ଥାୟୀ କରାଯିବ ଏବଂ ହୋମଗାର୍ଡ଼ ଓ ଜିଆରଏସ୍ ଭାଉଣୀଭାଇ ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରି ଆତ୍ମ ନିର୍ଭରଶୀଳ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇ ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ଏବଂ ଭଟଲି ବିଧାନସଭା ପ୍ରାର୍ଥୀ ଇରାସିସ ଆଚାର୍ଯ୍ୟଙ୍କୁ ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ସେହିପରି ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ପରିବର୍ତ୍ତନ ହେବା ଦରକାର ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଲୋକସଭା ଓ ଭଟଲି ବିଧାନସଭା ପ୍ରାର୍ଥୀଙ୍କ ସମେତ ଭାଜପା ରାଜ୍ୟ ସମ୍ପାଦକ ସୁଶାନ୍ତ ମିଶ୍ର, ବରିଷ୍ଠ ନେତା ସୌରୀ ଚରଣ ବାରିକ, ସୁରେଶ୍ୱର ଶତପଥି, କୁମର ବେହେରା, ଗିରିଜେଶ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ ।

**ଝାରବନ୍ଧ, (ଡି.ଏନ.ଏ):** ବରଗଡ ଲୋକସଭା ଓ ପଦ୍ମପୁର ବିଧାନସଭା ଆସନ ପାଇଁ ଭାଜପାର ନିର୍ବାଚନୀ ପ୍ରଚାର ଜୋରସୋରରେ ଚାଲିଛି । ସୋମବାର ଅପରାହ୍ନରେ ଝାରବନ୍ଧ ସ୍ଥିତ ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରି ଡବଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡି ସରକାର ୧୯ ବର୍ଷ ଶାସନ କରିଥିଲେ ମଧ ଚାଷୀଙ୍କ ପାଇଁ ଜଳସେଚନ ସୁବିଧା କରି ନ ଥିବା ସେ ଅଭିଯୋଗ କରିଥିଲେ । ଭାଜପା ସରକାର ଆସିଲେ କେବଳ ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ଏକ ହଜାର କୋଟି ଟଙ୍କାର ଜଳସେଚନର ସୁବିଧା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଲୋକସଭା ପ୍ରାର୍ଥୀ ସୁରେଶ ପୂଝାରୀ ଦେଶର ସ୍ୱାର୍ଥ ପାଇଁ ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ହେଲେ ତାଙ୍କୁ ଭୋଟ ଦେବାକୁ କହିଥିଲେ। ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ ମଧ ନିଜ ପାଇଁ ଭୋଟ୍ ଭିକ୍ଷା କରିଥିଲେ । ହେଲି ପ୍ୟାଡରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓହ୍ଲାଇବା ପରେ ସ୍ଥାନୀୟ ଭାଜପା କର୍ମୀ ବିନୋଦ ବିହାରୀ ବାଗ, ସରପଞ୍ଚ ଧନମତୀ ପାଣ୍ଡେ, ସରପଞ୍ଚ ଲାଲେଶ୍ୱରୀ ପଟେଲ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ବିରଜା କୁମାରୀ ତାଣ୍ଡି ତାଙ୍କୁ ସ୍ୱାଗତ କରି ସଭାସ୍ଥଳକୁ ଆଣିଥିଲେ । ବ୍ଲକ ଭାଜପା ସଭାପତି ଡ. ଲମ୍ବୋଦର ପଣ୍ଡା ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଗୋବର୍ଦ୍ଧନ ଭୁଏ, ଜଗବନ୍ଧୁ ଭୋଇ, କୁମରମଣି ନାଏକ, ପ୍ରିତେଶ ବହିଦାର, ହରିହର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ।



ଭାଜପାର ନିର୍ବାଚନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବିଜେପୁର,(ଡି.ଏନ.ଏ):** ବିଜେପୁର କଲେଜ ପଡିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ଯୋଗଦେଇ କହିଲେ, ଅପାରଗ ରାଜ୍ୟ ସରକାର ବଦଳିବା ଦରକାର। ଭାଜପା ଶାସନକୁ ଆସିଲେ ଏକ ଟଙ୍କାରେ ୫ କିଲୋ ଚାଉଳ, ଅଧ କିଲୋ ଲେଖାଏଁ ଡାଲି ଓ ଲୁଣ ଦିଆଯିବ। ବରଗଡରେ କ୍ୟାନସର ହସ୍‌ପିଟାଲ ସହିତ ପ୍ରତି ଜିଲାରେ ମେଡିକାଲ କଲେଜ ନିର୍ମାଣ କରାଯିବ। ମୋଦି ସରକାରଙ୍କ ହାତମୁଠାକୁ ଟାଣ କରିବା ସହ ଡବଲ ଇଞ୍ଜିନ ସରକାର କରିବା ପାଇଁ ଭାଜପାର ଲୋକସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ସେ ନିବେଦନ କରିଥିଲେ । ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବିଧାୟକ ପ୍ରାର୍ଥୀ ସନତ କୁମାର ଗଡତୟା ମଧ୍ୟ ନିଜ ସପକ୍ଷରେ ଭୋଟ୍‌ଭିକ୍ଷା କରିଥିଲେ। ପ୍ରସନ୍ନ ପାଢୀ, ସୌରୀଚରଣ ବାରିକ, ସଞ୍ଜୀବ ମହାପାତ୍ର, ସବିତା ସାହୁ ପ୍ରମୁଖ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ହଳପାଣି ମାଝୀ ସମାରୋହ ସଂଯୋଜନା କରିଥିଲେ ।




ବନ ବିଭାଗ ଜବତ କରିଥିବା କାଠ ବୋଝେଇ ଟ୍ରକ ।

## ବନ ବିଭାଗର ଚଢ଼ାଉ, କାଠଗଣ୍ଡି ଜବତ

ବରଗଡ଼ ଅଫିସ୍,୧୫।୪

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରାସ୍ଥିତ ବନ ବିଭାଗର ତନଖି ଫାଟକ ନିକଟରେ ଚଢ଼ାଉ କରାଯାଇ ୬୦ଖଣ୍ଡ ମୂଲ୍ୟବାନ କାଠଗଣ୍ଡି ଜବତ ହୋଇଛି । ଜବତ କାଠଗଣ୍ଡିର ମୂଲ୍ୟ ଆନୁମାନିକ ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ ଆକଳନ କରିଛି । ଏକ ଟ୍ରକ ଯୋଗେ ଉକ୍ତ କାଠ ବୋଝେଇ ହୋଇ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳରୁ ପଡ଼ୋଶୀ ଛତିଶଗଡ଼ର ରାୟପୁର ଅଞ୍ଚଳକୁ ଯାଉଥିଲା । ସୋମବାର ସକାଳେ ଉକ୍ତ ଟ୍ରକ୍ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଲଖମରା ତନଖି ଫାଟକ ନିକଟରେ ପହଞ୍ଚିବା ପରେ ବନ ବିଭାଗର କର୍ମଚାରୀମାନେ ଉକ୍ତ ଗାଡିକୁ ଯାଞ୍ଚ କରିଥିଲେ । ଫରେଷ୍ଟର ପ୍ରଶାନ୍ତ ବାଗ, ଫରେଷ୍ଟ ଗାର୍ଡ଼ ତରଣୀସେନ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ ।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



**ସଂକ୍ଷେପରେ**

## ବଡ଼ଗାଁ ରାମଲୀଳା ଯାତ୍ରା

### ତାଡକାସୁର ବଧ ଓ ଅହଲ୍ୟା ଉଦ୍ଧାର

ବଡ଼ଗାଁ, ୧୫।୪ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡଗାଁର ଐତିହାସିକ ପ୍ରସିଦ୍ଧ ରାମଲୀଲା ଯାତ୍ରାର ଦ୍ୱିତୀୟ ରଜନୀରେ ତାଡକାସୁର ବଧ ଓ ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ ହୋଇଛି । ଲଙ୍କା ନରେଶ ରାବଣଙ୍କ ନିର୍ଦ୍ଦେଶରେ ଅସୁରଗଣ ଅତ୍ୟାଚାର କରିଥିଲେ । ମହର୍ଷି ବିଶ୍ୱାମିତ୍ରଙ୍କ ଯଜ୍ଞକୁଣ୍ଡରେ ବିଷ୍ଠା ନିକ୍ଷେପ କରି ବିଭ୍ରାଟ ସୃଷ୍ଟି କରିଥିଲେ । ବିଶ୍ୱାମିତ୍ର ଋଷି ଅଯୋଧ୍ୟା ଯାଇ ରାଜା ଦଶରଥଙ୍କୁ ରାମ, ଲକ୍ଷ୍ମଣଙ୍କୁ ନେବାକୁ କହିଥିଲେ । ଋଷି ବଶିଷ୍ଠଙ୍କ ପରାମର୍ଶକ୍ରମେ ରାମ, ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ସହିତ ଯିବାକୁ ଅନୁମତି ଦେଇଥିଲେ । ଜଙ୍ଗଲରେ ରାମଚନ୍ଦ୍ର ତାଡକା, ସୁବାହୁ, ମାରିଚ ରାକ୍ଷସଙ୍କୁ ହତ୍ୟା କଲାପରେ ଋଷିମାନେ ଯଜ୍ଞ ସମାପନ କରିଥିଲେ । ସେଠାରେ ମହର୍ଷି ବିଶ୍ୱାମିତ୍ର ବଳା, ଅତିବଳା, ବିଦ୍ୟା ପ୍ରଦାନ କରିବା ସହ ରାଜା ଜନତଙ୍କ କନ୍ୟା ଜାନକୀ ସୀତାଙ୍କ ସହିତ ରାମଙ୍କ ବିବାହ ପାଇଁ ମନସ୍ଥ କରି ବିଶ୍ୱାମିତ୍ର ମିଥିଳା ରାଜ୍ୟ ଅଭିମୁଖେ ଯାତ୍ରା କରିଥିଲେ । ବାଟରେ ଅଭିଶାପ କାରଣରୁ ପାଶାଣ ପାଲଟିଥିବା ଗୌତମ ଋଷିଙ୍କ ସ୍ତ୍ରୀ ଅହଲ୍ୟାଙ୍କୁ ପାଦ ସ୍ପର୍ଶ କରି ଉଦ୍ଧାର କରିଥିଲେ । ଏହି ବିଷୟ ବସ୍ତୁକୁ କଳାକାର ମାନଙ୍କ ନିଖୁଣ ପ୍ରଦର୍ଶନ ଦର୍ଶକଙ୍କ ହୃଦୟସ୍ପର୍ଶ କରିପାରିଥିଲା। ରାମ, ଲକ୍ଷ୍ମଣ, ରାଜା ଦଶରଥ, ଦଶରଥଙ୍କ ମନ୍ତ୍ରୀ, ତାଡକା, ମାରିଚ, ସୁବାହୁ, ଅହଲ୍ୟା, ବିଶ୍ୱାମିତ୍ର ଓ ମୁନୀଗଣ ଭୂମିକାରେ ଯଥାକ୍ରମେ, ଅଭିଲାଷ ପାଣିଗ୍ରାହୀ (ଲୁଲୁ), ଦୀପକ ପୃଷେଟ, ଭିକାରୀଚରଣ ସା,ଚନ୍ଦନ ମିଶିର, ଅମ୍ଲାନଜ୍ୟୋତି ନାୟକ (ବିଟ୍ଟୁ), ଦତ୍ତାତ୍ରୟ ପାଣିଗ୍ରାହୀ, ସାଗର ସା (ନନ୍ଦୁ), ପ୍ରକାଶ ସାହୁ, ସନୁ ପାଣିଗ୍ରାହୀ, ମନୁ ପାଣିଗ୍ରାହୀ ଅଭିନୟ କରିଥିଲେ ।

ଫଟୋ ଶ୍ରୀରାମ ଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ଅହଲ୍ୟା ଉଦ୍ଧାର ।

# ବିଜେଡ଼ି-ଭାଜପା ଲଢ଼େଇ: ବଦଳିବ ସମୀକରଣ

ପ୍ରଦୀପ ତ୍ରିପାଠୀ
ନୂଆଗାଁ, ୧୫।୪ (ଡି.ଏନ.ଏ)



ସେବିଆନ ଆଇନ୍ଦ।



ଶଙ୍କର ଓରାମ



ମଖଲୁ ଏକ୍କା



ରୋହିତ ଯୋଶେଫ ତିର୍କୀ

**ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ**
- କଂଗ୍ରେସ, ଜେଏମ୍ଏମ୍ ବି ଲୋକଙ୍କ ନିକଟତର ହେବାକୁ ପ୍ରୟାସ
- ଜାତିଗତ ଭୋଟକୁ ନେଇ ଚାଲିଛି ସମୀକରଣ
- ସବୁଦଳରେ ରହିଛି ଅସନ୍ତୋଷ, ଛକାପଞ୍ଝା

ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ବଢୁଛି ନେତାଙ୍କ ଉତ୍କଣ୍ଠା ଓ ରାଜନୈତିକ ଉଷ୍ମତା। ବିଭିନ୍ନ ଦଳର ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହେବାକୁ ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ରାଜନୈତିକ ଦୃଷ୍ଟିକୋଣରୁ ତଥା ଆଦିବାସୀ ବହୁଳ ଅଞ୍ଚଳ ଭାବେ ବେଶ ଗୁରୁତ୍ୱ ବହନ କରୁଛି । ଏକଦା (ଜେଏମ୍ଏମ୍) ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ଗଡ କୁହାଯାଉଥିବା ଉକ୍ତ ନିର୍ବାଚନ ମଣ୍ଡଳୀରେ ସମତାକ୍ରାନ୍ତି ଦଳରୁ ଜର୍ଜ ତିର୍କୀ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିଲେ। କିଛି ମାସ ପୂର୍ବେ ବିଧାୟକ ଜର୍ଜ ପୁଣି କଂଗ୍ରେସରେ ଯୋଗଦାନ କରିଛନ୍ତି । ହେଲେ ଚଳିତ ନିର୍ବାଚନରେ ଆଦିବାସୀ ନେତା ଜର୍ଜ ତିର୍କୀ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ପ୍ରାର୍ଥୀ ଭାବେ ନିଜେ ନ ଲଢ଼ି ନିଜ ପୁଅ ରୋହିତ ଯୋଶେଫ ତିର୍କୀଙ୍କୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛନ୍ତି। ଯାହାକୁ ନେଇ କଂଗ୍ରେସର କିଛି ପୁରୁଣା କର୍ମୀ ଘୋର ଅସନ୍ତୋଷ ପ୍ରକଟ କରିବା ସହ କିଛି ପୁରୁଣା ନେତା ଦଳ ମଧ୍ୟ ଛାଡିଛନ୍ତି । ବିଗତ ଦୁଇଦଶନ୍ଧି ଧରି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ ଭାବେ ରହି ଆସିଥିବା ଜର୍ଜ ତିର୍କୀ ଚଳିତ ନିର୍ବାଚନରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀକୁ ନିଜ ଅଧିନରେ ରଖିବାକୁ କେତେ ଦୂର ସକ୍ଷମ ହେବେ ତାହା ସମୟ ହିଁ କହିବ, କାରଣ ସେ ନିଜେ ସୁନ୍ଦରଗଡ ଲୋକସଭା ଆସନରୁ ଲୋକ ସଭା ପ୍ରାର୍ଥୀ ହୋଇଥିବା ବେଳେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ତାଙ୍କ ପୁଅଙ୍କ ପ୍ରଚାର ପାଇଁ କେତେ ସମୟ ଦେଇପାରିବେ ତାହା ତାଙ୍କ ଉପରେ ନିର୍ଭର କରେ। ସେହିଭଳି ଜେଏମ୍ଏମ୍ ନିଜ ପାରମ୍ପାରିକ ଭୋଟ ବ୍ୟାଙ୍କକୁ ନିଶ୍ଚିତ ରୂପେ ଆକୃଷ୍ଟ କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ଗତ ୨୦୧୪ ନିର୍ବାଚନରେ ଦଳ ୨୭, ୮୪୯ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲା। ଦଳ ଏଥର ଅଧିକରୁ ଅଧିକ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ ଜାରି ରଖିଛି। ତେବେ ଚଳିତ ନିର୍ବାଚନରେ ବିଜେଡ଼ି ଓ ଭାଜପା ଲଢ଼େଇରେ ଦେଖାଦେଇଛି ଉଷ୍ମତା। ବିଜେଡି ପକ୍ଷରୁ ନୂଆଗାଁ ବ୍ଲକର ଯୁବନେତା ମଖଲୁ ଏକ୍କା ବିଧାୟକ ପ୍ରାର୍ଥୀ ଥିବାବେଳେ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ତଥା ଭାଜପାର ଟାଣୁଆ ଯୁବନେତା ଶଙ୍କର ଓରାମ ନିର୍ବାଚନ ମଇଦାନରେ ଅଛନ୍ତି। ଦୁଇ ଦୁଇ ଥର ନୂଆଗାଁ ବ୍ଲକର ଅଧକ୍ଷ ଥିବା ମଖଲୁ ଏକ୍କା ଲିମଡା ପଞ୍ଚାୟତର ସରପଞ୍ଚ ମଧ୍ୟ ଥିଲେ । ଦୀର୍ଘ ୨୦ ବର୍ଷର ରାଜନୈତିକ ଅଭିଜ୍ଞତାକୁ ନେଇ ସେ ନିର୍ବାଚନ ମଇଦାନରେ ଅଛନ୍ତି । ଅନ୍ୟ ପକ୍ଷରେ ବିଶ୍ରା ବ୍ଲକର ଯୁବନେତା ତଥା ପୂର୍ବତନ ବିଧାୟକ ଶଙ୍କର ଓରାମ ମଧ୍ୟ ରାଜନୈତିକ ପରିବାରର ବ୍ୟକ୍ତି । ଭାଜପାର ରାଜ୍ୟ ତଥା କେନ୍ଦ୍ର ନେତୃବୃନ୍ଦ ତାଙ୍କୁ ବିଭିନ୍ନ ରାଜ୍ୟରେ ବିଭିନ୍ନ ସମୟରେ ଦଳର ପ୍ରଭାରୀ ଭାବରେ ମଧ୍ୟ ନିଯୁକ୍ତି ଦେଇଛନ୍ତି । ଏସବୁ ଦୃଷ୍ଟିରୁ ତାଙ୍କ ରାଜନୈତିକ ଦୃଷ୍ଟି ଭଙ୍ଗି ମଧ୍ୟ କିଛି କମ୍ ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଗତ ୨୦୧୪ ନିର୍ବାଚନରେ ବିଜେଡି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ୨୫, ୧୫୮ ଭୋଟ ପାଇ ୪ର୍ଥ ସ୍ଥାନରେ ଥିବା ବେଳେ ଭାଜପା ୩୪,୧୬୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲା। ଗତ ଜିଲାପରିଷଦ ନିର୍ବାଚନରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ଭାଜପା ଭଲ ପ୍ରଦର୍ଶନ କରିଛି। ଏହାକୁ ପାଥେୟ କରି ଭାଜପାର ପ୍ରାର୍ଥୀ ଶଙ୍କର ଓରାମ ପୁରା ଦମରେ ପ୍ରଚାର ମଇଦାନରେ ଅଛନ୍ତି । ତିନୋଟି ବ୍ଲକ ବିଶ୍ରା, କୁଆରମୁଣ୍ଡା ଓ ନୂଆଗାଁ ତଥା ବୀରମିତ୍ରପୁର ପୌରପାଳିକାକୁ ନେଇ ଗଠିତ ବୀରମିତ୍ରପୁର ବିଧାନସଭା କ୍ଷେତ୍ର ଏକ ଆଦିବାସୀ ବହୁଳ ଅଞ୍ଚଳ। ଏହି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଜାତିର ଲୋକେ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳ ନିଜ ନିଜ ଜାତିର ଭୋଟରଙ୍କୁ ମଧ୍ୟ ନିଜ ଆଡକୁ ଆକୃଷ୍ଟ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ମୋଟାମୋଟି ଭାବରେ କହିବାକୁ ଗଲେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ୪ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ, ଜେଏମ୍ଏମ୍ ପ୍ରାର୍ଥୀମାନଙ୍କ ମଧ୍ୟରୁ ୨ଜଣ ପ୍ରାର୍ଥୀ ବିଜେଡିର ମଖଲୁ ଏକ୍କା ଓ ଭାଜପାର ଶଙ୍କର ଓରାମ ଉଭୟେ ହିନ୍ଦୁ ସମ୍ପ୍ରଦାୟର ହୋଇଥିବାରୁ ଉକ୍ତ ଅଞ୍ଚଳର ଓରାମ, ଭୂୟାଁ ରହତିଆ, ବିଞ୍ଝିଆ ଜାତିର ଭୋଟରଙ୍କ ଉପରେ ଏମାନଙ୍କ କଡାନଜର ରହିଛି । ସେହିଭଳି କଂଗ୍ରେସ ଓ ଜେଏମ୍ଏମ୍ ପ୍ରାର୍ଥୀ ଦ୍ୱୟ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ହୋଇଥିବାରୁ ଖ୍ରୀଷ୍ଟିଆନ୍ ଭୋଟରଙ୍କ ଉପରେ ତାଙ୍କ ନଜର ବେଶିଥିବା କୁହାଯାଉଛି। ସେହିଭଳି କଂଗ୍ରେସ ଓ ଜେଏମ୍ଏମ୍ର ସ୍ୱତନ୍ତ୍ର ଭୋଟର ମଧ୍ୟ ଅଛନ୍ତି। ଯେଉଁମାନେ ନିଜ ପାରମ୍ପାରିକ ଭାବରେ ସେମାନେ ନିଜ ଦଳକୁ ହିଁ ସମର୍ଥନ କରିବେ। ଏଭଳି ପରିସ୍ଥିତିରେ ବିଭିନ୍ନ ଦଳ ଜାତିଗତ ଭୋଟକୁ ନେଇ ସେମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳ ପ୍ରୟାସ ଜାରି ରଖିଛନ୍ତି । ଏସବୁ ମଧ୍ୟରେ ସବୁ ଦଳରେ ରହିଛି ଦଳୀୟ ଅସନ୍ତୋଷ । ସବୁଦଳର ବିଭିନ୍ନ କାରଣକୁ ନେଇ କାର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି । ତେବେ ଏହି ଅସନ୍ତୋଷ ଆଗାମୀ ଦିନରେ କେଉଁ ଦଳ ପାଇଁ କେଉଁ ରୂପ ନେବ ତାହା ସମୟ କହିବ। ତେବେ ଯାହା ହେଉନା କାହିଁକି ଆଗାମୀ ବିଧାନସଭା ନିର୍ବାଚନ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ଏକ ନୂଆ ସମୀକରଣ ତିଆରି କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତଦେଉଥିବା ବେଳେ ବର୍ତ୍ତମାନର ସ୍ଥିତିରେ ଉକ୍ତ ନିର୍ବାଚନ ମଣ୍ଡଳୀର ବିଜେଡ଼ି ଓ ଭାଜପାର ଲଢ଼େଇ ଜାରି ରହିଛି। ଯୁବ ବିଜେଡି ନେତା ମଖଲୁ ଏକ୍କା ନିଜ ଯୁବ ସଙ୍ଗଠନକୁ ନେଇ ନିର୍ବାଚନ ମଇଦାନରେ ପ୍ରଚାରକୁ ଜୋର କରିଥିବା ବେଳେ ଭାଜପା ପ୍ରାର୍ଥୀ ଶଙ୍କର ଓରାମ ମଧ୍ୟ ପଛରେ ନାହାନ୍ତି। ନିକଟରେ କୁଆରମୁଣ୍ଡାର ଜମିଦାର ସଞ୍ଜିବ ପ୍ରତାପ ସିଂଦେଓ ବିଜେଡି ଛାଡି ଭାଜପାରେ ମିଶିବା ପରେ ଭାଜପା ପାଇଁ ସଞ୍ଜିବଙ୍କ ମିଶ୍ରଣ ସଞ୍ଜିବନୀ ପାଲଟିଥିବା କୁହାଯାଉଛି । ତେବେ ଆଗାମୀ ଦିନରେ ଜଣାପଡିବ କିଏ ଲୋକଙ୍କୁ ଆକୃଷ୍ଟ କରି ନିର୍ବାଚନ ବୈତରଣୀ ପାରିହେଉଛନ୍ତି।

## ମହିଳାଙ୍କ ମୃତଦେହ ଉଦ୍ଧାର

ଟେନସା,୧୫।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୋଇଡା ଥାନା ଅନ୍ତର୍ଗତ ଶଗଡଭଙ୍ଗା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ସ୍ୱାମୀ ନଥିବା ବେଳେ ସ୍ତ୍ରୀ ରଶି ଦେଇ ଆତ୍ମହତ୍ୟା କରିବା ପୋଲିସ ପ୍ରକାଶ କରୁଥିବା ବେଳେ ମହିଳାଙ୍କ ସ୍ୱାମୀ ସ୍ତ୍ରୀକୁ ହତ୍ୟା କରିବାର ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମସ୍ତ ତଥ୍ୟ ଜଣାପଡିବ ବୋଲି କୋଇଡା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏନେଇ କୋଇଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୦୧୯) ରୁଜୁ ହୋଇଛି । ମିଳିଥିବା ଖବର ଅନୁସାରେ ଶୁକ୍ରୁରାମ ଦେହୁରୀ ଓ ତାର ସ୍ତ୍ରୀ କାଇଥ ଏବଂ ଦୁଇ ବର୍ଷର ଛୁଆକୁ ନେଇ ପରିବାର। ସମସ୍ତେ ଶଗଡଭଙ୍ଗା ଗ୍ରାମରେ ରହନ୍ତି । ସ୍ୱାମୀ ରାଉରକେଲାରେ ରହି କାମଧନ୍ଦା କରିଥାନ୍ତି। ସ୍ତ୍ରୀ କାଇଥ ଓ ଦୁଇ ବର୍ଷର ଝିଅକୁ ନେଇ ଘରେ ଥିଲେ। ଗତ ହୋଲିରେ ଶୁକ୍ରୁରାମ କୋଇଡା ଗାଁକୁ ଆସିଥିଲେ। ୩ ତାରିଖ ପୁଣି ରାଉରକେଲା ଚାଲିଯାଇଥିଲେ। ଶନିବାର ରାତିରେ କାଇଥ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ପଡୋଶୀ ଲୋକେ ରବିବାର ପୋଲିସକୁ ଖବର ଦେଇଥିଲେ। ସ୍ୱାମୀ ରାଉରକେଲାରେ ରହୁଥିବାରୁ ପରିବାରରେ କେହି ନଥିଲେ । ସ୍ୱାମୀ ଶୁକ୍ରୁରାମ ରବିବାର ପହଞ୍ଚିବା ପରେ ପୋଲିସ ଶବକୁ ଜବତ କରିଥିଲେ। ପୋଲିସ ଦୁଇ ଦିନ ପରେ ଶବକୁ ଜବତ କରିଥିଲେ । ସ୍ୱାମୀ ଅଭିଯୋଗ କରିଛନ୍ତି ଯେ, ସ୍ତ୍ରୀକୁ କିଏ ଖରାପ ବ୍ୟବହାର କରିବା ସହ ହତ୍ୟା କରିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଡାକି ଚେକିଂ କରିବା ପରେ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଇଥିବାର ଜଣାପଡିଛି।

## ସ୍ୱାଧୀନ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର, ଶୋଭାଯାତ୍ରା

ରାଜଗାଙ୍ଗପୁର, ୧୫।୪ (ଡି.ଏନ.ଏ)





ସ୍ୱାଧୀନ ପ୍ରାର୍ଥୀ ପ୍ରିୟଦର୍ଶିନୀ ଭୋଇ ଶୋଭଯାତ୍ରା ଓ ପ୍ରଚାରରେ ଯାଉଛନ୍ତି।

ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ରାଜଗାଙ୍ଗପୁର ସହରରେ ସ୍ୱାଧୀନ ପ୍ରାର୍ଥୀ ପ୍ରିୟଦର୍ଶନୀ ଭୋଇଙ୍କ ନିର୍ବାଚନ ପ୍ରଚାର ଓ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ବିଧାନସଭା ଆସନ ପାଇଁ ଆସନ୍ତା ୧୮ରେ ଭୋଟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସମସ୍ତ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟ ଯୋରସୋରରେ ଚାଲିଥିବା ଦେଖିବାକୁ ମିଳୁଛି। ରବିବାର ସ୍ୱାଧୀନ ପ୍ରାର୍ଥୀ ପ୍ରିୟଦର୍ଶନୀ ଭୋଇଙ୍କ ରାଜଗାଙ୍ଗପୁର ସହରରେ ଏକ ବିରାଟ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏହି ଶୋଭାଯାତ୍ରାରେ ପାଖାପାଖି ୨ ହଜାର ଭୋଟର ଯୋଗଦେଇଥିବାବେଳେ ବିଭିନ୍ନ ରାଜନୈତିକ ଦଳର କର୍ମୀଙ୍କୁ ବି ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ପ୍ରିୟଦର୍ଶନୀ ଭୋଇ ରାଜଗାଙ୍ଗପୁର ସହର ପରିକ୍ରମା କରିବା ପରେ ସହରର ଲିପଲୋଇଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ରାଜଗାଙ୍ଗପୁର ସହରର ଉନ୍ନତି ହୋଇ ନ ଥିବା ସେ ପ୍ରକାଶ କରିଥିଲେ। ଏବେ ମଧ୍ୟ ସହରରେ ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳର ସମସ୍ୟା ଥିବାବେଳେ ସହରର ହୋଲଡିଂ ଟ୍ୟାକ୍ସ କମିବା ବଦଳରେ ଆଶାତୀତ ଭାବେ ବଢ଼ିଚାଲିଥିବା ପ୍ରକାଶ କରିଥିଲେ। ବହୁ ବର୍ଷ ହେଲା ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ରରେ ବିଭିନ୍ନ ଦଳର ପ୍ରାର୍ଥୀ ବିଜୟୀ ହେଉଥିଲେ ମଧ୍ୟ କୌଣସି ଆଖିଦୃଶିଆ କାମ କରି ନ ଥିବାରୁ ତାଙ୍କୁ ଭୋଟଦେଇ ବିଜୟୀ କଲେ ସେ ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ରରେ ଅସୁବିଧା ବିଧାନସଭାରେ ଉପସ୍ଥାପନା କରି ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରୟାସ କରିବେ ବୋଲି କହିଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ତ୍ରିମୁଖି ଲଢ଼େଇ ହେଉଥିବାବେଳେ ଏଥର ଚତୁଃମୁଖି ଲଢ଼େଇ ହେବା ନେଇ ଚର୍ଚ୍ଚା ହେଉଛି। ସ୍ୱାଧୀନ ପ୍ରାର୍ଥୀ ପ୍ରିୟଦର୍ଶନୀ ଭୋଇଙ୍କ ପ୍ରତି ଜନସମର୍ଥନ ବଢ଼ିବାରେ ଲାଗିଥିବାରୁ ସେ ଅନ୍ୟ ରାଜନୈତିକ ଦଳ ସହିତ ସମକକ୍ଷ ହୋଇ ଲଢ଼େଇ କରିବେ ବୋଲି ଚର୍ଚ୍ଚା ହେଉଛି।

## ଡକାୟତି ଅଭିଯୋଗରେ ୧୨ ଗିରଫ

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର

ବେଦବ୍ୟାସ, ୧୫।୪ (ଡି.ଏନ.ଏ)



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ପ୍ରଦର୍ଶିତ କରୁଛି।

ରାଉରକେଲା ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବିଭିନ୍ନ ସ୍ଥାନରୁ ଡ଼କାୟତି ହୋଇଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର କରିବା ସହ ୧୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମାରଙ୍ଗପିଢ଼ି ନିବାସୀ ମାଇକେଲ ଓରାମ (୨୫), ଗଣେଷ ମୁଣ୍ଡାରୀ (୨୩), ଗୋଇନ୍ଦା ଓରାମ (୨୨), ଜିତୁ ବାର୍ଲା (୨୪), ସୁମନ ବାର୍ଲା (୨୦), ସୁନୀଲ ଟେଟେ (୨୫), ବଲଣ୍ଡା ନିବାସୀ ଅଜିତ କିଶାନ (୨୫), ସାଗଯୋର ନିବାସୀ ସଙ୍କର ଖାଲଖୋ (୩୦), ଛତିଶଗଡ ରାଜ୍ୟର ଜାମଟୋଲି ଗ୍ରାମର ନିବାସୀ ରୋଶନ କୁଜୁର (୨୪), କୁଆଁରମୁଣ୍ଡା ସ୍ଥିତ ଜଗନ୍ନାଥ ଅଲୟୋଜ ଲିଃର ମଲିକ ସଞ୍ଜୟ କୁମାର ସିଂ, ଟିସିଆଇ ଛକ ନିବାସୀ ଦିନେଶ ଗୁପ୍ତା ଓ ରମେଶ ଗୁପ୍ତା। ଏନେଇ ସୋମବାର ବ୍ରାହ୍ମଣୀତରଙ୍ଗ ଥାନା ପରିସରରେ ସନ୍ଧ୍ୟା ସାଢ଼େ ୫ଟାବେଳେ ପାନପୋଷ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅସୀମ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୁକ୍ତମାନଙ୍କଠାରୁ ଏକ ବୋଲେରୋ ପିକଅପ୍ (ନଂ. ଓଆର୍ ୧୪ ଏନ- ୮୧୨୧), ମାରୁତି କାର (ନଂ. ଓଡି ୧୪ ଏଲ- ୩୨୭୯), ଟାଟା ଏସି (ନଂ. ଓଡି ୧୪ ଏଲ- ୩୫୩୯), ୩ଟି ବାଇକ ନଂ. ଓଡି ୧୪ ପି- ୩୬୭୪, ଓଡି ୧୪ କ୍ୟୁ- ୮୩୮୨, ଓଡି ୧୪ କ୍ୟୁ ୩୨୫୦ ଜବତ କରାଯାଇଛି। ଏହା ସହ ଦୁଇ ଗୋଟି ବଜାଜ କମ୍ପାନୀର ଟେବୁଲ ପଙ୍ଖା, ବିଭିନ୍ନ କମ୍ପାନୀର ୯ଟି ମୋବାଇଲ ଫୋନ, ଦୁଇଟି ଲୁହାର ଭୂଜାଲି, ବ୍ୟାଟେରୀ ୩ଟି, ଦେଶୀ ପିସ୍ତଲ ୧ଟି ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ମାଇକେଲ ଓରାମ ହେଉଛି ମୁଖ୍ୟ ଅଭିଯୁକ୍ତ।ତାଙ୍କର ନିର୍ଦ୍ଦେଶରେ ବିଭିନ୍ନ ବନ୍ଦଥିବା ଏବଂ ଚାଲୁଥିବା କାରଖାନାରେ ରାତିରେ ପଶି ସିକ୍ୟୁରିଟି ଗାର୍ଡମାନଙ୍କୁ ଭୟଭୀତ କରି କାରଖାନାର ଯାନ୍ତ୍ରୀକ ସାମଗ୍ରୀ ସମେତ କାରଖାନାର ବିଭିନ୍ନ ସାମଗ୍ରୀ ଲୁଟ କରୁଥିଲେ। ଏହା ମାଇକେଲ ପୋଲିସ ସମ୍ମୁଖରେ ସ୍ୱୀକାର କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଚୋରୀ ସାମଗ୍ରୀକୁ ସ୍କ୍ରାପ, ମାଫିଆ ଦିନେଶ ଗୁପ୍ତା, ରମେଶ ଗୁପ୍ତାଙ୍କୁ ଦିଆଯାଏ । ତାହାକୁ ସଞ୍ଜୟ କୁମାର ସିଂ ତାଙ୍କ କାରଖାନାରେ ମେଲଟିଂ କରି ବଜାରରେ ଚଢ଼ା ଦରରେ ବିକ୍ରି କରନ୍ତି । ଏହି ଘଟଣାରେ ଲିପ୍ତଥିବା ଆଉ ୨ରୁ ୩ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ବ୍ରାହ୍ମଣୀତରଙ୍ଗ ଥାନା ନୂତନ ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି । ଏହି ସଫଳତା ପଛରେ ପାନପୋଷ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅସୀମ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ବଳିଷ୍ଠ ନେତୃତ୍ୱରେ ସମ୍ଭବ ହୋଇପାରିଛି। ଚଢ଼ାଉ ଦଳରେ ବ୍ରାହ୍ମଣୀତରଙ୍ଗ ଥାନା ମହିଳା ଏସଆଇ ଚମ୍ପାବତୀ ସୋରେନ, ମମତା ସିଂ, ଏସଆଇ ବିକାଶ କଲେତ, ଏଏସଆଇ ମହାକୁଡ ବାବୁ, ରାଉତ ବାବୁ, ହାବିଲଦାର ଖମାରୀଙ୍କ ସମେତ କଲୁଙ଼୍ଗା ଫାଣ୍ଡି ଅଧିକାରୀ ଦୁର୍ଗାଚରଣ ଜେନା ପ୍ରମୁଖ ସାମିଲ ଥିଲେ।

## ନିର୍ବାଚନ ପାଇଁ ପ୍ରଶାସନର ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୧୫।୪ (ଡି.ଏନ୍.ଏ)



ଅତିରିକ୍ତ ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଭାରତର ନିର୍ବାଚନ ଆୟୋଗଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ସୁନ୍ଦରଗଡ ଜିଲାରେ ଆସନ୍ତା ୧୮ରେ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁନ୍ଦରଗଡ ଜିଲାର ସମସ୍ତ ଜନସାଧାରଣଙ୍କୁ ନିର୍ବାଚନ ସମ୍ପର୍କରେ ସଚେତନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୭ଟି ଭୋଟର ସଚେତନତା ରଥ ବାହାରିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ରଥଗୁଡ଼ିକରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଡାକବାଜି ଯନ୍ତ୍ର ବ୍ୟବହାର କରିବା ସହ ପତ୍ରିକା ଓ ପୋଷ୍ଟର ବଣ୍ଟନ କରାଯାଇଛି। ସୁନ୍ଦରଗଡ ଲୋକସଭା ଅଧୀନ ତଳସରା, ସୁନ୍ଦରଗଡ, ବୀରମିତ୍ରପୁର, ରାଉରକେଲା ଓ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ସେହିପରି ରଘୁନାଥପାଲି ଓ ବଣାଇ ନିର୍ବାଚନ ମଣ୍ଡଳୀରେ ସକାଳ ୭ରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏହି ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅଭିମନ୍ୟୁ ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ତ୍ରିଦେବ କୁମାର ପ୍ରଧାନ, ଉପଖଣ୍ଡ ଅଧିକାରୀ ଲୀଳାଧର କାଲୋ, ସୁଦାମ ଚନ୍ଦ୍ର ପଟେଲ, କିରଣ ମାଳା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## କାରଖାନା ଭିତରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ରାଜଗାଙ୍ଗପୁର, ୧୫।୪ (ଡି.ଏନ.ଏ)





କାରଖାନା ବାହାରେ ଶ୍ରମିକମାନେ ଏକତ୍ରିତ ହୋଇଛନ୍ତି।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ଜାମପାଲିଠାରେ ଥିବା ୱାଆଇସିଏଲ ସ୍ପଞ୍ଜ କାରଖାନାରେ ରବିବାର ସକାଳ ୯ଟା ବେଳେ ଜେନେରାଲ ସିପ୍ଟରେ କାର୍ଯ୍ୟରତ ସୁନୀଲ କାକ୍ (୨୫) ନାମକ ଜଣେ ଯୁବକ କୌଣସି କାରଣରୁ ରକ୍ତବାନ୍ତି କରିଥିଲେ। ଘଟଣା ଜାଣିବା ପରେ କାରଖାନା କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ସ୍ଥିତ ଶାନ୍ତିସେବା ସଦନ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। କିନ୍ତୁ ସେଠି ଡା. ଜୟଦେବ ଦାଶ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାଉରକେଲା ଆଇଏସଆଇ ଦ୍ୱାରା ପରିଚାଳିତ ମଡେଲ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କ୍ଷତିପୂରଣକୁ ନେଇ ତାଙ୍କ ଘର ଲୋକ ମୃତଦେହକୁ ବ୍ୟବଚ୍ଛେଦ କରିବାକୁ ଦେଇ ନ ଥିଲେ। ସୋମବାର ଏ ଘଟଣା ଜାଣିଲା ପରେ କାରଖାନାର ଶ୍ରମିକମାନେ ଉଚିତ କ୍ଷତିପୂରଣ ପାଇଁ କାରଖାନା ବାହାରେ ଏକତ୍ରିତ ହୋଇ କାର୍ଯ୍ୟବନ୍ଦ ପାଇଁ ପଦକ୍ଷେପ ନେଇଥିଲେ। ପରେ କାରଖାନା କର୍ତ୍ତୃପକ୍ଷ ଶ୍ରମିକଙ୍କ ଦାବି ମୁତାବକ ପ୍ରଥମ କିସ୍ତିରେ ୫ଲକ୍ଷ ଏବଂ ତିନି ମାସ ପର୍ଯ୍ୟନ୍ତ ଲକ୍ଷେ ଲେଖାଏଁ ଟଙ୍କା ମୋଟ ୮ ଲକ୍ଷ ଟଙ୍କା ଦେବାର ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତିପୂର୍ଣ୍ଣ ହୋଇଥିଲା। ତାଙ୍କ ପରିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ । ପରେ କାରଖାନାରେ ସୁରୁଖୁରୁ ଭାବେ କାର୍ଯ୍ୟ ଚାଲିଥିଲା।

### କ୍ଷତିପୂରଣ ଦେବା ପରେ ପରିସ୍ଥିତି ଶାନ୍ତିପୂର୍ଣ୍ଣ

ଏବାବଦରେ କାରଖାନା କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କୌଣସି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇ ନ ଥିବା ପ୍ରକାଶ କରିଥିଲେ । ତେଣୁ ତାଙ୍କୁ ଆଗରୁ ଯକ୍ଷ୍ମା ରୋଗ ଥିବାରୁ ସେ ରୋଗରେ ମୃତ୍ୟୁ ବରଣ କରିଥିବା ପ୍ରକାଶ କରିଥିଲେ । ହେଲେ ମଧ୍ୟ କମ୍ପାନୀ ଏଗ୍ରିମେଣ୍ଟ ମୁତାବକ ୮ଲକ୍ଷ ଟଙ୍କା ଦେବାପାଇଁ ପ୍ରକାଶ କରିଥିଲେ। ଏବାବଦରେ ଗେଟ ସମ୍ମୁଖରେ ଏକ ନୋଟିସ ଦେଇଥିବା ପ୍ରକାଶ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୬ ଏପ୍ରିଲ, ୨୦୧୯



ଅହଂକୁ ଯେତିକି ଦୂରରେ ରଖିବ ତୁମର ଜ୍ଞାନରେ
ବା ଦର୍ଶନର ସୀମା ସେତିକି ବିସ୍ତାର ହେବ।
- ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର



## ସଂକ୍ଷେପରେ

### ଟେନ୍‌ସା ଶାରଳା ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି

**ଟେନ୍‌ସା, ୧୫।୪ (ଡି.ଏନ.ଏ)–** ସୁନ୍ଦରଗଡ ଜିଲା ଟେନସାରେ ଥିବା ପୁରାତନ ମା' ଶାରଳା ମନ୍ଦିରରେ ମହାବିଷୁବ ପଣା ସଂକ୍ରାନ୍ତି ସହିତ ମା'ଙ୍କ ଚଇତି ପର୍ବ ଖୁବ ଧୁମଧାମରେ ପାଳିତ ହୋଇଯାଇଛି। ମନ୍ଦିର ପୂଜକ ବସନ୍ତ ମିଶ୍ରଙ୍କ ଅଧକ୍ଷତାରେ ଦିନ ତମାମ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ମା'ଙ୍କ ଦର୍ଶନ ନିମନ୍ତେ ଭକ୍ତମାନଙ୍କ ଗହଳି ଲାଗିଥିଲା। ମା'ଙ୍କ ମନ୍ଦିରକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଯାହାକି ଭକ୍ତଙ୍କ ମନକୁ ଆନନ୍ଦିତ କରୁଥିଲା । ସନ୍ଧ୍ୟାରେ ମନ୍ଦିର ପରିସର ମଧରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଆବଳ ବୃଦ୍ଧ ବନିତା ପ୍ରସାଦ ସେବନ କରିଥିଲେ। ମଣ୍ଟୁ ମିଶ୍ର, ରିଣ୍ଟୁ ମିଶ୍ର, ଝୁଲା ସାମଲ, ଅମୀୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ସେହିପରି ଟେନସାରେ ଥିବା ରାମେଶ୍ୱର ମନ୍ଦିର, ଜଗନ୍ନାଥ ମନ୍ଦିର, ଓଡି ବ୍ଲକରେ ଥିବା ମା' ତାରିଣୀ ମନ୍ଦିରରେ ମହାବିଷୁପ ପଣା ସଂକ୍ରାନ୍ତି ଅନୁଷ୍ଠିତ ହୋଇଥିଲା। ମନ୍ଦିରମାନଙ୍କରେ ପୂଜାପାଠ, ଚଣ୍ଡୀପାଠମାନ ଆୟୋଜନ କରାଯାଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥିଲା ।

# 'ନେତାଙ୍କ ପ୍ରତିଶ୍ରୁତି ପାଣିରଗାର ସଦୃଶ'

**ଝାରସୁଗୁଡ଼ା ଅଫିସ,୧୫।୪**

ନେତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ପାଣିର ଗାର ସଦୃଶ। ନିର୍ବାଚନ ବେଳେ ଭୋଟ ହାତେଇବାକୁ ଭୋଟରଙ୍କୁ ଯେତେ ଇଚ୍ଛା ମିଛ ପ୍ରତିଶ୍ରୁତି ଦେଇଯାଆନ୍ତି। ନିର୍ବାଚନ ସରିଲେ ସେ ସବୁ ଭୁଲିଯାଆନ୍ତି। ଏପରି କି ନିର୍ବାଚନ ସମୟରେ ଗୋଟିଏ ସପ୍ତାହ ମଧ୍ୟରେ ଦୁଇଥର ଆସିଥିବା ଗାଁକୁ ପରବର୍ତ୍ତୀ ୫ ବର୍ଷ ଭିତରେ ଯିବାକୁ ଆଉ ସମୟ ମିଳେନି ସେମାନଙ୍କୁ। ରାଜଧାନୀର ଶୀତତାପ ନିୟନ୍ତ୍ରିତ କୋଠରିରେ ସମୟ ବିତେ ନେତାଙ୍କର। ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ଆସନ୍ତା ନିର୍ବାଚନ ଯାଏ ପୂର୍ବଭଳି ରହିଯାଏ। ଏହିଭଳି ମିଥ୍ୟା ପ୍ରତିଶ୍ରୁତିର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି ବ୍ରଜରାଜନଗର ନିର୍ବାଚନମଣ୍ଡଳୀର କୁତାବଗା ଗ୍ରାମବାସୀ। ଏହି ଗାଁକୁ ଲାଗି ରହିଛି ମଝିଆପଡ଼ା, ରତାଖଣ୍ଡି, ବିଶାଳପଡ଼ା, ଭଇଁଆପଡ଼ା ସମେତ ଆହୁରି ଅନେକ ଛୋଟବଡ଼ ପଡ଼ା। ଏହି



ବ୍ରଜରାଜନଗର ନିର୍ବାଚନମଣ୍ଡଳୀ କୁତାବଗା ମଝାପଡ଼ା।

ସବୁ ଗାଁ ଓ ପଡ଼ାର ଭୋଟର ସଂଖ୍ୟା ୨ ହଜାରରୁ ଅଧିକ। ବ୍ରଜରାଜନଗର ପୌରାଞ୍ଚଳ ଅଧୀନରେ ରହିଥିବା ଏହି ଗାଁ ଓ ପଡ଼ାରେ ରହିଛି ପିଇବା ଓ ନିତ୍ୟ ବ୍ୟବହାର ପାଇଁ ଆବଶ୍ୟକ ପାଣି ସମସ୍ୟା। କୁତାବଗାର ମଝାପଡ଼ାଠାରୁ ଅଧକିଲୋମିଟର ଦୂରରେ ଇବ୍‌ନଦୀ ରହିଥିଲେ ମଧ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ହୋଇପାରୁନାହିଁ। ଏପରିକି ପଡ଼ା ଲୋକଙ୍କ ବ୍ୟବହାର ପାଇଁ ରହିଥିବା ନଳକୂଅରୁ ଦୂଷିତ ପାଣି ବାହାରୁଛି। ନିତ୍ୟ ବ୍ୟବହାର ପାଇଁ ଥିବା ପୋଖରୀ ପାଣି ବ୍ୟବହାର ଅନୁପଯୋଗୀ ବୋଲି କହିଛନ୍ତି ପଡ଼ାବାସିନ୍ଦା ଗୋପୀନାଥ ବିଶ୍ୱାଳ। ପାଣି ସୁବିଧା କରିବାକୁ ପୂର୍ବ ନିର୍ବାଚନ ସମୟରେ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ସମ୍ଭବ ହୋଇପାରିଲାନି ବୋଲି କହିଛନ୍ତି ଗୋପୀନାଥ। ସେହିପରି କୁତାବଗା–ରାମପୁର ଡଙ୍ଗାଘାଟ ବ୍ରିଜ୍ ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସୁଛି। ଏହି ବ୍ରିଜ୍ ନିର୍ମାଣ ହେଲେ ସମ୍ବଲପୁର ସହରକୁ ଲୋକଙ୍କ ଗମନାଗମନ ସୁଗମ ହେବ। ୪୦ ବର୍ଷ ହେବ ଏହି ବ୍ରିଜ୍ ନିର୍ମାଣ କେବଳ ପ୍ରତିଶ୍ରୁତିରେ ରହିଛି। କେବଳ ମିଛ ପ୍ରତିଶ୍ରୁତି ଦେଇ ନେତାଏ ନିର୍ବାଚନ ବୈତରଣୀ ପାର୍ ହେଉଥିବା କହିଛନ୍ତି ପ୍ରଭାବତୀ ସାହୁ। ଏଥର ବି ସୁବିଧା କରାଇବାକୁ ପ୍ରତିଶ୍ରୁତି ମିଳିଲାଣି। କିନ୍ତୁ କେତେ କାର୍ଯ୍ୟକାରୀ ହେଉଛି ପରେ ଜଣାପଡ଼ିବ ବୋଲି ଗାଁ ଲୋକେ କହିଛନ୍ତି।

# ବେଲପାହାଡ଼ ପୌରାଞ୍ଚଳରେ ୨୫,୮୧୪ ଭୋଟର

**ବେଲପାହାଡ଼,୧୫।୪(ଡି.ଏନ୍.ଏ.)**

ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ବ୍ରଜରାଜନଗର ବିଧାନସଭା ଓ ବରଗଡ଼ ଲୋକ ସଭା ଆସନ ପାଇଁ ଭୋଟଗ୍ରହଣ ହେବ। ଏଥିରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ୨,୧୧,୦୯୩ ଭୋଟର ମତଦାନ କରିବେ। ଏମାନଙ୍କ ମଧ୍ୟରେ ୧,୦୮,୮୭୩ ପୁରୁଷ ଓ ୧,୦୨,୧୯୯ ମହିଳା ଭୋଟର ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ବେଲପାହାଡ଼ ପୌରାଞ୍ଚଳ ରହିଛି। ଏହି ପୌରାଞ୍ଚଳର ମୋଟ ଭୋଟର ସଂଖ୍ୟା ହେଉଛି ୨୫,୮୧୪। ଏମାନଙ୍କ ମଧ୍ୟରେ ମହିଳା ଭୋଟର ସଂଖ୍ୟା ୧୨,୫୩୦ ହୋଇଥିବାବେଳେ ପୁରୁଷ ଭୋଟର ସଂଖ୍ୟା ରହିଛି ୧୩,୨୮୪। ପୌରାଞ୍ଚଳରେ ମୋଟ ୨୬ ମତଦାନ କେନ୍ଦ୍ରରେ ଏହି ଭୋଟରମାନେ ସେମାନଙ୍କ ମତ ସାବ୍ୟସ୍ତ କରିବେ। ଯୁରାବଗା ସେବାଶ୍ରମରେ ୩ଟି, ମୁଚବାହଲ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ, ଗୁମାଡେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ଟି, ବି.ଆର୍. ହାଇସ୍କୁଲରେ ୩ଟି, ଜାମକାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ଟି, କାଡ୍ଡୁପଡ଼ା ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ, ସମଡ଼ା ପ୍ରାଥମିକ ବିଦ୍ୟାଳୟରେ ୪ଟି, ଜି.ଏଲ୍. ହାଇସ୍କୁଲରେ ୪ଟି ଓ ଛୁଆଲିବେର୍ଣା ଆଶ୍ରମ ବିଦ୍ୟାଳୟରେ ୨ଟି ବୁଥ୍ କରାଯାଇଛି। ଏହି ମତଦାନ କେନ୍ଦ୍ରଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଯୋଗେ ଭୋଟ ଗ୍ରହଣ କରାଯିବ। ପ୍ରତ୍ୟେକ ଇଭିଏମ୍‌ରେ ପ୍ରଥମଥର ପାଇଁ ଭିଭିପିଏଟି ବ୍ୟବସ୍ଥା କରାଯାଇଛି। ଆଗାମୀ ନିର୍ବାଚନ ପାଇଁ ବେଲପାହାଡ଼ ପୌରାଞ୍ଚଳସ୍ଥିତ ଜି.ଏଲ୍. ହାଇସ୍କୁଲ ଓ ସମଡ଼ା ପ୍ରାଥମିକ ବିଦ୍ୟାଳୟରେ ୨ଟି ମଡେଲ ବୁଥ୍ ଏବଂ ବି.ଆର୍. ହାଇସ୍କୁଲରେ ଗୋଟିଏ ପିଙ୍କ୍ ବୁଥ ସ୍ଥାପିତ କରାଯିବ। ଉକ୍ତ ପିଙ୍କ୍ ବୁଥରେ କେବଳ ମହିଳା ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସର ନିଯୁକ୍ତ ହେବେ।

# ଷ୍ଟାର ପ୍ରଚାରକଙ୍କ ଉପରେ ପ୍ରାର୍ଥୀଙ୍କ ଭରସା

**ରାଉରକେଲା ଅଫିସ,୧୫।୪**

ମତଦାନ ପାଇଁ ଦୁଇଦିନ ବାକି ଥିବାବେଳେ ସୋମବାର ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ଆସିଥିଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ସେ ରାଉରକେଲା, ରଘୁନାଥପାଲି ଓ ବୀରମିତ୍ରପୁର ବିଧାନସଭା ସହ ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥ ଜୁଏଲ ଓରାମଙ୍କ ସପକ୍ଷରେ ପ୍ରଚାର କରି ଫେରିଯାଇଛନ୍ତି। ମଙ୍ଗଳବାର ରଘୁନାଥପଲି ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ଏକ ରୋଡ୍ ଶୋରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସେ ଦକ୍ଷିଣ ରାଉରକେଲାର ବିଭିନ୍ନ ଅଞ୍ଚଳ ବୁଲି ସୁବ୍ରତଙ୍କ ସପକ୍ଷରେ ପ୍ରଚାର କରିବେ। ଏ ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବିରୋଧୀଙ୍କ ମୁହଁ ବନ୍ଦ କରିବାକୁ ଶେଷରେ ବିଜେଡି ନବୀନଙ୍କୁ ଆଣିବାକୁ ବାଧ ହେଲା ବୋଲି ଆଲୋଚନା ଚାଲିଛି। ଯେଉଁ ପ୍ରାର୍ଥୀ ଅଡୁଆ ପରିସ୍ଥିତିରେ ପଡ଼ିଛନ୍ତି ସେମାନଙ୍କୁ ଦଳର ଷ୍ଟାର ପ୍ରଚାରକ ହିଁ ଭରସା ବୋଲି କୁହାଯାଉଛି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ କଂଗ୍ରେସ ନେତା ରାହୁଳ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଏୟାର ଷ୍ଟ୍ରିପ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନ୍ଦରଗଡ଼ରେ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। କିଛିଦିନ ପୂର୍ବେ ନବୀନ ରାଉରକେଲା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାରେ ଯୋଗଦେଇ କର୍ମୀଙ୍କ ମନୋବଳ ସୁଦୃଢ଼ କରିବାକୁ ଉଦ୍ୟମ କରିଥିଲେ। ତେବେ ସେ କୌଣସି କାରଣରୁ ରଘୁନାଥପାଲି ଆସିପାରି ନ ଥିଲେ। ଏଣୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଛି। ଯାହା ସୁବ୍ରତ ତରାଇଙ୍କ ସ୍ଥିତି ସୁଦୃଢ଼ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ଏପରି ଅବସ୍ଥାରେ ରଘୁନାଥପାଲି କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଏକଲା ଚଲୋ ନ୍ୟାୟରେ ତାଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କ ପାଇଁ କୌଣସି ଷ୍ଟାର ପ୍ରଚାରକ ଆସିନାହାନ୍ତି। ଆସିବା ସମ୍ଭାବନା ମଧ ନାହିଁ। ଭାଜପା ପ୍ରାର୍ଥୀ ଜଗବନ୍ଧୁଙ୍କ ପାଇଁ ଯୋଗୀ ଆଦିତ୍ୟନାଥ ଓ ବିଜେଡି ପ୍ରାର୍ଥୀଙ୍କ ପାଇଁ ନବୀନ ପ୍ରଚାର କରିଥିବା ବେଳେ ଏହା କଂଗ୍ରେସ କର୍ମୀଙ୍କୁ ନିରାଶ କରିଛି।

# ଛାତ୍ର ନେତାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୧୫।୪**

ତର୍କରା ଡ୍ୟାମ ବ୍ରାହ୍ମଣୀ ନଦୀରେ ରବିବାର ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଛାତ୍ର ଚନ୍ଦନ ଦାସଙ୍କୁ ସୋମବାର ଗାନ୍ଧୀ ମହାବିଦ୍ୟାଳୟ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଲେଜ ଅଧକ୍ଷା ସନ୍ଧ୍ୟାରାଣୀ ବରାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶୋକସଭାରେ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଚନ୍ଦନଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କ ଭଳି ଜଣେ ଉଦୀୟମାନ ଛାତ୍ରନେତାଙ୍କ ମୃତ୍ୟୁ ଶୋକର ଛାୟା ଖେଳାଇ ଦେଇଛି ବୋଲି ମତ ପ୍ରକାଶ ପାଇଥିଲା।

# ବେଲପାହାଡ଼ରେ ଭାଜପା ରୋଡ୍ ଶୋ



ଭାଜପା ପକ୍ଷରୁ ଆୟୋଜିତ ରୋଡ୍ ଶୋରେ ଦଳୀୟ କର୍ମୀମାନେ ଲୋକ ସଭା ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

**ବେଲପାହାଡ଼,୧୫।୪(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ସୋମବାର ସକାଳେ ଭାଜପାର ରୋଡ୍ ଶୋ ଆୟୋଜିତ ହୋଇଛି। ଏଥିରେ ଦଳର ବରଗଡ଼ ଲୋକ ସଭା ପ୍ରାର୍ଥୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ରୋଡ୍ ଶୋ ବେଲପାହାଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରୁ ଆରମ୍ଭ ହୋଇ ଗୁମାଡେରା ବଜାର ଦେଇ ବନ୍ଧବାହାଲ ଅଭିମୁଖେ ଯାଇଥିଲା। ଏଥିରେ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ। ପ୍ରାର୍ଥୀ ପୂଜାରୀ ଏକ ଗାଡ଼ିରେ ବସି ନିଜ ସପକ୍ଷରେ ପ୍ରଚାର କରିଥିଲେ। ସେହିପରି ଭାଜପା ବିଧାନସଭା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ଶନିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବେଲପାହାଡ଼ର ବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ରବିବାର ସନ୍ଧ୍ୟାରେ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତି ବେଲପାହାଡ଼ ଫାଟକରେ ଏକ ପଥପ୍ରାନ୍ତ ସଭା କରିଥିଲେ। ସେ ମଧ ବେଲପାହାଡ଼ରେ କ୍ୟାମ୍ପ କରି ଦିନେ ଛାଡ଼ି ଦିନେ ପ୍ରତ୍ୟେକ ୱାର୍ଡକୁ ଯାଇ ଲୋକଙ୍କୁ ଭେଟୁଛନ୍ତି। କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀ ମଧ ବିଭିନ୍ନ ୱାର୍ଡ ବୁଲି ପ୍ରଚାର ଚଳାଇଛନ୍ତି। ପ୍ରଚାର ପାଇଁ ପ୍ରାର୍ଥୀଙ୍କ ହାତରେ ଆଉ ମାତ୍ର ଗୋଟିଏ ଦିନ ବାକି ରହିଛି। ଏପର୍ଯ୍ୟନ୍ତ କେବଳ ବିଜେଡି ପକ୍ଷରୁ ଗୁମାଡେରାରେ ଏକ ସଧାରଣ ସଭା ହୋଇଛି। କଂଗ୍ରେସ, ଭାଜପା ଓ ସିପିଆଇ ପକ୍ଷରୁ କୌଣସି ସାଧାରଣ ସଭା ହୋଇନାହିଁ।

# ବୀରମିତ୍ରପୁର ନିର୍ବାଚନମଣ୍ଡଳୀ: ଜମୁନି ପ୍ରଚାର

**କୁଆଁରମୁଣ୍ଡା,୧୫।୪(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଛି। ପ୍ରମୁଖ ଦଳର ପ୍ରାର୍ଥୀମାନଙ୍କୁ ସାଧାରଣ ଭୋଟର ଏ ପର୍ଯ୍ୟନ୍ତ ଚିହ୍ନିପାରି ନାହାନ୍ତି। ଏଥର ଏଠାରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ରୋହିତ ଯୋଶେଫ ତିର୍କୀ ସମ୍ପୂର୍ଣ୍ଣଭାବେ ନୂଆ ଚେହେରା। ସେ ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ଚଳିତ ନିର୍ବାଚନରେ ସୁନ୍ଦରଗଡ଼ ଲୋକସଭା ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଜର୍ଜ ତିର୍କୀଙ୍କ ପୁଅ ହୋଇଥିବାରୁ ସ୍ଥାନୀୟ ଭୋଟରଙ୍କ ମଧ୍ୟରେ ଜଣାଶୁଣା ହୋଇପାରୁଛନ୍ତି। ସେହିପରି ବୀରମିତ୍ରପୁରରୁ ଗତ ୨୦୧୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ଶଙ୍କର ଓରାମ ମଧ୍ୟ ଏଥର ଏଠାରୁ ପ୍ରାର୍ଥୀ ହୋଇଛନ୍ତି। ମାତ୍ର ବିଜେଡ଼ି ଗତ ଥର ଭଳି ଏଥର ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ନୂଆ ପ୍ରାର୍ଥୀ ଦେଇଛି। ପ୍ରତିଥର ଦଳ ପକ୍ଷରୁ ପ୍ରାର୍ଥୀ ପରିବର୍ତ୍ତନ କରାଯାଉଥିବାରୁ ଏଠାରେ ଦଳ ସେଭଳି ଆଖିଦୃଶିଆ ଭୋଟ ହାତେଇ ପାରୁ ନ ଥିବା କୁହାଯାଉଛି। ଗତ ୨୦୧୪ ନିର୍ବାଚନରେ ବୀରମିତ୍ରପୁରରେ ବିଜେଡିକୁ ୪ର୍ଥ ସ୍ଥାନରେ ଭୋଟରମାନେ ରଖିଥିଲେ। ମାତ୍ର ଭାଜପା ପ୍ରାର୍ଥୀ ଶଙ୍କର ଓରାମ ୨ୟ ସ୍ଥାନରେ ଥିଲେ। ଏଥର କଂଗ୍ରେସ ଓ ବିଜେଡ଼ି ସହ ତାଙ୍କର କଡ଼ା ଟକ୍କର ହେଉଛି। ଇତିମଧ୍ୟରେ ବିଜେଡ଼ି ପ୍ରାର୍ଥୀ ମଖଲୁ ଏକ୍କାଙ୍କ ସପକ୍ଷରେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଆସି ପ୍ରଚାର କରି ଯିବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଶକ୍ତି ବୃଦ୍ଧି ହୋଇଛି। ମାତ୍ର ବ୍ଲକସ୍ତରୀୟ କେତେକ ନେତାଙ୍କୁ ଦଳରେ ଅଣଦେଖା କରାଯାଉଥିବାରୁ ସେମାନେ ଯେଉଁଭଳି ପ୍ରଚାର କରିବା କଥା ସେଥିରୁ ନିଜକୁ ଦୂରେଇ ରଖୁଥିବା ଆଲୋଚନା ହେଉଛି। ଆଉ ମାତ୍ର ୨ ଦିନ ପରେ ୨ୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାରି ଭିତରେ ବିଜେଡ଼ି ଅସନ୍ତୁଷ୍ଟଙ୍କୁ ମନେଇ ପାରିଲେ ତାହା ଦଳର ବିଜୟ ସମ୍ଭାବନାରେ ସହାୟ ହୋଇପାରିବ ବୋଲି ମଧ୍ୟ ଆକଳନ କରାଯାଉଛି। ସେହିପରି ଏଥର ନିର୍ବାଚନରେ ବିଜୟର ଆଶା ରଖିଥିବା ଭାଜପା ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ କୁଆଁରମୁଣ୍ଡା ବ୍ଲକରେ ନିଜର ପ୍ରଚାରକୁ ଯେଉଁଭଳି ଜୋରଦାର କରିବା କଥା ତାହା ଅଦ୍ୟାବଧି ହୋଇନାହିଁ।

# ବଡ଼ମାଲ ପୋଲିସର ଫ୍ଲାଗମାର୍ଚ୍ଚ

**ଝାରସୁଗୁଡ଼ା ଅଫିସ,୧୫।୪**

ଗ୍ରୀଷ୍ମ ଉତ୍ତାପ ସାଙ୍ଗକୁ ଝାରସୁଗୁଡ଼ା ଜିଲାରେ ନିର୍ବାଚନୀ ଉଷ୍ମତା ବଢୁଛି। ଅନେକ ସମୟରେ ନିର୍ବାଚନକୁ ନେଇ ହିଂସାକାଣ୍ଡ, ଆକ୍ରମଣ, ଗଣ୍ଡଗୋଳ ଘଟୁଥିବା ନଜିର ମଧ ରହିଛି। ତେଣୁ ଏଭଳି ଅଘଟଣ ଯେପରି ନ ଘଟେ ସେଥିପ୍ରତି ଝାରସୁଗୁଡ଼ା ପୋଲିସ ଅଧିକ ଗୁରୁତ୍ୱ ଦେଇଛି। ନାଇଟ୍ ପାଟ୍ରୋଲିଂ, ଫ୍ଲାଗମାର୍ଚ୍ଚ, ନାକାବନ୍ଦୀ, ଫୁଟ୍ ପାଟ୍ରୋଲିଂ ଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ବଡ଼ମାଲ ପୋଲିସ ପକ୍ଷରୁ ଏବେ ନିୟମିତ ଫ୍ଲାଗମାର୍ଚ୍ଚ ଚାଲିଛି। ଥାନା ଅଧୀନ ଗାଁଗୁଡ଼ିକରେ ପୋଲିସ ସକାଳ, ଅପରାହ୍ନ ଏବଂ ରାତିରେ ଫ୍ଲାଗମାର୍ଚ୍ଚ ଜାରି ରଖିଛି। ରବିବାର ଥାନା ଅଧିକାରୀ ଅମିତାଭ ପଣ୍ଡାଙ୍କ ନେତୃତ୍ୱରେ ବୃନ୍ଦାମାଲ, ଭୁର୍ଖାମୁଡ଼ାରେ ଫ୍ଲାଗମାର୍ଚ୍ଚ ହୋଇଥିବା ବେଳେ ସୋମବାର କୁକୁର୍ଜଙ୍ଘା, ହିର୍ମା, ବଡ଼ମାଲ, ସାହାପଡ଼ାରେ ଫ୍ଲାଗମାର୍ଚ୍ଚ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଯୋଗୀଙ୍କ ସଭାରେ ଖବରଦାତା ହଟହଟା

**ରାଉରକେଲା ଅଫିସ,୧୫।୪**

ଏୟାରଷ୍ଟ୍ରିପ୍ ନିକଟ ପଡ଼ିଆରେ ସୋମବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ବାଚନୀ ସଭା ଆୟୋଜନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୯ଟା ପରିବର୍ତ୍ତେ ଏଠାରେ ୨ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ ଯୋଗୀ। ମଞ୍ଚ ସମ୍ମୁଖରେ ଖବରଦାତାଙ୍କ ଗ୍ୟାଲେରିକୁ ମାଡ଼ି ଭାଜପା ସମର୍ଥକ ବସିଯିବାରୁ ଘଟଣାସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚେୟାର ନ ପାଇ ଦୀର୍ଘ ସମୟ ଧରି ଠିଆହୋଇ ରହିଥିବା ଖବରଦାତା ଗ୍ୟାଲେରି ଛାଡ଼ି ବାହାରକୁ ଚାଲି ଆସିଥିଲେ। ସଭା ବର୍ଜନ କରିବାକୁ ଧମକ ଦିଆଯିବାରୁ କିଛି ଭାଜପା ନେତା ଆସି ଖବରଦାତାଙ୍କୁ ଗ୍ୟାଲେରିକୁ ଫେରାଇ ନେଇଥିଲେ। ବାରମ୍ବାର ସମ୍ପୃକ୍ତ ଦଳ ପକ୍ଷରୁ ଖବରଦାତାଙ୍କ ପ୍ରତି ଏଭଳି ଆଚରଣକୁ ଅନେକେ ନିନ୍ଦା କରିଛନ୍ତି। ଭବିଷ୍ୟତରେ ଏହାର ପୁନରାବୃତି ଘଟିଲେ ସଭା ବର୍ଜନ କରାଯିବ ବୋଲି ଉପସ୍ଥିତ ଖବତଦାତାଙ୍କ ମୁହଁରୁ ଶୁଣାଯାଇଥିଲା।

# ଗାୟତ୍ରୀ ପ୍ରଜ୍ଞାପୀଠରେ ନବରାତ୍ର

**ରାଉରକେଲା ଅଫିସ,୧୫।୪**

ଫର୍ଟିଲାଇଜର ଟାଉନଶିପସ୍ଥିତ ଗାୟତ୍ରୀ ପ୍ରାଜ୍ଞାପୀଠ ପକ୍ଷରୁ ଆୟୋଜିତ ଚୈତ୍ର ନବରାତ୍ର ପୂର୍ଣ୍ଣାହୁତି ରବିବାର ଶେଷ ହୋଇଛି। ଏହି ଅବସରରେ ଶ୍ରୀରାମ ନବମୀ ଉତ୍ସବ, ଓଡ଼ିଆ ନବବର୍ଷ ଉତ୍ସାହ ଉଦ୍ଦୀପନାରେ ପାଳନ କରାଯାଇଥିଲା। ୧୩ ତାରିଖ ସନ୍ଧ୍ୟାରେ ଆୟୋଜିତ କୁମାରୀ ପୂଜନ ଉତ୍ସବ ଦେଖିବାକୁ ପୀଠରେ ପ୍ରବଳ ଜନସମାଗମ ହୋଇଥିଲା। ଏହାକୁ ଗାୟତ୍ରୀ ପରିବାର ମୁଖ୍ୟ ଡା. ରାହାସବିହାରୀ ମହାପାତ୍ର ଓ ବିଚିତ୍ରାନନ୍ଦ ଦାସ ପରିଚାଳନା କରିଥିଲେ। ଗୌତମ ବେହେରା, ଉପେନ୍ଦ୍ର ରାଉତ, ଏସ୍.କେ. ସିଂ, ଦାମୋଦର ଧଳ, ରୋଶନ ଗୁପ୍ତା ରାମଗୋବିନ୍ଦ ପଣ୍ଡିତ, ପ୍ରଶାନ୍ତ ସାହୁ, ପ୍ରମୁଖ ସହଯୋଗ କରିଥିଲେ।




ଆୟୋଜିତ ନବରାତ୍ର ପାଳନ କାର୍ଯ୍ୟକ୍ରମରେ କୁମାରୀ ପୂଜନ କରାଯାଉଛି।

## ଫଟୋରେ ଖବର







ସୋମବାର ଯୋଗୀ ଆଦିତ୍ୟନାଥଙ୍କ ନିର୍ବାଚନୀ ସଭାରେ ଭାଜପା ସମର୍ଥକଙ୍କ ଭିଡ଼ (ବାମ)। ସୋମବାର ଯୋଗୀ ଆଦିତ୍ୟନାଥଙ୍କ ରାଉରକେଲା ସଭାରେ ସମର୍ଥମାନେ ମୋଦି ମୁଖା ପିନ୍ଧିଛନ୍ତି (ମଝି)। ରାଉରକେଲା ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ନାୟକ ସୋମବାର ସମର୍ଥକଙ୍କ ସହ ସାଇକେଲ ଯୋଗେ ନିର୍ବାଚନ ପ୍ରଚାର କରୁଛନ୍ତି।